
ବସ୍ତରରେ ହେବ ଟୁରିଜିମ୍ କରିଡର | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store


ଫିଲ୍ମ ଫ୍ଲପ୍ ହେଲେ ଆମକୁ ପାରିଶ୍ରମିକ ମିଳେନି: ଅଜୟ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୦ | Vol. 21 No-230 | 19 NOVEMBER 2024 TUESDAY BHUBANESWAR | ମଙ୍ଗଳବାର, ୧୯ ନଭେମ୍ବର ୨୦୨୪ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସିଙ୍ଗାପୁର ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ






ଭୁବନେଶ୍ୱର,୧୮।୧୧(ଭାସ୍କର ନ୍ୟୁଜ): ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭରପୁର ସୁବିଧା ସୁଯୋଗ ରହିଛି। ସିଙ୍ଗାପୁରର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋମବାର ସିଙ୍ଗାପୁରର ଜୁରଙ୍ଗ ଆଇଲାଣ୍ଡ ପରିଦର୍ଶନ କରିଛନ୍ତି। ଏହା ପେଟ୍ରୋ କେମିକାଲ୍ସର ପେଣ୍ଠସ୍ଥଳ ଭାବେ ବେଶ୍ ପରିଚିତ। ମୁଖ୍ୟମନ୍ତ୍ରୀ ସମସ୍ତ ପ୍ରକଳ୍ପ ପରିଦର୍ଶନ କରିବା ସହ ଏକ ସକାରାତ୍ମକ ଅନୁଭୂତି ହାସଲ କରିଥିଲେ । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏଠାକାର ନିବେଶକାରୀମାନେ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ ଜଣାଇଥିଲେ। ବିଶେଷକରି ଇକୋ-ସିଷ୍ଟମ, ସବୁଜ ଶକ୍ତି ଏବଂ ଆଗୁଆ ଉତ୍ପାଦନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ ଓ ସେଠାକାର ବୈଦେଶିକ ରାଷ୍ଟ୍ରମନ୍ତ୍ରୀଙ୍କୁ ମଧ୍ୟ ସାକ୍ଷାତ କରି ଶିଳ୍ପ ପ୍ରତିଷ୍ଠା ଉପରେ ବିଶେଷଭାବେ ଆଲୋଚନା କରିଥିଲେ। ସିଙ୍ଗାପୁରର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ସିମ୍ ଆନ, ବାଣିଜ୍ୟ, ସଂସ୍କୃତି, ସବୁଜଶକ୍ତି ଏବଂ ସ୍ମାର୍ଟସିଟିର

- ଜୁରଙ୍ଗ ଆଇଲାଣ୍ଡ ପରିଦର୍ଶନ କଲେ
- ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ
- ଉଭୟ ରାଷ୍ଟ୍ରର ସହଭାଗିତା ନେଇ ଆଲୋଚନା କଲେ

ସମାଧାନ ଉପରେ ଆଲୋଚନା କରିଥିଲେ। ଓଡ଼ିଶାରେ ପୁଞ୍ଜିନିବେଶ କଲେ ଏହା ନିବେଶକାରୀଙ୍କ ପାଇଁ ବେଶ୍ ଲାଭବାନ ହେବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ଅବଗତ କରାଇଥିଲେ। ଶିଳ୍ପ କ୍ଷେତ୍ରରେ ଏକ ସୁନିଶ୍ଚିତ ଭବିଷ୍ୟତ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସିଙ୍ଗାପୁରରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ଯେ ସିଙ୍ଗାପୁର ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ନିବେଶକାରୀଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ। ଏପରିକି ରସାୟନ ଓ ପେଟ୍ରୋ କେମିକାଲ୍ସ, ପୁନଃନବୀକରଣୀୟ • ପୃଷ୍ଠା ୫ ଦେଖନ୍ତୁ

## ଜି-୨୦ ସମ୍ମିଳନୀରେ ମୋଦୀ

# କ୍ଷୁଧା, ଦାରିଦ୍ର୍ୟ ମୁକାବିଲା ଉପରେ ଗୁରୁତ୍ୱ




ନୂଆଦିଲ୍ଲୀ,୧୮।୧୧: ଜଳବାୟୁ ପରିବର୍ତ୍ତନର ଭୟାବହତା ସାରା ବିଶ୍ୱପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ନାନାପ୍ରକାର ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହାକୁ କିପରି ରୋକାଯାଇପାରିବ ଏ ନେଇ ସବୁ ରାଷ୍ଟ୍ର ସମ୍ମିଳିତ ଭାବେ ପ୍ରୟାସ କରିବା ଜରୁରି ବୋଲି ଜି-୨୦ ସମ୍ମିଳନୀରେ ଭାଗ ନେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଆହୁରି କହିଥିଲେ ଯେ ଗତ ୧୦ବର୍ଷ ମଧ୍ୟରେ ଆମେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ମୁକ୍ତ କରିଛୁ। ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଦିଆଯାଉଛି। ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟବୀମା ଯୋଜନାରେ

### ମୋଦୀଙ୍କୁ ବ୍ରାଜିଲ ରାଷ୍ଟ୍ରପତିଙ୍କ ଭବ୍ୟ ସ୍ୱାଗତ
### କାନ୍ଧରେ ହାତ ରଖି କଲେ ଆଲୋଚନା
### ବାଇଡେନ୍, ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଲେ

୫୫ କୋଟି ଲୋକ ଉପକୃତ ହେଉଛନ୍ତି। ମହିଳାଙ୍କ ନେତୃତ୍ୱାଧିନ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଉପରେ ଆମର ଧ୍ୟାନ ବଜାୟ ରଖି ୩୦ କୋଟିରୁ ଅଧିକ ମହିଳା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବ୍ୟାଙ୍କ ସହିତ ଯୋଡ଼ାଯାଇଛି ଏବଂ ଋଣ ସୁବିଧା ପ୍ରଦାନ କରାଯାଇଛି। ବିଶ୍ୱ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଭାରତର ମଧ୍ୟ ବେଶ୍ ଅବଦାନ ରହିଛି ବୋଲି ସେ କହିଥିଲେ। ଏକ ସମନ୍ୱିତ ପୋଷଣ ସହାୟତା କାର୍ଯ୍ୟକ୍ରମ ରୂପେ ସକ୍ଷମ ଅଙ୍ଗନୱାଡ଼ି ଏବଂ ପୋଷଣ ୨.୦ ଅଭିଯାନ ବିଶେଷକରି ଗର୍ଭବତୀ ମହିଳା, ନବଜାତ ଶିଶୁ, ୬ବର୍ଷରୁ କମ୍ ବୟସର ଶିଶୁ ଏବଂ କିଶୋରୀମାନଙ୍କ ପାଇଁ ପୁଷ୍ଟିସାଧନ ଉପରେ ଗୁରୁତ୍ୱ ଦେଇଥାଏ। ଏହି ଅବସରରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଚୀନ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ୨୩ରେ ମନ୍ତ୍ରିମଣ୍ଡଳ, ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୮।୧୧(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁର ଗସ୍ତରୁ ଫେରିବା ପରେ ଆସନ୍ତା ୨୩ ତାରିଖରେ ରାଜ୍ୟ ମନ୍ତ୍ରିମଣ୍ଡଳ ଓ ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଅତିରିକ୍ତ ଚିଠା ବଜେଟ୍‌କୁ ଅନୁମୋଦନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଆସନ୍ତା ୨୬ ତାରିଖରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ।

### କେ. ସଞ୍ଜୟ ମୂର୍ତ୍ତି ପରବର୍ତ୍ତୀ ସିଏଜି

ନୂଆଦିଲ୍ଲୀ,୧୮।୧୧: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର କେ.ସଞ୍ଜୟ ମୂର୍ତ୍ତିଙ୍କୁ ସିଏଜି ଭାବେ ନିଯୁକ୍ତି ଦେଇଛନ୍ତି । ଶ୍ରୀ ମୂର୍ତ୍ତି ହେଉଛନ୍ତି ୧୯୮୯ ବ୍ୟାଚ୍‌ର ଆନ୍ଧ୍ର କ୍ୟାଡର ଆଇଏଏସ୍ ଅଫିସର। ସେ ବର୍ତ୍ତମାନର ସିଏଜି ଗିରିଶ ମୁର୍ମୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ।

### ଭିଜିଲାନ୍ସ ଜାଲରେ ଡିଜିଏମ୍

ବ୍ରହ୍ମପୁର,୧୮।୧୧(ଭାସ୍କର ନ୍ୟୁଜ): ଓଡ଼ିଶା ପୋଲିସ ହାଉସିଂ ଓ୍ୱେଲଫେୟାର ଆସୋସିଏସନର ବ୍ରହ୍ମପୁର ଡିଭିଜନର ଡିଜିଏମ୍ ସାଗର ପଣ୍ଡା ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ତାଙ୍କ ବାସଭବନ ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରାଯାଇ ୧ କେଜି ଓଜନର ସୁନାଗହଣା ସମେତ ନଗଦ ୧୩ଲକ୍ଷ ଟଙ୍କା ଜବତ କରାଯାଇଛି। ଏହାବ୍ୟତୀତ ବିପୁଳ ପରିମାଣର ସମ୍ପତ୍ତି ମଧ୍ୟ ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୭୭,୩୩୯.୦୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୧୭.୩ ଡିଗ୍ରୀ

### ୧୮।୧୧।୨୦୨୪ର ମତାମତ

ନିୟମ କଡ଼ାକଡ଼ି ହେଲେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଠିକ୍ ଭାବେ ଚାଲିବ କି ?




### ଆଜିର ପ୍ରସଙ୍ଗ

ହାତୀ ମୃତ୍ୟୁ ଘଟଣାର ସଠିକ ତଦନ୍ତ ଜରୁରି ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ■ ବାୟୁ ପାଲଟିଲାଣି ବିଷ ■

# ଗ୍ୟାସ ଚାମ୍ବର ପାଲଟିଲା ଦିଲ୍ଲୀ



ନୂଆଦିଲ୍ଲୀ,୧୮।୧୧: ବାୟୁ ପାଲଟିଗଲାଣି ବିଷ। ଯୁଆଡ଼େ ଦେଖିବ ଖାଲି ଧୂଆଁ ଆଉ ଧୂଆଁ। ଗ୍ୟାସ୍ ଚାମ୍ବର ପାଲଟିଯାଇଛି ରାଜଧାନୀ ଦିଲ୍ଲୀ। ଭୟଙ୍କର ବାୟୁ ପ୍ରଦୂଷଣ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ। ବାୟୁର ମାନ ସିଭିୟର ପ୍ଲସ୍ ବା ଅତି ଖରାପ ବର୍ଗରେ ପହଞ୍ଚିସାରିଛି। ସୋମବାର ସକାଳେ ଦିଲ୍ଲୀରେ ବାୟୁର ମାନ ୪୯୩ ଉପରେ ଥିବା ରେକର୍ଡ କରାଯାଇଛି। ଫଳରେ ଏହାର ମୁକାବିଲା ପାଇଁ ସୋମବାର ସକାଳ ୮ଟାରୁ ଦିଲ୍ଲୀ-ଏନସିଆରରେ ଗ୍ରାପ-୪ ଲାଗୁ କରାଯାଇଛି। ଏହି କଟକଣା ପରେ ଦିଲ୍ଲୀକୁ ବାହାର ରାଜ୍ୟରୁ ଆସୁଥିବା ଟ୍ରକ୍ ପ୍ରବେଶ କରିପାରିବ ନାହିଁ। କେବଳ ସିଏନ୍‌ଜି, ଇଲେକ୍ଟ୍ରି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସୁଥିବା ଟ୍ରକ୍‌କୁ ପ୍ରବେଶ ଅନୁମତି ମିଳିବ। ଦିଲ୍ଲୀ ବାହାରେ ପଞ୍ଜିକୃତ ହାଲୁକା ବ୍ୟବସାୟିକ ଯାନ ଉପରେ ବି ପ୍ରତିବନ୍ଧକ ଲାଗୁ ହୋଇଛି। ଏଥିପାଇଁ ବିଭିନ୍ନ ଏଣ୍ଟ୍ରି ପଏଣ୍ଟରେ ଚେକିଂକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀ-ଏନସିଆରରେ ସମସ୍ତ ନିର୍ମାଣ ଓ ଭଙ୍ଗା କାର୍ଯ୍ୟକୁ ବନ୍ଦ ରଖାଯାଇଛି। ୧୦ମ ଓ ଦ୍ୱାଦଶ ଶ୍ରେଣୀକୁ ଛାଡ଼ି ବାକି ସମସ୍ତ ଶ୍ରେଣୀଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ ରଖାଯାଇଛି। ଏହାବଦଳରେ ଅନଲାଇନ କ୍ଲାସ କରିବାକୁ ପରାମର୍ଶ ଦିଆଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ପଞ୍ଚଭୂତରେ ବିଲୀନ ହେଲେ ସମୀର ଦେ

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ



**ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ**



କଟକ/ଭୁବନେଶ୍ୱର, ୧୮।୧୧ (ଭାସ୍କର ନ୍ୟୁଜ): ବିଜେପିର ଭେଟେରାନ ନେତା ତଥା ପୂର୍ବତନ ନଗର ଉନ୍ନୟନ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସମୀର ଦେଙ୍କର ସୋମବାର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ। ନିମୋନିଆ, କିଡନୀ ଓ ରକ୍ତଚାପଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ • ପୃଷ୍ଠା ୫ ଦେଖନ୍ତୁ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଭିଜିଲାନ୍ସ ଜାଲରେ ଉପଜିଲ୍ଲାପାଳ





### ଏକକାଳୀନ ୧୦ଟି ସ୍ଥାନରେ ଚଢାଉ
### ବିଭିନ୍ନ ସ୍ଥାନରେ ୩ ମହଲା, ୨ ମହଲା କୋଠା ଠାବ
### ବ୍ୟାଙ୍କ ପାସ୍‌ବୁକ୍, ବୀମା କମ୍ପାନୀ ବଣ୍ଡ, ସୁନାଗହଣା ଜବତ

କାମାକ୍ଷାନଗର/ଢେଙ୍କାନାଳ,୧୮।୧୧ (ଭାସ୍କର ନ୍ୟୁଜ): ଭିଜିଲାନ୍ସ ପଞ୍ଝାରେ ପୁଣିଜଣେ କୁବେର ବାବୁ। ଆୟ ବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ସୋମବାର ସକାଳେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ବାସଭବନ ସମେତ ଏକକାଳୀନ ୧୦ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି। ଏହି ଚଢାଉରେ ୭ଜଣ ଡିଏସ୍‌ପି, ୩ଜଣ ଇନ୍ସପେକ୍ଟର, ୮ଜଣ ଏଏସ୍‌ଆଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ଚଢାଉ ସମୟରେ ଶ୍ରୀ ନାୟକଙ୍କର ଭୁବନେଶ୍ୱର ଝାରପଡ଼ାରେ ୨ଟି ସ୍ଥାନରେ ୩ ମହଲା ବିଶିଷ୍ଟ କୋଠା ଓ ୨ ମହଲା ବିଶିଷ୍ଟ ଦୁଇଟି ଅଟ୍ଟାଳିକା ରହିଥିବା ଜଣାପଡ଼ିଛି। ସେହିପରି ଭଦ୍ରକର ଗେଲପୁର ଓ କୁଆଁସଠାରେ ୩ ମହଲା କୋଠା ସହ ନିର୍ମାଣାଧୀନ ଦୁଇମହଲା ବିଶାଳ କୋଠା ଏବଂ ବାସୁଦେବପୁରର କପାଗାଡ଼ିଆରେ ଅନ୍ୟଏକ ଅଟ୍ଟାଳିକା ଠାବ ହୋଇଛି। ଏହାସହ • ପୃଷ୍ଠା ୫ ଦେଖନ୍ତୁ

## ସଂକଟରେ ଗଜରାଜ

# ବିଦ୍ୟୁତ ଆଘାତରେ ୩ ହାତୀ ମୃତ

### ମୃତକ ଭିତରେ ୨ ବଡ଼, ୧ ଛୋଟ ହାତୀ
### ଦୁର୍ଭାଗ୍ୟଜନକ କହିଲେ ପିସିସିଏଫ
### ୩ ବନ କର୍ମଚାରୀ ସସ୍‌ପେଣ୍ଡ
### ସିସିଏଫ,ଆରସିସିଏଫଙ୍କୁ ତଦନ୍ତ ଦାୟିତ୍ୱ



ସମ୍ବଲପୁର/ଭୁବନେଶ୍ୱର,୧୮।୧୧ (ଭାସ୍କର ନ୍ୟୁଜ): ରାଜ୍ୟରେ ସଂକଟରେ ଗଜରାଜ। ପ୍ରତିଦିନ କେଉଁଠି ନା କେଉଁଠି ହାତୀର ଜୀବନ ଯାଉଛି। କେତେବେଳେ ବିଦ୍ୟୁତ ଆଘାତରେ ତ ପୁଣି କେତେବେଳେ ଟ୍ରେନ୍ ଧକ୍କାରେ। ପୁଣି ଆଉ କେତେବେଳେ ଶିକାରୀ ଫାଶ କିମ୍ବା ଗୁଳିରେ। ତେବେ ସମ୍ବଲପୁର ଜିଲ୍ଲା ନାକଟିଦେଉଳି ରେଞ୍ଜ ବୁରମାଲ ଜଙ୍ଗଲରୁ ସୋମବାର ସକାଳେ ୩ଟି ହାତୀର ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇଟି ବଡ଼ହାତୀ ରହିଥିବାବେଳେ ଗୋଟିଏ ଛୁଆହାତୀ ରହିଥିବା ସୂଚନା ଦିଆଯାଇଛି। ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏହି ୩ ହାତୀଙ୍କ ଜୀବନ ଯାଇଥିବା ପିସିସିଏଫ କହିଛନ୍ତି। ସୋମବାର ସକାଳେ ବୁରମାଲ • ପୃଷ୍ଠା ୫ ଦେଖନ୍ତୁ

### ଦୁଇଘଣ୍ଟା ହାର୍ଟବିଟ୍ ବନ୍ଦ ପରେ ପୁନର୍ଜନ୍ମ ପାଇଲେ ଯବାନ

ଭୁବନେଶ୍ୱର,୧୮।୧୧(ଭାସ୍କର ନ୍ୟୁଜ): ଦୁଇଘଣ୍ଟା ପର୍ଯ୍ୟନ୍ତ ବନ୍ଦ ହୋଇଯାଇଥିଲା ହାର୍ଟବିଟ୍। କାମ କରୁନଥିଲା ହୃତପିଣ୍ଡ। ପରିବାର ଛାଡ଼ି ଦେଇଥିଲେ ଆଶା। ହେଲେ ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଜଣେ ୨୪ ବର୍ଷୀୟ ଯବାନ ଶୁଭକାନ୍ତ ସାହୁ ନୂଆ ଜୀବନ ଲାଭ କରିଛନ୍ତି। ତାଙ୍କ ଘର ନୟାଗଡ଼ ଜିଲ୍ଲା ଓଡ଼ପଲା ଗାଁରେ। ଗତମାସ ୩୦ ତାରିଖରେ ସେ ଘରକୁ ଆସିଥିବାବେଳେ ହଠାତ୍ ଦୁର୍ବଳ ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ରଣପୁର ମେଡ଼ିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ହାର୍ଟବିଟ୍ କମୁଥିବା ଦେଖି ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ତେବେ ଏମ୍ସରେ ପହଞ୍ଚୁ ପହଞ୍ଚୁ ତାଙ୍କର ହାର୍ଟ ଫଙ୍କସନ ବନ୍ଦ ହୋଇଯାଇଥିଲା। ରକ୍ତଚାପ କମିଯାଇଥିଲା। ଡାକ୍ତର ଔଷଧ ଦେଇ ବିପି ବଢାଇବାକୁ ଚେଷ୍ଟା କରିଥିଲେ। ଏହା ଭିତରେ ତାଙ୍କର ହାର୍ଟବିଟ୍ ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିଲା। ଏମ୍ସ ଡାକ୍ତରମାନେ ଏହାକୁ ଏକ ଚାଲେଞ୍ଜ ଭାବେ ଗ୍ରହଣ କରି ଏକ୍‌ମୋ ମେସିନ୍ ଲଗାଇ ହାର୍ଟବିଟ୍ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। (ବିବରଣୀ ୩ୟ ପୃଷ୍ଠାରେ)

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବଢିଆ ଜମୁଛି ବାଲି ଯାତରାଟା
ନୂଆ ନୂଆ କେତେ କଥା,
ଯଉଠି ଦେଖିବ ସେଠି ମାଳମାଳ
ଗଣି ହୁଏନାହିଁ ମଥା ।
ଭଲ ହୁଏ ବିକ୍ରିବଟା,
ମାସ ଅଧାଅଧି ଯାତ ଲାଗିବାରୁ
ହେଉଛି ଯା ମୁଣ୍ଡବଥା।

ଓଡ଼ିଶା ଭାସ୍କର
ରାଜ୍ୟ ଖବର





ବଲାଙ୍ଗିର,(ଭାସ୍କର ନ୍ୟୁଜ): ବଲାଙ୍ଗୀର ସହର ସ୍ଥିତ ତୁଳସୀନଗର ଦୁର୍ଗା ପୂଜା କମିଟି ପକ୍ଷରୁ ଏକ ବନ୍ଧୁମିଳନ ପର୍ବ ସହର ଉପକଣ୍ଠ କଦଳିମୁଣ୍ଡା ନର୍ସରୀରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବଲାଙ୍ଗୀର ବିଧାୟକ କଳୀକେଶ ନାରାୟଣ ସିଂଦେଓ କମିଟି ସଦସ୍ୟମାନଙ୍କ ସହିତ ଯୋଗଦେଇ କିଛି ସମୟ ଅତିବାହିତ କରିଥିଲେ । କମିଟିର ସଭାପତି କିଶୋର ଚନ୍ଦ୍ର ରଥ ଓ ସମ୍ପାଦକ ହରେକୃଷ୍ଣ ଆଡ଼ଯୁଏଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟିର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ । ହସ ଉଲ୍ଲାସ ମଧ୍ୟରେ କିଛି ମୁହୂର୍ତ୍ତ ସଦସ୍ୟମାନେ ଅତିବାହିତ କରିଥିଲେ । ଯାହା କି ଆଗାମୀ ଦିନରେ ସେମାନଙ୍କ ପାଇଁ ଏକ ସ୍ମରଣୀୟ ହୋଇ ରହିବା ନେଇ ଅନୁମାନ କରାଯାଇପାରେ । ପୁଣି ଥରେ ଆଗାମୀ ବର୍ଷରେ ବନ୍ଧୁମିଳନର ପ୍ରତିଶ୍ରୁତିରେ ଏହି କାର୍ଯ୍ୟକ୍ରମ ସମାପିତ ହୋଇଥିଲା । ଯୁବ ସଦସ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ସୁଆୟୋଜନ ପାଇଁ ସଭାପତି କମିଟିର ସମସ୍ତ ସଦସ୍ୟଙ୍କୁ ଆଗାମୀ ଦିନରେ କିଭଳି ଆହୁରି ସମାଜ ପାଇଁ ହିତକର କାର୍ଯ୍ୟକ୍ରମ କରିବା ପାଇଁ ଉତ୍ସାହିତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଟାଲ ଡିସ୍‌ପେନସାରୀ ନାଁରେ ଡିଏମ୍‌ଏଫ୍‌ ଅର୍ଥ ପାଣିରେ ପଡୁଛି

କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଖାନା ସହ ଆନନ୍ଦପୁର ଓ ଚମ୍ପୁଆରେ ୨ଟି ଉପଖଣ୍ଡ ଚିକିତ୍ସାଳୟ ରହିଛି। ଜିଲ୍ଲାର ୧୭ ଟି ସ୍ଥାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୬ଟି ଚିକିତ୍ସାଳୟ, ୬୦ ଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପିପିପି ମୋଡରେ ବାଂଶପାଳରେ ଆରୋଗ୍ୟ ପ୍ଲସ ଡାକ୍ତରଖାନା, ୩୫୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି । ଏହା ବ୍ୟତୀତ ଜିଲ୍ଲାର ୭ଟି ଅଞ୍ଚଳ ଯଥା ଝୁମ୍ପୁରା, ଚମ୍ପୁଆ, ପାଟଣା, ସାହାରପଡା, ଘଟଗାଁ, ତେଲକୋଇ ଏବଂ ଯୋଡାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ତେବେ ଜିଲ୍ଲାରେ ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ଏତେ ସଂଖ୍ୟାରେ ସରକାରୀ ମେଡିକାଲ ଏବଂ ଉପ ଚିକିତ୍ସାଳୟ ସୁବିଧା ଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲ୍ଲାରେ ୬୬ଟି ଡିଜିଟାଲ ଡିସପେନସାରୀ ଖୋଲାଯାଇଛି । ସୂଚନାଯୋଗ୍ୟ ଯେ, ୨୦୧୭ ମସିହାରୁ କେନ୍ଦୁଝର ଜିଲ୍ଲାର ଗୁଆଲି ଅଞ୍ଚଳରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ପ୍ରୋତ୍ସାହନରେ ଡିଜିଟାଲ ଡିସପେନସାରୀ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ପ୍ରଥମେ ୭ଟି ସ୍ଥାନରେ ଏବଂ ପରେ ଆଉ ୮ଟି ସ୍ଥାନରେ ଡିଜିଟାଲ ଡିସପେନସାରୀ ଖୋଲାଯାଇଥିଲା ଏବଂ ପରେ ଆଉ ୫୧ଟି ନୂତନ ଭାବେ ଖୋଲାଯାଇଛି । ମୋଟ ଭାବେ ଡିଏମ୍‌ଫ୍‌ ଅନୁଦାନରେ ୬୬ ଟି ଡିଜିଟାଲ ଡିସପେନସାରୀ ଚାଲିଛି । ଏଥିପାଇଁ କର୍ମଚାରୀଙ୍କ ଦରମା ବାବଦକୁ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏବେ ପୁଣି ଆଉ ୧୦୦ ଟି ଡିଜିଟାଲ ଡିସପେନସାରୀ ଖୋଲିବା ପାଇଁ ଯୋଜନା ରହିଛି । ଏଗୁଡିକ ଆରମ୍ଭ ହେଲେ କୋଟି କୋଟି ଟଙ୍କା ଦରମା ଏବଂ ଅନ୍ୟ ବାବଦରେ ଖର୍ଚ୍ଚ ହେବ । ଯୋଡା ବ୍ଲକର ଗୁଆଲି, ବାଂଶପାଳ ବ୍ଲକର ବାୟାକୁମୁଟିଆ, ନୟାକୋଟ, ରାଇଗୋଡା, ହରିଚନ୍ଦନପୁର ବ୍ଲକର ବ୍ରାହ୍ମଣୀପାଳ, ଟାଙ୍ଗିରିଆପାଳ, ବରେଇଗୁଡା, ପାଟଣା ବ୍ଲକର ଚିନାମାଳିପଶି, ଚାକୁଣ୍ଡାପାଳ, ଚମ୍ପୁଆ ବ୍ଲକର ସଡଙ୍ଗି, ବଡନଈ, କାଦଗଡ, ସାହାରପଡା ବ୍ଲକର ଟେଣ୍ଡ୍ରା, ଝୁମ୍ପୁରା ବ୍ଲକର ଚଉଠିଆ, ଧନୁର୍ଜୟପୁର ଆଦି ସ୍ଥାନରେ ଡିଜିଟାଲ ଡିସପେନସାରୀ ଦ୍ୱାରା ଡାକ୍ତରୀ ପରାମର୍ଶ ଦିଆଯାଉଛି। ଗ୍ରାମାଞ୍ଚଳରେ ୫୧ ପ୍ରତିଶତ ମହିଳା ଏବଂ ୪୮ ପ୍ରତିଶତ ପୁରୁଷ ରୋଗୀ ଏହି ଡିଜିଟାଲ ଡିସପେନସାରୀରୁ ଲାଭବାନ ହେଉଥିବା ଡିଏମଏଫ୍‌ ପକ୍ଷରୁ କୁହାଯାଉଥିବା ବେଳେ ସରକାରୀ ଡାକ୍ତରଖାନାରେ କେତେ ରୋଗୀ ଚିକିତ୍ସିତ ହେଉଛନ୍ତି ତାହା ସମୀକ୍ଷା ହେବା ଜରୁରୀ ବୋଲି ମତପ୍ରକାଶ ପାଇଛି । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏତେ ସଂଖ୍ୟାରେ ସରକାରୀ ମେଡିକାଲ ଥିଲେ ମଧ୍ୟ କାହିଁକି ପୂର୍ବତନ ଜିଲ୍ଲାପାଳ ଏଭଳି ଡିଜିଟାଲ ଡିସପେନସାରୀକୁ ପ୍ରୋତ୍ସାହନ ଦେଲେ ତାହା ତଦନ୍ତ ସାପେକ୍ଷ। ଯେଉଁ ସ୍ଥାନରେ ଡିଜିଟାଲ ଡିସପେନସାରୀ ଖୋଲାଯାଇଛି ସେହି ସ୍ଥାନରୁ ସାମାନ୍ୟ ଜ୍ୱର, ଥଣ୍ଡା ହେଲେ ବହୁ ସଂଖ୍ୟାରେ ରୋଗୀଙ୍କୁ କେନ୍ଦୁଝର ଏବଂ ଅନ୍ୟ ଡାକ୍ତରଖାନାକୁ ପଠାଯାଉଛି । ଡିଜିଟାଲ ଡିସପେନସାରୀକୁ ଆସୁଥିବା ରୋଗୀ ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ୪୦ ଜଣ ଡାକ୍ତରଙ୍କ ସହ ଭିଡିଓ କଲ ମାଧ୍ୟମରେ ଚିକିତ୍ସା ପରାମର୍ଶ, ଔଷଧ ପରାମର୍ଶ, ପ୍ରାଥମିକ ଡାକ୍ତରୀ ପରୀକ୍ଷା, ଇସିଜି ବ୍ୟବସ୍ଥା ବିନା ମୂଲ୍ୟରେ ଉପଲବ୍ଧ ହେଉଛି ବୋଲି କୁହାଯାଉଛି । ତେବେ ଏତେ ସୁବିଧା ଥାଇ ଯେଉଁ ରୋଗୀ ଡିଜିଟାଲ ଡିସପେନସାରୀ ଯାଉଛନ୍ତି ସେମାନଙ୍କ ସାମାନ୍ୟ ରୋଗରେ ନିକଟସ୍ଥ ସରକାରୀ ମେଡିକାଲ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କାହିଁକି ରେଫର କରାଯାଉଛି ତାହାର ସ୍ୱତନ୍ତ୍ର ଯାଞ୍ଚ ହେଲେ ଜଣାପଡିବ । ଏପରିକି ସେଠାରେ ଅନାମଧେୟ କମ୍ପାନୀ ପ୍ରସ୍ତୁତ ନିମ୍ନମାନର ଔଷଧ ଦିଆଯାଉଥିବା ଅଭିଯୋଗ ହୋଇଛି। ଡିଏମଏଫ୍‌ ଅନୁଦାନରେ କେନ୍ଦୁଝର ଜିଲ୍ଲାରେ ୭୦ଟି ଡିଜିଟାଲ ଡିସପେନସାରୀ ଖୋଲିବା ପରେ ପୂର୍ବତନ ଜିଲ୍ଲାପାଳ ଆଶିଷ ଠାକ୍‌ରେ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ପୁଣି ଆଉ ୩୩ଟି ଡିସପେନସାରୀ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ଆଭ୍ୟନ୍ତରୀଣ ଅଞ୍ଚଳର ଜନସାଧାରଣ ହାତ ପାଆନ୍ତାରେ ଡିଜିଟାଲ ଡିସପେନସାରୀ ମାଧ୍ୟମରେ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଏହି ସେବା ଆରମ୍ଭ କରାଯାଇଥିବା ନେଇ ଡିଏମ୍‌ଏଫ୍‌ ପକ୍ଷରୁ ପ୍ରଚାର ପ୍ରସାର କରାଯାଇଥିଲା। ଡିଜିଟାଲ ଡିସପେନସାରୀମାନଙ୍କରେ ୨ଜଣ ତାଲିମପ୍ରାପ୍ତ ଏଏନ୍‌ଏମ୍‌, ଜଣେ ଲାବରୋଟାରୀ ଟେକ୍ନିସିଆନ୍‌ ଓ ଜଣେ ଫାର୍ମାସିଷ୍ଟ ମଧ୍ୟ ନିଯୁକ୍ତ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହାର ଏକ କାର୍ଯ୍ୟାଳୟ ଖୋଲାଯାଇ ଏହାର କାମ କାର୍ଯ୍ୟକୁ ମନିଟରିଂ କରାଯାଉଛି । ଏହି କାର୍ଯ୍ୟାଳୟରେ ୪ଜଣ କର୍ମଚାରୀ ମୋଟା ଅଙ୍କର ଦରମା ନେଇ କାର୍ଯ୍ୟ କରୁଛନ୍ତି । କେନ୍ଦୁଝର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାବେଳେ ଜିଲ୍ଲାର ୮୫% ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ଡିଜିଟାଲ ଡିସପେନସାରୀରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ଦର୍ଶାଯାଉଛି । ତେବେ ବାସ୍ତବରେ କେତେ ରୋଗୀ ଉପକୃତ ହୋଇଛନ୍ତି କି ନାହିଁ ତାହାର ସମୀକ୍ଷା କରାଯିବା ଉଚିତ୍‌ ବୋଲି ମତବ୍ୟକ୍ତ ହୋଇଛି । ଡିଜିଟାଲ ଡିସ୍ପେନସାରୀ କେତେକ ବେସରକାରୀ ସଂସ୍ଥା ଏବଂ ଔଷଧ କମ୍ପାନୀକୁ ପ୍ରୋତ୍ସାହନ ଦେବା ଡିଜିଟାଲ ଡିସପେନସାରୀକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ଆଲୋଚନା ହେଉଛି । ଡିଜିଟାଲ ଡିସପେନସାରୀ ନାଁରେ ଡିଏମ୍‌ଏଫ୍‌ ଅର୍ଥ ହରିଲୁଟ ହେଉଛି । କେନ୍ଦୁଝର ଜିଲ୍ଲାର ଅନେକ ଅଞ୍ଚଳ ଆଭ୍ୟନ୍ତରୀଣ ଅଞ୍ଚଳ ହୋଇନଥିଲେ ମଧ୍ୟ ସେଠାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଦର୍ଶାଇ ଡିଜିଟାଲ ଡିସ୍‌ପେନସାରୀ ଖୋଲାଯାଇଛି । ଯାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଜଣାପଡିବ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# ନିରାମୟରେ ହଟହଟା ହେଉଛନ୍ତି ରୋଗୀ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ସିଡିଏମ୍‌ଓଙ୍କ ଅଧିନରେ ଥିବା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଠାରେ ମୋଟ ୭ ଜଣ ଡାକ୍ତର ରହିଛନ୍ତି। ଅତିକମ୍‌ରେ ରାତିରେ ଦୁଇଜଣ ଓ ଦିନବେଳା ତିନିଜଣ ଡାକ୍ତର ରହିଲେ ରୋଗୀ ସେବାରେ କିଛିଟା ସୁଧାର ଆସିପାରନ୍ତା। କିନ୍ତୁ ଡାକ୍ତର ମାନେ କଟକ, ଭୁବନେଶ୍ୱରରେ ରହି ସେଠାରେ ପ୍ରାଇଭେଟ କ୍ଲିନିକରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଜଣେ ପାଳିକରି ଆସୁଥିବାରୁ ଏଠାରେ ରୋଗୀସେବାରେ ବ୍ୟାଘାତ ଘଟୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି କଟକ ପାରାଦ୍ୱୀପ ରାଜ୍ୟ ରାଜପଥ କଡ଼ରେ ରହିଥିବାରୁ ପ୍ରତିଦିନ ଦୁର୍ଘଟଣା ଜନିତ ସ୍ୱାସ୍ଥ୍ୟସେବା ସହିତ କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଶହ ଶହ ରୋଗୀ ପ୍ରତିଦିନ ଏଠାକୁ ଆସିଥାନ୍ତି। ଏଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ରହିଥିବାବେଳେ ମାତ୍ର ସକାଳେ ଓ ରାତିରେ ବହିର୍ବିଭାଗରେ ଜଣେ ମାତ୍ର ଡାକ୍ତର ରହୁଥିବାରୁ ରୋଗୀମାନଙ୍କୁ ଲମ୍ବା ଲାଇନ୍‌ରେ ଠିଆ ହେବାକୁ ପଡୁଛି। ଯାହାକି ଜରୁରୀକାଳୀନ ସେବା ପାଇଁ ଆସୁଥିବା ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥାଏ। ଏହାଠାରୁ ବଳି ପଡିଛି ନିରାମୟ କେନ୍ଦ୍ର। ଏହି କେନ୍ଦ୍ର ପାଇଁ ୪ ଜଣ କର୍ମଚାରୀ ରହିଥିବା ବେଳେ ଜଣେ ମାତ୍ର ଔଷଧ ବିତରଣ କରୁଥିବାରୁ ରୋଗୀଙ୍କୁ ଲମ୍ବାଲାଇନରେ ଛିଡା ହୋଇ ହଟହଟା ହେବା ସାଙ୍ଗକୁ ଏଠାକାର କର୍ମଚାରୀମାନଙ୍କ ଦୁର୍ବ୍ୟବହାର ପରିସ୍ଥିତିକୁ ଆହୁରୀ ସଙ୍ଗୀନ କରିପକାଉଛି। ଆହୁରୀ ମଧ୍ୟ ଏଠାରେ ଯେଉଁ ଔଷଧ କୋଠରୀରେ ଗଚ୍ଛିତ ରହୁଛି ସେହି କୋଠରୀଟି ଆବଦ୍ଧ କୋଠରୀ ହୋଇଥିବାରୁ ବାୟୁ ଚଳାଚଳ ନହେବାରୁ ଅଧିକ ଉତ୍ତାପରେ ଔଷଧର ମାନ ମଧ୍ୟ କମିଯାଉଛି। ଏହି ସମସ୍ୟା ଗୁଡିକୁ ନେଇ ସମାଜ ବିକାଶ ମିଶନର ସମାଜସେବୀ ସରୀତ ମହାପାତ୍ର ଅନେକ ଥର ଅଭିଯୋଗ, ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ଏଥିରେ ସୁଧାର ନଆସିବାରୁ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ସେ ପ୍ରକାଶ କରିଛନ୍ତି। ଏଠାରେ ଏକ ବାୟୋମେଟିକ ସିଷ୍ଟମ ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ପ୍ରତିଦିନ ଅଧିକ ଡାକ୍ତର ରହିବା ବ୍ୟବସ୍ଥା ସହ ପୁରୁଣା କର୍ମଚାରୀଙ୍କ ବଦଳି ପାଇଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ପାୱାର ଅଫ୍‌ ଦିବ୍ୟାଙ୍ଗ ସଂଗଠନ ପକ୍ଷରୁ ବନ୍ଧୁମିଳନ




ବରଗଡ, (ଭାସ୍କର ନ୍ୟୁଜ): ରବିବାର ଝାରବନ୍ଧ ଏବଂ ନୃସିଂହନାଥ ବ୍ଲକ ଦିବ୍ୟାଙ୍ଗ ସଂଘଙ୍କ ସହଯୋଗରେ ଜିଲ୍ଲାସ୍ତରୀୟ ଦୀପାବଳି ବନ୍ଧୁମିଳନ ପାୱାର ଅଫ ଦିବ୍ୟାଙ୍ଗ ସଂଗଠନର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ସଭାପତିତ୍ୱରେ ନୃସିଂହନାଥ ନିକଟସ୍ଥ ରାମେଶ୍ୱର ରାମଚଣ୍ଡୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଅଶୋକ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ମେଘନାଦ ସାହୁ, ମୁଖ୍ୟ ସଂଯୋଜକ ରତନ ଲାଲ ଅଗ୍ରୱାଲ, ଓଡିଶା ଜନତା ସଂଘର୍ଷ ସମିତିର ସଭାପତି କିଶୋର ଚନ୍ଦ୍ର ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ତାରାକାନ ସାହୁ, ଶ୍ୟାମସୁନ୍ଦର ଅଗ୍ରୱାଲ, ଦିବାକର ମାଝୀ, ଶ୍ରୀ ସଂଜୀବ ମହାପାତ୍ର, ପୁଷ୍ପାଞ୍ଜଳି ଷଡ଼ଙ୍ଗୀ ତଥା ଝାରବନ୍ଧ, ପାଇକମାଳ ଏବଂ ପଦ୍ମପୁର ବ୍ଲକର ଦିବ୍ୟାଙ୍ଗ ସଂଘର ସଭାପତି ବିଷ୍ଣୁଚରଣ ପ୍ରଧାନ, ଜିତେନ୍ଦ୍ର ସାହୁ ଏବଂ ଚନ୍ଦ୍ରମଣି ତାଣ୍ଡି ମଞ୍ଚାସିନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଦୁଇ ସହ ଦିବ୍ୟାଙ୍ଗ ଭଉଣୀ ଏବଂ ଭାଇ ଯୋଗ ଦେଇଥିଲେ । ଭଟଲି, ବରଗଡ, ଅତାବିରା, ଭେଡେନ, ସୋହେଲା, ବିଜେପୁର, ପଦ୍ମପୁର, ଝାରବନ୍ଧ ଏବଂ ପାଇକମାଳ ବ୍ଲକର ସଭାପତିମାନଙ୍କ ସହିତ ଦିବ୍ୟାଙ୍ଗ ଭାଇ ଭଉଣୀମାନେ ଯୋଗ ଦେଇଥିଲେ । ଶହେ ଏକ ଦୀପ ଜାଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଙ୍ଗଠନ ର ସାଧାରଣ ସମ୍ପାଦକ ଶ୍ରୀ ସାହୁ କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ସଭାପତି ଶ୍ରୀ ଅଗ୍ରୱାଲଙ୍କ ସମେତ ସମସ୍ତ ଅତିଥି ନିଜ ନିଜ ମତ ରଖିଥିଲେ । ଶ୍ୟାମସୁନ୍ଦର ଅଗ୍ରୱାଲ ଏବଂ ସଂଗଠନ ତରଫରୁ ପାଇକମାଳ ବ୍ଲକର ଜଣେ ଦିବ୍ୟାଙ୍ଗ ଭଉଣୀ ରାଜ କୁମାରୀ କଲାରୀ ଏବଂ ଝାରବନ୍ଧ ବ୍ଲକର ଦିବ୍ୟାଙ୍ଗ ଭଉଣୀ ଲଳିତା ପାଣ୍ଡେଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା । ଶ୍ରୀମତୀ ପୁଷ୍ପାଞ୍ଜଳି ସରଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କଲା ପରେ, ସମସ୍ତ ଦିବ୍ୟାଙ୍ଗ ଭାଇ ଭଉଣୀ ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ କରି ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଛତ୍ରପୁର, (ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ପଞ୍ଚାୟତ କେ.ଆର୍ଯ୍ୟପଲ୍ଲୀ ଗ୍ରାମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାରମ୍ଭରେ ଗ୍ରାମବାସୀଙ୍କ ତରଫରୁ ଗାଁ ମୁହଁରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସଭାସ୍ଥଳକୁ ପାଛୋଟି ନେଇଥିଲେ । ଏହି ସଭାରେ ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ବିକାଶ ଓ ଗଠନମୂଳକ କାର୍ଯ୍ୟ ଉପରେ ଉପସ୍ଥିତ ନେତାମାନେ ଆଲୋକପାତ କରିଥିଲେ । ଏହି ଅବସରରେ ଗ୍ରାମର ବହୁ ମହିଳା ଓ ପୁରୁଷ ବିଜେପି ଦଳରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ପଦ୍ମ ଚରଣ ସାହୁ, ମତ୍ସ୍ୟଜୀବୀ ନେତା କେ.ଏଲେୟା, ବିଜେପି ଲିଗାଲସେଲ୍ ଆବାହକ ପ୍ରଦୀପ ପାଢ଼ୀ, ମଣ୍ଡଳ ସଭାପତି ଦୀନବନ୍ଧୁ, ପି.ରାମବାବୁ, ଦାଶରଥି, ପ୍ରଫୁଲ ପଣ୍ଡାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# କାଠ ଗାଡ଼ି ଡକାୟତି ଉଦ୍ୟମ ପଣ୍ଡ ଜଣେ କୋର୍ଟଚାଲାଣ

କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର ଘାଗରବେଡା ଅଞ୍ଚଳରୁ ଦୁର୍ବୃତ୍ତମାନେ ଟ୍ରକ୍ ଚୋରି କରି ଝାଡ଼ଖଣ୍ଡ ରାଜ୍ୟକୁ ନେଇଯାଉଥିଲେ । ସୂଚନା ଅନୁଯାୟୀ ରବିବାର ରାତିରେ ଘାଗରବେଢା ଥାନା ଅଞ୍ଚଳ ପାନପତ୍ରିୟା ଗ୍ରାମରୁ କରଞ୍ଜିଆର ଜନୈକ କାଠ ବ୍ୟବସାୟୀ ମଧୁସୂଦନ ଶେଖର କରଞ୍ଜିଆ ବନାଞ୍ଚଳ ଅଧିକାରୀ ଏବଂ ଗ୍ରାମ କମିଟି ଠାରୁ ସ୍ୱିକୃତୀ ପାଇ ୟୁକିଲାପଟାସ ଗଛ କାଟି ଉକ୍ତ କାଠ ଗଣ୍ଡିଗୁଡିକୁ ଗୋଟିଏ ଟ୍ରକ୍ ଡବ୍ଲୁବି୨୫ ଏଚ୍ ୭୨୯୦ରେ ଲୋଡ୍ କରାଇଥିଲେ । ଉକ୍ତ ଗାଡିର ଡ୍ରାଇଭର ଏବଂ ହେଲପରକୁ ସେଠାରୁ ସିଲିଗୁଡି ଯିବାକୁ ଅନୁମତି ଦେଇଥିଲେ । ସେଠାରୁ ଗାଡିଟି ଘାଗରବେଢ଼ା-ରରୁଆଁ ରାସ୍ତାରେ ଯାଉଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟର କିଛି ଦୁର୍ବୃତ୍ତ ସେହି ଗାଡିଟିକୁ ଡେଣୁଆ-ବାଲିବନ୍ଧ ଛକରେ ଅଟକାଇଥିଲେ । ସେହି ଗାଡିରେ ଦାମୀ କାଠ ଥିବା ଜାଣି ଦୁର୍ବୃତ୍ତମାନେ ଡ୍ରାଇଭର ଏବଂ ହେଲ୍‌ପରକୁ ମାଡ଼ ମାରି ତାଙ୍କ ମୋବାଇଲ ନେଇଯାଇଥିଲେ । ଉକ୍ତ ଗାଡିଟିକୁ ରରୁଆଁ ଥାନା ଅଧୀନ ଅଙ୍ଗାରପଦା ଗ୍ରାମ ଦେଇ, ଡ୍ରାଇଭର ଏବଂ ହେଲ୍‌ପର୍ ସହିତ ଝାଡ଼ଖଣ୍ଡକୁ ନେଇଯାଉଥିଲେ । ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ବିଶେଷ ସୂତ୍ରରୁ ଖବର ପାଇ ରରୁଆଁ ଥାନା ଅଧିକାରୀଙ୍କୁ ଉକ୍ତ ଗାଡି ଏବଂ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରରୁଆଁ ଥାନା ଅଧିକାରୀ ଶ୍ରୀ ସୁମନ୍ତ ସେଠୀ, ଏସ୍.ଆଇ ବିବେକାନନ୍ଦ ବେହେରା ଏବଂ ଅନ୍ୟ ଥାନା ଅଧିକାରୀ ଗାଡିଟିକୁ ଅଙ୍ଗାରପଦା-ଚିରୁହାତୁ ରାସ୍ତାରୁ ଧରିବା ସହ ଆସାମୀ ଜମିରୁଦ୍ଦିନ ଅଂସାରୀକୁ ଧରିବାରେ ସଫଳ ହୋଇଥିଲେ । ସୋମବାର ଉକ୍ତ ଆସମୀକୁ କୋର୍ଟଚାଲାଣ କରାଯାଇଛି । ଅନ୍ୟ ଦୁର୍ବୃତ୍ତମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଚଳାଇଛି ।

# ମାଟିରେ ମିଶିଲା ଟାଗୋର ସୋସାଇଟି



ମାଲକାନଗିରି, (ଭାସ୍କର ନ୍ୟୁଜ): ସଦର ମହକୁମା ସ୍ଥିତ ଡିଏନ୍‌କେ ଖେଳ ପଡିଆର ସଂପ୍ରସାରଣ ନେଇ ଜିଲ୍ଲା ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି । ପଡିଆକୁ ଲାଗି ରହିଥିବା ଟାଗୋର ସୋସାଇଟିର ଗୃହକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ସୋସାଇଟିର ଗୃହ ମାଟିରେ ମିଶିଯାଇଛି । ଦୀର୍ଘ ୪ ଦଶନ୍ଧି ଧରି ସରକାରୀ ଜମିରେ ଠିଆ ହୋଇଥିଲା ଉକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏହାକୁ ତୁରନ୍ତ ହଟାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଟିସ ଜାରି ହୋଇଥିଲା । ନୋଟିସ ପନ୍ଦର ଦିନ ଭିତରେ ଏବେ ଭଙ୍ଗାଭଙ୍ଗି ଚାଲିଛି । ଜେଡ୍‌ଏ କଲୋନିର ଅନ୍ୟ ଘରକୁ ମଧ୍ୟ ଭଙ୍ଗାଯିବା ନେଇ ପ୍ରଚାର ପରେ ଲୋକେ ଆତଙ୍କିତ ହୋଇ ପଡିଥିଲେ । ତେବେ ବର୍ତ୍ତମାନ ଏହାର ଉଚ୍ଛେଦ ନେଇ କୌଣସି ନିଷ୍ପତ୍ତି ହୋଇ ନଥିବା ଜାଣିବା ପରେ ଲୋକେ ଆଶ୍ୱସ୍ତି ହୋଇଛନ୍ତି । ଅନ୍ୟପକ୍ଷରେ, ମାଲକାନଗିରି ତହସିଲ ପକ୍ଷରୁ ଡିଏନ୍‌କେ ପଡିଆକୁ ଲାଗି ରହିଥିବା ସମସ୍ତ ସରକାରୀ ଜମିର ଚିହ୍ନଟ କରାଯାଇଛି । ଆଗାମୀ ଦିନରେ ଏସବୁ ସରକାରୀ ଜମିକୁ ଜିଲ୍ଲା ପ୍ରଶାସନ ନିଜ କବ୍‌ଜାକୁ ନେଇପାରେ । ୫୦ରୁ ଅଧିକ ପରିବାର ଦୀର୍ଘ ୪୦ବର୍ଷ ହେଲା ଏଠାରେ ବସବାସ କରିଆସୁଛନ୍ତି । ପଡିଆକୁ ଲାଗି ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ଏବେ ଏସବୁ ଉଚ୍ଛେଦ ହୋଇ ନଥିଲେ ମଧ୍ୟ ଆଗାମୀ ଦିନରେ ଉଚ୍ଛେଦ ଆଶଙ୍କା ରହିଛି । ଯାହାକୁ ନେଇ ଲୋକେ ଭୟଭୀତ ମଧ୍ୟ ରହିଛନ୍ତି । ଟାଗୋର ସୋସାଇଟି ପରେ ଅନ୍ୟ ସରକାରୀ ଜମି ଓ ସରକାରୀ ଜମିରେ ରହିଥିବା ଅନୁଷ୍ଠାନକୁ ହଟାଯିବ ବୋଲି ସନ୍ଦେହ କରାଯାଉଛି । ରାଜନୈତିକ ଦଳ ଉକ୍ତ ୫୦ ପରିବାର ପାଇଁ ଛିଡା ହୋଇଛନ୍ତି ।

# ଏପିଏସ୍-୯୫ ପେନ୍‌ସନ୍‌ର୍‌ ଆସୋସିଏସନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାରିପଦା, (ଭାସ୍କର ନ୍ୟୁଜ୍) : ଏପିଏସ-୯୫ ପେନ୍‌ସନ୍‌ର୍ ଆସୋସିଏସନ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ଆଜି ଦାବିପତ୍ର ପ୍ରଦାନ କରି କେନ୍ଦ୍ର ସରକାରଙ୍କୁ ଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ଆହ୍ୱାନ କରିଛନ୍ତି। ଏହି ସନ୍ଦର୍ଭରେ ଜିଲ୍ଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପେନ୍‌ସନ୍ ଆସୋସିଏସନ ତାଙ୍କର ଦାବିରେ ଜଣାଇଛି ଯେ, ଏପିଏସ-୯୫ ପେନ୍‌ସନ୍ ଯୋଜନା ୧୬ ନଭେମ୍ବର ୧୯୯୫ରେ ଆରମ୍ଭ ହୋଇଥିଲା। ଏହି ପେନ୍‌ସନ୍ ପ୍ରଦାନର ଲକ୍ଷ୍ୟ ଥିଲା ପେନ୍‌ସନ୍ ଭୋଗୀଙ୍କୁ ନିଶ୍ଚିତ ଅର୍ଥନୀତିକ ସୁରକ୍ଷା ଯୋଗାଇବା। କିନ୍ତୁ ଅନୁଭବରେ ଏହା ଏକ ଭଲ ଯୋଜନା ହେଲେ ମଧ୍ୟ, ପ୍ରାୟ ୩୦ ବର୍ଷ ପରେ ଆଜି ମଧ୍ୟ ଉକ୍ତ ପେନ୍‌ସନ୍ ହିତାଧିକାରୀଙ୍କ ଦୁଃଖ-କଷ୍ଟ ଭୟାବହ ଅବସ୍ଥାରେ ଅଛି। ସେମାନେ ୨୦୧୪ ସେପ୍ଟେମ୍ବର ପରେ ୧,୦୦୦ରୁ କମ୍ ପେନ୍‌ସନ୍ ଅର୍ଜନ କରୁଛନ୍ତି, ଯାହା ସେମାନଙ୍କ ପାଇଁ ଭୋଜନ ଓ ଔଷଧ ସମ୍ପୂର୍ଣ୍ଣ କରିବାକୁ ଅସମ୍ଭବ ହେଉଛି। ଏ.ପି.ଏସ-୯୫ ପେନ୍‌ସନ୍ ଉପଭୋକ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୁଖ୍ୟ ଦାବିଗୁଡ଼ିକ ହେଉଛି-ନୂତନ ଏବଂ ସମୁଚିତ ମୂଳ ପେନ୍ସନ ବୃଦ୍ଧି, ସୁପ୍ରିମକୋର୍ଟଙ୍କ ଅନୁସାରେ ଉଚ୍ଚତମ ପେନ୍‌ସନ୍ ଦେବା, ମୂଲ୍ୟସୂଚୀ ସହିତ ସମରୂପ ଡିଏ ପ୍ରଦାନ, ସମସ୍ତ ପେନ୍‌ସନ୍ ଭୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ ମାଗଣା ଚିକିତ୍ସା ସୁବିଧା ଇତ୍ୟାଦି। ସମସ୍ତ ଦାବି ଉପରେ ସରକାରଙ୍କ ନିଷ୍କ୍ରିୟତା ପ୍ରତି ଅସନ୍ତୋଷ ପ୍ରକାଶ କରି, ଆସୋସିଏସନ ଗୋଟିଏ ସୂଚନା ଦେଇଛି ଯେ କେନ୍ଦ୍ର ସରକାର ଏଥିରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ନୂଆ ପ୍ରସ୍ତାବ ଆଗକୁ ଆସିଲେ ଏହା ଦୃଶ୍ୟପଟରେ ବଡ଼ ଶ୍ରମଜୀବୀ ବର୍ଗକୁ ଉପକାର ମିଳିବ। ଏପିଏସ-୯୫ ପେନ୍‌ସନ୍ ଧାରୀଙ୍କ ଦାବି ଉପରେ ସରକାର କେବେ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ଏବଂ ସେମାନଙ୍କ ମୁହଁରେ ହସ ଫୁଟିବ ତାହା ଦେଖିବା ବାକି ରହିଲା।

# ମିଳିତ ଜନଶୁଣାଣି ଶିବିରରେ ୧୭୦ ଅଭିଯୋଗ

## ପ୍ରଚାର ଓ ପ୍ରସାର ଅଭାବରୁ ଅନେକ ଲୋକ ଜାଣିପାରିଲେନି




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଭାଗୃହ ମଧ୍ୟରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପରିଚାଳିତ ଶିବିରରେ ଅତିଥି ଭାବେ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ନୀଳମାଧବ ମାଝୀ, ମୁଖ୍ୟଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ତହସିଲଦାର ପ୍ରିୟଙ୍କାପ୍ରିୟଦର୍ଶନୀ ପତି, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକଙ୍କର ସମସ୍ୟାର ସମାଧାନ ସମ୍ପୂର୍ଣ୍ଣ କରିବା ହେଉଛି ଅଭିଯୋଗ ଶୁଣାଣି ଶିବିର ଆଭିମୁଖ୍ୟ। କିନ୍ତୁ ଉପଯୁକ୍ତ ସୂଚନା, ପ୍ରଚାର ଓ ପ୍ରସାର ଅଭାବରୁ ବ୍ଲକସ୍ତରୀୟ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣୀ ଶିବିର କିଛି ମାତ୍ରାରେ ଫେଲ୍ ମାରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣି ଆୟୋଜନ କରାଯାଇଥିଲା। ମିଳିତ ଜନଶୁଣାଣୀ ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ଉପଜିଲ୍ଲାପାଳ ନୀଳମାଧବ ମାଝୀ ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହା ସହ ଅଭିଯୋଗକାରୀ ମାନେ ସେତେଟା ଅବଗତ ନଥିବାରୁ ଦିନ ୧୦ଘ ୪୫ମିନିଟରେ ଆରମ୍ଭ ହୋଇ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ପରେ ବନ୍ଦ କରାଯାଇଥିଲା। ପ୍ରଶାସନ ଖାମଖିଆଲ ଭାବ ଜନଶୁଣାଣି ଆୟୋଜନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି। ଏହା ସହ ମିଳିତ ଜନଶୁଣାଣି ଶିବିରରେ କିଛି ବିଭାଗରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କର ବି ଦେଖା ମିଳିନଥିଲା। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୭୦ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ଜମିଜମା ସମ୍ବନ୍ଧୀୟ ଇତ୍ୟାଦି ସମ୍ପର୍କରେ ଏହି ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା। ଏହି ଶିବିରରେ ଜିଲ୍ଲାସ୍ତରୀୟ ସହ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ଛତ୍ରପୁର, (ଭାସ୍କର ନ୍ୟୁଜ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତାରାଣୀ ରାଉତ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ଭାଗ ସଦସ୍ୟା ଗୀତାରାଣୀ ମିଶ୍ର ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ସମ୍ଭାଗ ଶିଶୁବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ। ସ୍ଥାନୀୟ ଅନୁଷ୍ଠାନର ସହସଂପାଦକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସଂକୁଳ ପ୍ରମୁଖ ଜେ କୂର୍ମା ରାଓ, ଶିକ୍ଷାବିତ୍ ଅଜିତ କୁମାର ସେଠୀ, ଗଞ୍ଜାମ ପ୍ରଧାନାଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର, ଭଞ୍ଜବିହାର ପ୍ରଧାନାଚାର୍ଯ୍ୟ ଦଣ୍ଡପାଣି ସାହୁ, ଗୋପାଳପୁର ପ୍ରଧାନାଚାର୍ଯ୍ୟା ଅନୀତା ପାତ୍ର, କ୍ୟୁର୍ସର ମୁଖ୍ୟ ଅରୁଣ କୁମାର ଶତପଥି, ସ୍ଥାନୀୟ ନଗରର ବିଭିନ୍ନ ବିଦ୍ୟାଳୟର କାରମେଲ, ୟୁରୋ କିଡ୍ସ, ସତ୍ୟସାଇ ବିଦ୍ୟା ଭବନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଙ୍ଗନବାଡି କର୍ମୀ ଏବଂ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗ ଦେଇ ନୂତନ ଶିକ୍ଷାନୀତି ୨୦୨୦ର ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା (ECCE) ଉପରେ ହୋଇଥିବା ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ଶିଶୁ ବାଟିକାର ପ୍ରମୁଖ ବି ସୁଶୀଳା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖା ସମ୍ମିଳନୀ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ମାଣିଖଣ୍ଡି ମହାପୁରୁଷଙ୍କ ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖାର କାର୍ଯ୍ୟକାରିଣୀ କମିଟିର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନୋଜ ପରିଡ଼ା ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମିକ ନେତା ତଥା ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା କେନ୍ଦ୍ରାପଡ଼ା ଜିଲ୍ଲାରେ କିଭଳି ବଢ଼ି ବଢ଼ି ଚାଲିଛି ତାହା କହିଥିଲେ। ଏପରିକି ନିର୍ମାଣ ଶ୍ରମିକମାନଙ୍କ ମୃତ୍ୟୁକାଳୀନ ସହାୟତା ପରିବାରକୁ ଦୁଇମାସ ମଧ୍ୟରେ ମିଳିବାକୁ ନିୟମ ଥିଲେ ମଧ୍ୟ ଏଠାରେ ଦୁଇ ବର୍ଷ ବିତିଗଲେ ମଧ୍ୟ ମିଳେ ନାହିଁ। ଏଥିସହିତ ନିର୍ମାଣ ଶ୍ରମିକଙ୍କ ଝିଅ ବିଭାଘର, ମହିଳା ନିର୍ମାଣ ଶ୍ରମିକମାନଙ୍କ ପରିଚୟପତ୍ର, ପିଲାଙ୍କ ପାଠପଢ଼ା ସହାୟତା, ମାତୃତ୍ୱ ସହାୟତା, ପେନସନ୍, କୋଠାଘର ଯୋଜନା ଏହି ଜିଲ୍ଲାରେ ବିଫଳ ହୋଇଛି। ତେଣୁ ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କର ସହନଶୀଳତାର ସୀମା ଟପିଗଲାଣି। ତେଣୁ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ନେଇ ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧିରେନ ସାହୁ, ହରିହର ମାହାଳି, ସବିତା ଦାସ, ମେନକା ଦାସ, ଅନନ୍ତ ବାଇ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ଶେଷରେ ମହେନ୍ଦ୍ର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାଇକ୍-ବାଛୁରୀ ଧକ୍କା ବାଛୁରୀ ସହ ୨ ମୃତ

ଭଞ୍ଜନଗର, (ଭାସ୍କର ନ୍ୟୁଜ) : ତାରସିଂ ଥାନା ଅନ୍ତର୍ଗତ ଗାୟାଗଣ୍ଡା ଗ୍ରାମ ନିକଟରେ ବାଇକ-ବାଛୁରୀ ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ସହ ବାଛୁରୀର ମଧ୍ୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗାୟାଗଣ୍ଡା ଗ୍ରାମ ନିକଟରେ ଥିବା ଆଦିବାସୀ କେଳିନୀର ବଳରାମ ଜାନୀ ଓ ଜେନା ସାହିର ପ୍ରକାଶ ଜେନା। ଖବର ନେବାରେ ବଳରାମ ଏକ ବାଇକ୍ ଯୋଗେ ଗାୟାଗଣ୍ଡା ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବାଛୁରୀଟି ମୁଖ୍ୟ ରାସ୍ତା ଅତିକ୍ରମ କରୁଥିଲା। ବାଇକ୍ ଚାଳକ ଭାରସାମ୍ୟ ହରାଇ ବାଛୁରୀଟିକୁ ଧକ୍କା ଦେବା ସହ ରାସ୍ତାରେ ଚାଲି ଚାଲି ଯାଉଥିବା ପ୍ରକାଶଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଫଳରେ ବଳରାମ ଓ ପ୍ରକାଶ ଛିଟିକି ହୋଇ ପଡିବା ଫଳରେ ଦୁହେଁ ଗୁରୁତର ହେବା ସହ ବାଛୁରୀଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଠାରେ ଡାକ୍ତର ବଳରାମକୁ ମୃତ ଘୋଷଣା କରିଥିବା ବେଳ ପ୍ରକାଶର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ପ୍ରକାଶଙ୍କ ସୋମବାର ସକାଳୁ ମୃତ୍ୟୁ ଘଟିଥିଲା। ଦଶପଲ୍ଲା ଥାନାରେ ବଳରାମଙ୍କ ମୃତ୍ୟୁ ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।




କଟକ(ଭାସ୍କର ନ୍ୟୁଜ): ସିଡ଼ିଏ, ସେକ୍ଟର-୬ ସ୍ଥିତ ତ୍ରିନାଥ କ୍ଲବ, କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ପ୍ରତ୍ୟେକବର୍ଷ ପରି ଚଳିତ ବର୍ଷ କାର୍ତ୍ତିକେଶ୍ୱର ଭସାଣି ଅବ୍ୟବହିତ ପୂର୍ବରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାପତି ଆଇନଜିବୀ ଗଦାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୁପେ ରାଜ୍ୟ ସଭା ସାଂସଦ ଦେବାଶିଷ ସାମନ୍ତରାୟ ଯୋଗଦେଇ ଉପସ୍ଥିତ ଓ ନିମନ୍ତ୍ରିତ ଅତିଥି, ସ୍ଥାନୀୟ କ୍ଲବର ସଭାପତି, ସମ୍ପାଦକ, ମର୍କତ ନଗର ଆବାସିକ ସଂଘ ସେକ୍ଟର-୬ର କର୍ମକର୍ତ୍ତା, ବିମା ବିହାର ଉନ୍ନୟନ କମିଟିର ନବନିର୍ବାଚିତ ସଭାପତି ସମ୍ପାଦକ, କୃଷକ ବଜାର ସାହି କମିଟି ଓ ଗ୍ରାମ୍ୟ ବ୍ୟାଙ୍କ କଲୋନୀର ନିମନ୍ତ୍ରିତ କର୍ମକର୍ତ୍ତାଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟତମ ଅତିଥି ରୁପେ ସମାଜସେବୀ ଡ଼ଃ ରଞ୍ଜନ ବିଶ୍ୱାଳ, ୬ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ଅତିଥିରୁପେ ଯୋଗଦେଇ ତ୍ରିନାଥ କ୍ଲବ, କାର୍ତ୍ତିକେଶ୍ୱର ପୂଜା କମିଟିର ଜନହିତକର କାର୍ଯ୍ୟପାଇଁ ପ୍ରଶଂସାର ପାତ୍ର ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ।

### ଚିକିତ୍ସା ବିଜ୍ଞାନ ଏବଂ କାର୍ଯ୍ୟଦକ୍ଷତାର ଅପୂର୍ବ ସମନ୍ୱୟ

# ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଲେ ଯବାନ

**ଦୁଇ ଘଣ୍ଟା ପରେ ପୁନଃକାର୍ଯ୍ୟକ୍ଷମ ହେଲା ହୃଦୟ: ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳ**

**ଇ-ସିପିଆର ପ୍ରଣାଳୀର ସଫଳ ରୂପାୟନ, ପୂର୍ବ ଭାରତରେ ପ୍ରଥମ**

**ଡାକ୍ତରୀ ଦଳକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପ୍ରଶଂସା**



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚିକିତ୍ସା ବିଜ୍ଞାନ ଏବଂ କାର୍ଯ୍ୟଦକ୍ଷତାର ଅପୂର୍ବ ସମନ୍ୱୟ ସହିତ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ଉନ୍ନତ ଏକ୍ସଟ୍ରାକୋରପୋରାଲ୍ କାର୍ଡିଓ-ପୁଲମୋନାରୀ ରେସୁସିଟେସନ୍ (ଇ-ସିପିଆର) ମାଧ୍ୟମରେ ଜଣେ ୨୪ ବର୍ଷ ବୟସ୍କ ଆର୍ମୀ ଯବାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଛନ୍ତି । ନୟାଗଡ଼ ରଣପୁର ଅଞ୍ଚଳରୁ ଆସିଥିବା ଏହି ଯୁବକଙ୍କର ହୃଦୟ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ବନ୍ଦ ହୋଇଯାଇଥିଲା । ମାତ୍ର ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳଙ୍କ ନିଷ୍ଠାପର ଉଦ୍ୟମ ଏବଂ ଚିକିତ୍ସା ଜ୍ଞାନକୌଶଳର ସଫଳ ପ୍ରୟୋଗ ଉକ୍ତ ଯବାନଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି । ଓଡ଼ିଶା ସମେତ ପୂର୍ବ ଭାରତରେ ପ୍ରଥମ କୁହାଯାଉଥିବା ଏହି ଇସିପିଆର୍ ପ୍ରଣାଳୀର ଚମତ୍କାର ଉପଯୋଗ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳର ସମ୍ମିଶ୍ରଣ ତଥା ଏମ୍ସର ଡାକ୍ତରୀ ଦଳଙ୍କ ଅଦମ୍ୟ ପ୍ରତିବଦ୍ଧତାର ଉଦାହରଣ ସାବ୍ୟସ୍ତ ହୋଇଛି । ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏପରି ଅନନ୍ୟ କାର୍ଯ୍ୟକୁ ସଫଳ ରୂପ ପ୍ରଦାନ କରିଥିବା ଡାକ୍ତରୀ ଦଳର ପ୍ରଶଂସା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଜଟିଳ ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଥିବା ଉପରୋକ୍ତ ଯୁବକଙ୍କୁ ଅକ୍ଟୋବର ପହିଲାରେ ଏମ୍ସ ଭୁବନେଶ୍ୱରକୁ ରେଫର୍ କରାଯାଇଥିଲା । ଏମ୍ସରେ ପହଞ୍ଚିବାର କିଛି ସମୟ ପରେ ଯୁବକ ଜଣଙ୍କ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ । ଜୀବନ ବଞ୍ଚାଇବା ନିମିତ୍ତ ୪୦ ମିନିଟ୍‌ର ପ୍ରାଥମିକ ସିପିଆର୍ ସତ୍ତ୍ୱେ ତାଙ୍କର ହୃଦୟ କାର୍ଯ୍ୟ କରିନଥିଲା । ଏପରି ଅବସ୍ଥାରେ ସାଧାରଣତଃ ଦୁଇଟି ନିଷ୍ପତି ନିଆଯାଇଥାଏ । ମୃତ୍ୟୁ ଘୋଷଣା କରିବା କିମ୍ବା ଇ-ସିପିଆର ପ୍ରଣାଳୀ ପ୍ରୟୋଗ କରିବା । ତେବେ ଏମ୍ସ ଡାକ୍ତରୀ ଦଳ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଯବାନଙ୍କର ଜୀବନ ବଞ୍ଚାଇବା ନିମନ୍ତେ ନିରନ୍ତର ଉଦ୍ୟମ କରିଥିଲେ । ଏକ୍‌ମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରାୟ ୮୦ ମିନିଟ୍‌ର ମାରାଥନ୍ ସିପିଆର ପରେ ଯୁବକଙ୍କୁ ଏକ୍‌ମୋ ପ୍ରଣାଳୀ ପ୍ରଦାନ ଆରମ୍ଭ କରିଥିଲେ । ତେବେ ଇସିପିଆର୍ ଦେବାର ୪୦ ମିନିଟ୍ ପରେ ଯୁବକଙ୍କ ହୃଦୟ କାର୍ଯ୍ୟ ଆରମ୍ଭ କରିଥିଲା । ପରବର୍ତ୍ତୀ ୩୦ ଘଣ୍ଟା ମଧ୍ୟରେ ହୃଦୟର କାର୍ଯ୍ୟରେ ଯଥେଷ୍ଟ ଉନ୍ନତି ହେଲା, ଏବଂ ୯୬ ଘଣ୍ଟା ପରେ ରୋଗୀଙ୍କୁ ସଫଳତାର ସହିତ ଏକ୍‌ମୋରୁ ବାହାର କରାଯାଇଥିଲା । ଦଳଗତ ଭାବେ ଉଲ୍ଲେଖନୀୟ ପାରଦର୍ଶୀତା, ସମନ୍ୱୟ ଏବଂ ଉତ୍ସର୍ଗୀକୃତ ପ୍ରଦର୍ଶନ ମାଧ୍ୟମରେ ଏପରି ଏକ ଜଟିଳ କାର୍ଯ୍ୟ ସମ୍ପାଦନ କରି ଜଣେ ଯବାନଙ୍କ ଜୀବନ ବଞ୍ଚାଇବା ଏକ ଅନନ୍ୟ ସଫଳତା । ପୁଅକୁ ଦ୍ୱିତୀୟ ଜୀବନ ପ୍ରଦାନ କରିଥିବାରୁ ଏମ୍ସ ଭୁବନେଶ୍ୱର ଡାକ୍ତରୀ ଦଳକୁ କୃତଜ୍ଞତା ପ୍ରଦାନ କରିଛନ୍ତି ଯବାନଙ୍କ ମା । ଏମ୍ସ ଡାକ୍ତରମାନଙ୍କର ଦକ୍ଷତା, କରୁଣା ଏବଂ ନିଷ୍ଠାକୁ ଆମ ପରିବାର ସବୁଦିନ ମନେରଖିବ ବୋଲି ଯବାନଙ୍କ ମା ପ୍ରକାଶ କରିଛନ୍ତି । ଏହି ପ୍ରକ୍ରିୟାରେ ଡ. କ୍ରିଷ୍ଣମୋହନ ଗୁଲା, ଡ. ସନ୍ଦୀପ କୁମାର ପଣ୍ଡା, ଡ. ସିଦ୍ଧାର୍ଥ ସାଥିଆ, ଡ. ସଙ୍ଗୀତା ସାହୁ, ଡ. ମାନସ ପାଣିଗ୍ରାହୀ, ଏମ୍‌ସିଆଇ ଏବଂ ନର୍ସିଂ ଅଧିକାରୀଙ୍କ ଭଳି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରମୁଖ ସାମିଲ ଥିଲେ । ଏହି ଅଭିନବ ସଫଳତା ପାଇଁ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲିପ କୁମାର ପରିଡ଼ା, ଡ. ଅନୁପମ ଦେ, ଡ. ରଶ୍ମିରଞ୍ଜନ ମହାନ୍ତି, ଡ. ଦେବାନନ୍ଦ ସାହୁ ପ୍ରମୁଖ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

## କଟକ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟିର ବାଲିଯାତ୍ରା ଗସ୍ତ




କଟକ(ଭାସ୍କର ନ୍ୟୁଜ): ଐତିହାସିକ କଟକ ବାଲିଯାତ୍ରାର ତୃତୀୟ ଦିନରେ କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ, ଉଦ୍ୟାନ କୃଷି, ଜଳ ଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗୀୟ କଟକ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ବାଲିଯାତ୍ରା ଗସ୍ତ କରିଛନ୍ତି । ଉକ୍ତ ଗସ୍ତ ପରିପ୍ରେକ୍ଷୀରେ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀସମ୍ପଦ , ଉଦ୍ୟାନ କୃଷି ଓ ଆନୁସଙ୍ଗିକ ପ୍ରଦର୍ଶନୀକୁ ପୃଥକ ପୃଥକ ଭାବରେ ବୁଲି ଦେଖିଛନ୍ତି । ସରକାରଙ୍କ ଦ୍ୱାରା ଗତ ତିନି ବର୍ଷ ଧରି ପ୍ରତି ବର୍ଷ ଅନୁଷ୍ଠିତ ଏଭଳି ମେଳା ମାଧ୍ୟମରେ ରିହାତି ଦରରେ ଆଗ୍ରହୀ ଚାଷୀଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ଉନ୍ନତ ଧରଣର କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅଧ୍ୟକ୍ଷ ସାହୁ କହିଛନ୍ତି । ଉପଯୁକ୍ତ ସମୟ ସୀମା ମଧ୍ୟରେ ଯନ୍ତ୍ରପାତି କ୍ରୟ କରୁଥିବା ଚାଷୀଙ୍କୁ ରିହାତି ପ୍ରଦାନ କରିବା ପାଇଁ ଅଧିକାରୀମାନଙ୍କୁ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି । ଏହି ଗସ୍ତ ସମୟରେ କମିଟିର ସଦସ୍ୟ ଜିଲ୍ଲା ପରିଷଦ ସଭ୍ୟ ସୌଦାମିନୀ ମହାପାତ୍ର, ରଞ୍ଜିତା ସେଠୀ, ଆର୍ ବିପ୍ଳବ କିଶୋର କାପ୍, ସୁସ୍ମିତା ଦାସ, ସେକ୍ ରିଆଜୁଲ ହୋଦା,ଜଗବନ୍ଧୁ ସେଠୀ, ସହଯୋଗୀ ସଦସ୍ୟ ଅଜିତ ଜେନା,ସୁମିନା ପ୍ରଧାନ ପ୍ରମୁଖ ଏହି ଗସ୍ତରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ କର, ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡ଼. ବିଭୁରଞ୍ଜନ ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବବିତା ମହାନ୍ତ, ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଉମେଶ କୁମାର ଜେନାଙ୍କ ସମେତ ଅନ୍ୟ ଅଧିକାରୀ ମାନେ ମେଳା ଓ ପ୍ରଦର୍ଶନୀକୁ ବୁଲାଇ ଦେଖାଇବା ସହ ସରକାରଙ୍କ ଯୋଜନା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ । ଶେଷରେ ଓରମାସ ଦ୍ୱାରା ଆୟୋଜିତ ପଲ୍ଲୀଶ୍ରୀ ମେଳା ଓ ମିଶନ ଶକ୍ତି ଷ୍ଟଲ ଗୁଡ଼ିକ ଜିଲ୍ଲା ପରିଷଦ ଏପିଡି ବିଶ୍ୱରଞ୍ଜନ ନାୟକ, ଇଂଜିନିୟର ଅରୁଣ ପଣ୍ଡା, ଓରମାସ ଯୁଗ୍ମନିର୍ଦ୍ଦେଶକ ବିପିନ ବିହାରୀ ରାଉତ, ଡିପିସି କୈଳାସ ସେନାପତି ପ୍ରମୁଖ କମିଟି ସଦସ୍ୟମାନଙ୍କୁ ବୁଲାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଓଡ଼ିଶାରେ ଅଦିନିଆ ରଥଯାତ୍ରା ନେଇ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଅଦିନିଆ ରଥଯାତ୍ରାକୁ ନେଇ ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଦସ୍ୟ । ରଥଯାତ୍ରାକୁ ବିରୋଧ କରିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଦସ୍ୟ । ଦୁଇ ଦିନ ତଳେ ନୂଆପଡା ଜିଲ୍ଲା କୋମନାର ଏକ ଗାଁରେ ରଥଯାତ୍ରା ହୋଇଛି । ଗାଁ ଲୋକଙ୍କ କହିବା କଥା, ପୂଜକଙ୍କୁ ଜଗନ୍ନାଥ ସ୍ୱପ୍ନରେ ଆଦେଶ ଦେଇଥିଲେ । ହେଲେ ଏହା ବେକାର କଥା । କାରଣ ସ୍କନ୍ଦ ପୁରାଣରେ ଅଛି ଜଗନ୍ନାଥ କେବେ ଆସ୍ଥାନରୁ ବାହାରନ୍ତି । ପୂର୍ବରୁ ଇସ୍କନ ଏହା କରିବାକୁ ଯାଉଥିବାରୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଏହାକୁ ବିରୋଧ କରି ଚିଠି ଲେଖିଥଲେ । ଆଗକୁ ଯେପରି କେଉଁଠି ବି ଅଦିନିଆ ରଥଯାତ୍ରା ନ ହୁଏ, ସେ ଦିଗରେ ପଦକ୍ଷେପ ନେବାକୁ ଆଇନ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏ ନେଇ ଆଇନ ମନ୍ତ୍ରୀ କହିଛନ୍ତି, ଏହା ଦୃଷ୍ଟିକୁ ଆସିବାରୁ ସେହି ମନ୍ଦିରର ପ୍ରଶାସନ ସହ ସେ ଆଲୋଚନା କରିବେ । ଆଜି ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ୧୦ ଜଣିଆ ଟିମ କୋମନାର ସେହି ଗାଁକୁ ଯିବା ସହ ଜିଲ୍ଲାପାଳଙ୍କୁ ବି ଭେଟିବ ।

## ଅଭିନବ ଉପାୟରେ ଲୁଟ୍
## ଯୁବତୀ ହୋଇ ଡାକି ଯୁବକଙ୍କୁ ଲୁଟିଲେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଅଭିନବ ଉପାୟରେ ଲୁଟ । ଯୁବତୀ ହୋଇ ଡାକି ଯୁବକକୁ ଲୁଟିଲେ । ଟିଣ୍ଡର ଆପ ଜରିଆରେ ଯୁବତୀ ହୋଇ ଡାକିଥିଲେ । ଯୁବକ ଜଣକ ପହଞ୍ଚିବା ପରେ ୫ ଜଣ ଦୁର୍ବୃତ୍ତ ଲୁଟ୍ କରିଛନ୍ତି । ଲୁଟର ଶିକାର ଯୁବକ ଏକ ହୋଟେଲରେ କାମ କରନ୍ତି । ଏଭଳି ଘଟଣା ଘଟିଛି ଖାରବେଳ ନଗର ଅଞ୍ଚଳରେ । ଅଭିଯୋଗ ପରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ ।




ବିଧାନସଭା ପରିସରରେ ବିଜେପିର ଭେଟେରାନ୍ ନେତା ସମୀର ଦେ'ଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରୁଛନ୍ତି ବାଚସ୍ପତିଙ୍କ ସମେତ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ

## ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଅବକାରୀ କମିଶନର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଅବକାରୀ କମିଶନର । ଏନେଇ ଏକ୍ସ ହ୍ୟାଣ୍ଡେଲରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଅବକାରୀ ବିଭାଗର କମିସନର ନରସିଂହ ଭୋଳ (ଆଇପିଏସ)ଙ୍କ ସହ ଲୋକସେବା ଭବନରେ ଏକ ସୌଜନ୍ୟମୂଳକ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

## ସୁରୁଖୁରୁରେ ଧାନ କିଣା ନେଇ ପ୍ରସ୍ତୁତି ହୋଇଛି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଧାନ କିଣା ଏକ ବଡ଼ ଚ୍ୟାଲେଞ୍ଜ ଯେହେତୁ ପ୍ରଥମ ଥର କରାଯାଉଛି । ସରକାର ଏଥିରେ ସଫଳ ହେବେ । ମିଲରଙ୍କ ଦାବିକୁ ଆଲୋଚନା କରି ବିଭାଗୀୟ ମନ୍ତ୍ରୀ ତାକୁ ଦୂର କରିଛନ୍ତି । ସୁରୁଖୁରୁରେ ଧାନ କିଣା ହେବ ସେ ନେଇ ପ୍ରସ୍ତୁତି ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି । ମନ ଇଚ୍ଛା କଟନୀ ଛଟନୀ ହେବ ନାହିଁ । ଧାନ କିଣାର ଗୋଟେ ସ୍ଲିପ ଚାଷୀ ଏବଂ ଆଉ ଗୋଟେ ସରକାରଙ୍କ ପାଖରେ ରହିବ । ସବୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶାବଳୀ ଦିଆଯାଇଛି । ଧାନରେ ଆଦ୍ରତା ଓ ଏଫଏକ୍ୟୁ ଅନୁଯାୟୀ କ୍ୱାଲିଟି ଧାନ କିଣାଯିବ । କଟନୀ ଛଟନୀ ଯେତେ କମ ହେବ । ଯେଉଁଠି ଏଫଏକ୍ୟୁ କମ କ୍ୱାଲିଟି ଥିବ ଏବଂ ଆଦ୍ରତା ଥିବ ସେଠାରେ ନିର୍ଦ୍ଧାରିତ କରାଯିବ କେତେ ପ୍ରତିଶତ କଢ଼ାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପୂର୍ବତନ ମନ୍ତ୍ରୀ, ବରିଷ୍ଠ ନେତା ତଥା କଟକ ପୂର୍ବତନ ବିଧାୟକ ସମୀର ଦେଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ଦେଙ୍କ ପାର୍ଥିବ ଶରୀରକୁ ଶେଷ ସମ୍ମାନ ଜଣାଇ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଥିଲା । ସ୍ୱର୍ଗତଃ ଦେ ୧୯୯୫, ୨୦୦୦, ୨୦୦୪ ମସିହାରେ କଟକ ନିର୍ବାଚନମଣ୍ଡଳୀରୁ ଲଗାତର ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ ୨୦୦୦ରୁ ୨୦୦୪ ନଗର ଉନ୍ନୟନ ମନ୍ତ୍ରୀ ଓ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । କଟକ ମହନଗରକୁ ଆଧୁନିକରଣ କରିବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହ ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ଦେଙ୍କ ପାର୍ଥିବ ଶରୀରକୁ ଆଜି କଟକସ୍ଥିତ ବାସଭବନରେ ରାଷ୍ଟ୍ରୀୟ ମାର୍ଯ୍ୟାଦା ସହିତ ସମ୍ମାନ ଜଣାଇବା ପରେ ଭୁବନେଶ୍ୱରକୁ ଅଣାଯାଇଥିଲା । ବିଧାନସଭା ପହଞ୍ଚିବା ପରେ ସେଠାରେ ଉପସ୍ଥିତ ବାଚସ୍ପତି, ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟବୃନ୍ଦ, ବିଧାୟକ ଓ ବିଧାୟିକାବୃନ୍ଦଙ୍କ ଅନେକ ବିଶେଷ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ସ୍ୱର୍ଗତଃ ଦେଙ୍କ ପାର୍ଥିବ ଶରୀରକୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଉପସ୍ଥିତ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତ୍ରୀ ସଞ୍ଚିତା ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ସାଂସଦ ଅନନ୍ତ ନାୟକ, ବିଧାୟକ ବାବୁ ସିଂ, ଇରାସିସ ଅଚାର୍ଯ୍ୟ, ଅମରେନ୍ଦ୍ର ଦାସ, ପ୍ରକାଶ ସେଠୀ, ଛବି ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଡ. ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, କସ୍ତୁରୀ ମିଶ୍ର, ବରିଷ୍ଠ ନେତା ଅଶୋକ ମିଶ୍ର, ସମୀର ଦାଶ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଦିଲୀପ ମହାନ୍ତି, ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ମନ୍ଦେଶ୍ୱ ମହାପାତ୍ର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ଜୟନ୍ତ ଜେନାଙ୍କ ସମେତ ଅନେକ ନେତୃବୃନ୍ଦ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ଶ୍ରୀ ଦେଙ୍କ ପାର୍ଥିବ ଶରୀରକୁ କଟକ ନିଆଯାଇ ଖାନନଗରସ୍ଥିତ ଶ୍ମଶାନରେ ଶେଷକୃତ୍ୟ କରାଯିବାର ସ୍ଥିରକୃତ ହୋଇଛି । ସ୍ୱର୍ଗତଃ ଦେଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ସମେତ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ସରକାରୀ ଜମିରେ ହୋଇଛି ବାବାଙ୍କ ବୈକୁଣ୍ଠ ଧାମ ଆଶ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ ଜମିରେ ରହିଛି କଳକୀରାମ ଶ୍ରୀ ଶ୍ରୀ ଶ୍ରୀ ସତ୍ୟ ଅନନ୍ତ ମାଧବଙ୍କ ବୈକୁଣ୍ଠ ଧାମ ଆଶ୍ରମ । ସାଧାରଣ ପ୍ରଶାସନ (ଜିଏ) ବିଭାଗ ପକ୍ଷରୁ ମାପଚୁପ ପରେ ଏହା ସ୍ପଷ୍ଟ ହୋଇଛି । ୧୪୦ ଡିସିମିଲ୍ ସରକାରୀ ଜମିରେ ଅବସ୍ଥିତ ଏହି ଆଶ୍ରମ ରହିଛି ବୋଲି ସରକାରଙ୍କୁ ରିପୋର୍ଟ ଦିଆଯାଇଛି । ଏହାରି ଭିତରେ ବାବାଙ୍କ ଆଶ୍ରମକୁ ନେଇ ନୂଆ ଅଭିଯୋଗ ଆସିଛି । ଅଭିଯୋଗ ହୋଇଥିଲା ସରକାରୀ ଜମିରେ କୁଆଡେ ବାବା ଆଶ୍ରମ ତିଆରି କରିଛନ୍ତି । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଶ୍ରମ ପକ୍ଷରୁ ଖବରକୁ ଖଣ୍ଡନ କରାଯାଇଥିଲା । ସୋମବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ପକ୍ଷରୁ ଆଶ୍ରମ ଜମିକୁ ମାପ କରାଯାଇଥିଲା । ଆଉ ମାପ ବେଳେ ପୂରା ଆଶ୍ରମ ସରକାରୀ ଜମିରେ ତିଆରି ହୋଇଥିବା ସ୍ପଷ୍ଟ ହୋଇଛି ।

## ଲଜ୍‌ରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଖାରବେଳନଗର ଥାନା ଅଞ୍ଚଳରେ ଥିବା ଏକ ଲଜରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି କମିଶନରେଟ୍ ପୋଲିସ୍ । ମୃତ ବୃଦ୍ଧ ଜଣଙ୍କ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି । ଗତ ୭ ଦିନ ହେବ ସେ ଏହି ଲଜରେ ରହୁଥିଲେ । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖାରବେଳନଗର ଥାନା ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ପିଏମ୍ ପୋଷଣ ଅର୍ଥରେ ବୃଦ୍ଧି ନେଇ ବିଜ୍ଞପ୍ତି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ପିଏମ୍ ପୋଷଣ ଯୋଜନାରେ ଅର୍ଥ ବୃଦ୍ଧିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଦରଦାମ୍ ବୃଦ୍ଧି ଘଟିବାରୁ ଏପରି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଜଣ ପିଛା ୫ ଟଙ୍କା ୪୫ ପଇସା ରହିଥିବାବେଳେ ଏହାକୁ ୪୫ ପଇସା ବୃଦ୍ଧି କରାଯାଇ ୫ଟଙ୍କା ୯୦ ପଇସା କରାଯାଇଛି । ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଜଣ ପିଛା ୮ଟଙ୍କା ୧୭ ଥିବାବେଳେ ଏବେ ଏହାକୁ ୬୫ ପଇସା ବୃଦ୍ଧି କରାଯାଇ ୮ଟଙ୍କା ୮୨ ପଇସାରେ ପହଞ୍ଚାଯାଇଛି । ଏଥିପୂର୍ବରୁ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ବାବଦରେ ଛାତ୍ରଛାତ୍ରୀଙ୍କ ପିଛା ୧ଟଙ୍କା ବୃଦ୍ଧି କରିଥିଲେ । ଏବେ ରାଜ୍ୟରେ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଜଣ ପିଛା ଏହା ୬ ଟଙ୍କା ୯୦ ପଇସା ହୋଇଥିବାବେଳେ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଜଣ ପିଛା ଏହା ୯ଟଙ୍କା ୮୨ ପଇସା ହୋଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି ।



ଏଜି କାର୍ଯ୍ୟାଳୟରେ ଚତୁର୍ଥ ଅଡିଟ୍ ସପ୍ତାହ-୨୦୨୪କୁ ଉଦ୍‌ଘାଟନ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ

## ଛତୁଆ ପ୍ରସ୍ତୁତକାରୀ ଏସ୍‌ଏସ୍‌ଜି ଠାରୁ କ୍ଷତିପୂରଣ ମାମଲାରେ ଜବାବ ତଲବ

କଟକ(ଭାସ୍କର ନ୍ୟୁଜ): ଛତୁଆ ପ୍ରସ୍ତୁତ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ନିକଟରୁ ୩୩ ଲକ୍ଷ ୨୫ ହଜାର ଟଙ୍କା ପରିବେଶ କ୍ଷତିପୂରଣ ଆଦାୟ ନିର୍ଦ୍ଦେଶକୁ ବିରୋଧ କରାଯାଇ ରୁଜୁ ମାମଲାରେ ହାଇକୋର୍ଟଙ୍କ ଜବାବ ତଲବ କରିଛନ୍ତି । ଛତୁଆ ତିଆରିବେଳେ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ବଣ୍ଟନ ପାଇଁ ଗ୍ରାମ ନିମଖଣ୍ଡି ସଦରସ୍ଥିତ ସଂଗ୍ରାମ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିବେଶ ନିୟମ ଉଲଂଘନ କରିଥିବା ଦର୍ଶାଇ ଜଣେ ବ୍ୟକ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ମାମଲା ରୁଜୁ କରିଥିଲେ । ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ଉକ୍ତ ଆଦେଶ ବିରୋଧରେ ସଂପୃକ୍ତ ଛତୁଆ ପ୍ରସ୍ତୁତକାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାଇକୋର୍ଟରେ ଆବେଦନ କରିଥିଲେ । ଡିସେମ୍ବର ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## ଭୁଲ ମାଗିଲେ ମନୋଜ ମିଶ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁଲ ମାଗିଲେ ମନୋଜ ମିଶ୍ର । ଯଦି ଅଜାଣତରେ ମୁଁ କାହା ମନରେ କଷ୍ଟ ଦେଇଥାଏ, ସେଥି ପାଇଁ ମୁଁ ଦୁଃଖିତ ମୋତେ କ୍ଷମା କରିବେ । ଏକ ୟୁଟ୍ୟୁବ ଚ୍ୟାନେଲରେ ଉପସ୍ଥାପିକା ବନସ୍ମିତା ପତିଙ୍କ ସହ ସାକ୍ଷାତକାରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସମ୍ପର୍କରେ ମତ ଦେଇ ପୁଣି ବିବାଦକୁ ଆସିଥିଲେ ଅଭିନେତା ମନୋଜ ମିଶ୍ର ।

## 'ଭାରତୀୟ ରାଜନୀତିରେ ଆଦର୍ଶଗତ ବିଚାର ସମାପ୍ତ ହୋଇଯାଇଛି'




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶର ବର୍ତ୍ତମାନର ସ୍ଥିତିକୁ କେବଳ ସଙ୍କଟର ନାମ ଦେଲେ ହେବ ନାହିଁ, ଶହେ ବର୍ଷର ସଂଗ୍ରାମର ନିର୍ଯ୍ୟାସ ରୂପେ ଯେଉଁ ସମ୍ବିଧାନ ଆମ ଭାରତରେ ପ୍ରସ୍ତୁତ ହୋଇଥିଲା, ତାହାକୁ ୨୦୧୯ ଆସିବା ବେଳକୁ ଆମେ ନଷ୍ଟ କରିସାରିଲୁଣି । ସ୍ୱାଧୀନତା ପରର ଗଣତନ୍ତ୍ର ସମ୍ପୂର୍ଣ୍ଣ ଲୋପ ପାଇସାରିଛି, ତାହା ସ୍ଥାନରେ ଗଣତନ୍ତ୍ର ଆଳରେ ହିନ୍ଦୁତ୍ୱ ଭଳି ଏକଛତ୍ରବାଦ ମୂଳକ ସମାଜ ସ୍ଥାପନ ନିମନ୍ତେ ପ୍ରୟାସ ଚାଲିଛି । ସେହି ଦୃଷ୍ଟିରୁ ଆମେମାନେ ବର୍ତ୍ତମାନ ନୋ ମ୍ୟାନ୍ସ ଲ୍ୟାଣ୍ଡରେ ଛିଡା ହୋଇଛୁ । ଭାରତ ଓ ଦକ୍ଷିଣ ଆଫ୍ରିକାର ସମ୍ବିଧାନ ବିଂଶ ଶତାବ୍ଦୀର ସମଗ୍ର ବିଶ୍ୱ ନିମନ୍ତେ ଶ୍ରେଷ୍ଠ ଦସ୍ତାବିଜ ଅଟେ । ଏହାର ବିନଷ୍ଟର ଅର୍ଥ କେବଳ ଆମ ଦେଶ ନୁହେଁ ସମଗ୍ର ପୃଥିବୀର ଆମେ କ୍ଷତି କରୁଛେ । ଭାରତୀୟ ରାଜନୀତିରେ ଆଦର୍ଶଗତ ବିଚାର ସମାପ୍ତ ହୋଇଯାଇଛି । ସମାଜବାଦ ଉପରେ ଆଧାରିତ କରୁଣା, ଧର୍ମନିରପେକ୍ଷତା ଆଧାରିତ ମୈତ୍ରୀ ଓ ସମତା ଆଧାରିତ ନମ୍ରତା ଆମ ଗଣତନ୍ତ୍ରର ମୂଳାଧାର ଅଟେ । ୨୦୨୪ ସାଧାରଣ ନିର୍ବାଚନ କେନ୍ଦ୍ର ସରକାର ଓ ତାହାର ଆଦର୍ଶ କେନ୍ଦ୍ର ସଂଘ ପରିବାରକୁ ନୂଆ ସମ୍ବିଧାନ ଲାଗୁ କରିବାରେ ରୋକ ଲଗାଇଛି । ତେବେ ଆମକୁ ଆମ ମୂଳ ଗଣତନ୍ତ୍ର ଓ ସମ୍ବିଧାନକୁ ଫେରାଇ ଆଣିବାକୁ ସଂସଦୀୟ ଏକଛତ୍ରବାଦରୁ ଭାରତକୁ ମୁକ୍ତ କରିବାକୁ ପଡିବ ବୋଲି ଲୋହିଆ ଏକାଡ଼େମୀଠାରେ ଲୋହିଆ ଏକାଡ଼େମୀ, ଜୟ କିସାନ ଆନ୍ଦୋଳନ ଓ ଭାରତ ଯୋଡୋ ଆନ୍ଦୋଳନ ପକ୍ଷରୁ ଦେଶର ବିଶିଷ୍ଟ ସମାଜଶାସ୍ତ୍ରୀ ତଥା ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ଯୋଗେନ୍ଦ୍ର ଯାଦବ ଏକ ନାଗରିକ ଆଲୋଚନାରେ ମତବ୍ୟକ୍ତ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତିନି ସ୍ତରରେ ଏକଛତ୍ରବାଦ ବିରୋଧରେ ଲଢ଼ିବାକୁ ହେବ । ଜୟ କିସାନ ଆନ୍ଦୋଳନର ଆବାହକ ଲିଙ୍ଗରାଜ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ପରିବେଶବିତ ତଥା ଲୋହିଆ ଏକାଡେମୀର ଟ୍ରଷ୍ଟି ପ୍ରଫୁଲ୍ଲ ସାମନ୍ତରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଭାରତ ଯୋଡୋ ଆନ୍ଦୋଳନର ରାଜ୍ୟ ସଂଯୋଜକ ଡା ବିଶ୍ୱଜିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଜନ୍ ଡକ୍ୟୁମେଣ୍ଟ ପାଇଁ ପ୍ରସ୍ତାବ ଗ୍ରହଣ ଅବଧି ଡିସେମ୍ବର ୫କୁ ବୃଦ୍ଧି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟ ପାଇଁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଠାରୁ ୱେବ୍ ପୋର୍ଟାଲ୍ ଓ ହ୍ୱାଟ୍‌ସ୍‌ଆପ୍, ଇ-ମେଲ ଆଦି ଜରିଆରେ ଗ୍ରହଣ କରାଯାଉଥିବା ମତାମତ ଓ ପ୍ରସ୍ତାବ ଗ୍ରହଣର ସମୟ ସୀମା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଆଗାମୀ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟସୀମା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଥିଲା । ସୋମବାର ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନିକସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ବିଷ୍ଣୁପଦ ସେଠୀଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ଡକ୍ୟୁମେଂଟ ସମସ୍ତଙ୍କ ମତାମତ ଏବଂ ପ୍ରସ୍ତାବକୁ ନେଇ ଅଧିକ ବଳିଷ୍ଠ ଓ ଋଦ୍ଧିମନ୍ତ ହେବ, ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । ନଭେମ୍ବର ୧୬ ସୁଦ୍ଧା ଜନସାଧାରଣଙ୍କ ଠାରୁ ମତାମତ ଏବଂ ପ୍ରସ୍ତାବ ପ୍ରାପ୍ତି ସଂଖ୍ୟା ୨ ହଜାର ଥିବା ବେଳେ ଆଜି ନଭେମ୍ବର ୧୮ ତାରିଖ ପୂର୍ବାହ୍ନ ସୁଦ୍ଧା ଏହାର ସଂଖ୍ୟା ୧୦ ହଜାର ଥିଲା ଏବଂ ସଂଧ୍ୟା ସୁଦ୍ଧା ଏହା ୧୫ ହଜାରରେ ପହଁଚିଛି କ୍ଷଏହାକୁ ଦୃଷ୍ଟିରେ ରଖି ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ରଖି ବିଭିନ୍ନ ବର୍ଗର ଜନସାଧାରଣଙ୍କ ଠାରୁ ଯେପରି ଅଧିକରୁ ଅଧିକ ପ୍ରସ୍ତାବ ଓ ମତାମତ ଆସିବ, ଏଥିପାଇଁ ବୈଠକରେ ଆଲୋଚନା ପୂର୍ବକ ପ୍ରସ୍ତାବ ତଥା ମତାମତ ଗ୍ରହଣ ସମୟ ସୀମାକୁ ବୃଦ୍ଧି କରାଯାଇଛି । ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ଜନସାଧାରଣ, ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ନାଗରିକ, ନାଗରିକ ସଂଗଠନ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତନେତୃବୃନ୍ଦ ଏବଂ ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି ଏବଂଏହିପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଛି ।

ଓଡ଼ିଶା
# ଭାସ୍କର
## ସମ୍ପାଦକୀୟ



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



### ଅସମ୍ଭାଳ ହେଲା ମଣିପୁର ସ୍ଥିତି

## ଟାର୍ଗେଟ୍‌ରେ ରାଜନେତା ଓ ମନ୍ତ୍ରୀ

ଆମ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ହିଂସା ଓ ଅରାଜକତା ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ରାଜ୍ୟର ସ୍ଥିତି ଏଭଳି ଅଶାୟର ହୋଇଛି ଯେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ଦିନ ମହାରାଷ୍ଟ୍ରରେ ତାଙ୍କର ନିର୍ବାଚନ ପ୍ରଚାର ବାତିଲ କରି ନୂଆଦିଲ୍ଲୀ ଫେରି ଆସିବାକୁ ବାଧ୍ୟ ହୋଇଛନ୍ତି। କୁକି ଓ ମେଇତେଇ ସଂପ୍ରଦାୟ ମଧ୍ୟରେ ବିବାଦକୁ ନେଇ ଗତ ଦେଢ଼ବର୍ଷ ହେଲା ରାଜ୍ୟରେ ବିସ୍ଫୋରକ ସ୍ଥିତି ଅବ୍ୟାହତ ରହିଛି। ମଝିରେ ମଝିରେ ସାମୟିକ ଭାବରେ ଶାନ୍ତ ବାତାବରଣ ଦେଖିବାକୁ ମିଳିଥିଲେ ହେଁ ପରବର୍ତ୍ତୀ ସମୟରେ ହିଂସା ଓ ଅଶାନ୍ତିର ନିଆଁ ପୁଣି ଜଳି ଉଠୁଥିବାର ଦେଖାଯାଉଛି। ମଣିପୁର ହିଂସାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ପ୍ରଶାସନ ଓ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଥିବାର ଲକ୍ଷ୍ୟ କରାଯାଉଛି। କେବଳ ସେତିକି ନୁହେଁ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା କେନ୍ଦ୍ରୀୟ ସୁରକ୍ଷା ବାହିନୀ ମଧ୍ୟ ଅସହାୟ ହୋଇ ଚାହିଁ ରହିବା ଭଳି ମନେ ହେଉଛି। ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ନିଷ୍କ୍ରିୟତା ଓ ଅପାରଗତା ଯୋଗୁ ମଣିପୁର ସ୍ଥିତି ବେଳକୁ ବେଳ ଖରାପ ହେଉଥିବାର ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଅଭିଯୋଗ କରିବା ସଙ୍ଗେ ସଙ୍ଗେ ତାଙ୍କର ଇସ୍ତଫା ଦାବି କରିଛନ୍ତି। ଏହାରି ଭିତରେ ରାଜ୍ୟର ବିଜେପି ସରକାର ଠାରୁ ଏହାର ସହଯୋଗୀ ଆଞ୍ଚଳିକ ଦଳ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ସମର୍ଥନ ପ୍ରତ୍ୟାହାର କରିନେବାକୁ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ପରିସ୍ଥିତିର ମୁକାବିଲା କରିବାରେ ବିଫଳ ହୋଇଥିବା ଦର୍ଶାଇ ଏନ୍‌ପିପି ସମର୍ଥନ ପ୍ରତ୍ୟାହାର କରୁଛି ବୋଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ପତ୍ର ଲେଖି ଜଣାଇ ଦେଇଛି। କୁକି ସଂପ୍ରଦାୟର ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ଜୀଅନ୍ତା ଜାଳି ଦିଆଯିବା ପରେ ମଣିପୁର ସ୍ଥିତି ଏବେ ଅସମ୍ଭାଳ ହୋଇ ଉଠିଛି। ଉତ୍ତ୍ୟକ୍ତ ଜନତା ଏଥର ଖୋଦ୍ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ରାଜନେତାଙ୍କୁ ଟାର୍ଗେଟ୍ କରି ସେମାନଙ୍କ ଘର ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଶନିବାର ଦିନ ବିକ୍ଷୁବ୍ଧ ଜନତା ମୁଖ୍ୟମନ୍ତ୍ରୀଙ୍କ ସମେତ ଦୁଇଜଣ ମନ୍ତ୍ରୀ ଓ ତିନି ବିଧାୟକଙ୍କ ଘର ଉପରେ ଆକ୍ରମଣ କରିବା ପରେ ରାଜ୍ୟର ସ୍ଥିତି ହଠାତ୍ ବିସ୍ଫୋରକ ରୂପ ନେଇଛି। ପରିସ୍ଥିତିକୁ ତୁରନ୍ତ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସଂଗଠନ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ୨୪ଘଣ୍ଟା ସମୟ ଦେଇଛନ୍ତି। ମଣିପୁରର ବିଭିନ୍ନ ଜିଲ୍ଲାରେ ଲାଗୁ ହୋଇଥିବା 'ଆଫ୍‌ସ୍ପା' ଆଇନକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ମଧ୍ୟ ଏହି ସଂଗଠନଗୁଡ଼ିକ ଦାବି କରିଛନ୍ତି। ଯଦି ୨୪ଘଣ୍ଟା ମଧ୍ୟରେ ଦାବି ପୂରଣ ନହୁଏ, ତେବେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଦୁଇ ସରକାର ଦାୟୀ ରହିବେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। କର୍ଫ୍ୟୁ ବଳବତ୍ତର ରହିଥିଲେ ମଧ୍ୟ ରବିବାର ଦିନ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଥିବାର ଖବର ମିଳିଛି। ଅନ୍ୟ ଜଣେ ବିଜେପି ବିଧାୟକଙ୍କ ଘରେ ଉତ୍ତ୍ୟକ୍ତ ଜନତା ଭଙ୍ଗାରୁଜା କରିଥିଲେ। ଶନିବାର ଅପହୃତ ହୋଇଥିବା ୬ଜଣ ମେଇତେଇ ସଂପ୍ରଦାୟ ଲୋକଙ୍କୁ କୁକି ଉଗ୍ରପନ୍ଥୀ ହତ୍ୟା କରିବା ପରେ ସଙ୍ଗୀନ ସ୍ଥିତି ଦେଖିବାକୁ ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମହାରାଷ୍ଟ୍ରରେ ନିର୍ବାଚନ ପ୍ରଚାର ବାତିଲ କରି ଫେରିବା ପରେ ଏବେ ଜାତୀୟ ରାଜଧାନୀରେ ମଣିପୁର ସ୍ଥିତି ଅନୁଧ୍ୟାନ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଘନ ଘନ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି ଏବଂ କେନ୍ଦ୍ର ସରକାର କିଛିନା କିଛି ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ତେବେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ଦୃଷ୍ଟିରୁ କେନ୍ଦ୍ରୀୟ କାର୍ଯ୍ୟାନୁଷ୍ଠାନ ଏ କ୍ଷେତ୍ରରେ କେତେଦୂର ସହାୟକ ହେବ, ତାହା କହିହେବ ନାହିଁ। ଆଗରୁ ଏଭଳି ତତ୍ପରତା ପ୍ରକାଶ ପାଇଥିଲେ ହୁଏତ ମଣିପୁର ସ୍ଥିତି ଏତେ ଜଟିଳ ହୋଇନଥାନ୍ତା। ରାଜ୍ୟରେ ଯେପରି ବିସ୍ଫୋରକ ପରିସ୍ଥିତି ଦେଖାଦେଲାଣି, ସେଥିରେ ଆଗାମୀ ଦିନରେ ରାଜନୈତିକ ସଙ୍କଟ ଓ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେବନାହିଁ।

# ଧାରା ୩୭୦ ପ୍ରସଙ୍ଗରେ ସ୍ୱପ୍ନ ଦେଖୁଛନ୍ତି ବିଚ୍ଛିନ୍ନତାବାଦୀ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ରାଜନୀତିରେ ସାଧାରଣତଃ ରାଜନେତା ଯାହାକିଛି କହିଥାନ୍ତି ତାକୁ କଦବା କ୍ୱଚିତ କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ଯାହା କହିନଥାନ୍ତି ତାକୁ କାମରେ କରି ଦେଖାଇଥାନ୍ତି। ଏହାକୁ ଉଚ୍ଚାରଣରେ ପାର୍ଥକ୍ୟ କୁହାଯାଏ। ଜାମ୍ମୁ-କାଶ୍ମୀର ର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଗଣମାଧ୍ୟମକୁ କହିଥିଲେ ଯେ ସେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମିଳିମିଶି କାମ କରିବେ। ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ସମୟରେ ଉମର ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ଥରେ ମାତ୍ର କହିନଥିଲେ ଯେ ଯଦି ସେ ମୁଖ୍ୟମନ୍ତ୍ରୀ ହେବେ ତେବେ ବିଧାନସଭାରେ ଧାରା ୩୭୦କୁ ପୁନର୍ବାର ଲାଗୁ କରାଯିବା ପାଇଁ ପ୍ରସ୍ତାବ ଆଣିବେ। କିନ୍ତୁ ନଭେମ୍ବର ୪ ତାରିଖରେ ଜାମ୍ମୁ-କାଶ୍ମୀରର ବିଧାନସଭା ଅଧିବେଶନ ଆରମ୍ଭ ହେବାର ୩ୟ ଦିନ ଅର୍ଥାତ୍ ୬ତାରିଖରେ ଧାରା ୩୭୦କୁ ପୁନଃ ଲାଗୁ କରାଯିବା ପାଇଁ ପ୍ରସ୍ତାବ ଆସିଥିଲା। ଜାମ୍ମୁ-କାଶ୍ମୀରର ନ୍ୟାସନାଲ କନଫରେନ୍ସ ଏବଂ ଉମର ଅବଦୁଲ୍ଲା ସରକାର ବିଧାନସଭାରେ ବହୁମତ ଥିବା କାରଣରୁ ନଭେମ୍ବର ୬ ତାରିଖରେ ଧାରା ୩୭୦ର ପୁନଃ ଲାଗୁ କରାଯିବା ଓ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯିବା ପ୍ରସ୍ତାବକୁ ଧ୍ୱନୀମତରେ ଗୃହୀତ କରାଇ ଦେଇଥିଲେ। ଏ ସବୁରୁ ସ୍ପଷ୍ଟ ଯେ ଜାମ୍ମୁ- କାଶ୍ମୀରରେ ବିଚ୍ଛିନ୍ନତାବାଦ ଏବଂ ତୁଷ୍ଟିକରଣ ରାଜନୀତି ପୁଣି ଆରମ୍ଭ ହୋଇଯାଇଛି। ବିଧାନସଭାରେ ଗୃହୀତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗରେ କେନ୍ଦ୍ର ସରକାର ରାଜ୍ୟ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରନ୍ତୁ। ବିଧାନସଭାରେ ଜାମ୍ମୁ-କାଶ୍ମୀରର ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ସିଂହ ଚୌଧୁରୀ ପ୍ରସ୍ତାବ ଆଗତ କରଥିଲେ। ସୁରିନ୍ଦର ସିଂହଙ୍କୁ ପ୍ରସ୍ତାବ ଆଗତ କରିବା ପାଇଁ ଚୟନ କରାଯିବାର ଉଦ୍ଦେଶ୍ୟ ସ୍ପଷ୍ଟ ଯେ ଭାରତୀୟ ଜନତା ପାର୍ଟି ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେଇପାରିବ ନାହିଁ। କିନ୍ତୁ ବିଜେପି ବିଧାୟକମାନେ ପ୍ରସ୍ତାବକୁ ବିରୋଧ କରିଥିଲେ। ବିଜେପିର ଏକ ନିଶାନ ଏକ ବିଧାନ ଏବଂ ରାଷ୍ଟ୍ରବାଦ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ପ୍ରସ୍ତାବକୁ ବିରୋଧ କରିବା ସହ ପୁନଃ ୩୭୦ ଧାରା ଲାଗୁ ଅସମ୍ଭବ ବୋଲି କହିଛି ବିଜେପି।

ଏ ପ୍ରସଙ୍ଗରେ ସର୍ବ ପ୍ରଥମେ ଜାଣିବାର କଥା ହେଉଛି ଯେ ଜାମ୍ମୁ-କାଶ୍ମୀରକୁ ଏବେ ଧାରା ୩୭୦ ଅନୁସାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିବା ଅସମ୍ଭବ। କାରଣ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହି ଧାରା ୩୭୦ର ସମାପ୍ତିକୁ ପୁର୍ଣ୍ଣତଃ ସାମ୍ବିଧାନିକ ଓ ବୈଧ ବୋଲି କହିଛନ୍ତି। ଏବେ ସୁପ୍ରିମକୋର୍ଟରେ ଏ ପ୍ରସଙ୍ଗରେ ଯଦି ପୁନଃ ବିଚାର ପାଇଁ ମାମଲା ଦାଏର କରାଯାଏ ତେବେ କୋର୍ଟ ତାଙ୍କ ରାୟର ସମୀକ୍ଷା କରିପାରନ୍ତି। ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ସଂସଦରେ ପୁର୍ଣ୍ଣ ବହୁମତରେ ଧାରା ୩୭୦ ଉଚ୍ଛେଦ ପ୍ରସ୍ତାବ ଗୃହୀତ ହୋଇଛି ଓ ପ୍ରସ୍ତାବ ଅନୁସାରେ ପୂର୍ବର ଜାମ୍ମୁ- କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ରାଜ୍ୟରେ ପରିଣତ କରାଯାଇଛି। ଅନ୍ୟପକ୍ଷରେ ଧାରା ୩୫ (ଏ)କୁ ରାଷ୍ଟ୍ରପତି ରଦ୍ଦ କରି ଦେଇଛନ୍ତି। ଧାରା ୩୫ (ଏ) ଅନୁସାରେ ମଧ୍ୟ ଜାମ୍ମୁ-କାଶ୍ମୀରର ଲୋକଙ୍କୁ ବିଶେଷାଧିକାର ମିଳିଥିଲା। ଏଥିରେ ସେମାନଙ୍କ ନାଗରିକତା ଓ ସମ୍ପତ୍ତିର ଅଧିକାର ସଂରକ୍ଷିତ ଥିଲା। କିନ୍ତୁ ଧାରା ୩୭୦କୁ ଲାଗୁ କରାଯିବା ବେଳେ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳ ବା ନେହେରୁ ସରକାରଙ୍କ ମନ୍ତ୍ରିମଣ୍ଡଳରେ ବିଜେପି (ପୂର୍ବର ଜନସଂଘ)ର ସଂସ୍ଥାପକ ଡ଼କ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଶିକ୍ଷ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ। ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ହୋଇଥିଲେ ମଧ୍ୟ ଜାମ୍ମୁ-କାଶ୍ମୀରର ଭାରତରେ ମିଶ୍ରଣ ୧୯୪୭ ମସିହା ଅକ୍ଟୋବର ୨୬ ତାରିଖରେ ହୋଇଥିଲା। ମହୀଶୂର ରାଜ୍ୟ ଓ ଅନ୍ୟ ବଡ଼ ବଡ଼ ରାଜ୍ୟ (ସେତେବେଳେ ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟ)ର ମିଶ୍ରଣ ପାଇଁ ଯେଉଁସବୁ ସର୍ତ୍ତ ଥିଲା ଜାମ୍ମୁ-କାଶ୍ମୀର ମିଶ୍ରଣ ପାଇଁ ମଧ୍ୟ ସେହି ସର୍ତ୍ତ ରହିଥିଲା। ମହୀଶୂର ରାଜ୍ୟ ଦେଶ ସ୍ୱାଧୀନ ହେବାର ଦିନକ ପୂର୍ବରୁ ଭାରତୀୟ ସଂଘରେ ମିଶି ଯାଇଥିଲା। କିନ୍ତୁ ଜାମ୍ମୁ-କାଶ୍ମୀରର ମହାରାଜା ହରସିଂହ ସ୍ୱତନ୍ତ୍ର ରାଜ୍ୟ ଭାବେ ରହିବାକୁ ଚାହୁଁଥିଲେ।

କିନ୍ତୁ ପାକିସ୍ଥାନ ଉଗ୍ରବାଦୀଙ୍କ ବେଶରେ ପାକିସ୍ଥାନୀ ସେନାକୁ କାଶ୍ମୀରରେ ୧୯୪୭ ମସିହା ସେପ୍ଟେମ୍ବର ମାସରେ ପ୍ରବେଶ କରାଇଥିଲା। ଅକ୍ଟୋବର ମାସ ପର୍ଯ୍ୟନ୍ତ ପାକ୍ ସମର୍ଥିତ ସେନା/ ଉଗ୍ରବାଦୀ କାଶ୍ମୀରରେ ଆକ୍ରମଣ ଜାରି ରଖିଥିଲା। ଯେତେବେଳେ ସେମାନେ ଅକ୍ଟୋବର ୨୪ ତାରିଖରେ ଶ୍ରୀନଗରରେ ପହଞ୍ଚିଲେ ସେତବେଳେ କାଶ୍ମୀରର ମହାରାଜା ହରିସିଂହ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରି ସଫଳ ନହେବା ପରେ ଭାରତ ସରକାରଙ୍କ ସହାୟତା ଲୋଡ଼ିଥିଲେ ଓ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। କିନ୍ତୁ ସେତେବେଳେ ପାକିସ୍ଥାନ ଓ ଭାରତ ଉଭୟ ଦେଶର ସେନା କମାଣ୍ଡର ଇଂରେଜ ଥିଲେ ଓ ଭାରତର ଗଭର୍ଣ୍ଣର ଜେନେରାଲ ମଧ୍ୟ ଲର୍ଡ ମାଉଣ୍ଟ ବାଟେନ ଥିଲେ। ସେତେବେଳେ ଲର୍ଡ ମାଉଣ୍ଟ ବାଟେନ ଏକପ୍ରକାର ଭାରତ ଶାସନାଧକ୍ଷ ଥିଲେ। ଏଣୁ ପଣ୍ଡିତ ନେହେରୁ ମାଉଣ୍ଟ ବାଟେନଙ୍କ ପରାମର୍ଶ ନେଇଥିଲେ ଏପରିକି ମହାତ୍ମା ଗାନ୍ଧୀଙ୍କ ସହ ପରାମର୍ଶ କରିଥିଲେ। ଗାନ୍ଧୀ କାଶ୍ମୀରର ସୁରକ୍ଷା ପାଇଁ ସେନା ପଠାଇବାକୁ ପରାମର୍ଶ ଦେଇଥିଲେ। ସେତେବେଳେ ହରିସିଂହ ତାଙ୍କ ରାଜ୍ୟ (ଜାମ୍ମୁ- କାଶ୍ମୀର)କୁ ଭାରତରେ ମିଶାଇବା ପାଇଁ ରାଜି ହୋଇଥିଲେ। ମହାରାଜା ହରିସିଂହ କିନ୍ତୁ ମିଶ୍ରଣ ପାଇଁ କେତେକ ସର୍ତ୍ତ ରଖିଥିଲେ। ସେତେବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲାଙ୍କ ଜେଜେବାପା ଶେଖ ଅବଦୁଲ୍ଲା ରାଜତନ୍ତ୍ର (ହରିସିଂହ)କୁ ବିରୋଧ କରି ଆନ୍ଦୋଳନ ଚଳାଇ ଥିଲେ। ଶେଖ ଅବଦୁଲ୍ଲା ମଧ୍ୟ କାଶ୍ମୀରକୁ ପାକିସ୍ଥାନରେ ମିଶାଇବା କଥା ଚାହୁଁନଥିଲେ ବୋଲି ଅନେକ ଐତିହାସିକଙ୍କ ମତ। ଧର୍ମ ଆଧାରରେ ଭାରତର ବିଭାଜନକୁ ମଧ୍ୟ ସେ ବିରୋଧ କରୁଥିଲେ। ଭାରତୀୟ ସେନା କାଶ୍ମୀରରୁ ପାକିସ୍ଥାନୀମାନଙ୍କୁ ହଟାଇବାରେ ସକ୍ଷମ ହୋଇଥିଲେ ଓ ଭାରତରେ କାଶ୍ମୀରର ବିଲୟ ଘଟିଥିଲା।

୧୯୫୩ ମସିହାରେ କିନ୍ତୁ ଜାମ୍ମୁ-କାଶ୍ମୀର ରାଜନୀତିରେ ପରିବର୍ତ୍ତନ ଘଟିଥିଲା। କାଶ୍ମୀରର ମିଶ୍ରଣ ପରେ ଶେଖ ଅବଦୁଲାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରାଯାଇଥିଲା। କିନ୍ତୁ କରାଚି ଷଡ଼ଯନ୍ତ୍ର (ପାକିସ୍ଥାନ ସହ ମିଶି ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା) ଅଭିଯୋଗରେ ନେହେରୁ ସରକାର ଶେଖ ଅବଦୁଲାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇ ନଜରବନ୍ଦୀ ଭାବେ ରଖିଥିଲେ। ବିଜେପିର ଭୀଷ୍ମ ପିତାମହ କୁହାଯାଉଥିବା ଲାଲକୃଷ୍ଣ ଆଡ଼ଭାନୀ ଏ ପ୍ରସଙ୍ଗରେ କହିଥିଲେ ଯେ ପଣ୍ଡିତ ନେହେରୁ କାଶ୍ମୀରର ମିଶ୍ରଣ ବେଳେ ଲୋକଙ୍କ ମତାମତ ବା ସ୍ୱୀକୃତି କଥା ଚାହୁଁଥିଲେ। ଧାରା ୩୭୦ ସମ୍ପର୍କରେ ଆଡ଼ଭାନୀଙ୍କ ମତ ଥିଲା ଯେ ମହାରାଜା ହରିସିଂହଙ୍କ ପରାମର୍ଶ/ସର୍ତ୍ତ କାରଣରୁ ଏହାକୁ ସମ୍ବିଧାନରେ ଏକ ଅସ୍ଥାୟୀ ପ୍ରାବଧାନ ଭାବେ ଯୋଡା ଯାଇଥିଲା। ଜାମ୍ମୁ-କାଶ୍ମୀରରେ ଅକ୍ଟୋବର ୧୯୪୯ରେ ଧାରା ୩୭୦ ଲାଗୁ କରାଯାଇଥିଲା। ଏହା ଫଳରେ ଜାମ୍ମୁ- କାଶ୍ମୀରର ରାଜ୍ୟ ସରକାରଙ୍କୁ ଆଭ୍ୟନ୍ତରୀଣ ପ୍ରଶାସନ ପାଇଁ ସ୍ୱାୟତତ୍ତା ମିଳିଥିଲା। ଧାରା ୩୭୦ ଅନୁସାରେ ସଂସଦ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଏବଂ ସଂଚାର ବିଷୟରେ ଜାମ୍ମୁ- କାଶ୍ମୀର ପାଇଁ ଆଇନ ପ୍ରଣୟନ କରିପାରୁଥିଲା କିନ୍ତୁ ଅନ୍ୟ ବିଷୟ ପାଇଁ କେନ୍ଦ୍ର ସରକାରଙ୍କୁ ଜାମ୍ମୁ- କାଶ୍ମୀର ସରକାରଙ୍କ ଅନୁମୋଦନର ଆବଶ୍ୟକତା ପଡୁଥିଲା। ସମ୍ବିଧାନର ଧାରା ୩୫୬ ମଧ୍ୟ ଏହି ରାଜ୍ୟରେ ଲାଗୁ ହେଉନଥିଲା। ୧୯୭୬ର ଜମିଜମା ଆଇନ ମଧ୍ୟ ଲାଗୁହେଉ ନଥିଲା। ଏହି ଧାରା ଅନୁସାରେ ଜାମ୍ମୁ-କାଶ୍ମୀରରେ ଅନ୍ୟ ରାଜ୍ୟର ଲୋକେ ଜମି କ୍ରୟ କରିପାରୁ ନଥିଲେ। ଧାରା ୩୬୦ ଅନୁସାରେ ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ମଧ୍ୟ ଲାଗୁ କରାଯାଇ ପାରୁ ନଥିଲା। ଅନେକ ସୁବିଧା ସୁଯୋଗ ମଧ୍ୟ ଜାମ୍ମୁ-କାଶ୍ମୀରକୁ ଦିଆଯାଉଥିଲା। କିନ୍ତୁ ଧାରା ୩୭୦ ହଟିବା ପରେ ଏସବୁ ବିଶେଷାଧିକାର ଏବେ ସମାପ୍ତ ହୋଇଯାଇଛି ଯେଉଁଥିପାଇଁ କାଶ୍ମୀରର ନେତାମାନେ ବିଚଳିତ ହୋଇ ପଡୁଛନ୍ତି।

ପ୍ରଶ୍ନ ଉଠୁଛି ଯେ ୩୭୦ ଧାରା ଭଳି ଅସ୍ଥାୟୀ ପ୍ରବଧାନକୁ ହଟାଇ ଦେଇ ସରକାର କ'ଣ ଭୁଲ କରିଛନ୍ତି ଯେଉଁଥିପାଇଁ ଜାମ୍ମୁ- କାଶ୍ମୀର ବିଧାନସଭାରେ ହଟ୍ଟଗୋଳ ହେବା ସହ ଏହାକୁ ପୁନଃ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହାକୁ କେବଳ ରାଜନୈତିକ ଅଖଡାବାଜି ବୋଲି କୁହାଯାଇପାରେ। କାରଣ ଏହି ପ୍ରସ୍ତାବ ଆଗତ କରିଥିବା ଉପ-ମୁଖ୍ୟମନ୍ତ୍ରୀ ଓ ପ୍ରସ୍ତାବର ସମର୍ଥକମାନେ ଜାଣିଛନ୍ତି ଯେ ଧାରା ୩୭୦ ଜାମ୍ମୁ- କାଶ୍ମୀରରେ ଲଗାଯିବା କଥା କହିବା ନିରର୍ଥକ ଏବଂ ଏହା ଏକ ସ୍ୱପ୍ନ ମଧ୍ୟ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ୨୦୨୩ରେ ଇଂରାଜୀ ସମ୍ବାଦପତ୍ର ଇଣ୍ଡିଆନ ଏକ୍ସପ୍ରେସର ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ 'ଆମେ ଏବେ ଧାରା ୩୭୦କୁ ଭୁଲିଯିବା ଆବଶ୍ୟକ' ? ଉମର ଅବଦୁଲ୍ଲା ଜାମ୍ମୁ-କାଶ୍ମୀରକୁ ପୁର୍ଣ୍ଣ ରାଜ୍ୟର ମାନ୍ୟତା କଥା କହିଥିଲେ ଯାହା ଏବେ ମୋଦୀ ସରକାର ମଧ୍ୟ କହୁଛନ୍ତି। ସୁପ୍ରିମ କୋର୍ଟଙ୍କ ୫ ଜଣିଆ ପୀଠ ୩୭୦ ଧାରା ଉଚ୍ଛେଦକୁ ସାମ୍ବିଧାନିକ ବୋଲି କହିଥିବା ବେଳେ ଏବେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି ତାହା ସୁପ୍ରିମକୋର୍ଟଙ୍କ ଅବମାନନା ନୁହେଁ କି ? ଏଣୁ ଏବେ ଧାରା ୩୭୦ କଥା କହିବାର ଉଦ୍ଦେଶ୍ୟ ହେଉଛି ବିଚ୍ଛିନ୍ନତାବାଦ। ସାରା ଭାରତର ଜନତା ଧାରା ୩୭୦କୁ ବିରୋଧ କରୁଥିଲେ। ଏବେ ଏହାକୁ ପୁନଃ ଲାଗୁ କରାଯିବା ଦେଶ ପାଇଁ ହିତକର ନୁହେଁ। ଏବେ ଭାରତ ପାକ୍ ଅଧିକୃତ କାଶ୍ମୀରକୁ ଭାରତର ଅଂଶ ବୋଲି କହୁଥିବା ବେଳେ କାଶ୍ମୀର ନେତାମାନଙ୍କ ଭାରତ ବିରୋଧୀ କାର୍ଯ୍ୟକୁ ନେଇ ଦେଶରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। କିଛି ବିଚ୍ଛିନ୍ନତାବାଦୀଙ୍କୁ ଏକଥା ଭଲ ଲାଗୁଥାଇପାରେ କିନ୍ତୁ ଜାମ୍ମୁ-କାଶ୍ମୀରକୁ ଆଉ ଧାରା ୩୭୦ ଫେରିବାର ନାହିଁ। ଏହା ଏକ ସ୍ୱପ୍ନ ହୋଇପାରେ କିନ୍ତୁ ସତ୍ୟ ଠାରୁ ବହୁ ଦୂରରେ।

# 'ସକାରାତ୍ମକ ଆଦର୍ଶ ପୁରୁଷ'



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ସାଧାରଣ ଜୀବନରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ବର୍ତ୍ତମାନର ସମାଜରେ ବା କେହି କେହି ପୁରୁଷ ପ୍ରାଧାନ୍ୟ ସମାଜ କହୁଥିଲେ ମଧ୍ୟ ପୁରୁଷ ଦିବସ ପାଳନର ତାତ୍ପର୍ଯ୍ୟତା କ'ଣ ? ଏମିତିରେ କହିବାକୁ ଗଲେ ବର୍ଷକ ବାର ମାସ ଯାକ ପୁରୁଷ ଦିବସ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଅସଲ କଥା ହେଉଛି ନିଜ ଜୀବନରେ ଆଦର୍ଶ, ଜୀବନର ଅସଲ ତତ୍ତ୍ୱକୁ ବୁଝିଥିବା ପୁରୁଷମାନଙ୍କ ସ୍ତୁତି ଚାରଣ କରିବା ଏବଂ ବର୍ତ୍ତମାନର ସମୟରେ ଯେଉଁ ନାନାବିଧ ସମସ୍ୟାକୁ ପୁରୁଷମାନେ ସାମ୍ନା କରୁଛନ୍ତି ତାହା ପ୍ରତି ଦୁନିଆର ଧ୍ୟାନ ଆକର୍ଷଣ କରିବା। ବର୍ତ୍ତମାନ ସମୟରେ ଘର ହେଉ ବା କାର୍ଯ୍ୟକ୍ଷେତ୍ର ନାନା ଚାପ, ଅବସାଦ ଓ ଆହ୍ୱାନ ଭିତରେ ପୁରୁଷମାନେ ଉକ୍ତ ସମସ୍ୟାକୁ ସାମ୍ନା କରୁଛନ୍ତି ସେଥିଭିତରୁ ଅନେକ ଜୀବନକୁ ହା ହୁତାଶ ଭାବି ଆତ୍ମହତ୍ୟା ମଧ୍ୟ କରିଦେଉଛନ୍ତି। ଏହିପରି ଘଟଣାକୁ ସବୁ ଦେଖିଲେ ପୁରୁଷ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝିବା ଅତ୍ୟନ୍ତ ଜରୁରି। ଏବେ ବି ଅନେକ ପୁରୁଷ ନିର୍ଯାତିତ ହେଉଛନ୍ତି। ଅନେକଙ୍କ ବେଦନା, ଅକୁହାକଥା ଲୁହର ବ୍ୟଥା ହୋଇ ବୁନ୍ଦା ବୁନ୍ଦା ଗଡ଼ି ଯାଉଥିଲେ ବି ତାହା କେତେକଙ୍କ ପାଇଁ ମୂଲ୍ୟ ରଖିଥାଏ ? ସମାଜ ଓ ସଂସାର ଗଠନରେ ଜଣେ ନାରୀ ପରି ପୁରୁଷର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱଯୁକ୍ତ ଭାଗୀଦାରିତା ରହିଛି। ପୁରୁଷଙ୍କ ବିକାଶ ଓ ଚେତନାକୁ ବୁଝିବା ପରି ଏବେ ବି ଅନେକ ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି।

ଆନ୍ତର୍ଜାତିକ ପୁରୁଷ ଦିବସର ଉଦ୍ଦେଶ୍ୟ ହେଉଛି ବାଳକମାନଙ୍କୁ ପୁରୁଷ ହୋଇ ଜନ୍ମିଥିବାର ମହତ୍ତ୍ୱ, ଚରିତ୍ର ଓ ଦାୟିତ୍ୱ ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଲୋକଙ୍କୁ ଉତ୍ସାହ ଦେବା। ତା'ଛଡ଼ା ପୁରୁଷମାନଙ୍କର ସମାଜ ପ୍ରତି ସକାରାତ୍ମକ ଅବଦାନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିବା। ଆନ୍ତର୍ଜାତିକ ପୁରୁଷ ଦିବସ ପାଳନ ଅବସରରେ କ୍ରୀଡ଼ା ପ୍ରତିଯୋଗିତା, ସ୍ୱାସ୍ଥ୍ୟମେଳା, ପ୍ରାର୍ଥନାସଭା, ପୁରୁଷମାନଙ୍କ ସମସ୍ୟା ଉପରେ ଦଳଗତ ଆଲୋଚନା, ସଙ୍ଗୀତ କାର୍ଯ୍ୟକ୍ରମ, ଅନୁଦାନ ସଂଗ୍ରହ ଏବଂ ଆଦର୍ଶ ପୁରୁଷମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ, ସ୍ୱାଚ୍ଛନ୍ଦ୍ୟ ଓ ସତ୍ୟନିଷ୍ଠା ପ୍ରତିପାଦନ କରୁଥିବା ଆଦର୍ଶ ପୁରୁଷ ବା ରୋଲମଡ଼େଲ ମାନଙ୍କୁ ଉଦ୍‌ବୋଧନ ଦେବା ଲାଗି ଆମନ୍ତ୍ରଣ କରନ୍ତୁ। ପରିବାର ଓ ସମ୍ପ୍ରଦାୟ ଦାୟିତ୍ୱ ବହନ କରିବା ଲାଗି ପୁରୁଷମାନଙ୍କୁ ଉତ୍ସାହ ଦିଅନ୍ତୁ। ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥିବା ଆଦର୍ଶ ପୁରୁଷଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତୁ। ବାଳକମାନଙ୍କ ପାଇଁ ସକାରାତ୍ମକ ଆଦର୍ଶ ପୁରୁଷ ସନ୍ଧାନ କରନ୍ତୁ।

ପୁରୁଷ ଦିବସ ପାଳନର ଇତିହାସ ବେଶି ଦିନର ନୁହେଁ। ୧୯୬୦ ବେଳକୁ ଏପରି ଦିବସ ପାଳନ କରାଯିବା ପାଇଁ ଯୋଜନା ହୋଇଥିଲା। ୧୯୯୧ ମସିହାରେ ବିଧିବଦ୍ଧ ଭାବେ ତ୍ରିନିଦାଦର ଟୋବାଗୋସ୍ଥିତ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଜେରୋମ ତିଲୁକସିଂ ଏହି ଦିବସର ପାଳନର ତାତ୍ପର୍ଯ୍ୟ ଉପରେ ବ୍ୟାପକ ପର୍ଯ୍ୟାଲୋଚନ କଲେ। ତାଙ୍କ ଆଲୋଚନାର ନିର୍ଯାସ ଥିଲା ସାରା ବିଶ୍ୱର ପୁରୁଷଙ୍କ ବହୁବିଧ ପ୍ରସଙ୍ଗ ଉପରେ ଥିବା ସମସ୍ୟାକୁ ଲୋକଲୋଚନକୁ ଆଣିବା ଏବଂ ସମାଧାନର ସୂତ୍ର ବାହାର କରିବା। ୧୯୯୨ରୁ ସେ ତାଙ୍କ ପିତାଙ୍କ ଜନ୍ମ ଦିନରେ ପୁରୁଷ ଦିବସ ପାଳନର ଶୁଭାରମ୍ଭ କଲେ। ଏହା ବ୍ୟାପକ ରୂପ ନେଇ ବର୍ତ୍ତମାନ ସୁଦ୍ଧା ବିଶ୍ୱର ୯୦ ଊର୍ଦ୍ଧ୍ୱ ଦେଶରେ ଆନ୍ତର୍ଜାତିକ ପୁରୁଷ ଦିବସ ପାଳିତ ହେଉଛି। ସେଥିମଧ୍ୟରେ ତ୍ରିନିଦାଦ, ଜାମାଇକା, ଅଷ୍ଟ୍ରେଲିଆ, ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ରୋମାନିଆ, ସିଙ୍ଗାପୁର, ୟୁନାଇଟେଡ କିଙ୍ଗଡମ୍, କାନାଡ଼ା, ଫ୍ରାନ୍ସ, ଇଟାଲି ଆଦି ଉଲ୍ଲେଖନୀୟ। ଭାରତରେ ୧୯୯୯ରୁ ଏହି ଦିବସ ପାଳନ କରାଯାଉଛି।

ଚଳିତ ବର୍ଷ ପୁରୁଷ ଦିବସ ପାଳନର ବିଷୟବସ୍ତୁ ରହିଛି 'ସକାରାତ୍ମକ ଆଦର୍ଶ ପୁରୁଷ'। ୨୦୨୩ ମସିହାର ବିଷୟବସ୍ତୁ ଥିଲା 'ଶୂନ୍ୟ ପୁରୁଷ ଆତ୍ମହତ୍ୟା'। ୨୦୨୨ ମସିହାର ବିଷୟବସ୍ତୁ ଥିଲା 'ମହିଳା ଓ ପୁରୁଷ ମଧ୍ୟରେ ଉତ୍ତମ ସମ୍ପର୍କ'। ଆଶା ଓ ବିଶ୍ୱାସ ଆଗକୁ ପୁରୁଷ ଯେଉଁ ଅସମାନତାର ଶିକାର ହେଉଛି ଏବଂ ମାନବିକ ଅଧିକାରରୁ ବଞ୍ଚିତ ହେଉଛି, ତାହା ଅଧିକ ସୁରକ୍ଷିତ ରହିବ ଏବଂ ବୃହତ୍ତର ସମାଜ ଗଠନରେ ପୁରୁଷର ମହତ ଭୂମିକା ରହିବ। ପୁରୁଷଙ୍କୁ ମଧ୍ୟ ସମାଜରେ ଉଚିତ ନ୍ୟାୟ ମିଳିବ। ଖାଲି ଆନ୍ତର୍ଜାତିକ ପୁରୁଷ ଦିବସଟିକୁ କିଛି ରୁଟିନ ବନ୍ଧା କାର୍ଯ୍ୟକ୍ରମ ଭିତରେ ରଖିଦେଲେ ଚଳିବ ନାହିଁ। ଆମ ମାନସିକ ସ୍ୱାସ୍ଥ୍ୟ ବିଜ୍ଞାନରେ ମୁଁ ନିତିଦିନ ଲକ୍ଷ୍ୟ ରଖିଛି ଅନେକ ମାନସିକ ବିଚଳିତ ଏପରିକି ଯୁବବର୍ଗ ମଧ୍ୟ ମାନସିକ ଜାତନାର ଅକୁହା କଥାକୁ ଚାପି ରଖି ପରବର୍ତ୍ତୀ ସମୟରେ ଜଣେ ଜଣେ ମାନସିକ ଯନ୍ତ୍ରଣାସିକ୍ତ ପାଲଟିଛନ୍ତି। ତେଣୁ ଆସନ୍ତୁ ଏହିପରି ଏକ ସ୍ମରଣୀୟ ଦିନରେ ଆଦର୍ଶ ପୁରୁଷମାନଙ୍କ ଚେତନାକୁ ସ୍ମରଣ କରି କେବଳ କୃତଜ୍ଞତା ଜ୍ଞାପନ କରିବା ନାହିଁ ବରଂ ସେମାନଙ୍କ ଜୀବନଚର୍ଯ୍ୟା ଓ ଶିକ୍ଷା ଚେତନାକୁ ନିତିଦିନିଆ ଜୀବନରେ କାର୍ଯ୍ୟରେ ପରିଣତ କରିବା।

# କ୍ରୋଧ ମନୁଷ୍ୟର ପରମ ଶତ୍ରୁ



ନାରାୟଣ ଚନ୍ଦ୍ର ବିଶ୍ୱାଳ
'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ
ମୋ : ୯୪୩୮୨୭୬୭୬୦

କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ହେଉଛି, ମନୁଷ୍ୟର ଷଡ଼ରିପୁ। ଯେଉଁଗୁଡ଼ିକ ପଦେ ପଦେ ମନୁଷ୍ୟକୁ ବିପଥଗାମୀ କରାଇ ଅଧଃପତନ ଆଡ଼କୁ ଟାଣି ନେଇ ଥାନ୍ତି। ଏମାନେ ଗୋଟିଏ ଗୋଟିଏ ଅତି ବିପଜ୍ଜନକ ଅନ୍ତଃଦସ୍ୟୁ। ଏହି ଷଡ଼ରିପୁ ମଧ୍ୟରୁ ପ୍ରଥମ ତିନୋଟିକୁ ଜୟ କରିପାରିଲେ ଅନ୍ୟ ତିନୋଟି ସହଜରେ ବଶ ହୋଇଥାନ୍ତି। କ୍ରୋଧ ହେଉଛି ମନୁଷ୍ୟର ଦ୍ୱିତୀୟ ଶତ୍ରୁ। ଆଧ୍ୟାତ୍ମିକ ଶାସ୍ତ୍ରରେ ଉଲ୍ଲେଖ ରହିଛି – 'କ୍ରୋଧ ହିତ୍ୱା ନ ଶୋଚତି'। କ୍ରୋଧୀ ଲୋକ କେବେ ଆନନ୍ଦ ପାଇନଥାଏ ଏବଂ ସର୍ବଦା ଦୁଃଖ ଦୁର୍ଦ୍ଦଶା ଭୋଗ କରେ। ପ୍ରକୃତରେ କାମନାପୂର୍ଣ୍ଣ ଜୀବନରୁ ହିଁ କ୍ରୋଧ ଜନ୍ମନିଏ। ଆମେ ଜାଣିଥାଉ ଯେ କସ୍ମିନ କାଳେ ମନୁଷ୍ୟ ତା'ର ସମସ୍ତ କାମନା ପୂରଣ କରିପାରିବ ନାହିଁ। କାରଣ ଗୋଟିଏ କାମନା ଚରିତାର୍ଥ ହେବାକ୍ଷଣି ପୁନଶ୍ଚ ଅନେକଗୁଡ଼ିଏ କାମନା ଆସି ପହଞ୍ଚିଯାଏ। ଫଳତଃ ସମସ୍ତ କାମନା ଗୁଡ଼ିକୁ ପୂରଣ କରିବା ସମ୍ଭବପର ହୁଏନାହିଁ। ତେଣୁ କାମନାଗୁଡ଼ିକ ପ୍ରତିହତ ହେବା ଫଳରେ କ୍ରୋଧ ଜାତ ହୋଇଥାଏ। ଅର୍ଥାତ୍ କାମନା ଅପ୍ରାପ୍ତିରୁ ହିଁ କ୍ରୋଧର ଉତ୍ପତ୍ତି। କ୍ରୋଧଜାତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ଠାରେ ହିଂସା ପ୍ରବୃତ୍ତି ଜାଗି ଉଠେ। ସେ କ୍ରୋଧାନ୍ଧ ହୋଇ ସର୍ବଦା ପ୍ରତିଶୋଧ ନେବାକୁ ସଂକଳ୍ପ କରେ ଏବଂ ନାନାବିଧ ହିଂସା, ଦ୍ୱେଷ, ଦଙ୍ଗା, ହଙ୍ଗାମା, ନରହତ୍ୟା ଆଦି କୁକର୍ମ କରିବାକୁ ପଛେଇ ନଥାଏ। ତେଣୁ କ୍ରୋଧକୁ ଜୟ କରିପାରିଲେ ହିଂସା ଭାବ ଉଦ୍ରେକ ହୁଏନାହିଁ।

କ୍ରୋଧ ମନୁଷ୍ୟର ପରମ ଶତ୍ରୁ। ଥରେ କ୍ରୋଧ ଜାତ ହେଲେ ମନ ଉପରେ ସଂଯଜ ଓ ଆୟତ୍ତ ରହେ ନାହିଁ। ମନୁଷ୍ୟର ବୁଦ୍ଧି ହଜିଯାଏ ଏବଂ ତା'ଠାରେ ହିତାହିତ ଜ୍ଞାନ ରହେନାହିଁ। କ୍ରୋଧୀର ଶରୀରରେ ଅକଥନୀୟ ଓ ଅଭୂତପୂର୍ବ କ୍ଷତି ଘଟେ। ଦେଖାଯାଇଛି ଯେ ମନୁଷ୍ୟ ଥରେ ରାଗିଲେ ତା'ର ୭୨ଟି ମାଂସପେଶୀ ଉତ୍ତେଜିତ ହୁଅନ୍ତି ଏବଂ ଶରୀର ଥରିବାକୁ ଆରମ୍ଭ କରେ। ଶରୀରର ସମସ୍ତ ରକ୍ତ ତାତି ଯାଏ ଏବଂ ପୁଣି ଶୀତଳ ହୋଇ ସ୍ୱାଭାବିକ ବା ସ୍ୱଭାବିକ ସ୍ତରକୁ ଆସିବା ପାଇଁ ତିନିମାସ ଲାଗେ। ଜଣାଯାଇଛି ଯେ ଗୋଟିଏ ମୁହୂର୍ତ୍ତର କ୍ରୋଧ ଛଅ ମାସ ଖାଦ୍ୟରୁ ମନୁଷ୍ୟ ଆହରଣ କରିଥିବା ଶକ୍ତିକୁ ନଷ୍ଟ କରିଦିଏ। ଏହିପରି ଭାବରେ ମନୁଷ୍ୟର କ୍ରୋଧ ବଢ଼ିବା ସଙ୍ଗେ ସଙ୍ଗେ ଶରୀରର ଦୁର୍ବଳତା ମଧ୍ୟ ବୃଦ୍ଧି ପାଇଥାଏ ଏବଂ ଆୟୁକ୍ଷୟ ହୋଇଥାଏ। ତେଣୁ ରାଗି ଲୋକ ତା'ର ସ୍ୱାସ୍ଥ୍ୟ ହରାଏ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଭଗବାନ ଶ୍ରୀକୃଷ୍ଣ ଜରାସନ୍ଧକୁ ବାରମ୍ବାର କ୍ରୋଧାନ୍ୱିତ କରାଇ ଦୁର୍ବଳ କଲା ପରେ ହିଁ ଶେଷରେ ତାକୁ ବଧ କରିଥିଲେ। ଅତି କ୍ରୋଧ ଉତ୍ତେଜନାରେ ଅନେକ ମନୁଷ୍ୟଙ୍କର ରକ୍ତଚାପ ବୃଦ୍ଧି ପାଏ, ଫଳରେ ମୃତ୍ୟୁମୁଖରେ ପଡ଼ନ୍ତି। କ୍ରୋଧର ବଶବର୍ତ୍ତୀ ହୋଇ ରାବଣ ଓ ହରିଣ୍ୟକଶିପ ଭଗବାନଙ୍କୁ ମଧ୍ୟ ଅବଜ୍ଞା କରିଥିଲେ। ଫଳତଃ ମୃତ୍ୟୁକୁ ବରଣ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ। ମନୁଷ୍ୟ ବ୍ୟତୀତ କେତେକ ମୁନିଋଷି ମଧ୍ୟ କୋପାନଳରୁ ମୁକ୍ତ ନଥିଲେ, ଯଥା – ତ୍ରିକାଳଜ୍ଞ ଋଷି ଦୁର୍ବାସା, ରାଜର୍ଷି ବିଶ୍ୱାମିତ୍ର, ଯମଦଗ୍ନି ପ୍ରଭୃତି। ବେଳେବେଳେ ଋଷିମାନଙ୍କ କ୍ରୋଧ ମଧ୍ୟ ବରଦାନରେ ପରିଣତ ହୋଇଛି। ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇ ପାରେ ଯେ ଅଶ୍ୱତ୍ଥମା ସୂର୍ଯ୍ୟାସ୍ତ ପୂର୍ବରୁ ପାଣ୍ଡବମାନଙ୍କୁ ହତ୍ୟା କରିବ ବୋଲି ବରପ୍ରାପ୍ତ ହୋଇଥିଲା। ତେଣୁ ସେ ପାଣ୍ଡବମାନଙ୍କ ଅନ୍ୱେଷଣରେ ଯାଇ ଦୁର୍ବାସା ଋଷିଙ୍କ ଆଶ୍ରମରେ ପହଞ୍ଚି ପାଣ୍ଡବମାନେ କେଉଁଠାରେ ଅଛନ୍ତି ବୋଲି ଋଷିଙ୍କୁ ପଚାରନ୍ତେ ସେ ହଠାତ୍ ରାଗି ଯାଇ 'ମୋ ପାଦ ତଳେ ଅଛନ୍ତି' ବୋଲି ସତକଥା କହିଲେ; ମାତ୍ର ଅଶ୍ୱତ୍ଥମା ଋଷିଙ୍କ କ୍ରୋଧପୂର୍ଣ୍ଣ ବାକ୍ୟର ଫଳାଫଳ ଅଭିଶାପରେ ପରିଣତ ହେବା ଆଶଙ୍କାରେ ତାଙ୍କୁ ଆଉ ଅଧିକ ନପଚାରି ସେ ସ୍ଥାନ ପରିତ୍ୟାଗ କଲେ। ଫଳତଃ ପାଣ୍ଡବମାନେ ସେ ଦିନ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଲେ। ତେଣୁ କ୍ରୋଧ ମଧ୍ୟ ସମୟାନୁସାରେ ଜୀବନ ରକ୍ଷାକରେ। ଅବଶ୍ୟ ଏ ଲୀଳା ଥିଲା ସଂପୂର୍ଣ୍ଣ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କର। ରାଜର୍ଷି ବିଶ୍ୱାମିତ୍ର ମଧ୍ୟ ମହର୍ଷି ବଶିଷ୍ଠଙ୍କ ଆଶ୍ରମର କାମଧେନୁ ନନ୍ଦିନୀକୁ ତାଙ୍କ ସୈନ୍ୟମାନଙ୍କ ସାହାଯ୍ୟରେ ବଳପୂର୍ବକ ନେଇଯିବା ପାଇଁ ମନସ୍ଥ କଲେ; ମାତ୍ର ନନ୍ଦିନୀ ଗାଈର ଦିବ୍ୟଶକ୍ତି ଆଗରେ ହାର ମାନିଲେ। ଶେଷରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପୁନଶ୍ଚ ଯୁଦ୍ଧକରି ପ୍ରତିଶୋଧ ନେବା ସଂକଳ୍ପ ନେଇ ଆଶ୍ରମରୁ ଫେରି ଯାଇଥିଲେ।

କ୍ରୋଧ ସମୟରେ ମନୁଷ୍ୟ ଶରୀରର ସର୍ବାଙ୍ଗରେ ଅନେକ ପରିବର୍ତ୍ତନ ଘଟିଥାଏ। ତା'ର ଚକ୍ଷୁଦ୍ୱୟ ଲାଲ ହେବା ସଙ୍ଗେ ସଙ୍ଗେ ମୁହଁ ଅସୁନ୍ଦର ଓ ବିକୃତ ଦିଶେ। ତେଣୁ କ୍ରୋଧକୁ ଜୟ କରିବା ସକାଶେ କେତେକ ଉପାୟ ନିର୍ଦ୍ଧାରିତ ହୋଇଛି। କ୍ରୋଧଜାତ ହେବାକ୍ଷଣି ଯେତେ ଶୀଘ୍ର ପାର ସେ ସ୍ଥାନ ଛାଡ଼ି ଚାଲିଯିବ। କ୍ରୋଧ ସମୟରେ ମୌନାବଲମ୍ବନ କରିବା ଶ୍ରେୟସ୍କର ଏବଂ କ୍ରୋଧର କାରଣ ଠାରୁ ଦୂରରେ ରହିବ। କ୍ରୋଧ ନିୟନ୍ତ୍ରଣ ପାଇଁ ପ୍ରଥମେ ଥଣ୍ଡା ଜଳରେ ମୁହଁ ଧୋଇ ଏକ ଗିଲାସ ଥଣ୍ଡାଜଳ ପାନ କରିବ। ମନୁଷ୍ୟ ରାଗିଲା ବେଳେ ନିଜର ବିକୃତ ଓ ଅସୁନ୍ଦର ମୁହଁକୁ ଦର୍ପଣରେ ଦେଖିଲେ ମଧ୍ୟ ରାଗ ପ୍ରଶମିତ ହୋଇଥାଏ। କ୍ରୋଧ କୌଣସି ଘଟଣା ବା ସମସ୍ୟାର ସମାଧାନର ଶେଷ ରାସ୍ତା ନୁହେଁ ବରଂ ଏହି କ୍ଷଣିକ କ୍ରୋଧ ଜଣଙ୍କର ଅନେକ ଏପରି ଅକ୍ଷମଣୀୟ କ୍ଷତି କରିଦେଇଥାଏ ଯେ ପରବର୍ତ୍ତୀ ସମୟରେ ଏହାର ଭରଣା ହୋଇପାରି ନଥାଏ। ଆପଣ ନିୟମିତ ଖବରକାଗଜରୁ ପ୍ରାୟ ପଢ଼ିବାକୁ ପାଉଥିବେ କ୍ରୋଧରେ କିଏ ନିଜ ସନ୍ତାନକୁ ହତ୍ୟା କଲାଣି ତ ପିତାମାତା, ବନ୍ଧୁ, ମାଲିକ, ଧର୍ମପତ୍ନୀ କେହି ମଧ୍ୟ ଏଥିରୁ ବର୍ତ୍ତି ପାରିନଥାନ୍ତି। କ୍ରୋଧ ମଣିଷ ଜୀବନର ସମସ୍ତ ଅନର୍ଥର କାରଣ ଏହା ଜଣଙ୍କର ସତ୍ ଜୀବନକୁ ଅସତ୍ ପଥକୁ ଟାଣି ନେଇ ଯେଉଁ ଦୁର୍ବାର କ୍ଷତି କରିଥାଏ ତାହା ପରବର୍ତ୍ତୀ ସମୟରେ ଅନୁଶୋଚନା ହେଲେ ମଧ୍ୟ କିନ୍ତୁ ଏହାର ପୂର୍ବବତ୍ କ୍ଷତି ଆଉ ପୂରଣ ହୋଇପାରି ନଥାଏ। ଅନେକ ଘଟଣା ଦେଖାଯାଇଥାଏ କ୍ରୋଧ ପାଇଁ ଜଣେ ଜଣେ ତାଙ୍କର ସର୍ବସ୍ୱ ଏପରି ତାଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶକୁ ମଧ୍ୟ ଭୂଲୁଣ୍ଠିତ କରିଦେଇଥାନ୍ତି। କ୍ରୋଧ ଏପରି ଏକ ଅସୁର ଏବଂ ଆମର ଏପରି ଏକ ଶରୀର ମଧ୍ୟରେ ଥିବା ଚରିତ୍ରଗତ ଶତ୍ରୁ ଯାହାର ତତ୍କାଳ ନାଶ କରିବା ଅତ୍ୟନ୍ତ ଜରୁରି। କାରଣ ଏହା ଜଣଙ୍କର ବ୍ୟକ୍ତିତ୍ୱ ତାଙ୍କ ଆଦର୍ଶର ପରିପନ୍ଥୀ ହୋଇଥାଏ। ସର୍ବୋପରି ଦିବ୍ୟ ନାମ ଗାନ ଓ ସଦଗ୍ରନ୍ଥ ପଠନରେ କ୍ରୋଧର ପ୍ରକୋପ ମନ୍ଥବତ୍ କମି ଯିବା ସଙ୍ଗେ ସଙ୍ଗେ ସମସ୍ତ ସମସ୍ୟା ଓ ଦୁଃଖ ଦୁର୍ଦ୍ଦଶା ଦୂରୀଭୂତ ହୋଇ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ।

# ସେବା ଓ ଜ୍ଞାନର ତତ୍ତ୍ୱ

ନିରୂପମା ଭୂୟାଁ
ଯାଜପୁର, ମୋ: ୯୯୩୭୪୭୦୯୮୦

ଗୁରୁଙ୍କ ନିକଟରେ ଜଣେ ଶିଷ୍ୟ ଦୀକ୍ଷା ଗ୍ରହଣ କରିବାକୁ ଆସିଲେ। ଯିଏକି ସ୍ୱଭାବରେ ବେଶ ଶାନ୍ତ ଓ ନମ୍ର ଥିଲେ। ନିଷ୍ଠାର ସହ ସେ ଗୁରୁଙ୍କ ସେବା କଲେ। ମାତ୍ର ଦୁର୍ବଳତା କେବଳ ଏତିକି ଥିଲା ଯେ ସେ ବିଦ୍ୟା ଅଧ୍ୟୟନ କରିବାକୁ ଆଦୌ ଚେଷ୍ଟା କରୁନଥିଲେ। ତେଣୁ ଗୁରୁ ଅଧିକାଂଶ ସମୟରେ ତାଙ୍କୁ ବିଦ୍ୟା ଅଧ୍ୟୟନ ପାଇଁ ପ୍ରେରିତ କରୁଥିଲେ। ମାତ୍ର ଫଳ ସବୁବେଳେ ନୈରାଶ୍ୟଜନକ ଥିଲା। ଏହାଛଡ଼ା ଶିଷ୍ୟ ଜଣଙ୍କ ସବୁବେଳେ କହୁଥିଲେ, 'ଗୁରୁଦେବ ! ଆପଣ ଜଣେ ମହାନ୍ ଜ୍ଞାନୀ ପଣ୍ଡିତ ଯାହାଙ୍କ ସେବା କରିବାର ଅବସର ମୋତେ ମିଳିଛି। ତା'ଠାରୁ ବଡ଼ କାମ ଦୁନିଆଁରେ ଆଉ କିଛି ନାହିଁ। ତେଣୁ ବିଦ୍ୟା ଅଧ୍ୟୟନ କରି ଯେଉଁ କଲ୍ୟାଣ ଲାଭ କରିଥାଆନ୍ତି ତାହା ଆପଣଙ୍କ ସେବାରୁ ପାଉଛି।' ଦିନେ ଗୁରୁଦେବ ଶିଷ୍ୟକୁ ଜ୍ଞାନ ଓ ସେବାର ପ୍ରକୃତ ମୂଲ୍ୟ ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଲେ, ''ଶିଷ୍ୟ ! ସେବାର ସ୍ଥାନ ଜ୍ଞାନ କେବେ ନେଇପାରେ ନାହିଁ, କି ଜ୍ଞାନର ସ୍ଥାନ ସେବା କେବେ ନେଇପାରେ ନାହିଁ। ଯେପରି ଆଖିର ନିଜସ୍ୱ ଭୂମିକା ରହିଛି ସେପରି ଜ୍ଞାନର ମଧ୍ୟ ନିଜସ୍ୱ ଭୂମିକା ରହିଛି। ଅନ୍ୟର ଆଖି ସବୁବେଳେ ଅନ୍ୟର ହୋଇଥାଏ। ସେହିପରି ମୁଁ ଯେତେ ଜ୍ଞାନୀ ହୋଇଥିଲେ ବି ମୋ ଜ୍ଞାନ ମୋ ପାଖରେ। ଯଦି ତୁମେ କେବଳ ମୋର ସେବା କରିବ ବିଦ୍ୟାକୁ ପସନ୍ଦ କରିବ ନାହିଁ ତେବେ ମୋ ଜ୍ଞାନ ତୁମକୁ ପ୍ରାପ୍ତ ହେବନାହିଁ। କାରଣ ଅନ୍ୟର ଆଖି ପରି ଅନ୍ୟର ଜ୍ଞାନ ମଧ୍ୟ ବିପଦ ସମୟରେ କାର୍ଯ୍ୟରେ ଆସିନଥାଏ। ମାତ୍ର ଆଜିକାଲିର ଅଧିକାଂଶ ଗୁରୁ ଏଭଳି ଶିଷ୍ୟକୁ ଖୋଜି ବୁଲନ୍ତି ଯିଏ ତାଙ୍କ କଥାକୁ ଅନ୍ଧଭାବେ ବିଶ୍ୱାସ କରୁଥିବ।'' ଗୁରୁଙ୍କ ଏପରି ବାଣୀରେ ଶିଷ୍ୟ କୌଣସି ଉତ୍ତର ଦେଲା ନାହିଁ। ତେଣୁ ଗୁରୁ ଏହା ଉପରେ ଆଧାରିତ ଏକ କାହାଣୀ ଶୁଣାଇଲେ। ଜଣେ ବ୍ୟକ୍ତି ରହୁଥିଲେ। ତାଙ୍କର ଚାରଟି ପୁତ୍ର ଥିଲେ। ସେମାନେ ଆଜ୍ଞାକାରୀ ଓ ନମ୍ର ସ୍ୱଭାବର ଥିଲେ। ସମସ୍ତଙ୍କ ବିବାହ ହେଲା ଓ କିଛି ବର୍ଷର ଅନ୍ତରାଳରେ ସେମାନଙ୍କ ପରିବାର ପୂର୍ଣ୍ଣ ହୋଇଗଲା। ସମୟ ବିତିବାକୁ ଲାଗିଲା। ବ୍ୟକ୍ତି ଜଣଙ୍କ ବୃଦ୍ଧ ହେଲେ। ତାଙ୍କ ଶରୀର ଶକ୍ତିହୀନ ହେବା ସହ ଦୃଷ୍ଟିଶକ୍ତି କମିଗଲା। ବୃଦ୍ଧଙ୍କ ବୋହୂମାନେ ଅନେକ ଥର ଆଖି ଅସ୍ତ୍ରୋପଚାର କରାଇଲେ, ମାତ୍ର କିଛି ଫଳ ମିଳିଲା ନାହିଁ। ବୃଦ୍ଧ ଭାବୁଥିଲେ ଆଖି ନରହିଲେ ବି ପୁଅ ବୋହୂ ଓ ନାତି ନାତୁଣୀଙ୍କ ଆଖିରେ ସେ ବାକି ଜୀବନ ବିତାଇବେ। ସମୟ ଆସିଲା ବୃଦ୍ଧ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହୋଇଗଲେ। ପ୍ରତ୍ୟେକ କାର୍ଯ୍ୟରେ ଅନ୍ୟର ସହାୟତା ଲୋଡ଼ିଲେ। ଏହା ସତ ଯେ ପରିବାର ଲୋକେ ତାଙ୍କ ଧ୍ୟାନ ରଖୁଥିଲେ କିନ୍ତୁ ଦିନେ ରାତିରେ ଏଭଳି ସଙ୍କଟରେ ପଡ଼ିଲେ ଯେ ଯେଉଁଥିପାଇଁ ତାଙ୍କୁ ନିଜ ଜୀବନ ସବୁଦିନ ପାଇଁ ହରାଇବାକୁ ପଡ଼ିଲା। କାରଣ ରାତିରେ ହଠାତ୍ ନିଆଁ ଲାଗିବାରୁ ପରିବାର ଲୋକ କୌଣସି ଉପାୟରେ ଘରୁ ବାହାରକୁ ଚାଲିଗଲେ ମାତ୍ର ବୃଦ୍ଧ ଅନ୍ଧ ହୋଇଥିବାରୁ ଆସିବାର ବାଟ ଜାଣିପାରିଲେ ନାହିଁ। ଶେଷରେ ନିଆଁରେ ପୋଡ଼ି ହୋଇ ମରିଗଲେ। ଏହାପରେ ଗୁରୁ ଶିଷ୍ୟକୁ ପଚାରିଲେ ଯଦି ଉକ୍ତ ବୃଦ୍ଧର ନିଜସ୍ୱ ଆଖି ଥାଆନ୍ତା ତେବେ କ'ଣ ସେ ମୃତ୍ୟୁବରଣ କରିଥାଆନ୍ତା ? ଶିଷ୍ୟ କହିଲା- ନାଁ ଗୁରୁଜୀ। ଏହାପରେ ଗୁରୁ ଜାଣିପାରିଲେ ଯେ, ଶିଷ୍ୟ କିଛି କଥା ବୁଝି ପାରୁଛି। ଏଣୁ କହିଲେ, ଜୀବନରେ ସେବା କରିବା ସହ ଜ୍ଞାନ ଆହରଣ କରିବା ନିହାତି ଆବଶ୍ୟକ, ଯାହା ଭବିଷ୍ୟତରେ ବହୁ ବଡ଼ କାର୍ଯ୍ୟରେ ଆସିଥାଏ।



କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଶୁଭ ଉଦଘାଟନ ତାଳଚେର ବିଧାୟକ ଦ୍ୱାରା ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷିରେ ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, କଣିହାଁ ପଂଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ୯ନଂ ଯୋନ ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ନଡିଆ ବାଡେଇ ଭୂମିପୂଜନ ଓ ଶୁଭ ଉଦଘାଟନ କରିଥିଲେ। ପ୍ରକଳ୍ପ ଗୁଡିକ ମଧ୍ୟରେ ବଡଗୁଣ୍ଡୁରି ପଂଚାୟତ ବଡଗୁଣ୍ଡୁରି ୟୁପି ସ୍କୁଲ ଅତିରିକ୍ତ ଶ୍ରେଣୀଗୃହ ଭୂମିପୂଜନ, କଣିହାଁ ପଞ୍ଚାୟତ ଟାକୁଆ ଠାରେ ମୋ ବସଷ୍ଟାଣ୍ଡର ଶୁଭ ଉଦଘାଟନ, କଣିହାଁ ହରିଜନ ସାହି ଗୋଷ୍ଠୀ କେନ୍ଦ୍ର ଶୁଭ ଉଦଘାଟନ, ଗଦଶିଳା ଗ୍ରାମରେ ୧୦୦କେଭି ଟ୍ରାନସଫର୍ମର କାର୍ଯ୍ୟକ୍ଷମ, କରଡେଇ କଳା ସଂସ୍କୃତି ଭବନ ଉଦଘାଟନ, ବୁରୁବାହାଳ ହରିଜନ ସାହି ଗୋଷ୍ଠୀ କେନ୍ଦ୍ର ଉଦଘାଟନ, ବୁରୁବହାଳ ଗୋପେଶ୍ୱର ମନ୍ଦିର ଭୂମିପୂଜନ ଇତ୍ୟାଦି ଅନ୍ତର୍ଭୁକ୍ତ। ଉକ୍ତ କାର୍ଯ୍ୟକ୍ରମରେ ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତିସଭ୍ୟ ଦିବ୍ୟଜ୍ୟୋତି ପ୍ରଧାନ, ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟ ପ୍ରଦ୍ୟୁମ୍ନ ମହାପାତ୍ର, ଯୁବସଙ୍ଗଠକ ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜମୁଛି ପାରାଦୀପ କଳିଙ୍ଗ ବାଲିଯାତ୍ରା

# ତିଳକ ଓ ତ୍ରିଶାଙ୍କ ସଂଗୀତରେ ଝୁମିଲେ ଦର୍ଶକ




ପାରାଦୀପ (ଭାସ୍କର ନ୍ୟୁଜ୍) :- ଆଠଦିନ ବ୍ୟାପି ଚାଲିଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟିର ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି। ତେବେ ପ୍ରଥମ ତିନିଦିନ ଏହି ମହୋତ୍ସବରେ ସେତେଟା ଗହଳି ନଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ ରବିବାର ସାଙ୍ଗକୁ ଛାଡ଼ଖାଇ ଯୋଗୁଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ସେହିପରି ଏହି ମହୋତ୍ସବରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସ୍ୱଳ୍ପ ସମୟରେ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ ପରେ ଶେଷରେ ବଡ଼ କଳାକାର ମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କ୍ରମରେ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଅର୍ଥାତ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଆଦିଦେବ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଶ୍ଚିମବଙ୍ଗର ନାମୀ କଣ୍ଠଶିଳ୍ପୀ ତିଳକ ଚକ୍ରବର୍ତ୍ତୀ ଓ ତ୍ରିଶାଙ୍କ ମନଛୁଆଁ ସଂଗୀତ ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ଛୁଇଁ ପାରିଥିଲା। ତେବେ ଅନୁଷ୍ଠାନକୁ ମାତ୍ର ଅଧଘଣ୍ଟା କାର୍ଯ୍ୟକ୍ରମ କରିବାକୁ ଅନୁମତି ମିଳିଥିବା ବେଳେ ଉପସ୍ଥିତ ଦର୍ଶକଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଆଉ କିଛି ସମୟ ଧରି ଚାଲିଥିଲା। ତେବେ ଏ କାର୍ଯ୍ୟକ୍ରମ ପାଇଁ କମିଟି ପକ୍ଷରୁ ସ୍ୱଳ୍ପ ପାରିଶ୍ରମିକ ମିଳୁଥିବା ବେଳେ ବାଲିଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଦିଦେବ ଅନୁଷ୍ଠାନ ନିଜସ୍ୱ ଖର୍ଚ୍ଚରେ ଏପରି ନାମୀ ଦାମୀ କଳାକାରମାନଙ୍କ ଦ୍ୱାରା ଆୟୋଜିତ ସଂଗୀତ କାର୍ଯ୍ୟକ୍ରମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯିବା ସହ ବାଲିଯାତ୍ରା ପାଇଁ ଏକ ଆଦର୍ଶ ସୃଷ୍ଟି କରିଥିବା ନେଇ ଚର୍ଚ୍ଚା ହେଉଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଦିଦେବ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନର ଅଧକ୍ଷା ବନ୍ଦିତା ସୁଭଦର୍ଶନୀ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରକାନ୍ତ ସୁତାର, ବବ୍ରୁବାହନ ରାଉତ, ସଭାପତି ବିରଜା ପ୍ରସାଦ ତ୍ରିପାଠୀ, ରତ୍ନାକର ସ୍ୱାଇଁ, ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ଆଇନଜୀବୀ ରବିନ୍ଦ୍ର ଜେନା, ସନ୍ତୋଷ ଭାରତୀ, ସ୍ମୃତି ଚନ୍ଦନ ତ୍ରିପାଠୀ, ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜଳିଗଲା ହୋଟେଲ ସାମଗ୍ରୀ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଗ୍ୟାସ ଲିକ୍ ହୋଇ ଜଳିଗଲା ହୋଟେଲର ଅନେକ ସାମଗ୍ରୀ, ଅଳ୍ପକେ ବର୍ତ୍ତିଲେ ମା ପୁଅ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ଏମଭି ୭୯ ଶିବମନ୍ଦିର ସମ୍ମୁଖରେ ଥିବା ମହେଶ ହୋଟେଲରେ ସକାଳୁ ହୋଟେଲ ପାଇଁ ଖାଦ୍ୟ ରୋଷେଇ କରିବା ସମୟରେ କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡରରେ ଲାଗିଥିବା ପାଇପଟି ଲିକ୍ ହୋଇ ହଠାତ୍ ନିଆଁ ଲାଗି ଯାଇଥିଲା। ସଙ୍ଗେ ସଙ୍ଗେ ଏମଭି ୭୯ର ବଜାର ଲୋକ ମାନେ ଏବଂ ଥାନା ଅଧିକାରୀ ସହ ପୋଲିସ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପରେ କାଳିମେଳାରୁ ଅଗ୍ନିସମ ବାହିନୀ ଆସି ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଥିଲେ। ତେବେ ଏହି ନିଆଁ ଲାଗିବା ଫଳରେ ହୋଟେଲରେ ଥିବା ଆସବାବ ପତ୍ର, ଚାଉଳ ସହ ବୈଦ୍ୟୁତିକ ଉପକରଣ ଜଳି ଯାଇଥିବା ବେଳେ ହୋଟେଲ କାର୍ଯ୍ୟ କରୁଥିବା ମହିଳା ପାଟି ସର୍ଦ୍ଦାର ଓ ତାଙ୍କ ପୁଅ ମହେଶ ସର୍ଦ୍ଦାର ଏଥିରେ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ତେବେ ହୋଟେଲରେ ପ୍ରାୟ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଜଳି ଯାଇଥିବା ବେଳେ ଗରିବ ପରିବାର ସରକାରଙ୍କ ପାଖରେ ସାହାଯ୍ୟ ପାଇଁ ଅନୁରୋଧ କରୁଛନ୍ତି।

# କଳା ବଜାରରେ ବିକ୍ରି ଚାଲିଛି ରାସାୟନିକ ସାର

### ମାର୍କଫେଡ୍‌ରେ ଝୁଲୁଛି ତାଲା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଞ୍ଚାୟତ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଥିବା ମାର୍କଫେଡରେ ତାଲା ଝୁଲୁଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଏପରିସ୍ଥଳେ ସ୍ଥାନୀୟ ଅଂଚଳରେ ରାସାୟନିକ ସାରର କୃତ୍ରୀମ ଅଭାବ ସୃଷ୍ଟି ହୋଇଛି। ଖୋଲା ବଜାରରେ କଳାବଜାରରେ ରାସାୟନିକ ସାର ଅବାଧରେ ବିକ୍ରୟ ଚାଲିଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ମାର୍କଫେଡ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ଉପରେ ସ୍ଥାନୀୟ ନିଶ୍ଚିନ୍ତକୋଇଲି, ମାହାଙ୍ଗା ଓ ସାଲେପୁର ବ୍ଲକର ଶହ ଶହ ଚାଷୀ ରାସାୟନିକ ସାର ଉପରେ ନିର୍ଭର କରିଥାନ୍ତି। ଏହି ୩ଟି ବ୍ଲକର ଚାଷୀ ଏବଂ ସରକାରୀ ଡିଲର ମାନଙ୍କୁ ମାର୍କଫେଡ ରାସାୟନିକ ସାର ଯୋଗାଇ ଦେଇଥାଏ। ମାତ୍ର ଗତ କିଛି ଦିନ ହେଲା ବିଭାଗୀୟ ଅଧିକାରୀଙ୍କ ମନମାନୀରେ ଏହି କାର୍ଯ୍ୟାଳୟ ଚାଲିଥିବାର ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନେ ଅଧିକାଂଶ ସମୟ କାର୍ଯ୍ୟାଳୟକୁ ଆସୁନଥିବାର ଅଭିଯୋଗ ହୋଇଛି। ଏପରିକି କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ବହୁ ସମୟରେ ଏହି କାର୍ଯ୍ୟାଳୟ ଫାଟକରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି। ଦୂର ଦୂରାନ୍ତରୁ ରାସାୟନିକ ସାର ନେବା ନିମନ୍ତେ ଆସୁଥିବା ଡିଲରମାନେ ସାର ନପାଇ ନିରାଶରେ ଫେରିବାକୁ ବାଧ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି କାର୍ଯ୍ୟାଳୟରେ ରାସାୟନିକ ସାର ବଂଟନରେ ବ୍ୟାପକ ଚଂଚକତା ଓ ଅନିୟମିତତା କରାଯାଉଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ସାରର କୃତ୍ରୀମ ଅଭାବ ସୃଷ୍ଟି କରାଯାଉଥିବା କାରଣରୁ ସ୍ଥାନୀୟ ଅଂଚଳର ଚାଷୀମାନେ ଠିକ୍ ଭାବେ ରାସାୟନିକ ସାର ପାଇପାରୁନଥିବାର ଅଭିଯୋଗ ହୋଇଛି। ଏପରିକି ଖୋଲା ବଜାରରେ ସାରର ବ୍ୟାପକ କଳାବଜାର କରାଯାଉଥିବାର ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଡିଲରମାନେ ଅଧିକମୂଲ୍ୟ ଚାଷୀ ଶୋଷଣ କରି ନେଉଥିବାର ଚାଷୀମହଲରେ ଅଭିଯୋଗ ହୋଇଛି। ଏପରିକି ଡିଲରମାନେ ସେମାନଙ୍କ ଦୋକାନରେ କେତେ ପରିମାଣର ଓ କେଉଁ କେଉଁ ରାସାୟନିକ ସାର ରହିଛି ଏବଂ ତାର ମୂଲ୍ୟ ତାଲିକା ସର୍ବସାଧାରଣରେ ପ୍ରକାଶ କରୁନଥିବାର ଅଭିଯୋଗ ହୋଇଛି। ତେବେ ଏହି କାର୍ଯ୍ୟାଳୟରେ ରାସାୟନିକ ସାର ବଂଟନରେ କରାଯାଉଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ଚାଷୀ ମହଲରେ ଦୃଢ଼ ଦାବି ହୋଇଛି।

### ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିଦର୍ଶନ କଲେ ମନ୍ତ୍ରୀ

# 'ମଠର ଉନ୍ନତିକରଣ ସହ ଫୁଲ ଓ ଫଳ ଚାଷକୁ ଦିଆଯିବ ଅଗ୍ରାଧିକାର'



ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର ମୋରଡା ଗସ୍ତରେ ଆସି ମୋରଡାର ଧାନଶୋଳ ଠାରେ ଥିବା ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିଦର୍ଶନରେ ଆସିଥିଲେ। ଶ୍ରୀ ମହାପାତ୍ର ଆଶ୍ରମରେ ପହଞ୍ଚିବା ପରେ ପ୍ରଥମେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ପରେ ଆଶ୍ରମର ଥିବା ସାଢେ ଚାରି ଏକର ଜମିକୁ ପରିଦର୍ଶନ କରିଥିଲେ। ସରକାରଙ୍କ ପକ୍ଷରୁ ମଠ ପରିସରରେ ବିଭିନ୍ନ ଫୁଲ ଓ ଫଳଗଛ ଲଗାଯାଇ ପରିବେଶକୁ ଆକର୍ଷଣୀୟ କରିବା ଦିଗରେ ଉଦ୍ୟମ କରିବେ ବୋଲି ଜଣାପଡିଛି।ତେବେ ଆଗାମୀ ଦିନରେ ଉକ୍ତ ଆଶ୍ରମର ଉନ୍ନତିକରଣ କରାଯାଇ ଏଠାରେ ଆଧ୍ୟାତ୍ମିକ ବିକାଶ କରାଯିବା ସହିତ ବହୁ ମାତ୍ରାରେ ଲୋକେ ଆସି ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିବେ ଏବଂ ଉକ୍ତ ଆଶ୍ରମର ବିକାଶ ହେଲେ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଅଞ୍ଚଳର ମଧ୍ୟ ବିକାଶ ହୋଇ ପାରିବ ବୋଲି ମତ ରଖିଥିଲେ ମନ୍ତ୍ରୀ ଶ୍ରୀମହାପାତ୍ର ଏବଂ ଆଗାମୀ ଦିନରେ ଉକ୍ତ ସ୍ଥାନ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା କିପରି ପାଇବ ସେନେଇ ପ୍ରଚେଷ୍ଟା କରାଯିବ ବୋଲି କହିଥିଲେ । ସେହିପରି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବା ମୋରଡ଼ା ବଜାରର ଦୋକାନୀମାନଙ୍କୁ ଥଇଥାନ ସହ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟକୁ ଗୁରୁତ୍ୱ ଦେବା ନିମନ୍ତେ ମନ୍ତ୍ରୀଙ୍କୁ ପ୍ରେସକ୍ଲବ ସଭାପତି ଘାସିରାମ ବେହେରା ପ୍ରସ୍ତାବ ଦେଇଥିଲା ବେଳେ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ତେବେ ଆଜିର କାର୍ଯ୍ୟକ୍ରମରେ ପୂର୍ବଭାଗ ଜିଲ୍ଲା ବିଜେପି ସଭାପତି କାହ୍ନା ସୋରେନ, ଉପସଭାପତି ପରେଶ ମହାନ୍ତ , ସ୍ଥାନୀୟ ନେତା ସୁଧିର ରାଜ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି ।

# ପ୍ରଶାସନ ଜାଣତରେ ଚାଲାଣ ହେଉଛି ମୋରମ୍



ବାରିପଦା (ଭାସ୍କର ନ୍ୟୁଜ୍) : ସରକାର ଅଛି ଆମର କିଏ କ'ଣ କରିବ ବୋଲି ଲଘୁ ଖଣିଜ ଦ୍ରବ୍ୟର ଚୋରା ବ୍ୟବସାୟ କରୁଥିବା ଚୋରଙ୍କ ଭିତରେ ଆଲୋଚନା ହେଉଥିବା ନେଇ ବିଭିନ୍ନ ପାନ ଦୋକାନ ଓ ଚା ଖଟିରେ ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଉଛି। ବାସ୍ତବରେ ପୂର୍ବରୁ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ସାଙ୍ଗକୁ ଚୋରା ଚାଲାଣକୁ ବିରୋଧ କରୁଥିବା ନେତାଙ୍କ ସରକାର ଶାସନ ସମ୍ଭାଳି ଥିବାରୁ ତାଙ୍କର ପ୍ରମୁଖ ସହଯୋଗୀ ମାନେ ଏବେ ଲଘୁ ଖଣିଜ ଦ୍ରବ୍ୟ ବ୍ୟବସାୟରେ ସାମିଲ ହୋଇ ଚୋରା ଚାଲାଣକରୀ ସାଜିଥିବା ଭଳି ଆଲୋଚନା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଲକ୍ଷ୍ୟ କରାଯାଉଛି। ଆଉ କ୍ଷମତାକୁ ଢାଲ କରି ସରକାରୀ ସମ୍ପତ୍ତି ଚୋରୀ କରି ରାଜକୋଷ ଲୁଟେରାମାନେ ପ୍ରତିପତ୍ତିଶାଳୀ ହୋଇ ଏବେ ସମାଜରେ ଏମାନେ ଭଦ୍ରଲୋକ ବୋଲି ଖୋଲାଖୋଲି ଆଲୋଚନା ହେଉଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନକୁ ଏନଜିଟି ପକ୍ଷରୁ ନିଷିଦ୍ଧ ଘୋଷଣା କରାଯାଇଛି। ଯାହା କାହାକୁ ଅଛପା ନାହିଁ । ଏହାସତ୍ତ୍ୱେ ବେଧଡକ ଭାବେ ଚାଲିଛି ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ସାଙ୍ଗକୁ ଚୋରା ଚାଲାଣ। କେମିତି ସମ୍ଭବ ହେଉଛି ବୋଲି ଆଲୋଚନା ଛଳରେ ସରକାରଙ୍କୁ ଅଭିଯୋଗପୂର୍ଣ୍ଣ ପ୍ରଶ୍ନ କରୁଛନ୍ତି ମୋରଡ଼ା ନିର୍ବାଚନ ମଣ୍ଡଳୀର ଲଘୁ ଖଣିଜ ଦ୍ରବ୍ୟର ଅଭାବରେ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ। ଉଲ୍ଲେଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଓ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ମୁରୁମ ମାଫିଆ ସକ୍ରିୟ ହୋଇଛନ୍ତି। ଫଳରେ କୋଟି କୋଟି ଟଙ୍କାର ରାଜ୍ୟସ୍ୱ ହାନି ହେଉଛି। ପୂର୍ବରୁ ଏହାର ନିୟନ୍ତ୍ରଣ ରଜ୍ୟସ୍ୱ ବିଭାଗ ଅଧୀନରେ ଥିଲା ତେଣୁ ତହସିଲଦାର ଓ ଆରଆଇମାନେ ଚୋରା ମୁରୁମ ଗାଡ଼ିକୁ ଧରୁଥିଲେ କିନ୍ତୁ ବର୍ତ୍ତମାନ ଏହା ଖଣି ବିଭାଗକୁ ଯାଇଛି। ମାତ୍ର ଖଣି ବିଭାଗ ତତ୍ପର ନ ଥିବା ବେଳେ ପୋଲିସ ହାତ ବାନ୍ଧି ବସିଥିବାରୁ ମୁରୁମ ମାଫିଆ ଦିନ ଦିପ୍ରହରରେ ଖୋଲମଖୋଲା ଶହଶହ ଟ୍ରିପ ବେଆଇନ ଭାବେ ଚୋରା ଚାଲାଣ କରୁଛନ୍ତି। ଏସବୁ ବେଆଇନ କାର୍ଯ୍ୟକୁ ପୋଲିସ ଧରିବା କଥା କିନ୍ତୁ ଅଭିଯୋଗ ହେଉଛି ପୁଲିସକୁ ଖବର ଦେଲା ପରେମଧ୍ୟ ପୋଲିସ ଥାନା ଛାଡ଼ି ଆସୁନାହାନ୍ତି। ଯଦି ଚୋରା ମୁରୁମ ମାଫିଆଙ୍କୁ ପୋଲିସ କିମ୍ବା ଖଣି ବିଭାଗ ନ ଅଟକାଏ ତେବେ ଏହିପରି କୋଟି କୋଟି ଟଙ୍କା ଓଡିଶାର ରଜ୍ୟସ୍ୱ ହାନି ହେଉଥିବ। ଏଭଳି ସ୍ଥିତିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ହସ୍ତକ୍ଷେପ କରି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ସଂପୃକ୍ତ ଚୋରଙ୍କୁ ଗିରଫ କରାଯିବାକୁ ନିର୍ଦ୍ଦେଶ ଦେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଉଛି। ତେବେ ଶୁଳିଆପଦା ଓ ରାସଗୋବିନ୍ଦପୁର ଥାନା ପୋଲିସ ନିକଟରେ ଏନେଇ ଖବର ନାହିଁ ନା ଭିତିରି ବୁଝାମଣା ରଖି ଜାଣିଅଜଣା ସାଜି ଆସୁଛନ୍ତି ବୋଲି ଅଭିଯୋଗ ହେଉଥିବା ବେଳେ ରାଜ୍ୟ ରାଜକୋଷ ଲୁଟେରାଙ୍କୁ ରୋକିବ କିଏ ବୋଲି ଅଭିଯୋଗ ହେଉଛି।

### ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

# ମାର୍ଜନା ପରେ ଦର୍ଶନ କଲେ ଭକ୍ତ

### ଜରିମାନା ଦେଲେ ଯୁବତୀ



କାକଟପୁର (ଭାସ୍କର ନ୍ୟୁଜ୍): ସୋମବାର ପୂର୍ବାହ୍ନ ୯ ଘଟିକା ସମୟରେ ସ୍ୱମେଶ୍ୱର ସାମିଲ ସମିଆ ଗ୍ରାମର ଜୈନିକ ମୁସଲିମ ଯୁବତୀ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ମଙ୍ଗଳା ମନ୍ଦିର ଦର୍ଶନ କରାଇବାକୁ ନେଇ ପଶ୍ଚିମ ଦ୍ୱାର ଦେଇ ମନ୍ଦିର ବେଢ଼ା ଭିତରକୁ ପ୍ରବେଶ କଲାବେଳେ କେତେକ ସେବାୟତ ତାଙ୍କୁ ଦେଖି ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତୁରନ୍ତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ମନ୍ଦିର କାର୍ଯ୍ୟାଳୟକୁ ଆଣି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରିବାପରେ ସେ ଅଣହିନ୍ଦୁ ବୋଲି ପ୍ରମାଣ ପାଇଥିଲେ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିଷେଧ ଥିବାବେଳେ କାହିଁକି ମନ୍ଦିରରେ ପ୍ରବେଶ କଲ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶ୍ନ କରିବାରେ ଯୁବତୀ ଜଣଙ୍କ ଏହା ତାଙ୍କର ତ୍ରୁଟି ବୋଲି ଏକ ଲିଖିତ ନିବେଦନ ପତ୍ର ମଙ୍ଗଳା ମନ୍ଦିରକୁ ଦେବା ସହିତ କ୍ଷମା ପ୍ରାର୍ଥନା କରିଥିବା ଜଣାପଡିଛି। ଅପରପକ୍ଷରେ ଅଣହିନ୍ଦୁ ପ୍ରବେଶ ଯୋଗୁଁ ମା ମଙ୍ଗଳାଙ୍କ ପୁନଃ ସ୍ନାନ ମାର୍ଜନା କରାଯିବା ପରେ ସଂକୁଡି ଭୋଗକୁ ପୋତି ଦିଆଯାଇଥିଲା। ମନ୍ଦିର ପ୍ରବେଶ ନେଇ ଯୁବତୀ ଜଣଙ୍କ ୫ ହଜାର ଟଙ୍କା ମନ୍ଦିର ପ୍ରଶାସନକୁ ଜରିମାନା ଦେଇଥିଲେ।

# ବିଜେପିର ରୋଡ୍ ଶୋ ଓ ସମ୍ବର୍ଦ୍ଧନା ଉତ୍ସବ




ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ନିର୍ବାଚନ ମଣ୍ଡଳୀ ଅଧିନ କଣ୍ଟାପଡା ବ୍ଲକ୍ତ ପୋସ୍ତଳ ପଞ୍ଚାୟତର କଣ୍ଟାପଡା ବ୍ଲକ୍ ଆମ୍ବାର ଅଧକ୍ଷ ପ୍ରଦୀପ୍ତ ପାତ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦ ବିଭୂ ପ୍ରସାଦ ତରାଇ ଓ ବିଧାୟକ ଛବି ମଲ୍ଲିକ ଯୋଗ ଦେଇଥିଲେ। ଶତାଧିକ କର୍ମୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ କଟକ ଜିଲ୍ଲା ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ, ବାରଙ୍ଗ ବ୍ଲକ୍ ସାଂସଦଙ୍କ ପ୍ରତିନିଧି ଦିଲ୍ଲିପ ପାତ୍ର, କଣ୍ଟାପଡା ବ୍ଲକ୍ ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ନାହାଳପୁର ସରପଞ୍ଚ ନିରୁପମା ଜେନା, ନିଆଳି ବ୍ଲକ୍ ତିହୁଡି ସମିତି ସଭ୍ୟ ଶଶିକାନ୍ତ ଲେଙ୍କା ଓ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ରହିଥିଲେ। ଏହି ସଭାରେ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିବା ବେଳେ ବିଧାୟକ ଛବି ମଲ୍ଲିକଙ୍କୁ ବ୍ରାହ୍ମଣସାଇଲୋ ପଞ୍ଚାୟତ କୂଳ ବ୍ରାହ୍ମଣ ସାଇଲୋ ଛକରୁ ଏକ ଶୋଭାଯାତ୍ରାରେ ସଭାସ୍ଥଳକୁ ଆଣିଥିଲେ। ଶେଷରେ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ପରିଦର୍ଶନ କଲେ ବିଧାୟକ



ବାରଙ୍ଗ (ଭାସ୍କର ନ୍ୟୁଜ) : ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୨ନମ୍ବର ଜୋନର ୮ଗୋଟି ପଞ୍ଚାୟତ ମାନଙ୍କରେ ପୂଜା ପାଉଥିବା ବିଭିନ୍ନ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ବୁଲି ଦେଖିଥିଲେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ । ଏହି ମଣ୍ଡପ ପରିଦର୍ଶନରେ ତାଙ୍କ ସହିତ ଥିଲେ ବାରଙ୍ଗ ବ୍ଲକ୍ ବିଜେଡି ସଭାପତି, ଅଶୋକ କୁମାର ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ରାମାକାନ୍ତ ରାଉତ,ବାରଙ୍ଗ ବ୍ଲକ୍ ଅଧକ୍ଷା ସାବିତ୍ରୀ ଦଳାଇ, ରଞ୍ଜିତ ବିଶୋଇ, ସମିତି ସଭ୍ୟ ନାରାୟଣ ସେନାପତି, ପ୍ରହଲ୍ଲାଦ ରାଉତ ଓ ପବିତ୍ର ମୋହନ ପ୍ରଧାନଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତାମାନେ । ସମସ୍ତ ପୂଜା ମଣ୍ଡପରେ ଆୟୋଜକ କମିଟି ପକ୍ଷରୁ ଅତିଥିଙ୍କୁ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ବାରଙ୍ଗରେ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ମହୋତ୍ସବରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ୯୭ଟି ଅଭିଯୋଗ

ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣିରେ ସମୁଦାୟ ୯୭ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା । ଅଧିକାଂଶ ବ୍ୟକ୍ତିଗତ ଅଭିଯୋଗ ଥିଲା । ସାମୁହିକ ଅଭିଯୋଗ ମଧ୍ୟରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୁଷୋତ୍ତମପୁର ରେ କମ୍ପ୍ୟୁଟର ଓ ଗଣିତ ଶିକ୍ଷକ ନଥିବାରୁ ଏହି ବିଷୟ ଦୁଇଟି ସେମିଷ୍ଟାର ଓ ଅର୍ଦ୍ଧ ବାର୍ଷିକ ପରୀକ୍ଷା ହୋଇନଥିବା ନଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା । ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ମାନେ ଦାବି କରିଥିଲେ । ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ରେ ଜନବସତି ଉପରୁ ୧୧ କେଭି ବିଦ୍ୟୁତ୍ ତାର ସ୍ଥାନାନ୍ତର କରିବା ଓ ଟୋଲଙ୍କବେରେଣି ଅଞ୍ଚଳରେ ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ କରାଯିବାକୁ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ଶୋନକର ,ଭୁବନ ବିଡ଼ିଓ ଆୟୁସି ମହାପାତ୍ର, ତହସିଲଦାର ସିରିଆଲ ଶୁଭ୍ର ପଟେଲ, ଏନ୍ଏସି ନିର୍ବାହୀ ରାଜୀବ ଲୋଚନ ବେହେରା ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ 'ନନ୍ଦଘର'ରେ ପରିଣତ ହେବ



ଝାରସୁଗୁଡା (ଭାସ୍କର ନ୍ୟୁଜ୍) : ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ (ଡିଏସଡବ୍ଲୁଓ) ସହିତ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦଘରରେ ପରିଣତ କରିବାକୁ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି। ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଯାହା ମହିଳା ଏବଂ ଶିଶୁ ବିକାଶର କେନ୍ଦ୍ର ଭାବରେ କାର୍ଯ୍ୟ କରିଥାଏ। ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗରେ ଝାରସୁଗୁଡା ଜିଲ୍ଲା ମାଜିଷ୍ଟ୍ରେଟ ତଥା କଲେକ୍ଟର ଅବୋଲି ନରଭାନେଙ୍କ ସମେତ, ସରକାରୀ ଓଡିଶାଙ୍କ ରାଜସ୍ୱ ମନ୍ତ୍ରୀ, ସୁରେଶ ପୂଜାରୀ, ବିଧାୟକ, ଝାରସୁଗୁଡା, ଟଙ୍କଧର ତ୍ରିପାଠୀ, ପୁଣ୍ୟବତୀ ହେଲେନ ଜେସ୍, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲୁଓ) ଝାରସୁଗୁଡା, ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଧାକା' ଗାର୍ଟିଆ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତି ଥିଲେ। ଏହି ପଦକ୍ଷେପକୁ ସ୍ୱାଗତ କରିବା ଏବଂ ତୃଣମୂଳ ସ୍ତରର ବିକାଶ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆଲୋକିତ କରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତରେ, ଆମେ ସେବା କରୁଥିବା ସମ୍ପ୍ରଦାୟରେ ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଆମେ ଗଭୀର ଭାବେ ପ୍ରତିବଦ୍ଧ। ନନ୍ଦଘର ପଦକ୍ଷେପ ମାଧ୍ୟମରେ, ଆମେ ଆମର ଯୁବପିଢି ଏବଂ ମହିଳାମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ଉପକରଣ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛୁ । ଜିଲ୍ଲାରେ ବେଦାନ୍ତର ବିକାଶମୂଳକ ଉଦ୍ୟମକୁ ପ୍ରଶଂସା କରି ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଅବୋଲି ନରଭାନେ କହିଛନ୍ତି, 'ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ଝାରସୁଗୁଡାର ବିଧାୟକ, ଟଙ୍କଧର ତ୍ରିପାଠୀ, ଆହୁରି ମଧ୍ୟ କହିଛନ୍ତି, 'ଏହି ସହଭାଗୀତା ତୃଣମୂଳ ସ୍ତରରେ ସମ୍ପ୍ରଦାୟର ସମ୍ବଳ ବଢାଇବା ପାଇଁ ଏକ ସହଭାଗୀ ଦର୍ଶନକୁ ପ୍ରତିଫଳିତ କରିଛି। ଏହାଛଡା ବେହେରାମାଲର ଏମସିଏଲ କମ୍ୟୁନିଟି ସେଂଟରରେ ଆୟୋଜିତ ହୋଇଥିବା ଏମଓୟୁ ସ୍ୱାକ୍ଷର ଶିଶୁ ଦିବସ କାର୍ଯ୍ୟକ୍ରମ 'ଡୁକାନ୍ ଜାତ୍ର' ୬୦ ଟି ବିଦ୍ୟାଳୟର ଛାତ୍ର, ସମ୍ପ୍ରଦାୟର ସଦସ୍ୟ ଏବଂ ବେଦାନ୍ତ ଆଲୁମିନିୟମ୍ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ସମେତ ୩୫୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ୬୦ରୁ ଅଧିକ ଷ୍ଟଲ୍‌ରେ ହସ୍ତତନ୍ତ ଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ପର୍ଯ୍ୟନ୍ତ, ସୃଜନଶୀଳତା ଏବଂ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ସ୍ୱୟଂ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶିତ କରାଯାଇଥିଲା।

# ଜବର ଦଖଲକାରୀଙ୍କ କବ୍‌ଜାରେ ଜଗନ୍ନାଥଙ୍କ ସମ୍ପତ୍ତି : ଉଚ୍ଛେଦ କେବେ ?

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ତହସିଲ ଅଞ୍ଚଳରେ ହଜାର ହଜାର କୋଟି ଟଙ୍କାର ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଚଞ୍ଚକତା ଭାବେ ନିମାପଡ଼ା ଉପ-ନିବନ୍ଧକ କାର୍ଯ୍ୟାଳୟରେ ଅନ୍ୟକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ମହାପ୍ରଭୁଙ୍କ ସଂପତି ସୁରକ୍ଷା ଉପରେ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଥିବା ବେଳେ ନିମାପଡ଼ା ତହସିଲ ଅଂଚଳରେ ଏପରି କାହିଁକି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । କେବେ ଜବର ଦଖଲକାରୀଙ୍କ କବ୍‌ଜାରୁ ଉଦ୍ଧାର ହେବ ମହାପ୍ରଭୁଙ୍କ ଭୂସଂପତି ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲ ଅଧୀନସ୍ଥ ପାଟପୁର ରାଜସ୍ୱ ସର୍କଲ ଅରିଷଣ୍ଡ ମୌଜାରେ ଶହ ଶହ ଏକର ଜଗନ୍ନାଥ ମହାପ୍ରଭୁଙ୍କ ସଂପତି ରହିଅଛି । ଜଗନ୍ନାଥ ମହାପ୍ରଭୁ ମାର୍ଫତ ଶ୍ରୀନିବାସ ରାମାନୁଜ, ଗୁରୁମହନ୍ତ ଗଦାଧର ରାମାନୁଜଙ୍କ ନାମରେ ରେକର୍ଡ଼ ଦରଜ ଥାଇ ନୂତନ ବନ୍ଦୋବସ୍ତ ହୋଇ ନଥିବାରୁ ୯୬ ବର୍ଷ ହେବ ସଂପତିର ମାଲିକତାର ଜଗନ୍ନାଥ ମହାପ୍ରଭୁ ରହିଥିବା ଖତିୟାନାରେ ଉଲ୍ଲେଖ ଅଛି । କେତେକ ସରକାରୀ ଚାକିରୀଆ ଓ ଅନ୍ୟ କେତେକ ବ୍ୟକ୍ତି ନିଜସ୍ୱ ଘରବାରୀ ଜାଗା ଥାଇ ମଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲ କରି ସେହି ଜମିରେ ସ୍ଥାୟୀ କୋଠାଘର ନିର୍ମାଣ କରିବା ସହ ଆମ୍ବ ବଗାୟତକୁ ନିଜ ଦଖଲରେ ରଖିଛନ୍ତି । ଏହି ସଂପତିରେ ଥିବା ବାଉଁଶ, ଚାକୁଣ୍ଡା, ପଣସ, ଖଜୁରୀ ଆଦି ମୂଲ୍ୟବାନ ଗଛକୁ ମଧ୍ୟ ବିକ୍ରି କରୁଛନ୍ତି । ପାଟପୁର ରାଜସ୍ୱ ନିରୀକ୍ଷକ ସବୁ ଜାଣି ମଧ୍ୟ ନୀରବ ସାଜିବା ଘଟଣାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଜମିଦାରଙ୍କ ଅମଳରୁ ଅରିଷଣ୍ଡ ଗ୍ରାମରେ ଭାଗବତ ଟୁଙ୍ଗି ଥିବା ବେଳେ ତାହାକୁ କେତେଜଣ ବ୍ୟକ୍ତି ଭାଙ୍ଗି ଦେଇ ନିଜସ୍ୱ ଘର ନିର୍ମାଣ କରି ରହିଛନ୍ତି । ଅରିଷଣ୍ଡରେ ଅନେକ ମୂଲ୍ୟବାନ ସଂପତି ଉପରେ ଘର କରାଯାଇଥିବା ବେଳେ ବର୍ତ୍ତମାନ କେତେକ ବ୍ୟକ୍ତି ଗୃହ ନିର୍ମାଣ କରି ପ୍ରଶାସନକୁ ନାଲି ଆଖି ଦେଖାଇ ରଖିଛନ୍ତି । ବ୍ୟାପକ ମାତ୍ରାରେ ଧାନ ଜମି ଥିବା ବେଳେ କାହାକୁ ମଧ୍ୟ ଜବର ଦଖଲକାରୀ ବିନା ଖଣାରେ ଜବର ଦଖଲ କରି ରହିଛନ୍ତି । ଏହି ସଂପତିକୁ ଦୀର୍ଘବର୍ଷ ହେବ ଜବର ଦଖଲକାରୀ ଜବର ଦଖଲ କରି ରଖିଥିବା ବେଳେ ସଂପତି ଉଦ୍ଧାର ସଂପର୍କରେ ପ୍ରଶାସନ ନାଁ ଗନ୍ଧ ଧରୁ ନାହିଁ। ସେହିପରି ନିମାପଡ଼ା ବିଜ୍ଞାପିତ ପରିଷଦ ଅଂଚଳ ନୁହାରକିରି ମୌଜାରେ ବ୍ୟାପକ ସଂପତି ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡ଼ ଦରଜ ଥାଇ ଅନେକ ବ୍ୟକ୍ତି ଏହାକୁ ଜବର ଦଖଲ କରି ରଖିଥିବା ବେଳେ ତାହା ମଧ୍ୟ ତହସିଲଦାରଙ୍କ ନଜରକୁ କିମ୍ବା ମନ୍ଦିର ପ୍ରଶାସନ ନଜରକୁ ଆସୁନାହିଁ। ପାଟପୁର, ଅଣ୍ଡିଆ ମୌଜାରେ ମଧ୍ୟ ମହାପ୍ରଭୁଙ୍କ ସଂପତି ଜବର ଦଖଲକାରୀମାନେ ଜବର ଦଖଲ କରି ରଖିଛନ୍ତି । ଏହି ସଂପତିର ମୂଲ୍ୟ କୋଟି କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ବିଷ୍ଣୁପୁର ମୌଜାରେ ମହାପ୍ରଭୁଙ୍କ ସଂପତିରେ କେତେକ ବ୍ୟକ୍ତି ଜୋର ଜବରଦସ୍ତ ବଳ ପୂର୍ବକ କୋଠାଘର ନିର୍ମାଣ କରି ଆରାମ ଦାୟକ ଜୀବନ ବିତାଉଥିବା ବେଳେ ଅନ୍ୟମାନଙ୍କୁ ଭଡ଼ା ଦେଇଛନ୍ତି । ବ୍ରହ୍ମକୁଣ୍ଡି ଓ ତୁଳସୀପୁର ମୌଜାରେ ମଧ୍ୟ ମହାପ୍ରଭୁଙ୍କ ସଂପତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି । ସଲଙ୍ଗ ମୌଜା, ଆମରଙ୍ଗ, ବାମନାଳ, ଭୋବନିପୁର, ତେରୁଣ୍ଡିଆ, ଛଣିଜଙ୍ଗ, ବାହାରଣା ଆଦି ସମସ୍ତ ମୌଜାରେ ମହାପ୍ରଭୁଙ୍କର ହଜାର ହଜାର କୋଟି ଟଙ୍କାର ସଂପତି ରହିଥିଲେ ମଧ୍ୟ ଜବର ଦଖଲକାରୀମାନେ ଦୀର୍ଘବର୍ଷ ହେବ ଜବର ଦଖଲ କରି ରଖିଛନ୍ତି । ଏହି ସଂପତି ଉପରେ ଖଣା ଆଦାୟ ହେଉ ନଥିବା ବେଳେ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି । ବାରମ୍ବାର ସଚେତନ ନାଗରିକମାନେ ମହାପ୍ରଭୁଙ୍କ ସଂପତି ପୁନରୁଦ୍ଧାର ପାଇଁ ଦାବୀ ହେଉଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଦୃଷ୍ଟି ନଦେବା ଏକ ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି ।

## ଭାରତ ସ୍କାଉଟ୍ସ ଗାଇଡ଼ସ୍‌ର ପ୍ରସ୍ତୁତି ବୈଠକ



ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଭାରତ ସ୍କାଉଟ୍ସ ଗାଇଡ଼ସର ପ୍ରସ୍ତୁତି ବୈଠକ ବାମନ ଉଚ୍ଚ ବିଦ୍ୟାଳୟରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପସଭାପତି ଯାଜ୍ଞସେନୀ ସାହୁ ଏବଂ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଉଦଘାଟନୀ ବୈଠକରେ ବ୍ଲକ କମିଶନର ଗୋକୁଳ ଚନ୍ଦ୍ର ବଳବନ୍ତରାୟ ପୌରୋହିତ୍ୟ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ପ୍ରାକ୍ତନ ସ୍କାଉଟ କମିଶନର ପୀତାବାସ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସମସ୍ତ ଇଭେଣ୍ଟ ବିଷୟରେ ଶିକ୍ଷା ଦେବାପରେ ଜିଲ୍ଲା କ୍ୟାମ୍ପୋରୀ ପାଇଁ ଉପସ୍ଥିତ ପ୍ରଧାନ ଶିକ୍ଷକ, ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନମାନେ ସ୍କାଉଟ୍ସ ଓ ଗାଇଡ଼ସମାନଙ୍କ ପ୍ରଦର୍ଶନ ଦେଖି ସେମାନଙ୍କୁ ଚୟନ କରିଥିଲେ। ବାମନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାବାସ ଲେଙ୍କା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ। ଉପସଭାପତି ସୁଶ୍ରୀ ସାହୁ ଉଦଯାପନୀ ସଭାରେ ପୌରୋହିତ୍ୟ କରିଥିଲେ। ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ ହୋଇଥିବା ପିଲାମାନଙ୍କୁ ନିଜ ବିଦ୍ୟାଳୟରେ ଅଭ୍ୟାସ କରାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ପାଦକ ଶ୍ରୀ ସ୍ୱାଇଁ ନିବେଦନ କରିଥିଲେ । ପରିଶେଷରେ ସହସମ୍ପାଦକ ମିହିର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭଞ୍ଜନଗର,(ଭାସ୍କର ନ୍ୟୁଜ): ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା, ଆଜିର ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୧୭ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ୧୦୯ଟି ଥିବାବେଳେ ଗ୍ରାମୀୟ ଅଭିଯୋଗ ୮ଟି ଥିଲା, ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୧୮ଟି ଅଭିଯାଗର ଫଇସଲା କରିଥିଲେ। ଆଜିର ଅଭିଯାଗ ସମୟରେ ୧୩ଜଣଙ୍କୁ ବିଧବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଞ୍ଜନଗର ଏସ୍ ଧନଞ୍ଜୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ସରକାରଙ୍କ ଦୃଷ୍ଟି ଅଢୁଆଳରେ ଜିଲ୍ଲାର ୧୫ରୁ ଉର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳୀ

## ● ମାନ୍ୟତା ମିଳୁନଥିବା ବେଳେ ବିକାଶ ଶୂନ୍ୟ





ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଛତିଶଗଡ଼କୁ ଲାଗି ରହିଛି । ତେଣୁ ଜିଲ୍ଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ପ୍ରତିବର୍ଷ ଏହି ତିନି ରାଜ୍ୟ ସମେତ ବାହାର ଜିଲ୍ଲାର ପର୍ଯ୍ୟଟକମାନେ ବୁଲିବାକୁ ଆସିଥାନ୍ତି । ହେଲେ ଜିଲ୍ଲାରେ ରହିଥିବା ୧୫ରୁ ଉର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳୀ ଆଜି ବି ସରକାରଙ୍କ ଦୃଷ୍ଟି ଅଢୁଆଳରେ ରହିଛି । ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତିକରଣ ହୋଇପାରୁ ନଥିବାରୁ ଅବହେଳିତ ହୋଇରହିଛି ଜିଲ୍ଲା । ମାଲକାନଗିରି ଜିଲ୍ଲାରେ ରହିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟରେ ମଲ୍ଲିକେଶ୍ୱର ମନ୍ଦିର, ଯଦୁଗୁଡ଼ା ଶିବ ମନ୍ଦିର, ତରାଭୁ ଜଳପ୍ରପାତ, ବଣ୍ଡାଘାଟିର ସୀତାକୁଣ୍ଡ, ମାନ୍ୟମକୋଣ୍ଡା ବଡ଼ ଠାକୁର, ଥାପାଗୁଡ଼ା ଶିବ ମନ୍ଦିର, ପଡିଆର କମାରଗୁଡ଼ା ପାର୍କ, ଡକରାଯୋଡ଼ି ଜଳପ୍ରପାତ, ଆମାକୁଣ୍ଡ, ତ୍ରିବେଣୀ ସଂଗମ ବା ଜିଲ୍ଲାର ମୁଗି ପଏଣ୍ଟ, ଖଡିକାଯୋଡ଼ି ପାର୍କ, ପଡିଆର ଜଗନ୍ନାଥ ମନ୍ଦିର ଏବଂ ପୋଲୁର ପର୍ଯ୍ୟଟନସ୍ଥଳୀ ରହିଛି । ହେଲେ ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇନଥିବାରୁ ବିକାଶ ହୋଇପାରୁନାହିଁ । ଏନେଇ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ରାଜ୍ୟ ପର୍ଯ୍ୟଟନ ବିଭାଗ କମିସନରଙ୍କୁ ଜିଲ୍ଲାରେ ରହିଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତୀକରଣ ପାଇଁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଏଥିସହ ଏହାର ଉନ୍ନତିକରଣ ପାଇଁ ଏଷ୍ଟିମେଟ୍ ମଧ୍ୟ ଦେଇଛନ୍ତି । ମଲ୍ଲିକେଶ୍ୱର ମନ୍ଦିର ପାଇଁ ୫ କୋଟି ଟଙ୍କା, ଯଦୁଗୁଡ଼ା ଶିବ ମନ୍ଦିର ପାଇଁ ୫କୋଟି, ରାମଚନ୍ଦ୍ର ଘାଟି ଶିବ ମନ୍ଦିର ପାଇଁ ୨ କୋଟି, ତରାଜୁ ଜଳପ୍ରପାତ ପାଇଁ ୩ କୋଟି, ବଣ୍ଡାଘାଟି ପାଇଁ ୧୦ କୋଟି, ମାନ୍ୟମକୋଣ୍ଡାର ବଡ଼ ଠାକୁର ପାଇଁ ୧୦ କୋଟି, ସୀତାକୁଣ୍ଡ ପାଇଁ ୨ କୋଟି, ଥାପାଗୁଡ଼ା ଶିବ ମନ୍ଦିର ପାଇଁ ୩ କୋଟି, ପେଡ଼ାକୋଣ୍ଡା ଶିବ ମନ୍ଦିର ପାଇଁ ୫ କୋଟି, କମାରଗୁଡ଼ା ପାର୍କ ପାଇଁ ୧ କୋଟି, ଏମ୍‌ପିଭି-୩୯ ଶିବ ମନ୍ଦିର ପାଇଁ ୧ କୋଟି, ଡକରାଯୋଡ଼ି ଜଳପ୍ରପାତ ପାଇଁ ୨ କୋଟି, ପଡିଆ ଜଗନ୍ନାଥ ମନ୍ଦିର ପାଇଁ ୩ କୋଟି, ମୋଟୁ ତ୍ରିବେଣୀ ସଂଗମ ପାଇଁ ୩ କୋଟି, ଖଡିକାଯୋଡ଼ି ପାର୍କ ପାଇଁ ୩ କୋଟି ଏବଂ ପୋଲୁର ବଡ଼ଯାତ୍ରା ପାଇଁ ୨ କୋଟି ମଞ୍ଜୁର କରିବା ପାଇଁ ଦାବି କରିଛନ୍ତି । ପ୍ରତିବର୍ଷ ନଭେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାକୁ ପର୍ଯ୍ୟଟକଙ୍କ ଭିଡ଼ ଜମେ । ଏଥିରୁ ଜିଲ୍ଲାର ଆୟ ମଧ୍ୟ ହୋଇଥାଏ । ମାଲକାନଗିରି ସହରକୁ ଲାଗି ରହିଥିବା ସତୀଗୁଡ଼ା ପାର୍କ ମଧ୍ୟ ଲୋକଙ୍କ ମନ ଛୁଇଁଛି । ଏଠାରେ ବୁଲିବା, ବୋଟିଂ କରିବା ଏବଂ ରହିବା ସୁବିଧା ସହିତ ସୁସ୍ୱାଦ ଭୋଜନ ମିଳୁଥିବାରୁ ଲୋକଙ୍କ ସୁଅ ଛୁଟୁଛି । ତେବେ ଜିଲ୍ଲାରେ ରହିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର କେବେ ଉନ୍ନତିକରଣ ହେବ ଦେଖିବାକୁ ବାକି ରହିଲା ।

# ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ



ବାରିପଦା, (ଭାସ୍କର ନ୍ୟୁଜ): ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ବାରିପଦା ସ୍ଥିତ ସହିଦ ସ୍ମୃତି ଭବନଠାରେ ସୋମବାର ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଓଡ଼ିଶା ସରକାର ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଡେପୁଟି ରେଜିଷ୍ଟ୍ରାର, ସମବାୟ ସମିତି କୃଷ୍ଣଚନ୍ଦ୍ର ଦାସ ଜିଲ୍ଲାରେ ସମବାୟ ସମିତିମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟ ସମସ୍ତ ବିଷୟରେ ବିଷାଦ ବିବରଣୀ ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ, ବିକଶିତ ଓଡ଼ିଶା ଗଠନରେ ସମବାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ ମାର୍କେଟିଙ୍ଗର ବ୍ୟବସ୍ଥା, ବୟାନ, ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ରେଶମ, ତାଳଗୁଡ କ୍ଷେତ୍ରରେ, ଉତ୍ପାଦନକାରୀଙ୍କୁ ସମବାୟ ମାଧ୍ୟମରେ ସଙ୍ଗଠିତ କରାଯାଇ ବିପଣନ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଛି । ସରକାରଙ୍କ ମୁଖ୍ୟ ସହାୟକ ଯୋଜନା ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରି ଉକ୍ତ ମୂଲ୍ୟକୁ ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ପୈଠ କରାଯିବ ଏବଂ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତିମାନଙ୍କର ସକ୍ରିୟ ଅଂଶଗ୍ରହଣ ଏହି ଯୋଜନାକୁ ସଫଳ କରିବା ବୋଲି ସମବାୟ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତି କହିଥିଲେ । ସୂଚନା ଥାଉକି, ମୟୂରଭଞ୍ଜରେ ବର୍ତ୍ତମାନ ସୁଦ୍ଧା ୨୬ଟି ବ୍ଲକରେ ୨୦୦ଟି ଲ୍ୟାମ୍ପସ ଓ ଉପଖଣ୍ଡମାନଙ୍କରେ ନିୟନ୍ତ୍ରିତ ବଜାର କମିଟି ମଣ୍ଡିଗୁଡିକରେ ସମସ୍ତ ସମବାୟ ସମିତି ସରକାରଙ୍କର ପ୍ରାବନ୍ଧିତ ବ୍ୟବସ୍ଥାରେ ଅଂଶଗ୍ରହଣ କରୁଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସମବାୟ ସପ୍ତାହ ପାଳନ ଅବସରରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହିତ, ବିଭିନ୍ନ ସମବାୟ ସମିତିର ମୁଖ୍ୟମାନଙ୍କ ସହିତ ଆଗାମୀ ଯୋଜନମାନ ବିଷୟରେ ପୁଙ୍ଖାନୁପୁଙ୍ଖ ମତାମତ ଗ୍ରହଣ କରାଯାଇ ଆଗକୁ କିଭଳି ଉନ୍ନତମାନର କାର୍ଯ୍ୟ ଜିଲ୍ଲାରେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ।

# ଭାରତୀୟ ମଜଦୂର ସଂଘର ଜିଲ୍ଲାସ୍ତରୀୟ ବୈଠକ



ରାୟଗଡ଼ା, (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ମହୋନ ରାଓ ମାଝୀ ଏବଂ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଲାୟନସ କ୍ଲବ୍ ଠାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗ ଦେଇ ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଜର ବକ୍ତବ୍ୟ ରଖିବା ସହ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ଉପରେ ଗଭୀର ଆଲୋଚନା ସହିତ ଆବଶ୍ୟକୀୟ ସ୍ଥଳେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ମଜଦୂର ସଂଘର ୭୦ ବର୍ଷ ପୂର୍ତ୍ତିକୁ ଆଧାର କରି ସଂଘ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି । ଯଥା ଆସନ୍ତା ଡ଼ିସେମ୍ବର ମାସରେ ରାଜ୍ୟର ନିଷ୍ପତ୍ତି କ୍ରମେ ୮ରୁ ୧୦ ଲକ୍ଷ ଶ୍ରମିକ ସମାଜରେ ଜନସମ୍ପର୍କ ଅଭିଯାନ ସହିତ ଆସନ୍ତା ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମହିଳା ସମ୍ମିଳନୀ, ଯୁବା ସମ୍ମିଳନୀ କାର୍ଯ୍ୟକ୍ରମ କରିବା ସହ ଯୁବକ ଏବଂ ଯୁବତୀଙ୍କ ମଧ୍ୟରେ ଶ୍ରମିକ ସଂଘ ପ୍ରତି ଆଶା ସୃଷ୍ଟି କରିବା, ନୂତନ ନେତୃତ୍ୱ ବିକାଶ କରିବା ପାଇଁ ପ୍ରୟାସ କରିବା, ସାମାଜର ଗଠନ ପାଇଁ ଓ ପରିବର୍ତ୍ତନକୁ ଦୃଷ୍ଟି ରଖି ପଞ୍ଚ ପରିବର୍ତ୍ତନ ତଥା ପର୍ଯ୍ୟାବରଣ, ସ୍ୱଦେଶୀ, ଯୌଥ ପରିବାରର ଆବଶ୍ୟକତା, ସାମାଜିକ ସମର ସତା ଏବଂ ନାଗରିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ଜେ କେ ପେପର ମଜଦୂର ସଂଘ, ଇମ୍ପା ଠିକା ମଜଦୂର ସଂଘ, ଉତ୍କଳ ଆଲୁମିନା ଠିକା ମଜଦୂର ସଂଘ, ପାଚିକା ସଂଘ, ସ୍ୱାବଲମ୍ବୀ କାରିଗର ସଂଘ, ବ୍ୟବସାୟ ମଜଦୂର ସଂଘ, ରାୟଗଡ଼ା ଜିଲ୍ଲା ସଫେଇ ମଜଦୂର ସଂଘ, ରାୟଗଡ଼ା ଜିଲ୍ଲା ରାଜମିସ୍ତ୍ରୀ ସଂଘ, ବିଶ୍ୱକର୍ମା ମଜଦୂର ସଂଘ, ରାୟଗଡ଼ା ଜିଲ୍ଲା ଅଟୋ ଚାଳକ ସଂଘ, ମାଛ ବ୍ୟବସାୟୀ ସଂଘ, ରାୟଗଡ଼ା ଜିଲ୍ଲା ହୋଟେଲ କର୍ମଚାରୀ ସଂଘ, ରାୟଗଡ଼ା ଜିଲ୍ଲା ହସ୍ପିଟାଲ କର୍ମଚାରୀ ସଂଘର ସମସ୍ତ ନେତୃବୃନ୍ଦମାନଙ୍କ ସହ ଜିଲ୍ଲାର ୧୧ଟି ବ୍ଲକର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଉପସଭାପତି ଦୁର୍ଗା ମାଧବ ଘୋଷ, ଉପସଭାନେତ୍ରୀ ଶ୍ରୀମତୀ ଜୟନ୍ତୀ ପଦ୍ମାଳୟା ସାହୁ, ଶ୍ରୀମତୀ ଉଷା ରାଣୀ ଦାଶ, ଶ୍ରୀମତୀ ନେହା ସିଂ, ଏ ତିରୁପତି ରାଓ, ସତ୍ୟବାନ୍ ଦୁର୍ଗା, ଯୋତିରମୟ ମିଶ୍ର, ଆନନ୍ଦ ରାଉଳ, ମନୋଜ ଦାସ ପରିଚାଳନା କରିଥିଲେ ।

# ଥାଲାସେମିଆ ପୀଡ଼ିତା ଦୁଇ ଭଉଣୀଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ପଞ୍ଚାୟତର ନିଶ୍ଚିନ୍ତକୋଇଲି ଗ୍ରାମର ଥାଲାସେମିଆ ରୋଗରେ ପୀଡ଼ିତା ଅର୍ପିତା ମଲ୍ଲିକ ଏବଂ ଅଙ୍କିତା ମଲ୍ଲିକଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନାଯୋଗ୍ୟ, ଅର୍ପିତା ଏବଂ ଅଙ୍କିତା ଦୁଇ ଭଉଣୀ ଥାଲାସେମିଆ ରୋଗରେ ପୀଡ଼ିତ। ଦୁହିଁଙ୍କୁ ବାରମ୍ବାର ରକ୍ତ ପରିବର୍ତ୍ତନ କରିବାକୁ ପଡୁଛି । ବାପା ଗୋପାଳ ଜଣେ ଅଭାବୀ ଗରିବ ବ୍ୟକ୍ତି । ଝିଅମାନଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲ୍‌ପିଂ ହ୍ୟାଣ୍ଡସର ସଭାପତି ତଥା ଯୁବ ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି ଏବଂ ତାଙ୍କ ଟିମ ଗୋପାଳଙ୍କ ଘରେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ପନ୍ଦର ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ବର୍ତ୍ତମାନ ଦୁଇ ଝିଅ ବାଙ୍ଗାଲୋରରେ ଚିକିତ୍ସିତ ହେଉଛନ୍ତି । ଅର୍ଥର ଘୋର ଅଭାବ ହେତୁ ସେ ତାଙ୍କ ଝିଅଙ୍କର ଚିକିତ୍ସା କରାଇବା ଲାଗି ସମ୍ପୂର୍ଣ୍ଣ ଅସମର୍ଥ । ପୁନଃ ଏହି ଦୁଃଖଦ ଖବର ପାଇ ସଭାପତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ଜୀବନ ଜ୍ୟୋତି ଜୟସିଂ, ସତ୍ୟବ୍ରତ ଦାସ ଏବଂ ସ୍ୱେଚ୍ଛାସେବୀ ସଦସ୍ୟ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଗୋପାଳଙ୍କ ବାସଭବନରେ ପହଞ୍ଚି ତାଙ୍କ ପତ୍ନୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହ ତାଙ୍କ ଝିଅଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଗୋପାଳ, ତାଙ୍କ ପତ୍ନୀ ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟଂସୀ ପ୍ରଶଂସା କରାଯାଇଛି।

# ସୀମାନ୍ତରେ ସ୍ଥାପନ ହେଲା ପୋଲିସ କ୍ୟାମ୍ପ୍

## ସରକାରୀ ଯୋଜନା ପାଇବେ ଗ୍ରାମବାସୀ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ତୁମାଲପାଡ଼ ଗ୍ରାମରେ ନୂତନ ପୋଲିସ କ୍ୟାମ୍ପ ସ୍ଥାପନ ହୋଇଛି । ଏହି କ୍ୟାମ୍ପ ସ୍ଥାପନ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଏଣିକି ସେମାନେ ସରକାରୀ ଯୋଜନା ପାଇବେ ବୋଲି ଆଶା ରଖିଛନ୍ତି । ଛତିଶଗଡ଼ର ସୁକମା ଜିଲ୍ଲା ନକ୍ସଲଙ୍କର ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଜିଲ୍ଲାରେ ନକ୍ସଲ ନିଜର ପତିଆରା ବଢ଼ାଇବା ପାଇଁ ବାରମ୍ବାର ହିଂସା ଘଟାଇ ଆସୁଥିଲେ । ବିଶେଷକରି ତୁମାଲପାଡ଼ ଅଞ୍ଚଳ ନକ୍ସଲଙ୍କ ଆଡ୍ଡା ପାଲଟିଥିଲା । ନକ୍ସଲ ଗାଁକୁ ଆସି ଲୋକଙ୍କୁ ମାରପିଟ୍ କରିବା ସହ ସବୁବେଳେ ହଇରାଣ କରୁଥିଲେ । ତେଣୁ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ପ୍ରଶାସନ ତରଫରୁ ତୁମାଲପାଡ଼ ଗ୍ରାମରେ ପୋଲିସ କ୍ୟାମ୍ପ ସ୍ଥାପନ କରାଯାଇଛି । ଗ୍ରାମବାସୀ ପାଇବେ ସରକାରୀ ଯୋଜନା ବସ୍ତର ରେଞ୍ଜ ଆଇଜି ପି.ସୁନ୍ଦରରାଜ ସମେତ ସୁକମା ଏସ୍‌ପି କିରଣ ଚୌହାନ, ସିଆରପିଏଫ୍ କମାଣ୍ଡାଣ୍ଟ ଏବଂ କୋବ୍ରା ବାଟାଲିୟନ କମାଣ୍ଡାଣ୍ଟଙ୍କ ଉପସ୍ଥିତିରେ ଏହି କ୍ୟାମ୍ପ ସ୍ଥାପନ କରାଯାଇଥିଲା । ପୋଲିସ କ୍ୟାମ୍ପ ସ୍ଥାପନ ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି । ସରକାରଙ୍କ କୌଣସି ଯୋଜନା ଏଠାରେ ଚାଲୁନଥିବାରୁ ଲୋକେ ପରାଧୀନ ହୋଇ ରହିଥିଲେ । ଏବେ ସ୍ୱାଧୀନତା ପାଇଲୁ ଏବଂ ନକ୍ସଲମାନେ ଆଉ ଗାଁକୁ ଆସିପାରିବେ ନାହିଁ ବୋଲି ଲୋକେ ଆଶ୍ୱସ୍ତି ହୋଇଛନ୍ତି । ଏଥିସହ ଗାଁକୁ ରାସ୍ତା, ଶିକ୍ଷା, ପାଣି, ସ୍ୱାସ୍ଥ୍ୟ ସେବା ପହଞ୍ଚିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ସୁରକ୍ଷା କର୍ମୀମାନେ ମଧ୍ୟ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି ।

## ସ୍ଲରି ପାଇପ୍ ଫାଟିବା ଘଟଣା

# ଜାତୀୟ ମାନବାଧିକାର କମିସନରେ ମାମଲା

କେନ୍ଦୁଝର, (ଭାସ୍କର ନ୍ୟୁଜ): ଝୁମ୍ପୁରା ବ୍ଲକ ନୟାଗଡ଼ ପଞ୍ଚାୟତ ଖଜୁରୀଡିହି ଗ୍ରାମରେ ଗତ ୯ତାରିଖ ଦିନ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀର ସ୍ଲରି ପାଇପ ଲାଇନ ହଠାତ୍ ଫାଟି ଯିବାରୁ ଏକର ଏକର ଧାନ ଫସଲ ନଷ୍ଟ ହୋଇଥିଲା । ଆର୍ସେଲ ମିତ୍ତଲ ଏବଂ ନିପନ ଷ୍ଟିଲର ସ୍ଲରି ପାଇପ୍ ଲାଇନ୍ ଫାଟିବା ଯୋଗୁଁ ବ୍ୟାପକ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି । ଏନେଇ ଜାତୀୟ ମାନବାଧିକାର କମିସନରେ ମାମଲା ରୁଜୁ ହୋଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହ ଦାୟିତ୍ୱରେ ଅବହେଳା କରିଥିବା କମ୍ପାନୀ କର୍ତ୍ତୃପକ୍ଷ ଏବଂ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଆର୍ସେଲର ମିତ୍ତଲ ଏବଂ ନିପନ ଷ୍ଟିଲର ଦୁବୁନାଠାରେ ଏକ ବେନିଫିକେସନ ପ୍ଲାଣ୍ଟ ରହିଛି । ଏଠାରେ ଲୁହାପଥର ଗୁଣ୍ଡକୁ ପାଣି ସହିତ ମିଶାଯାଇ ପାରାଦୀପକୁ ସ୍ଲରି ପାଇପ୍ ଯୋଗେ ପଠାଯାଉଛି । ସ୍ଲରି ପାଇପ୍ ଫାଟି ୩୦ ଫୁଟ ଉଚ୍ଚକୁ ଲୁହାପଥର ଗୁଣ୍ଡ ମିଶା ପାଣି ଉଠି ନିକଟସ୍ଥ ଚାଷ ଜମିରେ ପଡିଥିଲା । ଧାନ ପାଚି ଅମଳ ସମୟ ହୋଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଡାଏରି ନମ୍ବର-୧୮୯୫୦/ଆଇଏନ୍/୨୦୨୪ରେ ଅଭିଯୋଗ ହୋଇଛି । ସ୍ଲରି ପାଇପ୍ ଲାଇନ୍ ଫାଟିବା ଦ୍ୱାରା ବାୟୁ ଓ ଜଳ ପ୍ରଦୂଷଣ ସହିତ ମୃତ୍ତିକା କ୍ଷତିଗ୍ରସ୍ତ ହୋଇଛି । ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଏବଂ କମ୍ପାନୀର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଦାସ ଦାବି କରିଛନ୍ତି ।

# ହାତୀପଲର ଜଳକ୍ରୀଡ଼ା



ଭଞ୍ଜନଗର,(ଭାସ୍କର ନ୍ୟୁଜ): ଦୀର୍ଘ ୧୫ ଦିନ ଧରି ଖାରିଗୁଡା ଫୁଲତୋଟା ଜଙ୍ଗଲ ଓ ତା' ଆଖାପାଖ ଇଲାକାରେ ଘୁରି ବୁଲୁଥିବା ଏକ ୨୪ ଜଣିଆ ହାତୀପଲ ରବିବାର ଖାରିଗୁଡା ନିକଟ ବରେଣୀ ଗାଁ ନିକଟରେ ସଂଧ୍ୟା ସୁଦ୍ଧା ରହିଥିବା ଜଣାପଡିଛି । ତେବେ ରବିବାର ଅପରାହ୍ନରେ ଏହି ହାତୀପଲ ଖାରିଗୁଡା ପଣ୍ଡା ଫାର୍ମ ହାଉସ ନିକଟରେ ଖୋଳା ଯାଇଥିବା ଏକ ପୋଖରୀରେ ଭିତରେ ପଶି ଜଳକ୍ରୀଡା କରୁଥିବା ପ୍ରଥମେ ଗ୍ରାମର କିଛି ଲୋକ ଦେଖିବାକୁ ପାଇଥିଲେ । ପରେ ଏଠାରେ ଗ୍ରାମର ଲୋକମାନେ ରୁଣ୍ଡ ହୋଇ ହାତୀପଲର ଜଳକ୍ରୀଡା ଦେଖିଥିଲେ । ହାତୀପଲ ଲୋକଙ୍କ କୋଳାହଳ ଶୁଣି ପାଣିରୁ ବାହାରି ପୁଣିଥରେ ଖାରିଗୁଡା ଫୁଲତୋଟା ଜଙ୍ଗଲ ଭିତରକୁ ଚାଲିଯାଇଥିବା ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ ସୂଚନା ଦେଇଛନ୍ତି । ତେବେ ସଂଧ୍ୟା ପରେ ହାତୀପଲ କେଉଁଆଡକୁ ଖସି ଉପଦ୍ରବ କରିବେ ତାକୁ ନେଇ ବନ କର୍ମଚାରୀ ଓ ହାତୀ ସୁରକ୍ଷାରେ ନିୟୋଜିତ ସ୍କ୍ୱାର୍ଡ ପାର୍ଟି କର୍ମଚାରୀମାନେ ଏହା ଉପରେ ତୀକ୍ଷ୍ଣ ନଜର ରଖିଥିବା ରେଞ୍ଜର ସାହୁ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ ଯେ ଏବେ ବେଶ କିଛି ଦିନ ହେଲା ଏହି ୨୪ ଜଣିଆ ହାତୀପଲ ଭଞ୍ଜନଗର - ଫୁଲବାଣୀ ରାଜପଥର ଖାରିଗୁଡା - ନିଧିଆପଲ୍ଲୀ ରାସ୍ତା ପାର୍ ହୋଇ ପ୍ରତିଦିନ ରାଜପଥର ଅପରପାର୍ଶ୍ୱକୁ ଆସି ବିଭିନ୍ନ ଗାଁର ଧାନ କ୍ଷେତରେ ପଶି ଧାନ ଫସଲ ନଷ୍ଟ କରିବା ସହ ପୁଣି ସକାଳ ପାହିଲେ ଏହି ହାତୀପଲ ପୁଣିଥରେ ରାଜପଥ ପାର୍ ହୋଇ ଖାରିଗୁଡା ଫୁଲତୋଟା ଜଙ୍ଗଲକୁ ଯାଉଛନ୍ତି । ଫଳରେ ଏବେ ଭଞ୍ଜନଗର - ଫୁଲବାଣୀ ରାଜପଥର ଭଞ୍ଜନଗର ଠାରୁ ଦୁର୍ଗାପ୍ରସାଦ ରାସ୍ତା ସଂଧ୍ୟା ପରଠାରୁ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ନଥିବା କୁହାଯାଉଛି । ଶନିବାର ଅପରାହ୍ନ ୩ଟାରୁ ହାତୀପଲ ଏହି ରାସ୍ତାରେ ବହୁ ସମୟ ଧରି ଠିଆ ହୋଇ ରହିଥିବାବେଳେ ଦଳର ମୁଖିଆ କୁହାଯାଉଥିବା ଏକ ଦନ୍ତା ରାସ୍ତାରୁ ନହଟିବା ଓ ଯାତ୍ରୀମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇବା କାରଣରୁ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ଚିତା ଛାଲ ଜବତ
# ୩ ଗିରଫ

ବାରିପଦା, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଞ୍ଚଳରୁ ଇଣ୍ଟେଲିଜେନ୍ସ ତଥ୍ୟର ଆଧାରରେ ଶିମିଳିପାଳ ଦକ୍ଷିଣ ଏବଂ ବାରିପଦା ବନ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ମିଳିତ ଅଭିଯାନ ଚାଲିଥିଲା । ଏହି ଅଭିଯାନକୁ ଶିମିଳିପାଳ ଦକ୍ଷିଣ ବିଭାଗର ଉପନିର୍ଦ୍ଦେଶକଙ୍କ ନେତୃତ୍ୱରେ ଚାଲିଥିଲା ଏହି ଅଭିଯାନ ଏବଂ ବାଙ୍ଗିରିପୋଷି ଅଞ୍ଚଳରୁ ଜଙ୍ଗଲି ଚିତାର ଏକ ଚମଡ଼ା ଜବତ ହୋଇଛି ।



ଏହି ଅଭିଯାନରେ ତିନି ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି । ସୂଚନା ଅନୁସାରେ, ଅଭିଯାନ ଦିନରେ ଦୁଇଜଣ ସ୍ୱତନ୍ତ୍ର ସାକ୍ଷୀର ଉପସ୍ଥିତିରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ଅଭିଯୁକ୍ତମାନଙ୍କୁ ପଛ ପର୍ଯ୍ୟବେକ୍ଷଣରେ ଗୁରୁତ୍ୱର ସୂତ୍ର ମାଧ୍ୟମରେ ଗିରଫ କରାଯାଇଥିଲା। ତାଙ୍କ ବିରୁଦ୍ଧରେ ପୂରା ସୂଚନା ଏବଂ ଅଧିକ ତଥ୍ୟ ପାଇବାକୁ ଅନୁସନ୍ଧାନ ଚାଲିଥିବା ବେଳେ ଅଭିଯୁକ୍ତମାନଙ୍କୁ ତଦନ୍ତ ପରେ ଅଦାଲତରେ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି । ଏହି ଅଭିଯାନ ବନ୍ୟପ୍ରାଣୀ ସୁରକ୍ଷା ଏବଂ ଅପରାଧୀମାନଙ୍କ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

## ମାଙ୍ଗିଗୁଡ଼ା ସ୍କୁଲ ବନ୍ଦ

# ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ୨୦ରୁ ଉର୍ଦ୍ଧ୍ୱ ପିଲା

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ଆମ ପିଲାମାନଙ୍କୁ ମୂର୍ଖ କରିଦେଲେ ସରକାର,ଏପରି ଏକ ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ମାଙ୍ଗିଗୁଡ଼ା ଗ୍ରାମରୁ । ଏହି ଗ୍ରାମରେ ରହିଥିବା ପ୍ରାଥମିକ ସ୍କୁଲକୁ ସରକାର ପିଲା ନଥିବା ଦର୍ଶାଇ ୨୦୨୦ ମସିହାରେ ବନ୍ଦ କରିଦେଇଥିଲେ। ଫଳରେ ସେହିଦିନଠାରୁ ଗ୍ରାମର ପାଠ ପଢୁଥିବା ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ଅଛନ୍ତି । ସେହିପରି ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନ ଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖାଦେବା ସହିତ ପୁଣିଥରେ ଗ୍ରାମରେ ସ୍କୁଲ ଖୋଲିବାକୁ ଦାବି କରିଛନ୍ତି । କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ମାନ୍ୟମକୋଣ୍ଡା ପଞ୍ଚାୟତର ପାହାଡ଼ ପାଦଦେଶରେ ରହିଥିବା ମାଙ୍ଗିଗୁଡ଼ା ଗ୍ରାମରେ ୩୦ ପରିବାରରେ ପ୍ରାୟ ଦେଢ଼ଶହ ଅନୁସୂଚିତ ଜନଜାତିର ଲୋକ ବସବାସ କରନ୍ତି । ଗ୍ରାମର ପିଲାମାନେ ପାଠ ପଢ଼ିବା ପାଇଁ ୨୦୦୬ ମସିହାରେ ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲେ ସରକାର । ଆନୁଷଙ୍ଗିକ ବ୍ୟବସ୍ଥା ସହ ଦୁଇଜଣ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତି କରିଥିଲେ । ତେବେ ୨୦୨୦ ମସିହାରେ କରୋନା ସମୟରେ ପିଲା ଅଭାବ ଦର୍ଶାଇ ସ୍କୁଲଟିକୁ ସଂପୂର୍ଣ୍ଣ ବନ୍ଦ କରିଦେଲେ ସରକାର, ସେହିପରି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନାହିଁ । ଗ୍ରାମଠାରୁ ୩ କିମି ଦୂର ସିଂଗରାଜଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରରେ ଏହି ଗ୍ରାମର କିଛି ପିଲାମାନଙ୍କ ନାମ ଲେଖାଯାଇଥିଲେ ମଧ୍ୟ ଦୂରତା ଓ ଜଙ୍ଗଲି ରାସ୍ତା ଯୋଗୁଁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଛାଡୁ ନଥିବା ଜଣାପଡ଼ିଛି । ଫଳରେ କୁନିକୁନି ପିଲାମାନେ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହୋଇ ଏଣେତେଣେ ବୁଲାବୁଲି କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । କିଏ ତେନ୍ତୁଳି ଗଛରେ ଦୋଳି ଖେଳୁଛି ତ କିଏ ଗାଈ ଓ ଛେଳି ଚରାଇବାକୁ ଜଙ୍ଗଲକୁ ଯାଉଛି । ତେବେ ଓଡ଼ିଶାରେ ନୂତନ ଭାବରେ ଶାସନ ଭାର ଗ୍ରହଣ କରିଥିବା ବିଜେପି ସରକାର ସେମାନଙ୍କ ଗୁହାରି ଶୁଣିବେ ବୋଲି କହିଛନ୍ତି ମାଙ୍ଗିଗୁଡ଼ା ଗ୍ରାମର ୱାର୍ଡମେମ୍ବର ରାଜୁ ତାତି । ଅନ୍ୟପକ୍ଷେ ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ପିଲା ଅଭାବ ଯୋଗୁଁ ଏହି ସ୍କୁଲ୍ ବନ୍ଦ ହୋଇଯାଇଥିବା ବେଳେ ପିଲାମାନଙ୍କୁ ଯାତାୟାତ ଖର୍ଚ୍ଚ ଦେବାର ବ୍ୟବସ୍ଥା ରହିଛି । କିନ୍ତୁ ରାଜ୍ୟ ସରକାର ଚାହିଁଲେ ପୁଣି ଥରେ ଏହି ସ୍କୁଲ ଖୋଲିପାରିବ ବୋଲି କହିଛନ୍ତି ବ୍ଲକ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି । ଅପରପକ୍ଷରେ ଏହି ସ୍କୁଲ ଗୃହ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ସେଠାରେ ଧାନ ଗଚ୍ଛିତ କରି ରଖିଛନ୍ତି ଗ୍ରାମବାସୀ । ସ୍କୁଲ ନିକଟରେ ରହିଥିବା ଶୌଚାଳୟ ସହିତ ରୋଷେଇ ଘର ମଧ୍ୟ ଅବ୍ୟବହୃତ ହୋଇ ପଡ଼ିରହିଛି । ତେବେ ରାଜ୍ୟ ସରକାର ଆମ ପିଲାମାନଙ୍କୁ ମୂର୍ଖ କରିଦେଲେ ବୋଲି ଅଭିଯୋଗ କରିଛନ୍ତି ମାଙ୍ଗିଗୁଡ଼ା ଗ୍ରାମର ସୋମା ମାଡ଼ି ଓ ଗାଙ୍ଗୀ ମାଡ଼ି ସହିତ ଅନେକ ଗ୍ରାମବାସୀ । ଏହି ମାଙ୍ଗିଗୁଡ଼ା ଗ୍ରାମ ପୂର୍ବରୁ ମାଙ୍ଗିପାଲୀ ଭାବରେ ପରିଚିତ ଥିଲା । ସୂଚନାଥାଉ କି, କାଲିମେଳା ବ୍ଲକରେ ଥିବା ମୋଟ ୨୭୮ ବିଦ୍ୟାଳୟ ମଧ୍ୟରୁ ୨୪ଟି ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ସେଗୁଡ଼ିକ ବନ୍ଦ କରିଦିଆଯାଇଥିବା ସୂଚନା ମିଳିଛି । ତେବେ ଏହି ୨୪ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ କୌଣସି ସ୍କୁଲ କିମ୍ବା ହଷ୍ଟେଲରେ ଥଇଥାନ କରାନଯାଇ ହଠାତ୍ ସ୍କୁଲଗୁଡ଼ିକ ବନ୍ଦ କରିଦେବାରୁ ଶତାଧିକ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଥିବା ଅଭିଯୋଗ ହୋଇଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଶ୍ରେଣୀଗୃହ, ରୋଷେଇ ଗୃହ, ଶୌଚାଳୟ ପରି ଅନେକ ଭିତ୍ତିଭୂମି ନିର୍ମାଣ କରାଯାଇଥିଲେ ମଧ୍ୟ ସେଗୁଡ଼ିକ ଏବେ ନଷ୍ଟ ହେବାକୁ ବସିଲାଣି । ତେଣୁ ଦୁର୍ଗମ ଅଞ୍ଚଳରେ ବନ୍ଦ ହୋଇଥିବା ସ୍କୁଲଗୁଡ଼ିକ ପୁନର୍ବାର ଖୋଲିବାକୁ ସାଧାରଣରେ ଦାବି ହୋଇଛି ।




କରଞ୍ଜିଆ,(ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ସହଯୋଗରେ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ସୋମବାର ଦିନ ୧୧.୩୦ଘଟିକାରେ ଉକ୍ତ ମାଧମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦନ୍ତ ଚିକିତ୍ସା ଶିବିରରେ କରଞ୍ଜିଆର ଦନ୍ତ ଚିକିତ୍ସକ ଡାକ୍ତର ଗାୟତ୍ରୀ ସାହୁ ଓ ତାଙ୍କ ସହଯୋଗି ସଂଯୁକ୍ତା ବେହେରା ଯୋଗ ଦେଇ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଦାନ୍ତ ରୋଗ ବିଷୟରେ ଅବଗତ କରାଇବା ସହ ଚିକିତ୍ସା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଶିବିରରେ ଛାତ୍ରୀମାନଙ୍କ ସହିତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଦାନ୍ତ ପରୀକ୍ଷା କରାଇ ଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତା ରାଣୀ ସାହୁ, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ମାଝୀ, ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ସହ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗଦେଇ ଥିଲେ। ଏହି ଶିବିରକୁ ସୁନ୍ଦର ଭାବରେ ସମ୍ପାଦନ କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।



# ଶୌଚାଳୟରେ ତାଲା, ରୋଗୀ ହଇରାଣ




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଛା ଛାଡୁନି ସମସ୍ୟା। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ସାଧାରଣ ଲୋକଙ୍କ ବଡ଼ ସମସ୍ୟା ହେଲା ଏଠାକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି। ଡକ୍ଟର ସମସ୍ୟା ଥିବାବେଳେ ବର୍ତ୍ତମାନ ସାମ୍ନାକୁ ଆସିଛି ଆଉ ଏକ ସମସ୍ୟା। ଡାକ୍ତରଖାନାରେ ଲୋକଙ୍କୁ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରିଥିଲେ ମଧ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ହେଉନାହିଁ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଲାଗି ଶୌଚାଳୟ ନିର୍ମାଣ ହୋଇଛି। କିନ୍ତୁ ଶୌଚାଳୟରେ ତାଲା ଝୁଲୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ତଳେ ଶୌଚାଳୟରୁ ନିର୍ଗତ ପରିସ୍ରା ମେଡିକାଲ ଭିତରକୁ ପ୍ରବେଶ ଫାଟକ ପାଖରେ ଭାସୁଥିବା ବେଳେ ଫାଟକ ନିକଟରେ ମଇଳା ପାଣି ଜମି ରହୁଥିଲା। ଯାହା ଫଳରେ ପ୍ରସୂତି ମାନେ ଶୌଚ ପାଇଁ ଯାଉଥିବା ବେଳେ ସଂକ୍ରମଣ ଭୟ ରହିଥିଲା। ଘଟଣାକୁ ନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ୟା ସମାଧାନ ବଦଳରେ ଶୌଚାଳୟରେ ତାଲା ପକାଇଲେ, ଯାହାକୁ ନେଇ ରୋଗୀ ଓ ସମ୍ପର୍କୀୟ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଶୌଚାଳୟରେ ତାଲା ପଡିଥିବାରୁ ରୋଗୀ ମାନେ ହାତରେ ଭେନଫ୍ଲୋନ ଲାଗିଥିବା ରୋଗୀମାନେ ବି ବାଧ ହୋଇ ବାହାରକୁ ଯାଉଥିବା ଅଭିଯୋଗ ହୋଇଛି। ପୁରୀ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ରାଜ୍ୟର ଅଭିବୃଦ୍ଧିରେ ସକାରାତ୍ମକ ପ୍ରଭାବ ପକାଇଛି କଳିଙ୍ଗନଗର ଟାଟାଷ୍ଟିଲ



ଯାଜପୁର/ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଟାଟାଷ୍ଟିଲ କଳିଙ୍ଗନଗରକୁ ଆଜି ୯ବର୍ଷ ପୂରିଛି। ୨୦୧୫ ନଭେମ୍ବର ୧୮ରେ ଏହା ଉତ୍ସର୍ଗୀକୃତ ହୋଇଥିଲା। ଦୀର୍ଘ ୯ ବର୍ଷ ଧରି ଟାଟାଷ୍ଟିଲ କଳିଙ୍ଗନଗର (ଟିଏସକେ) ପ୍ଲାଣ୍ଟ ଓଡ଼ିଶାର ପ୍ରଗତିରେ ନିଜର ଯୋଗଦାନ ଜାରିରଖିଛି। ଭାରତର ଅନ୍ୟତମ ବୃହତ୍ତମ ଇସ୍ପାତ ପ୍ଲାଣ୍ଟ ଭାବେ ଏହି ଅତ୍ୟାଧୁନିକ କାରଖାନା ଶିଳ୍ପ ବିକାଶର ଏକ ଦୃଢ଼ ପ୍ରମାଣ ଅଟେ। ଯାହା ନିରବଚ୍ଛିନ୍ନ ଭାବରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ସାମାଜିକ ଦାୟିତ୍ୱ ଏବଂ ପରିବେଶ ପରିଚାଳନାକୁ ସମନ୍ୱିତ କରୁଛି। କଳିଙ୍ଗନଗର ପ୍ଲାଣ୍ଟ କେବଳ ଏକ ଶିଳ୍ପ କମ୍ପ୍ଲେକ୍ସ ନୁହେଁ, ବରଂ ଏହା ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ଏକ ପ୍ରମୁଖ ଅଙ୍ଗ ପାଲଟିଛି। ଏହା ସ୍ୱାସ୍ଥ୍ୟସେବା ଏବଂ ଜୀବିକା ସୁଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରି ସାମାଜିକ ବିକାଶ କାର୍ଯ୍ୟକ୍ରମରେ ଯଥେଷ୍ଟ ପୁଞ୍ଜିନିବେଶ କରିଛି। ଯାହା ଆଖପାଖ ଅଞ୍ଚଳର ୨ ଲକ୍ଷରୁ ଅଧିକ ଲୋକଙ୍କୁ ଉପକୃତ କରାଇଛି। ଉକ୍ତ କାରଖାନାର ସଫଳତାରେ ଏହାର କର୍ମଚାରୀମାନଙ୍କ ସମ୍ପୃକ୍ତି ଓ ଯୋଗଦାନ ଉଲ୍ଲେଖନୀୟ ଅଟେ। ସୁରକ୍ଷା ଉପରେ ଏହି ଶିଳ୍ପାନୁଷ୍ଠାନ ଟାଟା ଷ୍ଟିଲର ସର୍ବୋଚ୍ଚ ନିରାପତ୍ତାକୁ ଗୁରୁତ୍ୱ ଦେଉଥିବାରୁ ଏହି ମାନଦଣ୍ଡ ବିଶ୍ୱର ଅନ୍ୟତମ ସୁରକ୍ଷିତ ଇସ୍ପାତ ପ୍ଲାଣ୍ଟରେ ଭାବେ ପରିଣତ ହୋଇଛି। ଟାଟାଷ୍ଟିଲ ମଧ ଅନେକ ସାମାଜିକ ବିକାଶ ଯୋଜନା କାର୍ଯ୍ୟକାରୀ କରିଛି ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ବିଶେଷ କରି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରକଳ୍ପ ଏବଂ ଆଖପାଖ ଜନସାଧାରଣଙ୍କ ଜୀବନଧାରଣର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କମ୍ପାନୀ କାମ କରିଆସୁଛି। ସେହିପରି ଦାୟିତ୍ୱବାନ ସମ୍ବଳ ପରିଚାଳନା ଏବଂ ପରିବେଶ ସୁରକ୍ଷା, ପରିବେଶ ମାନଦଣ୍ଡପାଳନ ଏବଂ ପରିବେଶ ପ୍ରଭାବକୁ ହ୍ରାସ କରିବା ପାଇଁ ଦୀର୍ଘସ୍ଥାୟୀ ବ୍ୟବସ୍ଥାରେ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଟିଏସ୍‌କେର ଉପାଧ୍ୟକ୍ଷ ଅପରେସନ ରାଜୀବ କୁମାର ଏଠାରେ କହିଛନ୍ତି। ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ, ଭାରତର ସର୍ବବୃହତ ଗ୍ରୀନଫିଲ୍ଡ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ୫,୮୭୦ ମିଟର ଆୟତନ ସହିତ ଏହାର ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ଦୀର୍ଘସ୍ଥାୟୀତା ପାଇଁ ଏଥିରେ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏବଂ ଇସ୍ପାତ ନିର୍ମାଣ ପ୍ରକ୍ରିୟାକୁ ପରିବେଶ ଅନୁକୂଳ ଭାବେ ପ୍ରସ୍ତୁତ କରାଯାଇଛି। କଳିଙ୍ଗନଗରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପାଇଁ ଯୋଜନା କରାଯାଇଥିବା ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ପେଲେଟ୍ ପ୍ଲାଣ୍ଟ, କୋକ୍ ପ୍ଲାଣ୍ଟ ଏବଂ କୋଲ୍ଡ ରୋଲିଂ ମିଲ୍ ଅନ୍ତର୍ଭୁକ୍ତ - ପ୍ରତ୍ୟେକରେ ଉନ୍ନତ ଜ୍ଞାନକୌଶଳ ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସ ଅନ୍ତର୍ଭୁକ୍ତ। ଟାଟାଷ୍ଟିଲ କଳିଙ୍ଗନଗର କାରଖାନାରେ ଆଧୁନିକ ଜ୍ଞାନକୌଶଳ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁଥିରେ ମୂଲ୍ୟଯୁକ୍ତ ଉତ୍ପାଦ, ପରିଚାଳନା ଦକ୍ଷତା ଏବଂ କାର୍ବନ ଫୁଟପ୍ରିଣ୍ଟରେ ଉଲ୍ଲେଖନୀୟ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଦ୍ୱାରା ସମୁଦାୟ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ (ଏମ୍‌ଟିପିଏ)ରୁ ୮ ଏମ୍‌ଟିପିଏକୁ ବୃଦ୍ଧି ପାଇବ। ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ସହିତ ଓଡ଼ିଶା, ଟାଟା ଷ୍ଟିଲ୍ ପାଇଁ ଭାରତରେ ସର୍ବବୃହତ୍ ନିବେଶ ସ୍ଥଳ ଭାବେ ଉଭା ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ମୋଟ ୧ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ କରିଛି। ଟିଏସ୍‌କେର ସମ୍ପ୍ରସାରଣ ଭାରତରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଯାହା ଆତ୍ମନିର୍ଭରଶୀଳତା ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ପାଇଁ ଦେଶର ଦୃଷ୍ଟିକୋଣ ସହିତ ଯୋଡ଼ି ହୋଇଛି। ଅନ୍ୟପକ୍ଷରେ ଏହି କଳିଙ୍ଗନଗର କାରଖାନା ଭାରତର ଇସ୍ପାତ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭରଶୀଳ ହୋଇଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଏହା ଯୋଗଦାନ ଦେଇଛି। ବଡ଼ ଧରଣର ଶିଳ୍ପ ପ୍ରକଳ୍ପ ସମ୍ବନ୍ଧୀୟ ଆହ୍ୱାନ ସ୍ୱାଭାବିକ ଭାବେ ରହିଥିବା ବେଳେ ଟାଟା ଷ୍ଟିଲ୍ ସାମଗ୍ରିକ ଓ ନିରନ୍ତର ବିକାଶକୁ ପ୍ରାଥମିକତା ଦେଇଛି। ଏଥିସହ ଏକ ସହଯୋଗୀ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଏବଂ ସ୍ଥାନୀୟ ଲୋକମାନଙ୍କ ସମେତ ଅଂଶୀଦାରମାନଙ୍କ ସହ ସକ୍ରିୟ ଭାବରେ ଯୋଗାଯୋଗ କରୁଛି। ଟାଟାଷ୍ଟିଲ କଳିଙ୍ଗନଗର ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହୋଇ ରହିବ ଏବଂ ଆଗାମୀ ବର୍ଷଗୁଡ଼ିକ ପାଇଁ ରାଜ୍ୟର ନିରନ୍ତର ବିକାଶ ଏବଂ ପ୍ରଗତିରେ ଯୋଗଦାନ କରିବ ବୋଲି ରାଜୀବ କୁମାର କହିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବି କଲେ କଳା ଓ କ୍ରୀଡା ଶିକ୍ଷକ




ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଉଚ୍ଚପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡା ପ୍ରଶିକ୍ଷକ ମାନଙ୍କର ସ୍ଥାୟୀ ନିଯୁକ୍ତି ନେଇ ଓଡିଶା କଳା ଇ କ୍ରୀଡା ଶିକ୍ଷକ ମହାସଂଘ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦାବି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଶିକ୍ଷକମାନେ ସମଗ୍ର ଓଡ଼ିଶାରେ ଆର୍ଟିଇ=ଏସଏସ ଅଧୀନରେ ଥିବା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୧୩ ମସିହାରୁ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କଳା ଓ କ୍ରୀଡା ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇ ନିରନ୍ତର ଭାବେ କାର୍ଯ୍ୟ କରି ଆସୁଛନ୍ତି । ଦାବି ଗୁଡିକ ମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶାରୀରିକ (କ୍ରୀଡା) ଶିକ୍ଷା ଓ କଳା ଶିକ୍ଷା ( ଚିତ୍ରକଳା, ସଂଗୀତ କଳା) ଶିକ୍ଷାକୁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାରେ ପ୍ରଚଳନ କରିବା, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସମସ୍ତ ପାର୍ଟ ଟାଇମ କଳା ଓ କ୍ରୀଡା ପ୍ରଶିକ୍ଷକମାନଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ରହିଛି ।

# ଶିବମୁନୀ ଯୋଗକେନ୍ଦ୍ରର ପ୍ରତିଷ୍ଠା ଦିବସ



ଫୁଲନଖରା, (ଭାସ୍କର ନ୍ୟୁଜ୍) : ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଠାରେ ଥିବା ଶିବମୁନୀ ଯୋଗଶିକ୍ଷା କେନ୍ଦ୍ରର ୧୨ତମ ବାର୍ଷିକ ଉତ୍ସବ ଓ ଶିବମୁନୀଙ୍କ ୧୪୧ତମ ଜୟନ୍ତୀ ସମାରୋହ ପ୍ରତିଷ୍ଠାତା ନରେଶ ମୁନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଶଶଧର ମୁନୀ, ଯୋଗାଚାର୍ଯ୍ୟ ଧ୍ରୁବ ମୁନୀ, ସଚ୍ଚିଦାନନ୍ଦ ମୁନୀ, ଲମ୍ବୋଦର ମୁନୀ, ଜେମାମଣି, ଗଣେଶଚନ୍ଦ୍ର ସାହୁ, ଦିଗମ୍ବର ତରାଇ, କୈଳାସଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଯୋଗ ଓ ଆତ୍ମଜ୍ଞାନ ଦ୍ୱାରା ଜୀବଜଗତ ସୁଖ ଶାନ୍ତିରେ ରହିପାରିବ ବୋଲି ମତପୋଷଣ କରିଥିଲେ। ଏହି ଅବସରରେ ଭଜନ କୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ସାଧୁସନ୍ଥ ଶିବମୁନୀ ଅନୁଗାମୀମାନେ ଯୋଗ ଦେଇଥିଲେ।

# ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ

## ଏସ୍‌ଏଭି ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଏସ୍‌ଏଭି ପବ୍ଲିକ ସ୍କୁଲ, ମିନାକ୍ଷୀ ନଗର, ନୂତନ ଆମ୍ବ ମାର୍କେଟ ଛକ ସ୍ଥିତ, ସ୍କୁଲ ଖେଳ ପଡିଆ ଠାରେ ୧୯ତମ ବିଜ୍ଞାନ ମେଳା ସହ ଦୁଇ ଦିନିଆ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି, ପ୍ରଥମ ଦିନ ବିଜ୍ଞାନ ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରୋଜେକ୍ଟ ସ୍ଥାନ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜ୍ଞାନ ମେଳାର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟବକ୍ତା କେ କୃଷ୍ଣ ମୂର୍ତ୍ତି ଏବଂ ଦେବୀପ୍ରସାଦ ସାହୁ ଉପସ୍ଥିତ ଥିଲେ। ବିଜ୍ଞାନ ମେଳା ମୂଲ୍ୟାଙ୍କନ ଶକାଶେ ଦୁଇ ଜଣ ଜାତୀୟସ୍ତରୀୟ ଶ୍ରୀ ପନ୍ନଗ ଭୂଷଣ ମାଝୀ ଓ କିରନ କୁମାର ମିଶ୍ର ମୁଖ୍ୟ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ସ୍କୁଲ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଓ ସହ ସମ୍ପାଦିକା ସୁମିତ୍ରା ନାୟକଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଦ୍ୱିତୀୟ ଦିବସରେ ସ୍କୁଲ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରକାର ଖେଳ ଭିତରେ ଚୋକାଲେଟ ଦୌଡ, ଅଖା ଦୌଡ, ଗାଣିତିକ ଦୌଡ, ୧୦୦ ଓ ୨୦୦ମିଟର ଦୌଡ ଏହିପରି ଭାବେ ୨୫ଗୋଟି ପ୍ରତିଯୋଗିତା ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସମ୍ପାଦକ ପ୍ରଶାନ୍ତ କୁମାର ଦାଶଙ୍କ କରକମଳରେ ପ୍ରଦାନ କରାଯାଇଥିଲା।

# ସାପକାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ



ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଦଭଦ୍ରପୁର (ପଲେଇ ସାହି) ଗ୍ରାମରେ ରବିବାର ଜଣେ ଛାତ୍ରର ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଲେଇ ସାହିର ସରୋଜ ନାୟକଙ୍କ ପୁଅ କ୍ଷିତିଶ କୁମାର ନାୟକ (୯)। କ୍ଷିତିଶ ଗତକାଲି ଅପରାହ୍ନ ୧ଟା ବେଳ ନିଜ ବାଡ଼ିରେ ସାଙ୍ଗମାନଙ୍କ ସହିତ ଖେଳୁଥିଲା ବେଳେ ଏକ ବିଷଧର ସାପ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକ କ୍ଷିତିଶଙ୍କୁ ତୁରନ୍ତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ହେଲେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ କ୍ଷିତିଶଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ଷିତିଶ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ। ସେ ଜଣେ ମେଧାବୀ ଛାତ୍ର ଥିଲେ ବୋଲି ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ ପ୍ରକାଶ କରିଛନ୍ତି। କଟକରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# କୋଇଲା ଖଣି ଚାଲିବା ନେଇ ରାଜ୍ୟ ପ୍ରଶାସନକୁ ଧନ୍ୟବାଦ ଜଣାଇଲା ଏମ୍‌ସିଏଲ୍

ତାଳଚେର, (ଭାସ୍କର ନ୍ୟୁଜ୍) : ଗତ ଚାରି ଦିନ ଧରି ତାଳଚେର କୋଇଲା ଖଣି ଅଞ୍ଚଳରେ ଠିକା ଶ୍ରମିକମାନଙ୍କ ଆନ୍ଦୋଳନ ଯୋଗୁ ଖଣିର କୋଇଲା ଉତ୍ପାଦନ ପରିବହନ ବନ୍ଦ ରହିଥିଲା। ଯାହାକି ଦେଶର ସମସ୍ତ ପାୱାର ସେକ୍ଟରରେ ଶକ୍ତି ସଙ୍କଟ ଦେଖା ଦେଇଥିଲା। ଏହି ସଙ୍କଟକୁ ଟାଳିବା ପାଇଁ ରାଜ୍ୟ ପ୍ରଶାସନ ଖଣି ଅଞ୍ଚଳରେ ଏସମା ଲାଗୁ ସହ ଜିଲ୍ଲା ପୋଲିସ ପ୍ରଶାସନକୁ ତୁରନ୍ତ ଖଣି ଚାଲୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପୋଲିସ ଉପସ୍ଥିତିରେ ଖଣି କାର୍ଯ୍ୟ ଚାଲିଥିଲା ଓ ଠିକା ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏଥିପାଇଁ ଏମ୍‌ସିଏଲ୍ ପକ୍ଷରୁ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ, ଗଣମାଧ୍ୟମ, ଠିକା ଶ୍ରମିକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଥିବାନେଇ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

# କୋରେଇରେ ମିଳିତ ଅଭିଯୋଗ ଶୁଣାଣି ଶିବିର



କୋରେଇ, (ଭାସ୍କର ନ୍ୟୁଜ୍) : ଆଜି କୋରେଇ ସଭା ଗୃହରେ କୋରେଇ ବିଡ଼ିଓ ଅବନୀ କାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡି ଓ ଯାଜପୁର ଆରକ୍ଷୀ ଅଧିକ୍ଷ୍ୟକ ଯସପ୍ରୀତି ଶ୍ରୀମଲ ଯୋଗ ଦେଇଥିବା ବେଳେ ସବୁ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଜିର ଶିବିରରେ ମୋଟ ୮୨ଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୪୯ଟି ଓ ସାମୂହିକ ଅଭିଯୋଗ ୪ଟି ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ୨୯ ଜଣ ଆବେଦନ କରିଥିଲେ, ତନ୍ମଧ୍ୟରୁ ୩୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ଅନ୍ୟସବୁ ଅଭିଯୋଗ ବିଚାରଧୀନ ଅଛି। ସାମୂହିକ ଅଭିଯୋଗ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଓ ସାଥି ମାନେ ଶିକ୍ଷା ବର୍ଷ ସରିବାକୁ ବସିଥିବା ବେଳେ କୋରେଇରେ ସମସ୍ତ ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ ପୋଷାକ ବଣ୍ଟନ ହୋଇନଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମହୋଦୟା ଏହାକୁ ଗମ୍ଭୀରତାର ସହ ନେଇ ଜିଲ୍ଲା ଶିକ୍ଷା ଅଧିକାରିଣୀକୁ ଜଲଦି ପୋଷାକ ବଣ୍ଟନ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ଆଶୁତୋଷ ମହାନ୍ତି ଓ ସାଥି ସାମ୍ବାଦିକ ମାନେ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ଏଷ୍ଟିମେଟରଙ୍କ ନାମରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହାର ତଦନ୍ତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଶୁଣାଣି ଶିବିରରେ ଏକ ବ୍ୟତିକ୍ରମ ଦେଖା ଯାଇଥିଲା। ଏହି ଶିବିରକୁ ଜିଲ୍ଲାପାଳ ପ୍ରଥମେ ଆସିଥିବା ବେଳେ ସେତେବେଳେ କୌଣସି ବିଭାଗର ଅଧିକାରୀଙ୍କ ଦେଖା ନଥିଲା। ଏଥିରୁ ସ୍ପଷ୍ଟ ଅନୁମେୟ କି ଅଭିଯୋଗ ଶୁଣିବାକୁ ଜିଲ୍ଲାପାଳ ଯେତେ ତତ୍ପର ବ୍ଲକ ପ୍ରଶାସନ ସେତେ ତତ୍ପର ନୁହେଁ।

# ଜନ ଅଭିଯୋଗ ଶୁଣାଣି ଶିବିରରେ ୭୯ ଅଭିଯୋଗ ଆଗତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : କରଞ୍ଜିଆରେ ମାସର ତୃତୀୟ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି । ସେହି ଅନୁଯାଇ ଆଜି ଚଳିତ ମାସର ତୃତୀୟ ସୋମବାର ଜିଲ୍ଲାପାଳ ହେମକାନ୍ତ ସୋୟ ଓ ଜିଲ୍ଲାର ଏସ୍‌ପି ବରୁଣ ଘୁଣ୍ଟୁଭାଲି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି । ଏଥିରେ ମୋଟ ୭୯ ଗୋଟି ଅଭିଯୋଗ ଆଗତ ହୋଇଥଲା। ସେଥିରୁ ୫୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୨ଟି ଗୋଷ୍ଠୀଗତ ଥିଲା। ମୋଟ ଅଭିଯୋଗରୁ ୩ଟିର ତତ୍କାଳ ସମାଧାନ ହୋଇଥିଲା। ମୋଟ ଅଭିଯୋଗକାରୀଙ୍କ ମଧ୍ୟରୁ ରରୁଆ ବ୍ଲକର ସାରଥିମଣି ନାୟକଙ୍କୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ସେହିପରି କରଞ୍ଜିଆ ଏନ୍‌ଏସିରେ ଜିଆ ବିବିଙ୍କୁ ୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଶିବିରରେ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସହିତ ପିଏଆଇ ଟିଡିଏ ପ୍ରବୀର କୁମାର ବାଣୁଆ, ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠି, ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଖିରେନ୍ଦ୍ର ନାଥ ପତି, କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଶୁକ୍ରୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, କରଞ୍ଜିଆ ଥାନା ଆଇଆଇସି, ଦେଓ ବନ୍ଧ ଯୋଜନାର ଏସଡ଼ଆଇ ନାରାୟଣ ଦାସ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୋରଂଶୁ ପରିଡା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପାଞ୍ଚ ବ୍ଲକର ବିଡିଓ ତଥା ସମସ୍ତ ବ୍ଲକର ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଦିନେଶ କୁମାର ସାହୁ, ଧିରେନ କୁମାର ଭୋଇ, ଷୋମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

# ରାଶିଫଳ

**ମଙ୍ଗଳବାର, ୧୯ ନଭେମ୍ବର ୨୦୨୪**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖନ୍ତୁ । ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ୍ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି । ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ । ପିତା କିମ୍ବା ପୈତୃକ ସମ୍ପତ୍ତିରେ ଲାଭ ହେବ । ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ସନ୍ତାନଙ୍କ କାମରେ ଖର୍ଚ୍ଚ ହୋଇପାରେ ।



**ମିଥୁନ:** ନୂଆ ଯୋଜନାକୁ ଆଣିବା ପାଇଁ ଶୁଭ ଦିନ ଅଟେ । ଚାକିରି ପେଶା ଲୋକଙ୍କୁ ଉଚ୍ଚ ପଦାଧିକାରୀଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ । ମିତ୍ରଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ । ଭାଗ୍ୟ ବୃଦ୍ଧି ହେବ ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ । ସ୍ୱାସ୍ଥ୍ୟରେ ବିଶେଷ ରୂପରେ ଆଖିରେ ଅସୁବିଧା ହେବ । ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ । କାମରେ ସନ୍ତୋଷର ଭାବନା ଆସିବ।



**ସିଂହ:** ମଉଜ-ମସ୍ତି ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ବରିଷ୍ଠ ନାଗରୀକଙ୍କ ସହଯୋଗ ପ୍ରାପ୍ତ କରିବେ । ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ । ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ ।



**କନ୍ୟା:** ଆଜି ଆପଣଙ୍କ ଅହଂକାର କାରଣରୁ ଝଗଡ଼ା ହେବାର ଆଶଙ୍କା ଅଛି । ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ । ସ୍ୱଭାବରେ ଉତ୍ତେଜନା ଯୋଗୁଁ କାମ ବିଗିଡ଼ିବାର ଆଶଙ୍କା ଅଛି । ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଆୟ ବୃଦ୍ଧିର ଯୋଗ ଅଛି । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ରମାନଙ୍କ ସହିତ ଖୁସି ରହିବେ ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ସମାଜରେ ମାନ-ସମ୍ମାନ ମିଳିବ । ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।



**ଧନୁ:** ଶରୀରରେ ଆଳସ୍ୟ ଏବଂ ଅଣନିଶ୍ୱାସୀ ହୋଇପାରେ । କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ୍ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ । ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରୀମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ । ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି । ବ୍ୟାପାରରେ ଭାଗିଦାରୀଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ।



**କୁମ୍ଭ:** ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ । ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି । ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ । ଘରେ ସୁଖ-ଶାନ୍ତିର ବାତାବରଣ ରହିବ । ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ । ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରିପାରିବେ । ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍.କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ଼, (ଭାସ୍କର ନ୍ୟୁଜ): ସ୍ଥାନୀୟ ବୀରମାଲ ସ୍ଥିତ ଉଦ୍ଧବ ପବ୍ଲିକ ସ୍କୁଲ ପରିସର ମଧ୍ୟରେ ପୋଡମୁଣ୍ଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ୧୮ଟି ବିଦ୍ୟାଳୟକୁ ନେଇ ଆୟୋଜିତ ଉକ୍ତ ମହୋତ୍ସବରେ ଶତାଧିକ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିପୁଳ ଆନନ୍ଦ ଉତ୍ସାହର ସହିତ ଭାଗନେଇ ଅତ୍ୟନ୍ତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରିଥିଲେ। ଡକ୍ଟର ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡକ୍ଟର ସୁରେନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲା ମାନଂକ ଅନ୍ତର୍ନିହିତ ପ୍ରତିଭା ବିକାଶରେ ଏଭଳି କାର୍ଯ୍ୟକ୍ରମ ସହାୟତା ହୋଇଥିବା କଥା ଉଲ୍ଲେଖ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୀରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ,ଡୁମେରପାଲି ସରପଞ୍ଚ ଯୋଗେଶ୍ୱର ସାହୁ,ନିଲେଶ୍ୱର ସରପଞ୍ଚ ନିରଞ୍ଜନ ମଲ୍ଲିକ, ଉଦ୍ଧବ ପବ୍ଲିକ ସ୍କୁଲ୍ ର ଚେୟାରମେନ କୃଷ୍ଣଚନ୍ଦ୍ର ଦାଶ, ସାମାଜିକ କର୍ମୀ କ୍ଷିରୋଦ୍ର ସାହୁ, ବନମାଳୀ ସାହୁ ଯୋଗଦାନ କରିଥିଲେ। ପୋଡମୁଣ୍ଡା ସି ଆର ସି ସି ରମେଶ ଚନ୍ଦ୍ର ସେଠ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷକ ଗଣେଶ ବେହେରା ଅତିଥି ପରିଚୟ ଓ ପୋଡମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଠାକୁର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ଉଦ୍ଧବ ପବ୍ଲିକ ସ୍କୁଲ୍ ର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

# ଜଳିଗଲା ଧାନଗଦା

ଉମରକୋଟ, (ଭାସ୍କର ନ୍ୟୁଜ) : ଧାନ ଗଦାରେ ନିଆଁ ଲାଗି ପ୍ରାୟ ଦୁଇ ଏକର ଧାନ ଜଳି ଯାଇଛି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଝରିଗାଁ ବ୍ଲକ, ପାଲିଆ ପଞ୍ଚାୟତ ସାନରାମାସା ଗ୍ରାମରେ। ସୂଚନା ପ୍ରକାରେ ଗୋଟିଏ ପରିବାର ୫ ଏକର ଧାନ କଟାଯାଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ଖଳାରେ ୧୦ ଗୋଟି ଧାନ ଗଦା ରହିଥିଲା। ଅପରାହ୍ନ ୩ ଘଣ୍ଟା ସମୟରେ କୌଣସି କାରଣରୁ ଧାନ ଗଦାରେ ନିଆଁ ଲାଗି ପ୍ରାୟ ଦୁଇ ଏକର ଧାନ ନଷ୍ଟ ହୋଇଥିବା କହିଛନ୍ତି କ୍ଷତିଗ୍ରସ୍ତ ହୋଇଥିବା ଚାଷୀ। କ୍ଷତିଗ୍ରସ୍ତ ଚାଷୀ ହେଲେ ରୂପସିଂ ଗୌଡ଼, ଡମୁ ଗୌଡ଼, ଲଛମନ ଗୌଡ଼, ରୂପସିଂ ଗୌଡ଼ଙ୍କ ଗୋଟିଏ ଧାନ ଗଦା ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଥିବା ବେଳେ ଲଛମନ ଗୌଡ଼ଙ୍କ ଧାନ ଗଦାର ପ୍ରାୟ ୫୦ ପ୍ରତିଶତ ଜଳି ନଷ୍ଟ ହୋଇ ଯାଇଛି। ପ୍ରାୟ ଦୁଇ ଏକର ଧାନ ପୋଡିଯାଇଥିବା କହିଛନ୍ତି ଚାଷୀ। ନିଆଁ ଲାଗିବା କ୍ଷଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ କୁ ଯୋଗାଯୋଗ କରିଥିଲେ। ଅଗ୍ନିଶମ ଗାଡି ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ହାଣ୍ଡି ମାଟିଆ ବାଲ୍ଟି ରେ ପାଣି ଆଣି ନିଆଁ ଲିଭାଇବାରେ ଲାଗି ପଡ଼ିଥିଲେ। ଭଲ ଥିବା ଧାନ କୁ ତୁରନ୍ତ ନିଆଁ କବଳରୁ ଛାଟି ଛାଟି ଅଲଗା କରି ନିଆଁ କୁ ଆୟତ୍ତ କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚିବା ପରେ ନିଆଁ କୁ ସମ୍ପୂର୍ଣ୍ଣ ଲିଭାଯାଇଥିଲା। ନଷ୍ଟ ହୋଇଥିବା ପ୍ରାୟ ଦୁଇ ଏକର ଧାନ ୫୦ ହଜାର ଟଙ୍କା ରୁ ଉର୍ଦ୍ଧ ହେବ ବୋଲି କ୍ଷତିଗ୍ରସ୍ତ ଚାଷୀ ରୂପସିଂ ଗୌଡ଼,ଲଛମନ ଗୌଡ଼ ଓ ଡମ୍ବୁ ଗୌଡ଼ କହିଛନ୍ତି। ଧାର କରଜ ଓ ହାଡ଼ଭଙ୍ଗା ପରିଶ୍ରମ କରି ଚାଷ କରିଥିବା ଗରିବ କ୍ଷୁଦ୍ର ଚାଷୀ ଏହି କ୍ଷତି ନେଇ ଚିନ୍ତାରେ ପଡ଼ିଛନ୍ତି।ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଏହି ଗରିବ ଚାଷୀ ପରିବାରକୁ କ୍ଷତି ପୂରଣ ଯୋଗାଇଦେବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

# ସମସ୍ୟା ଘେରରେ ଏମଭି -୧୧୯ ସରକାରୀ ପ୍ରାଥମିକ ବିଦ୍ୟାଳୟ

- ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି ଶ୍ରେଣୀକକ୍ଷ ମରାମତି କାର୍ଯ୍ୟ
- କନିଷ୍ଠଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି କାମ
- ଗୋଟିଏ ଶ୍ରେଣୀରେ ବସି ପଢୁଛନ୍ତି ୫ ଶ୍ରେଣୀର ପିଲା
- ବାରମ୍ବାର ଅଭିଯୋଗ ପରେବି ନିରବଦ୍ରଷ୍ଟା ସ୍ଥାନୀୟ ପ୍ରଶାସନିକ ଅଧିକାରୀ




ବାଲିମେଳା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲି ପଞ୍ଚାୟତ ଅଧିନସ୍ଥ ଏମଭି- ୧୧୯ ନମ୍ବର ଗ୍ରାମରେ ରହିଛି ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ଅଞ୍ଚଳରେ ଥିବା ପିଲାମାନଙ୍କୁ ପାଠ ପଢାଇ ଶିକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଗତ ୧୯୭୪ ମସିହାରେ ଏମଭି-୧୧୯ ନମ୍ବର ଗ୍ରାମରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୬ଜଣ ଛାତ୍ରୀ ଛାତ୍ର ପାଠ ପଢୁଛନ୍ତି। ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଖରାଙ୍କ ସହ ଜଣେ ମନୋରଞ୍ଜନ ପ୍ରହରାଜ ନାମକ ଜଣେ ସହକାରୀ ଶିକ୍ଷକ ଅଛନ୍ତି। ଉକ୍ତ ବିଦ୍ୟାଳୟ ପରିସରରେ ମୋଟ ଦୁଇଟି ଶ୍ରେଣୀ କକ୍ଷ ରହିଛି। ସେଥିମଧ୍ୟରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ଶ୍ରେଣୀଗୃହର ଛାତରୁ ପାଣି ଗଳିବା ସହ କାନ୍ଥରୁ ସିମେଣ୍ଟ ଖସିବା ସହ ଚଟାଣ ଖୋଳି ହୋଇଯିବା ସହ କବାଟ ଝରକା ଭାଙ୍ଗି ଯାଇଛି। ତେବେ ଏହି ଶ୍ରେଣୀ ଗୃହକୁ ମରାମତି କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ, ଗୋଷ୍ଠୀ ଶିକ୍ଷାଧିକାରୀ ଓ ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥଲେ ମଧ କେହିବି କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ଗତ ୨୦୨୩ ମସିହା ନଭେମ୍ବର ମାସରେ ଏହି ଅଞ୍ଚଳ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କାଇରା ପୂର୍ତ୍ତି ଏହି ବିଦ୍ୟାଳୟକୁ ଆସି ଏହି ଶ୍ରେଣୀଗୃହ ମରାମତି କରାଯିବ ବୋଲି କହିବା ସହିତ ସାଙ୍ଗରେ ଆଣିଥିବା ଝୁଣ୍ଟୁ ଓଝା ନାମକ ଠିକାଦାରଙ୍କୁ ଗୃହର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ଏହାପରେ ଠିକାଦାର ଝୁଣ୍ଟୁ ଶ୍ରେଣୀ ଗୃହର ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଏକ ବର୍ଷ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଉକ୍ତ ଗୃହର ମରାମତି କାର୍ଯ୍ୟ ଆଧାପାନ୍ତରିଆ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଆଜିଯାଏଁ ପଡି ରହିଛି। ଫଳରେ ଦୁଇଟି ଶ୍ରେଣୀ ଗୃହରେ ବସି ପଢୁଥିବା ପିଲାମାନେ ନିରୁପାୟ ହୋଇ ୫ ଟି କ୍ଲାସର ପିଲାମାନେ ଗୋଟିଏ ଶ୍ରେଣୀ ଗୃହରେ ବସି ବହୁ ଅସୁବିଧାରେ ବସି ପାଠ ପଢୁଛନ୍ତି। ଖାଲି ଏତିକିରେ ସରିନି ବିଦ୍ୟାୟର ସମସ୍ୟା। ଯେଉଁ ଗୋଟିଏ ଶ୍ରେଣୀ ଗୃହରେ ପିଲାମାନେ ପାଠ ପଢୁଛନ୍ତି ଉକ୍ତ ଗୃହରେ ସ୍କୁଲର ଜରୁରୀ ଫାଇଲ, କାଗଜପତ୍ର, ଟେବୁଲ, ଚିଆର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ରଖାଯାଇଛି। ଏଭଳି ସ୍ଥିତିରେ ପିଲାମାନଙ୍କୁ ପାଠ ପଢାଇବାରେ ବହୁତ ଅସୁବିଧା ହେଉଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଖରା କହିଛନ୍ତି। ତେବେ ଏହି ଗୃହ ମରାମତି କାମ ସମ୍ପର୍କରେ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ଠିକାଦାରଙ୍କୁ ଏହି କାମ କରିବାକୁ କହିଥିଲି। ସେ କାମ ସରୁନି ବୋଲି କହିଥିଲେ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧକାରୀ ରବି. ଗୋଲପେଦାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି କାମ ପାଇଁ ଆକ୍ସନ ପ୍ଲାନ ଆପ୍ରୁଭ ହୋଇନି କିମ୍ବା କ୍ୟାସ ରେକର୍ଡ ଖୋଲାଯାଇନି। କିଏ ସେ କାମ କରୁଛି ମୁଁ ଜାଣିନି ବୋଲି କହିଛନ୍ତି।ତେବେ ଠିକାଦାର ଝୁଣ୍ଟୁ କହିଛନ୍ତି ଯେ, ମୋତେ କାମ କରିବାକୁ କନିଷ୍ଠଯନ୍ତ୍ରୀ ପୂର୍ତ୍ତି ବାବୁ ଓ ସରପଞ୍ଚ କହିଥିଲେ। କିଛି କାମ ସରିଛି ହେଲେ ମୋତେ ପେମେଣ୍ଟ କିମ୍ବା ଏହି କାମର କାର୍ଯ୍ୟାଦେଶ ଦେଉନାହାନ୍ତି ତେଣୁ କାମ ବନ୍ଦ ରହିଛି ବୋଲି କହିଛନ୍ତି। ଇତି ମଧ୍ୟରେ ଜେଇ ପୂର୍ତ୍ତିଙ୍କର ଅନ୍ୟତ୍ର ବଦଳି ହୋଇଛି ବର୍ତ୍ତମାନ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କୃତିବାସ ନାୟକଙ୍କୁ ପଚାରିବାରୁ ସେ କହିଲେ ମୁଁ ଏଠାରେ ଜେନ କରିବା ପୂର୍ବରୁ ଏହି କାମ ଆରମ୍ଭ ହୋଇଥିଲା। କଣ ହୋଇଛି ମୁଁ ବୁଝିବି ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଅସିତ ମିଶ୍ରାଙ୍କୁ ପଚାରିବାରୁ ସେ କହିଲେ ଯେ,, ଏହି କାର୍ଯ୍ୟ ଶୀଘ୍ର ସାରିବାକୁ ମୁଁ ଆଜି ବିଡ଼ିଓଙ୍କ ସହ କଥାହେବି ବୋଲି କହିଥିଲେ। ଏହି ଘଟଣା ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି ଘଟଣାର ତଦନ୍ତ କରି ଅତି ଶୀଘ୍ର ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବିଡମ୍ବନାର ବିଷୟ ଏହି ସ୍କୁଲରେ ଚାଲିଥିବା ମରାମତି କାମ କେଉଁ ଅନୁଦାନର, ଅଟକଳ ମୂଲ୍ୟ କେତେ, ଏଷ୍ଟିମେଟ, ଆକ୍ସନ ପ୍ଲାନ କ୍ୟାସ ରେକର୍ଡ କେବେ ଖୋଲା ହୋଇଛି ତାହାର ତଥ୍ୟ ଏବଂ ଏହି କାମ କାହା ନାମରେ କରାଯାଉଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ କିମ୍ବା ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଠାରୁ ମଗାଯାଇଥିଲେ ମଧ୍ୟ କୌଣସି ତଥ୍ୟ ଆମ୍ଭଙ୍କୁ ପ୍ରଦାନ କରାଯାଇନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିବ ବୋଲି ଅଞ୍ଚଳବାସୀ ମତ ବ୍ୟକ୍ତ କରିଛନ୍ତି।

# ବ୍ଲକ୍‌ସ୍ତରୀୟ କୀଟନାଶକ ମସାରି ବଣ୍ଟନ କାର୍ଯ୍ୟକ୍ରମ



ବାଲିମେଳା, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଏନ ଏ ସି ର ଡ୍ରଗ ଲାଇନ ୧ ଅଙ୍ଗନବାଡି କେନ୍ଦ୍ର ଠାରେ ଦୀର୍ଘ ସ୍ଥାୟୀ କୀଟନାଶକ ମସାରି ବଣ୍ଟନ ର ଉଦ୍ଘାଟନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ଅଧକ୍ଷ ପ୍ରଦୀପ ନାୟକ ଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲା ଟିବି ସହ ପରିଚାଳକ ଡ଼ ଦିବାକର ମାଝୀ ଯୋଗଦେଇ କହିଥିଲେ ଯେ ସମ୍ପୂର୍ଣ୍ଣ ବ୍ଲକ ରେ ୮୪୭୭୩ ମସାରି ବଣ୍ଟା ଯିବା ସହ ବାଲିମେଳା ଏନ ଏ ସି ରେ ୮୪୩୧ ଓ ୭୯୦୦ ବିଦ୍ୟାଳୟ ର ଛାତ୍ର ବାସରେ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଙ୍କୁ ଦିଆଯିବ ବୋଲି କହିଥିଲେ । ଏଥିସହିତ ମୋଟ ୪୭୫ ଗୋଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ହେବାର ଯୋଜନା କରାଯାଇଅଛି । ସମସ୍ତ ଗ୍ରାମରେ ଗ୍ରାମ କଲ୍ୟାଣ ସମିତି ମାଧ୍ୟମରେ ଜନ ସଚେତନ କରାଇବା ସହ ସମସ୍ତେ କିଭଳି ମସାରି ତଳେ ସୋଇବେ ଏଥିପ୍ରତି ମଧ ଧ୍ୟାନ ଦିଆଯିବା କଥା କହିଛନ୍ତି । କରୁକୋଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ବ୍ଲକ ପବ୍ଲିକ ହେଲଥ ଅଫିସର ଡ଼ ବିପୁଲ ବୈଭବ କହିବା ଅନୁସାରେ ଆଗାମୀ ଦିନରେ ୩୪ଗୋଟି ସବ ସେଣ୍ଟର ମାଧ୍ୟମରେ ମସାରି ବଣ୍ଟା ଯିବାର ଯୋଜନା ରଖା ଯିବା ସହ ଲୋକେ କିଭଳି ମସାରି କୁ ଶୋଇବା ନିମନ୍ତେ ବ୍ୟବହାର କରିବେ ଅନ୍ୟଥା ଅନ୍ୟ କୌଣସି କାର୍ଯ୍ୟରେ ଯେଭଳି କି ମାଛ ଧରିବା କି ବାଡ଼ ଦେବା ଇତ୍ୟାଦି ରେ ବିନିଯୋଗ ନକରିବେ ଏଥିପ୍ରତି ଧ୍ୟାନ ଦିଆଯିବା ସହ ଗତ ୪ବର୍ଷ ତଳେ ଯେଉଁ ମସାରି ଆସିଥିଲା ସେଥିରେ କିଛି ବ୍ୟତିକ୍ରମ ଥିବାରୁ ଲୋକଙ୍କ ମୁହଁ ପୋଡ଼ିବା ଭଳି ସମସ୍ୟା ଦେଖାଦେଇଥିଲା କିନ୍ତୁ ବର୍ତ୍ତମାନ ଯେଉଁ ମସାରି ବଣ୍ଟା ଯିବ ଏଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ନଥିବା କହିଥିଲେ । ଆଗରୁ ମାଲକାନଗିରି ଜିଲ୍ଲା ରେ ୪୦/୫୦ ରୋଗୀ ଚିହ୍ନଟ ହେଉଥିବା ବେଳେ ବର୍ତ୍ତମାନ ୨/୩ ରୋଗୀ ଚିହ୍ନଟ ହେବାର କହିଛନ୍ତି । ଏଣୁ ନିୟମିତ ମସାରି ବ୍ୟବହାର ନିତ୍ୟାନ୍ତ ଆବଶ୍ୟକ ବୋଲି ଲୋକଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ବିଜ୍ଞାପିତ ପରିଷଦ ର ଉପାଦକ୍ଷା ରଶ୍ମିତା ବାଙ୍କା ଓ ସମସ୍ତ କାଉନସିଲର , କରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର , ବାଲିମେଳା ବିଧାୟକ ପ୍ରତିନିଧି ଇସାକ ଖୋସଲା ମଞ୍ଚାସିନ ହେବା ସହ ହିତାଧିକାରୀ ଙ୍କୁ ମସାରି ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ରେ ସମସ୍ତ ସ୍ୱାସ୍ଥ୍ୟ କର୍ମୀ , ଅଙ୍ଗନବାଡି କର୍ମୀ , ଆଶା କର୍ମୀ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମ କୁ ବି ପି ଏମ କେ ମଣ୍ଟୁ , ଭି ବି ଡି ସି ଅଜିତ କୁମାର ଦଳେଇ , ଭି ବି ଡି ଟି ଏସ ପ୍ରସନ କୁମାର ସାହୁ ପରିଚାଳନା କରିଥିଲେ ।

# ଡାଲଖାଇ ମହୋତ୍ସବ ପାଇଁ ବିଧାୟକଙ୍କ ସହଯୋଗ ଲୋଡ଼ିଲେ କଳାକାର



ବରଗଡ଼, (ଭାସ୍କର ନ୍ୟୁଜ): ଚଳିତ ଡିସେମ୍ବର ମାସରେ ବରଗଡ଼ ଠାରେ ଡାଲଖାଇ ମହୋତ୍ସବ ଆୟୋଜନ ନେଇ ବଉଳ ଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତି ଓ ରାଜ୍ୟ କଳାକାର ମହାସଂଘର ଅଧକ୍ଷ ଚୈତନ୍ୟ ପାଇକଙ୍କ ସହ ଏକ କଳାକାର ପ୍ରତିନିଧି ମଣ୍ଡଳୀ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଙ୍କୁ ତାଙ୍କ ବାସ ଭବନ ରେ ଭେଟିଥିଲେ। ବରଗଡ଼ ଠାରେ ହେବାକୁ ଥିବା ଡାଲଖାଇ ମହୋତ୍ସବ ଓ ଗିନିଜ ବୁକ୍ ଅଫ୍ ୱାଲର୍ଡ୍ ରେକର୍ଡ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ତେବେ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଏହି ମହୋତ୍ସବକୁ ଜାନୁୟାରୀ ମାସରେ ଆୟୋଜନ କରିବା ପାଇଁ କଳାକାରମାନଙ୍କୁ ପରାମର୍ଶ ଦେଇ ଏଥି ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ମଧ ଦେଇଥିଲେ । ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ରେ ୧୩ ହଜାର ରୁ ଉର୍ଦ୍ଧ କଳାକାର ଯୋଗ ଦେଇ ଏକା ସାଥିରେ ଡାଲଖାଇ ନୃତ୍ୟ ପରିବେଷଣ କରିବେ ବୋଲି ସଂଘର ଅଧକ୍ଷ ଶ୍ରୀ ପାଇକ ବରଗଡ଼ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଙ୍କୁ ଅବଗତ କରାଇଥିଲେ ।

# ନୂତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଉମରକୋଟ, (ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକର ନୂତନ ଭାବେ ସେବା ନିୟମିତ ହୋଇଥିବା ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ନୂତନ ଭାବେ ନିଯୁକ୍ତ ଯୋଜନା ଭିତ୍ତିକ ଜୁନିୟର ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ଅବସର ପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନା ଭୁକ୍ତ) ଦ୍ୱାରା ନବ ନିଯୁକ୍ତ ଯୋଜନା ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛଅ ବର୍ଷ ଧରି ଜୁନିୟର ଶିକ୍ଷକ ରୂପେ କାର୍ଯ୍ୟ କରି ନିୟମିତ ପ୍ରାଥମିକ ଶିକ୍ଷକ ରୂପେ ରେଗୁଲାର ହୋଇଥିବା ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ ଉମରକୋଟ ବ୍ଲକର ଏଲିମେଣ୍ଟାରୀ ବି ଏଡ ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ଟୁଟୁବାବୁ ପଟ୍ଟନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସପନ କୁମାର ସରକାର, ଶିକ୍ଷକ ନେତା ସନଧର ମାଝି, ବରିଷ୍ଠ ଶିକ୍ଷକ ନେତା ଓ ସଙ୍ଗଠକ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଂଘର ସଭାପତି ଦେବୀ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ଗଣେଶ ପ୍ରସାଦ ରଣା ଯୋଗ ଦେଇ ସଂଘର କାର୍ଯ୍ୟକାରିତା ତଥା ଶିକ୍ଷକ ରୂପେ ନିଜର ସଚେତନ ଭୂମିକା ବିଷୟରେ କହିଥିଲେ । ଆଗାମୀ ଦିନ ଗୁଡିକରେ ଏହି ଅଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ବୈପ୍ଲବିକ ପରିବର୍ତ୍ତନ ତଥା ସାକ୍ଷରତା ହାର ବୃଦ୍ଧି ପାଇଁ ସ୍ୱତସ୍ଫୂର୍ତ୍ତ ଭାବେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବ ପାଇଁ ଅତିଥି ମାନେ ଆହ୍ୱାନ କରିଥିଲେ । ଏହି ଅବସରରେ ନୂତନ ଜୁନିୟର ଶିକ୍ଷକମାନଙ୍କୁ ଫୁଲ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେବା ସହ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ କାହ୍ନୁ ଚରଣ ମିଶ୍ରଙ୍କ ଶ୍ରୀ ଗଣେଶ ମନ୍ତ୍ର ଶ୍ଳୋକ ପାଠ ସହ ଅତିଥି ମାନେ ଶ୍ରୀ ଗଣପତିଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଶିକ୍ଷକ ଶ୍ରୀ ବାବୁରାମ ପାତ୍ରଙ୍କ ପ୍ରାରମ୍ଭିକ ଭଜନ ଗାନ କରିଥିଲେ । କାର୍ଯ୍ୟ କ୍ରମଟିକୁ ପରିଚାଳନା କରିଥିଲେ ସଂଘର ସମ୍ପାଦକ ନରେଶ ଚନ୍ଦ୍ର ପଟ୍ଟନାୟକ । ଏଥିରେ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିବା ସହ ସଦ୍ୟ ନିୟମିତ ପ୍ରାଥମିକ ଶିକ୍ଷକ ଓ ନବ ନିଯୁକ୍ତ ଶିକ୍ଷକ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଭୋଜି ଖାଇ ଫେରୁଥିବାବେଳେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ବାଲିମେଳା ସହରର ଜଣେ ଯୁବକଙ୍କୁ ଭୁଜାଲି ଆକ୍ରମଣ ହୋଇଛି। ଯୁବକ ଜଣକ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନାନୁଯାୟୀ ବାଲିମେଳା ସହରର କିଛି ଯୁବକ ଛାଡଖାଇ ଭୋଜି କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ଭୋଜି ସାଙ୍ଗକୁ ମଦ ମାଂସର ଆସର ଜମିଥିବା କୁହାଯାଉଛି। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଛାଡଖାଇ ଭୋଜି ସାରି ଘରକୁ ଫେରିବା ବେଳେ ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା ବୋଲି ସୂଚନା।ପରେ ଏହା ଉଗ୍ର ରୂପ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଛୁରି , ଭୁଜାଲି ମଧ ବୁଲିଥିଲା। ଫଳରେ ଭୁଜାଲି ଆକ୍ରମଣରେ ଜଣେ ଯୁବକ ଆହାତ ହୋଇଥିବା ଜଣାପଡିଛି। ଆହତ ହୋଇଥିବା ଯୁବକ ପିଣ୍ଟୁ ବାଘ ବୋଲି କୁହାଯାଉଛି। ଆହତ ଯୁବକଙ୍କୁ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ନିକଟସ୍ଥ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ କିନ୍ତୁ ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ତେବେ ଗଣ୍ଡଗୋଳ ସମ୍ପର୍କରେ ଖବର ପାଇ ଓର୍କେଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କୁ ପଚାରିବାରୁ ମାମଲା ରୁଜୁ କରାଯାଇଛି ତଦନ୍ତ ପରେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଜଣାପଡିବ ବୋଲି କହିଛନ୍ତି।

# ଧାନଫସଲ ନଷ୍ଟ କଲେ ୪ ଟିକିଆ ହାତୀ ପଲ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର କାଶୀନଗର ବନାଞ୍ଚଳରେ ୪ ଟିକିଆ ହାତୀପଲ ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି. ଏହି ହାତୀମାନେ ବର୍ତ୍ତମାନ ଧାନ ଫସଲକୁ ଦଳି ନଷ୍ଟ କରୁଥିବା ଅଭିଯୋଗ ହୋଇଛି. ଘଟଣାରୁ ପ୍ରକାଶ, ଶିଆଳି ପଞ୍ଚାୟତରେ ଜୀବନଦାସ ଗୁଡା, ସିରିଡା ହନୁମନ୍ତପୁର, କୋଲା ଆଦି ଗ୍ରାମ ଗୁଡିକରେ ଚାରି ଟିକିଆ ହାତୀପଲ ପହଞ୍ଚି ଧାନ ଫସଲ ନଷ୍ଟ କରୁଥିବା କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଧାନ ଅମଳ ସମୟ ଏହି ସମୟରେ ପାଚିଲା ଧାନ କିଆରୀରେ ହାତୀପଲ ପଶି ନଷ୍ଟ କରୁଥିବା ନେଇ ଚାଷୀମାନେ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କରିଛନ୍ତି. ଏହି ହାତୀ ଉପଦ୍ରୁତ ଅଞ୍ଚଳରେ କାଶୀନଗର ରେଞ୍ଜର ସୁଶୀଲ କୁମାର ବେହେରା, ବନ କର୍ମଚାରୀଙ୍କ ସହ ପହଞ୍ଚି ଘଟଣାର ଅନୁଧାନ କରିବା ସହ ୪ ଟିକିଆ ହାତୀପଲ ଦ୍ୱାରା ଲୋକଙ୍କ ଧନ ଜୀବନ, ଧାନ ଓ ବିଭିନ୍ନ ଫସଲ ଯେପରି କ୍ଷୟକ୍ଷତି ନ ଘଟେ ସେଥିପାଇଁ ହାତୀପଲକୁ ଜଙ୍ଗଲ ମଧ୍ୟକୁ ପଠାଇ ଦେବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ।

# ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟରେ ଗୀତା ଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଅବସ୍ଥିତ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଇଘର କଲେଜ ଅଧକ୍ଷ ପରୀକ୍ଷିତ ସାହୁ ମିଶନ ତରଫରୁ ସଂଯୋଜକ ଏବଂ ଆଇନଜୀବୀ କିରଣ କୁମାର ପଟ୍ଟନାୟକ ସଂଚାଳକ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ସଭାପତି ଭାବେ ସଂସ୍କୃତିପ୍ରେମୀ ଅଜୟ କୁମାର ଦାଶ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରୀତିସ୍ନିଗ୍ଧା ମହାପାତ୍ର ଯୋଗ ଦେଇଥିଲେ । ଏଥିସହିତ ଉମରକୋଟ ରୁ ଆସିଥିବା ବିଶ୍ୱ ହିନ୍ଦୁପରିଷଦ ନବରଙ୍ଗପୁର ଜିଲ୍ଲା ସଭାପତି କୃପାରାମ ସାହୁ, କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା, ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, ବଜରଙ୍ଗ ଦଳ ସଭାପତି ଅଶୋକ ପାତ୍ର, ପରିଷଦ ସଦସ୍ୟ ସୌରଭ ଭାଇ ମଞ୍ଚରେ ଉପସ୍ଥିତ ରହି ଗୀତା ଜ୍ଞାନ ତତ୍ତ୍ୱ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଏଗାର ଟି ଶିକ୍ଷାନୁଷ୍ଠାନର ପଚାଶ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଅବସର ପ୍ରାପ୍ତ ଶିକ୍ଷକ ତଥା ସଂସ୍କୃତିପ୍ରେମୀ ଲକ୍ଷ୍ମୀଧର ମହାନ୍ତି, ଗଙ୍ଗାଧର ପାଣି, ପଦ୍ମନାଭ ରାଉତ, ଅନନ୍ତ ବାରିକ, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ଶିକ୍ଷକ ଅର୍ଜୁନ ବାରିକ ବିଚାରପତି କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଆଠ ଜଣଙ୍କୁ ମିଶନ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମୁଖ୍ୟ ଗୀତାଞ୍ଜଳି ସାମଲଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବୈଠକ



ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ରାଧାକୃଷ୍ଣ ମନ୍ଦିର ପରିସର ରେ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ର ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମ କୁ ଜିଲ୍ଲା ସଭାପତି ଦାମୋଦର ବିଷୋୟୀ ପରିଚାଳନା କରି ଥିବା ବେଳେ ରମେଶ ଚନ୍ଦ୍ର ବିଷୋୟୀଙ୍କ ଦ୍ୱାରା ଉଦ୍ ଘାଟନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ପଶ୍ଚିମାଞ୍ଚଳର କ୍ଷେତ୍ରୀୟ ସମ୍ପାଦକ ରବିନ୍ଦ୍ର ନାଥ ପରିଡା ଯୋଗ ଦେଇ ଆଗାମୀ ଜାନୁୟାରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଆଇଏମ୍ଏମ୍‌ଟି ଠାରେ ହେବାକୁ ଥିବା ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବର ଆଧାତ୍ମିକ କାର୍ଯ୍ୟକ୍ରମ ବିଷୟରେ ବୁଝାଇ ଥିଲେ । ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ରାଧେଶ୍ୟାମ ପଣ୍ଡା ଜିଲ୍ଲା ସଭ୍ୟ ଓ ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ସହ ଆଗାମୀ କାର୍ଯ୍ୟ କ୍ରମ ବିଷୟରେ ଆଲୋକପାତ କରି ଥିଲେ ।ଏହି କାର୍ଯ୍ୟକ୍ରମରେ ୭୦ଟି ଦେଶ ର ଜଗନ୍ନାଥ ପ୍ରେମୀ ଅଂଶ ଗ୍ରହଣ କରିବା ସହ ମହାପ୍ରଭୁଙ୍କ ୨୪ ବେଶ , ୫୬ଭୋଗ ଓ ପ୍ରଭୁଙ୍କ ଉଦ୍ଦେଶରେ ହେଉଥିବା ଦ୍ରବ୍ୟଗୁଡ଼ିକ ପ୍ରଦର୍ଶନ କରାଯିବ ।ଏହି କାର୍ଯ୍ୟ କ୍ରମରେ ବ୍ଲକ ସଭାପତି ପର୍ଶୁରାମ ବିଷୋୟୀ,ଦମୋଦାର ବିଷୋୟୀ, ବ୍ଲକ ସମ୍ପାଦକ ହିମାଂଶୁ ଶେଖର ବିଷୋୟୀ, ଜିଲ୍ଲା ଉପସଭାପତି ଜଗନ୍ନାଥ ନାୟକ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ , ଡାକ୍ତର ଅମରେଶ ମହାନ୍ତି ,ସୁବ୍ରତ ଚୌଧୁରୀ, ପ୍ରତାପ ସାହୁ, ବିଶ୍ୱଜିତ୍ ବଣିକ, ନୀଳକଣ୍ଠ ବିଷୋୟୀ, ସୁଧାଂଶୁ ଶେଖର ବିଷୋୟୀ, ବେନି ମାଧବ ବିଷୋୟୀ, ନୀଳାଚଳ ବିଷୋୟୀ, ଗଣେଶ ବିଷୋୟୀ, ରାମକୃଷ୍ଣ ବିଷୋୟୀ। ଉପସ୍ଥିତ ରହି ଥିଲେ । ରଧାକୃଷ୍ଣ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଥିଲା । ଶେଷରେ ପର୍ଶୁରାମ ବିଷୋୟୀ ଧନ୍ୟବାଦ୍ ଅର୍ପଣ କରି ଥିଲେ।

# ସହକାରୀ ଶିକ୍ଷକଙ୍କ ଆକସ୍ମିକ ମୃତ୍ୟୁ

ଉମରକୋଟ, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଫୁପୁଗାଁ କ୍ଲଷ୍ଟର ଅନ୍ତର୍ଗତ ତାରାକନାଡ଼ି ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟ ପ୍ରକାଶ ଜେନାଙ୍କ ୫୪ ବର୍ଷରେ ନିଜ ଘର ତାରାକନାଡ଼ି ଗ୍ରାମରେ ଦେହାନ୍ତ ହୋଇଯାଇଛି। ସୂଚନା ପ୍ରକାରେ ସ୍ୱର୍ଗତ ଜେନା ସକାଳୁ ପୂଜା କରିବା ପାଇଁ ଫୁଲ ସଂଗ୍ରହ କରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ସବୁ ଦିନ ଭଳି ଦଶମ ଶ୍ରେଣୀର ୩ଜଣ ଛାତ୍ରୀଙ୍କୁ ପାଠ ପଢ଼ାଉ ଥିଲେ। ପ୍ରାୟ ଦିନ ସାଢ଼େ ୯ ଘଣ୍ଟା ସମୟରେ ତାଙ୍କ ପତ୍ନୀ ଫୋନ କରିବା ପରେ ପତ୍ନୀଙ୍କ ସହ ଫୋନରେ କଥା ହେଉଥିଲେ। ହଠାତ ଭଲ ଲାଗୁ ନାହିଁ ବୋଲି ଛାତ୍ରୀ ମାନଙ୍କୁ ଗୁରୁମା ସହ କଥା ହେବା ପାଇଁ ଫୋନ ଦେଇ ଅନ୍ୟ ଏକ ବଖରାରେ ଶୋଇ ପଡ଼ିଥିଲେ।ଗୁରୁମା ସହ କଥା ହେବା ପରେ ଛାତ୍ରୀ ମାନେ ଜୟ ପ୍ରକାଶ ସାରଙ୍କୁ ଉଠାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ଜୟ ପ୍ରକାଶ ସାର ଆଉ ଉଠି ନଥିଲେ।ଶେଷରେ ତାରାକନାଡ଼ି ଗ୍ରାମରେ ରହୁଥିବା ଅନ୍ୟ ଜଣେ ସହକାରୀ ଶିକ୍ଷକ ତରୁଣ କୁମାର ରଣାଙ୍କୁ ଅନମାନେଛାତ୍ରୀଅଯାଇ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।ସୂଚନା ପାଇ ଶିକ୍ଷକ ଶ୍ରୀ ରଣା ତୁରନ୍ତ ଜୟ ପ୍ରକାଶଙ୍କ ଘରକୁ ଆସିଥିଲେ।ପରେ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ଶେଷରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମୃତ ଅବସ୍ଥାରେ ଡାକ୍ତରଖାନା କୁ ପହଞ୍ଚିଥିବା କହିଥିଲେ। ଶିକ୍ଷକଙ୍କ ଆକସ୍ମିକ ମୃତ୍ୟୁ ନେଇ ଝରିଗାଁ ଥାନାରେ ଶିକ୍ଷକ ଶ୍ରୀ ରଣା ଏତଲା ଦେବା ପରେ ପୋଲିସ ଶବ ଜବତ କରିବା ସହ କେସ ନଂ ୨୫ ରେ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ମୃତ ଶିକ୍ଷକଙ୍କ ଶବକୁ ତରୁଣ କୁମାର ରଣା ଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ ଅଫିସର ଏ ଏସ ଆଇ ମମତା ସେଠୀ ସୂଚନା ଦେଇଛନ୍ତି। ମୃତ ଶିକ୍ଷକଙ୍କ ନିଜ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ। ଶବ ବ୍ୟବଚ୍ଛେଦ ପରେ ତାଙ୍କ ଜନ୍ମମାଟି ଗାଁ କୁ ଶିକ୍ଷକଙ୍କ ପାର୍ଥିବ ଶରୀରକୁ ପଠାଯିବ ଏବଂ ବିଭାଗୀୟ ପକ୍ଷରୁ ମୃତ୍ୟୁକାଳୀନ ସହାୟତା ରାଶି ୧୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆ ସୂଚନା ଦେଇଛନ୍ତି। ସ୍ୱର୍ଗତ ଜୟ ପ୍ରକାଶଙ୍କ ଶେଷ ଦର୍ଶନ ପାଇଁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ସମୂହ ପହଞ୍ଚି ତାଙ୍କ ଅନ୍ତିମ ଦର୍ଶନ କରିଛନ୍ତି। ତାଙ୍କ ମରଶରୀର କୁ ତାଙ୍କ ଗାଁ କୁ ନେବା ପାଇଁ ବ୍ଲକ ଶିକ୍ଷକ ସମାଜ ବନ୍ଦବୋସ୍ତ କରୁଥିବା ସୂଚନା ଦେଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

# ଜାତୀୟ ଓ ଅନ୍ତର୍ଜାତୀୟ





ରାଜସ୍ଥାନ: ସାମ୍ନାକୁ ଆସିଛି ଗୋଟିଏ ଭୟଙ୍କର ଘଟଣା। ୯ ଜଣଙ୍କ ଉପରେ କାର ଚଢ଼ାଇ ଦେଇଛନ୍ତି ଜଣେ ବ୍ୟକ୍ତି। ବାହାଘର ବେଳେ ହୋଇଥିବା ଯୁକ୍ତିତର୍କ ଯୋଗୁ ବ୍ୟକ୍ତି ଜଣଙ୍କ ଏପରି କାଣ୍ଡ ଘଟାଇଛନ୍ତି। ରାଜସ୍ଥାନର ଦଉସା ଜିଲ୍ଲାରେ ରବିବାର ରାତିରେ ଏପରି ଘଟଣା ଘଟିଛି। ଜିଲ୍ଲାର ଲାଡପୁରା ଗାଁରେ ଗୋଟିଏ ବାହାଘର କାର୍ଯ୍ୟକ୍ରମ ଚାଲିଥିଲା। ଅଭିଯୁକ୍ତ ଜଣଙ୍କ ବର ଘର ପକ୍ଷରୁ କାର ଧରି ଆସିଥିଲେ। ବାହାଘର ହେଉଥିବା ମଣ୍ଡପ ବାହାରେ ସେ ବାଣ ଫୁଟାଇବା ସହ ନାଚିଥିଲେ। ଏତିକି ବେଳେ କନ୍ୟାର ଭାଇ ଏହାକୁ ବିରୋଧ କରିବାରୁ ଆରମ୍ଭ ହୋଇଥିଲା ଯୁକ୍ତିତର୍କ। କଥା ଆଗକୁ ବଢ଼ିବାରୁ ଅଭିଯୁକ୍ତ ଜଣଙ୍କ ସିଧା ନିଜ କାରରେ ବସିଥିଲେ। ଏହାପରେ ଅତ୍ୟନ୍ତ ଦ୍ରୁତଗତିରେ କନ୍ୟା ଘରର ୯ ଜଣଙ୍କ ଉପରେ ଏହାକୁ ଚଢ଼ାଇ ଦେଇଥିଲେ। ଏଥିସହ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସେ କାର ମଡ଼ାଇ ଦେବାରୁ ୯ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଏସଏମଏସ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପୋଲିସ୍ ଏପରି ଅଭିଯୋଗ ପାଇବା ପରେ ଫେରାର ଅଭିଯୁକ୍ତଙ୍କୁ ଖୋଜିବାରେ ଲାଗି ପଡ଼ିଛି।

### ବାଂଲାଦେଶରେ ସ୍ୱାସ୍ଥ୍ୟ ସଙ୍କଟ

## ଜଳବାୟୁ ପରିବର୍ତ୍ତନ ଡେଙ୍ଗୁ ରୋଗର କାରଣ



ଢାକା: ଜଳବାୟୁ ପରିବର୍ତ୍ତନଜନିତ ତାପମାତ୍ରା ବୃଦ୍ଧି ଓ ଅସ୍ୱାଭାବିକ ମୌସୁମୀ ଯୋଗୁଁ ୨୦୨୪ରେ ବାଂଲାଦେଶରେ ୪୦୦ରୁ ଅଧିକ ଡେଙ୍ଗୁଜନିତ ମୃତ୍ୟୁ ଘଟିଛି। ମଶାବାହିତ ସଂକ୍ରମଣ ପାଇଁ ଦେଶରେ ଦେଖାଦେଇଥିବା ସ୍ୱାସ୍ଥ୍ୟ ସଙ୍କଟ ଚିନ୍ତାର କାରଣ ପାଲଟିଛି। ଏବେ ୯୦ଟି ଦେଶରେ ସକ୍ରିୟ ଡେଙ୍ଗୁ ସଂକ୍ରମଣ ଦେଖିବାକୁ ମିଳିଥିବା ବେଳେ ଏ କ୍ଷେତ୍ରରେ ବାଂଲାଦେଶର ସ୍ଥିତି ଉଦ୍‌ବେଗଜନକ ରହିଛି ଏବଂ ଚଳିତ ବର୍ଷ ଏ ବାବଦ ମୃତ୍ୟୁସଂଖ୍ୟା ୪୦୭ ଛୁଇଁଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଏହା ସହିତ ୭୮,୫୯୫ ଜଣ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତବର୍ଷ ମଧ୍ୟ ବାଂଲାଦେଶରେ ଡେଙ୍ଗୁଜନିତ ମୃତ୍ୟୁସଂଖ୍ୟା ୧,୭୦୫ ରହିଥିଲା ଏବଂ ୩ ଲକ୍ଷରୁ ଅଧିକ ଲୋକ ଏଥିରେ ସଂକ୍ରମିତ ହୋଇଥିଲେ। ସାରା ଦେଶରେ ବିଶେଷ କରି ଢାକାରେ ଥିବା ହସ୍ପିଟାଲରେ ଏବେ ଡେଙ୍ଗୁରୋଗୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଡେଙ୍ଗୁର ପ୍ରାରମ୍ଭିକ ଲକ୍ଷଣ ସାମାନ୍ୟ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଗୁରୁତର ରୂପ ନେଇଥାଏ। ତୁରନ୍ତ ଚିକିତ୍ସା କଲେ ମୃତ୍ୟୁ ସଂଖ୍ୟା ୧ ପ୍ରତିଶତରୁ କମ୍ ହୋଇପାରିବ ବୋଲି ଖ୍ୟାତନାମା ଡାକ୍ତର ଏବିଏମ୍ ଅବଦୁଲ୍ଲା କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଜାହାଙ୍ଗୀରନଗର ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଫେସର କବିରୁଲ ବସର କହିଛନ୍ତି, 'ଆମେ ଅକ୍ଟୋବରରେ ମଧ୍ୟ ମୌସୁମୀ ବର୍ଷା ଦେଖୁଛୁ, ଯାହା ଅସ୍ୱାଭାବିକ। ଭୂତାଣୁ ବ୍ୟାପିବା ପାଇଁ ମୁଖ୍ୟତଃ ଦାୟୀ ମଶା ପ୍ରଜାତି ଏଡିସ୍ ଏଜିପ୍ଟି ପାଇଁ ଅନୁକୂଳ ପ୍ରଜନନ ଅବସ୍ଥା ସୃଷ୍ଟି ହେଉଛି ଏବଂ ଏହା ମୂଳରେ ଅସ୍ୱାଭାବିକ ପାଣିପାଗ ରହିଛି। ବାଂଲାଦେଶରେ ଡେଙ୍ଗୁ ପ୍ରକୋପ ସାଧାରଣତଃ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୌସୁମୀ ଋତୁରେ ସୀମିତ ଥାଏ। ଏବେ କିନ୍ତୁ ଏହା ନଭେମ୍ବରରେ ମଧ୍ୟ ବ୍ୟାପକ ରହିଛି। ଚଳିତ ବର୍ଷ ଏହି ରୋଗ ସ୍ୱାଭାବିକ ସମୟ ସୀମା ଅତିକ୍ରମ କରିବା ସହ ଦୀର୍ଘ ଦିନ ଧରି ବର୍ଷା ଓ ଜଳବାୟୁ ପରିବର୍ତ୍ତନ ସହ ଜଡିତ ଅଧିକ ତାପମାତ୍ରା ପାଇଁ ଜାରି ରହିଛି। ଘନ ସହରାଞ୍ଚଳ ଜନସଂଖ୍ୟା ମଧ୍ୟ ସଂକ୍ରମଣକୁ ଆହୁରି ବଢ଼ାଉଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି।

## ସ୍କୁଲ୍ ସଭାରେ ପହଞ୍ଚିବା ବିଳମ୍ବ ହେବାରୁ ୧୮ ଛାତ୍ରୀଙ୍କ କେଶ କାଟିଦେଲେ ଗୁରୁମା

ଆନ୍ଧ୍ରପ୍ରଦେଶ: ଛାତ୍ରଛାତ୍ରୀ ପାଠ ନ ପଢିଲେ କିମ୍ବା କୌଣସି ଭୁଲ୍ କଲେ ଶିକ୍ଷକ-ଶିକ୍ଷୟିତ୍ରୀ ସେମାନଙ୍କୁ ଦଣ୍ଡ ଦେବା କୌଣସି ଅପରାଧ ନୁହେଁ। କିନ୍ତୁ ବେଳେବେଳେ ଗୁରୁଜୀ-ଗୁରୁମାଙ୍କ ଦଣ୍ଡ ଦେବାର ଶୈଳୀ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟୁଛି। ଏପରି ଏକ ସଦ୍ୟତମ ଘଟଣା ଘଟିଛି ଆନ୍ଧ୍ରପ୍ରଦେଶରେ। ପିଲାମାନେ ସ୍କୁଲ୍ ସଭାକୁ ବିଳମ୍ବରେ ଆସିବାରୁ ଗୁରୁମା ସେମାନଙ୍କ କେଶ କାଟି ଦେଇଥିବା ଅଭିଯୋଗ ହୋଇଛି। ଏପରି ଦଣ୍ଡ ଜଣେ କିମ୍ବା ଦୁଇଜଣଙ୍କୁ ଦିଆଯାଇ ନାହିଁ, ସ୍କୁଲର ୧୮ ଜଣ ଛାତ୍ରୀଙ୍କ କେଶ କାଟି ଦିଆଯାଇଛି। ସୂଚନା ଅନୁସାରେ, ଏହି ଘଟଣା ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମରାଜୁ ସ୍ଥିତ ଏକ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଘଟିଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଇ ପ୍ରସନ୍ନା ସେମାନଙ୍କ କେଶ କାଟି ଦେଇଥିବା ଅଭିଯୋଗ ଆସିଛି। ସାଇ ପ୍ରସନ୍ନା ମଧ୍ୟ ଛାତ୍ରୀମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ଦାୟିତ୍ୱରେ ଥିଲେ। ଖବର ମୁତାବକ ହଷ୍ଟେଲରେ ପାଣି ନଥିବାରୁ ଛାତ୍ରୀମାନେ ସ୍କୁଲ୍ ସଭାରେ ବିଳମ୍ବରେ ପହଞ୍ଚିଥିଲେ। କିନ୍ତୁ ଗୁରୁମା କିଛି ନ ଶୁଣି ୧୮ ଜଣ ଛାତ୍ରୀଙ୍କ କେଶ କାଟି ଦେଇଥିଲେ। ଏପରିକି ଚାରିଜଣ ଛାତ୍ରୀଙ୍କୁ ମଧ୍ୟ ଶାରୀରିକ ନିର୍ଯାତନା ଅର୍ଥାତ୍ ଖରାରେ କିଛି ସମୟ ଛିଡା କରାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି ଦଣ୍ଡିତ କରିବା ପରେ ଏ ବାବଦରେ କାହାକୁ ନ କହିବା ପାଇଁ ମଧ୍ୟ ଛାତ୍ରୀମାନଙ୍କୁ ତାଗିଦ୍ କରିଥିଲେ ସାଇ ପ୍ରସନ୍ନା। କିନ୍ତୁ ଛାତ୍ରୀମାନେ ପରିବାର ଲୋକଙ୍କୁ ଜଣାଇବା ପରେ ଖବର ସାମ୍ନାକୁ ଆସିଛି। ଏନେଇ ଶିକ୍ଷୟିତ୍ରୀଙ୍କୁ ପଚରା ଯିବାରୁ ସେ ଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା ଆଣିବା ପାଇଁ ଏପରି ପଦକ୍ଷେପ ନେଇଥିବା କହିଛନ୍ତି।

## ଲେବାନନ୍ ଉପରେ ପୁଣି ଇସ୍ରାଏଲ୍‌ର ଆକ୍ରମଣ: ୧୧ ମୃତ



ଲେବାନନ: ଲେବାନନ ଉପରେ ତୁହାକୁ ତୁହା ଆକ୍ରମଣ କରୁଛି ଇସ୍ରାଏଲ। ଏବେ ପୁଣି ଥରେ ଇସ୍ରାଏଲ ଲେବାନନ ଉପରେ କରିଛି ରକେଟ୍ ମାଡ଼। ଏଥିରେ ୧୧ ଜଣଙ୍କ ମୃତ୍ୟ ହୋଇଛି। ସେହିପରି ୪୮ ଜଣ ଆହତ ହୋଇଛନ୍ତି। ଲେବାନନର ଟାୟର ଅଞ୍ଚଳରେ ଏହି ଆକ୍ରମଣ ହୋଇଛି। ଏହାପୂର୍ବରୁ ମଧ୍ୟ ଇସ୍ରାଏଲ୍ କ୍ରମାଗତ ଭାବରେ ଲେବାନନ ଏବଂ ଗାଜା ଅଞ୍ଚଳରେ ଆକ୍ରମଣ କରିଛି। ରବିବାର ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ମୁଖ୍ୟ ମୁଖପାତ୍ର ମହମ୍ମଦ ଆଫିଫଙ୍କ ମୃତ୍ୟୁ ଘଟିଛି। ସେପ୍ଟେମ୍ବରରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ଏବଂ ଟପ୍ ହେଜବୁଲ୍ଲା ନେତା ହାସନ ନସରଲ୍ଲାଙ୍କ ହତ୍ୟା ପରେ ଆଫିଫ ଗଣମାଧ୍ୟମରେ ନିଜ ସଂଗଠନର ପକ୍ଷ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ଇସ୍ରାଏଲ ସୈନ୍ୟମାନେ ତାଙ୍କୁ ମଧ୍ୟ ହତ୍ୟା କରିଥିବା ସୂଚନା ମିଳିଛି। ଅନ୍ୟପଟେ ଉତ୍ତର ଗାଜାର ବେତ ଲୋହିୟାରେ ଇସ୍ରାଏଲ ଦ୍ୱାରା ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଅତି କମରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି। ବେତ୍ ଲୋହିୟାର କମାଲ ଆଦୱାନ ହସ୍ପିଟାଲର ନିର୍ଦ୍ଦେଶକ ହୋସାମ ଆବୁ ସଫିଆ କହିଛନ୍ତି ଯେ ଏହି ଆକ୍ରମଣରେ ଅନେକ ଲୋକ ଆହତ ହୋଇଛନ୍ତି। ଅନେକ ଲୋକ ଏବେ ବି ମାଟି ତଳେ ପୋତି ହୋଇ ରହିଛନ୍ତି। ସେପଟେ ସ୍ଥାନୀୟ ଲୋକ କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣ ଯୋଗୁ ଅନେକ ଘର ମଧ୍ୟ ନଷ୍ଟ ହୋଇଯାଇଛି। ଯୁଦ୍ଧ ଅଞ୍ଚଳରୁ ସାଧାରଣ ନାଗରିକଙ୍କୁ ବାହାର କରିବା ପାଇଁ ଉଦ୍ୟମ ଚାଲିଛି ବୋଲି ଇସ୍ରାଏଲ ସେନା କହିଛି।

## ବସ୍ତରରେ ପର୍ଯ୍ୟଟନର ବିକାଶ ପାଇଁ ହେବ ଟୁରିଜିମ୍ କରିଡ଼ର




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଚିତ୍ରକୋଟରେ ଆୟୋଜିତ ବସ୍ତର କ୍ଷେତ୍ର ଆଦିବାସୀ ବିକାଶ ପ୍ରାଧିକରଣର ପ୍ରଥମ ବୈଠକରେ ଯୋଗଦେଇ କହିଥିଲେ ଯେ, ବସ୍ତରରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଟୁରିଜିମ୍ କରିଡର ନିର୍ମାଣ ନିମନ୍ତେ ବିଚାରବିମର୍ଶ ଜାରି ରହିଛି । ଏଥିସହ ବସ୍ତର ଅଞ୍ଚଳର ଚିହ୍ନଟ ହୋଇଥିବା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ଏନ୍‌ଏମ୍‌ଡିସି ଦ୍ୱାରା ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ସମ୍ବନ୍ଧରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିଲା । ଏଥିସହ ସୌରଚାଳିତ ଶକ୍ତିର ସେ ଶୁଭାରମ୍ଭ କରିଥିଲେ । ଶ୍ରୀ ସାଏ କହିଥିଲେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ସର୍ବଶ୍ରେଷ୍ଠ ପର୍ଯ୍ୟଟନ ଗାଁ ଉନ୍ନୟନ କାର୍ଯ୍ୟକ୍ରମରେ ଘୁଡ଼ମାରାସ ଗାଁକୁ ଚିହ୍ନଟ କରାଯାଇଛି । ୬୦ ଦେଶର ୨୦ ଗାଁ ମଧ୍ୟରେ ଛତିଶଗଡ଼ର ଘୁଡ଼ମାରାସ ନିଜର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ବୈଠକରେ ସମ୍ବୋଧନ କରି କହିଥିଲେ ଯେ, ଆମ ସରକାର ବସ୍ତର ଏବଂ ସରଗୁଜାର ବିକାଶ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ସେ ଆହୁରି କହିଥିଲେ ଯେ, ଜନଜାତି କ୍ଷେତ୍ରର ବିକାଶ ପାଇଁ ଟଙ୍କାର ଅଭାବ ନାହିଁ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶରୁ ମାଓବାଦ ଲୋପ କରିବା ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ସେ ନେଇ ମୋ ସରକାର କାର୍ଯ୍ୟ କରୁଛି । ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ ।

## ଜଳୁଛି ମଣିପୁର: ବିଜେପି-କଂଗ୍ରେସ ଅଫିସ୍‌ରୁ ଲୁଟ୍



ମଣିପୁର: ଜଳୁଛି ମଣିପୁର। ନିଖୋଜ ୬ ଜଣଙ୍କ ମୃତଦେହ ମିଳିବା ପରେ ପୁଣି ଥରେ ମଣିପୁରରେ ଉଗ୍ର ହେବାରେ ଲାଗିଛି ହିଂସା। ଏହାକୁ ବିରୋଧ କରି କ୍ରୋଧିତ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବ୍ୟାପକ ପୋଡାଜଳା ସାଙ୍ଗକୁ ଭଙ୍ଗାରୁଜା ହୋଇଛି। ତେବେ ଭିଡକୁ ନିୟନ୍ତ୍ରଣ କରିବାକୁ ଯାଇ ମଣିପୁରର ଜିବିରାମ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ଜଣେ ଆହତ ହୋଇଛନ୍ତି। ରିପୋର୍ଟ ଅନୁସାରେ ରବିବାର ରାତିରେ ଉଗ୍ର ରୂପ ନେଇଥିଲା ବିକ୍ଷୋଭ। ଜିବିରାମ ଜିଲ୍ଲାର ବାବୁପୁରାରେ ସ୍ଥିତ ବିଜେପି ଓ କଂଗ୍ରେସ ଅଫିସରେ ବିକ୍ଷୋଭକାରୀମାନେ ପଶି ଭଙ୍ଗାରୁଜା କରିବା ସହ ଲୁଟ୍ କରିଥିଲେ। କ୍ରୋଧିତ ଜନତା ସମ୍ପୃକ୍ତ କାର୍ଯ୍ୟାଳୟରୁ ଆସବାବପତ୍ର ସାମଗ୍ରୀ ବାହାର କରି ଜାଳି ଦେଇଥିଲେ। ଏହା ପରେ ସୁରକ୍ଷା ବାହିନୀ ଭିଡ଼କୁ ନିୟନ୍ତ୍ରଣ କରିବା ସହ ପରିସ୍ଥିତିର ମୁକାବିଲା ପାଇଁ ଫାଙ୍କା ଗୁଳିମାଡ଼ କରିଥିଲେ। ଏଥିରେ ୨୦ ବର୍ଷୀୟ କେ ଅଥୌବାଙ୍କୁ ଗୁଳି ବାଜିଥିଲା। ଯେଉଁଥିପାଇଁ ସେ ଆହତ ହୋଇଥିଲେ। ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଜିରିବାମ ପୋଲିସ ଷ୍ଟେସନଠାରୁ ପ୍ରାୟ ୫୦୦ ମିଟର ଦୂରରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ହିଂସା ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ୧୦୭ଟି ଚେକ୍‌ପଏଣ୍ଟ ଏବଂ ଚେକପୋଷ୍ଟ ପ୍ରତିଷ୍ଠା କରିଛନ୍ତି, ଯେଉଁଥିରେ ଉଭୟ ପାହାଡ ଏବଂ ଉପତ୍ୟକା ଅଞ୍ଚଳ ରହିଛି। ଏଥିସହ ସମ୍ବେଦନଶୀଳ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ପଶ୍ଚିମବଙ୍ଗରେ ହିଂସା

## କର୍ଫ୍ୟୁ ଲାଗୁ, ଇଣ୍ଟରନେଟ୍ ସେବା ବନ୍ଦ

ପଶ୍ଚିମବଙ୍ଗ: ପୁଣି ଅଶାନ୍ତ ପଶ୍ଚିମବଙ୍ଗ। ଏଠାକାର ମୁର୍ସିଦାବାଦ ଜିଲ୍ଲା ପୁଣି ଥରେ ସାମ୍ପ୍ରଦାୟିକ ହିଂସାକୁ ନେଇ ଚର୍ଚ୍ଚାକୁ ଆସିଛି। ମୁର୍ସିଦାବାଦର ବେଲଡାଙ୍ଗା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଯାହା ପରେ କର୍ତ୍ତୃପକ୍ଷଙ୍କୁ ଉକ୍ତ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରିଛି। ଡିଜିଟାଲ ଡିସ୍ ପ୍ଲେ ବୋର୍ଡରେ ଆପତ୍ତିଜନକ ବାର୍ତ୍ତା ପ୍ରଦର୍ଶନକୁ ନେଇ ଏହି ସଂଘର୍ଷ ଘଟିଛି। ଏହି ମାମଲାରେ ପୋଲିସ ୧୫ ଜଣଙ୍କୁ ଗିରଫ କରିଛି। ଜଣେ ପୋଲିସ ଅଧିକାରୀଙ୍କ କହିବା ମୁତାବକ, ବେଲଡଙ୍ଗାରେ ଘଟିଥିବା ଏହି ସଂଘର୍ଷରେ କିଛି ଲୋକ ସାମାନ୍ୟ ଆହତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରଖାଯାଇଛି। କାର୍ତ୍ତିକ ପୂଜା ପେଣ୍ଡାଲ ନିକଟରେ ଥିବା ଏକ ଫାଟକରେ ଡିସ୍ ପ୍ଲେ ବୋର୍ଡରେ ଲେଖାଯାଇଥିବା ବାର୍ତ୍ତା ବିଷୟରେ ଜାଣିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ପଥର ଫିଙ୍ଗିବା ସହ ଲାଠି ମାଡ଼ କରିଥିଲେ। ସୂଚନାନୁସାରେ, ଅନେକ ଦୋକାନ ଏବଂ ଘର ଭଙ୍ଗାରୁଜା କରାଯାଇଥିଲା ଏବଂ ଦେଶି ବୋମାମାଡ଼ ମଧ୍ୟ କରାଯାଇଥିଲା। ଏକ ପୋଲିସ ଗାଡି ଉପରକୁ ମଧ୍ୟ ଆକ୍ରମଣ କରାଯାଇଥିଲା, ଯାହାପରେ ପୋଲିସ ଲାଠି ମାଡ଼ କରିଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ସୁଦ୍ଧା ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଏହି ସଂଘର୍ଷରେ ସମ୍ପୃକ୍ତ ଥିବା ୧୫ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

# ବାଣିଜ୍ୟ

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍ ବନ୍ଧନ ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି ଯାହା ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଛି। ଏହି ଫଣ୍ଡ ନିବେଶକଙ୍କୁ ନିଫ୍ଟି ୨୦୦ ୟୁନିଭର୍ସ ମଧ୍ୟରେ ୩୦ଟି ଉଚ୍ଚମାନର କମ୍ପାନୀ ପାଇଁ ପହଞ୍ଚ ପ୍ରଦାନ କରିବ ଯାହାକୁ ରିଟର୍ଣ୍ଣ ଅନ୍ ଇକ୍ୱିଟି, ଡେବ୍ଟ-ଟୁ ଇକ୍ୱିଟି ରେସିଓ ଓ ଯର୍ଣ୍ଣିଙ୍ଗ୍ସ ପର୍ ସେୟାର ଭଳି ପ୍ରମୁଖ ଆର୍ଥିକ ପରିମାପ ଉପରେ ଆଧାର କରି ଚୟନ କରାଯାଇଥାଏ। ଏହି ଫଣ୍ଡ ଉଭୟ ସ୍ଥିରତା ଓ ଅଭିବୃଦ୍ଧି କ୍ଷମତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହାକୁ ଆପେକ୍ଷିକ ସ୍ଥିରତା ଓ ବଜାର ଅସ୍ଥିରତାର ସନ୍ଧାନ କରୁଥିବା ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ଭାବେ ସ୍ଥାନିତ କରୁଛି। ଏହି ନୂତନ ଫଣ୍ଡ ଅଫର ସୋମବାର ଖୋଲିଥିବା ବେଳେ ଆସନ୍ତା ୨୯ରେ ବନ୍ଦ ହେବ। ନିବେଶକମାନେ ବନ୍ଧନ ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସରେ ଲାଇସେନ୍ସପ୍ରାପ୍ତ ଫଣ୍ଡ ଡିଷ୍ଟ୍ରିବ୍ୟୁଟର, ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ନିବେଶ କରିପାରିବେ। ବନ୍ଧନ ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡରେ ନିବେଶ କରିବା ପାଇଁ ପ୍ରମୁଖ କାରଣ ଉଲ୍ଲେଖ କରି ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, ଅର୍ଥନୀତିଗୁଡିକ ବର୍ଦ୍ଧିତ ଅସ୍ଥିରତାର ସମ୍ମୁଖୀନ ହେଉଥିବା ବେଳେ ଲାର୍ଜ କ୍ୟାପ, ହାଇ-କ୍ୱାଲିଟି ଷ୍ଟକ୍ ଦିଗରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳୁଛି ଯାହା ସ୍ଥିରତା ପ୍ରଦାନ କରୁଛି। ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସ ଅଧିକ ଲାଭ ହାସଲ କରିବାର କ୍ଷମତା ଥିବା, ପରିଚାଳନା ଯୋଗ୍ୟ ଋଣସ୍ତର ଥିବା ଓ ନିରନ୍ତର ଆୟ ହାସଲ କରୁଥିବା କମ୍ପାନୀକୁ ଟାର୍ଗେଟ କରୁଛି ଯାହା କମ୍ ଅସ୍ଥିରତା ସହିତ ଉତ୍ତମ ରିସ୍କ-ପରିଚାଳିତ ରିଟର୍ଣ୍ଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

## କୃଷକ ଉତ୍ପାଦକ ସଂଗଠନକୁ ସହଯୋଗ ପାଇଁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହ ବୁଝାମଣା



ନୂଆଦିଲ୍ଲୀ: ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଲିମିଟେଡ୍ ଓ ଆଇବିଏଲର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଭାରତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଲିମିଟେଡ୍ ପକ୍ଷରୁ ଭାରତ ସିବନୀ କୃଷି ଉତ୍ଥାନ୍ ଅଭିଯାନର ଶୁଭାରମ୍ଭ ଲାଗି ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର ଘୋଷଣା କରାଯାଇଛି । ଅଭିଯାନରେ ସାରା ଦେଶରେ ଏଫ୍‌ପିଓଙ୍କୁ ସଶକ୍ତ କରିବା ଲାଗି ଦୃଢ଼ ଫ୍ରେମୱର୍କ ପ୍ରଦାନ କରି ଭାରତ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ୧୦,୦୦୦ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ପ୍ରସାରକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତ ସରକାରଙ୍କ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଫୈଜ ଅହମ୍ମଦ କିଦୱାଇ କହିଛନ୍ତି ଯେ, କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ ବିଆଇଏଫ୍‌ଏଲ୍ ଏବଂ ଆଇବିଏଲର ପ୍ରତିବଦ୍ଧତା ପ୍ରଶଂସନୀୟ । ଆଇବିଏଲର ଇନ୍‌କ୍ଲୁସିଭ୍ ବ୍ୟାଙ୍କିଙ୍ଗ୍, ସିଏସ୍‌ଆର୍ ଏବଂ ସଷ୍ଟେନେବିଲିଟି ମୁଖ୍ୟ ନିବାସ ବୋନମ କହିଛନ୍ତି ଯେ, ଭାରତ ସରକାରଙ୍କ ସହ ଆମର ସହଯୋଗିତା ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଆମର ଯାତ୍ରାରେ ଏକ ମାଇଲଖୁଣ୍ଟକୁ ପ୍ରତିଫଳିତ କରୁଛି। କୃଷି ଆନୁଷଙ୍ଗିକ ସେବାରୁ କୃଷିର ମୁଖ୍ୟ ସ୍ରୋତକୁ ଆମର ସମର୍ଥନକୁ ବିସ୍ତାର କରି ଆମେ ଗ୍ରାମୀଣ ଭାରତ ପାଇଁ କୃଷି ରକ୍ଷଣାବେକ୍ଷଣ ଏବଂ ସଶକ୍ତୀକରଣର ଜାତୀୟ ଲକ୍ଷ୍ୟ ସହିତ ଯୋଡ଼ି ହୋଇଛୁ। ବିଏଫ୍‌ଆଇଏଲ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଜେ ଶ୍ରୀଧରନ୍ କହିଛନ୍ତି ଯେ, ଏଫପିଓଗୁଡ଼ିକୁ ସମର୍ଥନ କରି ଭାରତ ସୀବନୀ କୃଷକ ଉତ୍ଥାନ ପଦକ୍ଷେପ ଆରମ୍ଭ କରିବା ପାଇଁ କୃଷି ମନ୍ତ୍ରଣାଳୟ ସହ ଏହି ବୁଝାମଣାପତ୍ର ମାଧ୍ୟମରେ ଆମେ ପ୍ରଯୁକ୍ତି ଆଧାରିତ ସମାଧାନରେ ଯୋଗଦାନ କରି ଗର୍ବ ଅନୁଭବ କରୁଛୁ। ଏହା କୃଷକଙ୍କୁ ସିଧାସଳଖ ଉପକୃତ କରିବ।

## ଟାଟା କନ୍‌ସଲ୍‌ଟିଂ ଇଞ୍ଜିନିୟର୍ସ ପକ୍ଷରୁ ପୁରୀରେ ଭିତ୍ତିଭୂମି ରୂପାନ୍ତରୀକରଣ

ପୁରୀ(ଭାସ୍କର ନ୍ୟୁଜ): ଦେଶର ଅଗ୍ରଣୀ ଇଞ୍ଜିନିୟରିଂ କନସଲ୍‌ଟିଂ କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ଇନିୟର୍ସ ପକ୍ଷରୁ ଅଭଡ଼ା ସ୍କିମ୍ ଅଧୀନରେ ପୁରୀରେ ସଫଳତାର ସହ ପ୍ରକଳ୍ପ ନିର୍ମାଣ ଓ ତଦାରଖ କରାଯାଇଛି। କମ୍ପାନିର ଏହି କାର୍ଯ୍ୟ ଭବିଷ୍ୟତକୁ ଆକାର ପ୍ରଦାନ କରିବା ଏବଂ ସହରାଞ୍ଚଳ ଭିତିଭୂମିରେ ଉନ୍ନତି ଆଣିବାରେ ଟିସିଇର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସହରର ଐତିହ୍ୟ ଓ ସାଂସ୍କୃତିକ ଗୁରୁତ୍ୱକୁ ସୁଦୃଢ଼ କରିବା ଯାହାଦ୍ୱାରା ଉଭୟ ସହରର ବାସିନ୍ଦା ଓ ଆଗମନକାରୀ ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ବିକାଶ ଉପରେ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପଗୁଡ଼ିକୁ ବିଭିନ୍ନ ସେବା ପାଇବାରେ ଉନ୍ନତି ଆଣିବା ଲାଗି ପ୍ରସ୍ତୁତ କରାଯାଇଛି ଯେ ପରିଦର୍ଶନକାରୀଙ୍କ ଅନୁଭୂତିରେ ଉନ୍ନତି ଆଣିବ ଏବଂ ପୁରୀରେ ସମୃଦ୍ଧ ସାଂସ୍କୃତିକ ଦୃଶ୍ୟପଟ୍ଟର ସଂରକ୍ଷଣ କରିବ। ମୁଷା ନଦୀ ବିକାଶ ପ୍ରକଳ୍ପ ୧ରେ ନଦୀ ପାର୍ଶ୍ୱର ବିକାଶ ଓ ପରିବେଶ ସଂରକ୍ଷଣ କରାଯାଇଛି। ସହରାଞ୍ଚଳ ଭିଡ଼କୁ କମ୍ କରିବା ଲାଗି ସମଂଘ ପାର୍କିଂ ପ୍ରକଳ୍ପ କରାଯାଇଛି। ବାସେଳିସାହିର ଧର୍ମଶାଳାରେ ଶ୍ରଦ୍ଧାଳୁ ଓ ପରିଦର୍ଶନକାରୀଙ୍କ ଲାଗି ରହଣୀ ଓ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି। ଟାଟା କନସଲଟିଂ ଇଞ୍ଜିନିୟର୍ସର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅମିତ ଶର୍ମା କହିଛନ୍ତି ଯେ, ପୁରୀରେ ଆମର ଜାରି ରହିଥିବା ପ୍ରକଳ୍ପ ସ୍ଥାୟୀ ବିକାଶ ଓ ଇଞ୍ଜିନିୟରିଂ ଉତ୍କର୍ଷ ପ୍ରତି ଆମ ପ୍ରତିବଦ୍ଧତାର ପ୍ରତିଫଳନ ଯାହା ଆଧୁନିକ ସୁବିଧା ସୁଯୋଗ ପ୍ରଦାନ ଓ ସହରର ସମୃଦ୍ଧ ଐତିହ୍ୟକୁ ସମ୍ମାନ ଜଣାଇବା ସୁନିଶ୍ଚିତ କରୁଛି।

## କଟକ ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ): ଉତ୍କଳୀୟ କଳା ସଂସ୍କୃତି ତଥା ବାଣିଜ୍ୟକ ପେଣ୍ଠସ୍ଥଳ ଭାବେ ପରିଚିତ କଟକ ଐତିହାସିକ ବାଲିଯାତ୍ରା ବର୍ତ୍ତମାନ୍ ଚଳଚଞ୍ଚଳ ହୋଇପଡ଼ିଛି । ୮ଦିନ ବ୍ୟାପି ଏହି ଐତିହାସିକ ବାଲିଯାତ୍ରାରେ ଦେଶ ତଥା ଦେଶ ବାହାରରୁ ବ୍ୟବସାୟୀମାନେ ତାଙ୍କର ପସରା ଏଠାରେ ମେଲାଇଥାନ୍ତି । ଏହି ଅବସରରେ ଭାରତ ବର୍ଷର ଏକ ନମ୍ବର ଖାଇବା ତେଲ ଭାବେ ପରିଚିତ ଫ୍ରିଡମ୍ ଷ୍ଟଲ୍ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ବାତ୍ୟା ଦାନାର ମହାନାୟିକା (ଆଶାକର୍ମୀ) ଶିବାନୀ ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ମାଲଗୋଦାମ ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ପ୍ରମୁଖ ଯୋଗଦେଇ ଫ୍ରିଡମ ଷ୍ଟଲକୁ ଉଦ୍‌ଘାଟନ କରିଥିଲେ । ଗ୍ରାହକଙ୍କ ପାଇଁ ୫ ଲିଟର ସନଫ୍ଲାୱାର ତେଲ କିଣିଲେ ତସହିତ ଗୋଟିଏ ବାଲଟି ମାଗଣାରେ ମିଳୁଥିବା ବେଳେ ସନଫ୍ଲାୱାର୍ ଦୁଇ ଲିଟର ଏବଂ ସୋରିଷ ତେଲ ଏକ ଲିଟର ଜାର କମ୍ବୋ ଅଫର ସହ ଆକର୍ଷଣୀୟ ଦରରେ ମିଳୁଛି । ଏଥିସହିତ ପାଞ୍ଚ ଲିଟର କଚି ଘନି ସୋରିଷ ତେଲର ବକେଟ ଜାର ମଧ୍ୟ ଆକର୍ଷଣୀୟ ଦରରେ ମିଳୁଛି ବୋଲି ଫ୍ରିଡମ ଓଡ଼ିଶା ହେଡ ଅମିୟ କୁମାର ଧଳ ସୂଚନା ଦେବା ସହ ବାଲିଯାତ୍ରାକୁ ଆସୁଥିବା ସମସ୍ତ ଗ୍ରାହକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଫ୍ରିଡମ ଖାଆନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ୍ କୁମାର ମହାନ୍ତି, ସୌମ୍ୟ ରଞ୍ଜନ ନାୟକ, ଆଶିଷ ଦାସ, ସମୀର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଫିଲିପାଇନ୍ସକୁ ଇଲେକ୍ଟ୍ରିକ୍ ତିନିଚକିଆ ଯାନ ପ୍ରେରଣ



ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ଇଲେକ୍ଟ୍ରିକ୍ ଯାନ ନିର୍ମାତା ୱାର୍ଡ ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଇଲେକ୍ଟ୍ରିକ୍ ତିନିଚକିଆ ଯାନ ଇ-ଟ୍ରିକ୍‌କୁ ପରୀକ୍ଷଣ ପାଇଁ ଫିଲିପାଇନ୍ସ ପ୍ରେରଣ କରାଯାଇଛି। ବେଉଲା ଇଣ୍ଟରନ୍ୟାସନାଲ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ସହ ହୋଇଥିବା ୧.୨୯ ବିଲିଅନ୍ ଡଲାର ରାଜିନାମାର ଏହା ଏକ ଅଂଶ। ଫିଲିପାଇନ୍ସରେ ପୁରୁଣା କାଳିଆ ସାର୍ବଜନୀନ ପରିବହନ ବ୍ୟବସ୍ଥାର ସ୍ଥାନ ନେବା ଲାଗି ସେହି ଯାନକୁ ପ୍ରସ୍ତୁତ କରାଯାଇଛି ଯାହାକୁ ସେଠାରେ ବ୍ୟାପକ ଭାବେ ପରୀକ୍ଷଣ କରାଯିବ। ଏହି ଅବସରରେ ୱାର୍ଡ୍‌ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତିନ ଗୁପ୍ତେ କହିଛନ୍ତି ଯେ, ବେଉଲା ଇଣ୍ଟରନ୍ୟାସନାଲ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ସହ ଆମ ସହଯୋଗିତାର ଅଂଶ ଭାବେ ଫିଲିପାଇନ୍ସର ଇଲେକ୍ଟ୍ରିକ୍ ଗମନାଗମନ ବିକାଶ ପ୍ରତି ଯୋଗଦାନ କରିବାର ସୁଯୋଗ ପାଇଥିବାରୁ ଆମେ କୃତଜ୍ଞ। ଫିଲିପାଇନ୍ସ ବଜାର ପାଇଁ ସଠିକ୍ ଉତ୍ପାଦ ବିକାଶ କରିବାକୁ ୱାର୍ଡ୍‌ୱିଜାର୍ଡ ଇନୋଭେସନ୍ସରେ ଆମେ ପ୍ରତିବଦ୍ଧ ରହିଛୁ ଏବଂ ନିର୍ଦ୍ଧାରିତ ସମୟରେ ଉତ୍ପାଦ ବିକାଶ ଓ ବିନିର୍ମାଣକୁ ସମ୍ପୂର୍ଣ୍ଣ କରିବା ଲାଗି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛୁ। ଆମେ ଦ୍ରୁତଗତିରେ ପରୀକ୍ଷଣ ସ୍ତରରେ ପହଞ୍ଚିଥିବା ବେଳେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଇଲେକ୍ଟ୍ରିକ୍ ତିନିଚକିଆ ଯାନ ଇ-ଟ୍ରାଇକ୍‌କୁ କଠିନ ପରୀକ୍ଷଣ ପାଇଁ ପଠାଇଛି। ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଲାଗି ଉପଯୁକ୍ତ ଉତ୍ପାଦ ବିକାଶ କରିବାକୁ ଆମେ ଉଦ୍ୟମ କରୁଛୁ।

## ହାପିନେସ୍ ଅନ୍ ଦି ମୁଭ୍ ଅଭିଯାନ



ମୁମ୍ବାଇ: ଖୁସି ବାଣ୍ଟିବା ଓ ଅର୍ଥପୂର୍ଣ୍ଣ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ହାପିନେସ୍ ଅନ୍ ଦି ମୁଭ୍ ନାମକ ହୃଦୟସ୍ପର୍ଶୀ ଅଭିଯାନ ଜରିଆରେ ଶିଶୁ ଦିବସ ପାଳନ କରାଯାଇଛି। ନିଜର ଉନ୍ନତ ଡିପ୍ ଫ୍ରିଜର୍ ଓ ଭିସି-କୁଲର ଜରିଆରେ କମ୍ପାନି ପକ୍ଷରୁ ଭୁବନେଶ୍ୱରରେ ଏକ ଆଇସକ୍ରିମ୍ ଭ୍ୟାନ୍ ଜରିଆରେ ଅନଗ୍ରସର ପିଲାଙ୍କୁ ଆଇସକ୍ରିମ୍, ଜୁସ୍ ଓ ଦୁଗ୍ଧ ପାନୀୟ ବଣ୍ଟନ କରାଯାଇଛି, ଯାହାଫଳରେ ସେମାନଙ୍କ ପାଇଁ ଏହି ଦିବସଟି ବେଶ୍ ସ୍ୱତନ୍ତ୍ର ହୋଇପାରିଥିଲା। ଅଭିଯାନ ସମ୍ପର୍କରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ମାର୍କେଟିଂ ମୁଖ୍ୟ ସ୍ୱାତୀ ରାଠି କହିଛନ୍ତି ଯେ, ଆମେ କାର୍ଯ୍ୟ କରୁଥିବା ସମାଜରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲାଗି ବ୍ୟବସାୟଠାରୁ ଆଗକୁ ବଢ଼ିବା ଉପରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ରେ ଆମେ ବିଶ୍ୱାସ କରୁ। ହାପିନେସ୍ ଅନ୍ ଦି ଗୋ ହେଉଛି ଆମ ମୂଲ୍ୟବୋଧର ସମ୍ପ୍ରସାରଣ ଯାହା ଆମକୁ ପିଲାଙ୍କ ମଧ୍ୟରେ ଖୁସି ବାଣ୍ଟିବାର ସହାୟକ ହୋଇଛି ଯେଉଁମାନେ ସାଧାରଣତଃ ଏଭଳି ଅନୁଭୂତି ପାଇନଥାନ୍ତି। ଏହି ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ସେମାନଙ୍କ ମୁହଁରେ ଖୁସି ସୃଷ୍ଟି କରିଛି। ଏହି ସ୍ୱତନ୍ତ୍ର ଦିବସର ଅଂଶ ହୋଇଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ।

## ପଲିସୀବଜାର ପକ୍ଷରୁ କାର୍ କ୍ଷୟକ୍ଷତିର ତ୍ୱରିତ ଦାବି ସମାଧାନ

ନୂଆଦିଲ୍ଲୀ: ତ୍ୱରିତ ଏବଂ ଅଗ୍ରାଧିକାର ଭିତ୍ତିରେ ଦାବି ସମାଧାନ ସମର୍ଥନ ବ୍ୟବସ୍ଥାର ଆବଶ୍ୟକତାକୁ ହୃଦବୋଧ କରି ପଲିସୀବଜାର ମୋଟର ଯାନ ବୀମା ଦାବିଗୁଡିକର ସମାଧାନ ତ୍ୱରାନ୍ୱିତ କରିବାକୁ ଏହାର କ୍ଲେମ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ପ୍ରଚଳନ କରିଛି। ୧୦୦୦ରୁ ଅଧିକ ପିନ୍‌କୋଡରେ ମଜଭୁତ ଉପସ୍ଥିତି ଥିବା ପଲିସୀବଜାର ମେଟ୍ରୋ ଏବଂ ଟିୟର ୨ ଓ ୩ ଅଞ୍ଚଳ ଉପରେ ଦୃଷ୍ଟିନିବଦ୍ଧ କରୁଛି। ଦାବିଗୁଡିକର ଉପସ୍ଥାପନ ଓ ସମାଧାନ ନିମନ୍ତେ ନିଜର ଏକାନ୍ତ ପ୍ରତିବଦ୍ଧତା ଜାରିରଖି ଏହି ବ୍ରାଣ୍ଡ ସମସ୍ତ ବର୍ଗରେ ଏହାର ଦାବି ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏକାଧିକ ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ମଧ୍ୟ ଦାବି ପ୍ରକ୍ରିୟାକରଣ ତ୍ୱରାନ୍ୱିତ କରିବାକୁ ନିଆଯାଉଥିବା ପ୍ରୟାସଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ବ୍ରାଣ୍ଡ ପକ୍ଷରୁ ନୂତନ ବିଜ୍ଞାପନ ଅଭିଯାନ ଶୁଭାରମ୍ଭ କରାଯାଇଛି। ଋଆମେ ହୃଦୟଙ୍ଗମ କରୁଛୁ ଯେ କାର କ୍ଷୟକ୍ଷତି ଓ ବୀମା ଦାବିଗୁଡିକ ପରିଚାଳନା ଚାପଗ୍ରସ୍ତ ହୋଇପାରେ,ଋ ବୋଲି ତରୁଣ ମାଥୁର, ସିବିଓ, ଜେନେରାଲ ଇନସ୍ୟୁରାନ୍ସ, ପଲିସୀବଜାର କହିଛନ୍ତି। ତ୍ରୁଟିଶୂନ୍ୟ ସମର୍ଥନ ଯୋଗାଇବା ପ୍ରତି ଆମର ପ୍ରତିବଦ୍ଧତା ଆମ ପ୍ରତିଶ୍ରୁତି ଉର୍ଦ୍ଧ୍ୱକୁ ପରିବ୍ୟାପ୍ତ ହୋଇଛି, ଏହା ଏକ ଦୀର୍ଘସ୍ଥାୟୀ କାର୍ଯ୍ୟକଳାପ। ଏକ ଦୁର୍ଘଟଣା ଘଟିବାକୁ ଯାଉଛି ବୋଲି କେହି ଜାଣିନଥିବା ବେଳେ ଆମେ ବୁଝୁଛୁ ଯେ ଆମ ଗ୍ରାହକମାନେ ଯେତେବେଳେ ସର୍ବାଧିକ ଆବଶ୍ୟକ କରୁଛନ୍ତି, ସେତେବେଳେ ଆମେ ସେମାନଙ୍କ ନିକଟରେ ଛିଡା ହେବା ଆମ କର୍ତ୍ତବ୍ୟ ଅଟେ। ଦାବିଗୁଡିକ ସହିତ ସଂଯୁକ୍ତ ଚାପ ଏବଂ ଅନିଶ୍ଚିତତାକୁ ହୃଦୟଙ୍ଗମ କରି ଆମେ କ୍ଲେମ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ପରିକଳ୍ପନା କରିଛୁ ଯାହା ତୁରନ୍ତ ସହାୟତା ଓ ସମାଧାନ ଯୋଗାଇ ଦେଉଛି। କ୍ଲେମ ଆସ୍ୟୁରାନ୍ସ ପ୍ରୋଗ୍ରାମ, କାର ବୀମା ଦାବି ଜନିତ ଚିନ୍ତା ଗ୍ରାହକଙ୍କ ନିମନ୍ତେ ସହଜ କରିବାକୁ ଏକାଧିକ ବର୍ଗର ସେବା ଯୋଗାଇ ଦେଉଛି। ପ୍ରତ୍ୟେକ ପଲିସୀ ସହିତ ସଂଯୁକ୍ତ ଥିବା ଏହି ଫାଇଦାଗୁଡିକ ମଧ୍ୟରେ ଜଣେ କ୍ୟାର ମ୍ୟାନେଜର ରହିଛନ୍ତି ଯିଏ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦାବି ଯାତ୍ରା ଏବଂ ଦାବିର ସ୍ଥିତାବସ୍ଥା ସମ୍ପର୍କରେ ଅବଗତ କରାଇବାରେ ସହାୟତା କରିବେ। ପଲିସୀଧାରକ ମଧ୍ୟ ଏକ ବାସ୍ତବ କ୍ଷେତ୍ରରେ ଏକ ସମର୍ଥନକାରୀ ଦଳ ପାଇବେ ଯାହା ୧୫୦୦ରୁ ଅଧିକ ନେଟୱର୍କ ଗ୍ୟାରେଜଗୁଡିକ ଜରିଆରେ ଦୁର୍ଘଟଣାଗ୍ରସ୍ତ ଯାନକୁ ଉଠାଇବା, ମରାମତି ଏବଂ ଯୋଗାଣରେ ସମର୍ଥନ ଯୋଗାଇଦେବେ।

## ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଓଡ଼ିଶାରେ ୩ ନୂଆ ଆର୍ଥିକ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର/ଭଦ୍ରକ/ମୟୂରଭଞ୍ଜ(ଭାସ୍କର ନ୍ୟୁଜ): ଭାରତର ଅନ୍ୟତମ ଅଗ୍ରଣୀ ସଂପତି ପରିଚାଳନା କମ୍ପାନି ୟୁଟିଆଇ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନି ପକ୍ଷରୁ ଓଡ଼ିଶାରେ ୩ ନୂଆ ଆର୍ଥିକ କେନ୍ଦ୍ରକୁ କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜରେ ଖୋଲାଯାଇଛି। କେନ୍ଦୁଝର ଜିଲ୍ଲାର ସିରାଜୁଦିନ ଛକ ନିକଟସ୍ଥ ସିଂହ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲାରେ ନୂଆ ଆର୍ଥିକ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ସେହିପରି ଭଦ୍ରକ କେନ୍ଦ୍ରକୁ ବନ୍ତ ଛକର ନରିପୁର ନିକଟସ୍ଥ ହୋଟେଲ ସିଟି ରେସିଡେନ୍ସିର ପ୍ରଥମ ମହଲାରେ ଖୋଲାଯାଇଛି। ମୟୂରଭଞ୍ଜ କେନ୍ଦ୍ରକୁ ବାରିପଦାର ଲାଲବଜାରରେ ୱାର୍ଡ ନଂ-୫ରେ ଥିବା ପ୍ରଶାନ୍ତି ବିଲ୍ଡିଂର ପ୍ରଥମ ମହଲାରେ ଖୋଲାଯାଇଛି। କମ୍ପାନି ପକ୍ଷରୁ ଘୋଷଣା କରାଯାଇଛି ଯେ ସୋମବାର ଦକ୍ଷିଣ, ପୂର୍ବ ଓ ଉତ୍ତରପୂର୍ବରେ ୧୯ଟି ନୂଆ ୟୁଟିଆଇ ଆର୍ଥିକ କେନ୍ଦ୍ର ଖୋଲାଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ଏବଂ ବି୩୦ ସହର ଓ ବାହାରେ ରହୁଥିବା ନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ନିବେଶ ଜରିଆରେ ଆର୍ଥିକ ବ୍ୟବସ୍ଥାର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି କମ୍ପାନି ଏହାର ଉପସ୍ଥିତିକୁ ଦେଶର କୋଣ ଅନୁକୋଣରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡର ଏମ୍‌ଡି ଓ ସିଇଓ ଇମ୍ତାଇୟାଜୁର ରେହମାନ୍ କହିଛନ୍ତି ଯେ, ଆମର ସମ୍ପୂର୍ଣ୍ଣ ସେବାକୁ ଗ୍ରାହକଙ୍କ ନିକଟତର କରିବା ଲାଗି ଆମେ ଗୁରୁତ୍ୱପୂର୍ଣ୍ଣ ଭାବେ ନୂଆ ୟୁଟିଆଇ ଆର୍ଥିକ କେନ୍ଦ୍ର ସ୍ଥାପନ କରୁଛୁ। ଗତ କିଛି ବର୍ଷ ମଧ୍ୟରେ ବିଶେଷ କରି ବି୩୦ ସହରରେ ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶରେ ବ୍ୟକ୍ତିଗତ ନିବେଶକଙ୍କ ଅଂଶଗ୍ରହଣରେ ବୃଦ୍ଧି ବେଶ ଉଲ୍ଲେଖନୀୟ ଓ ଉତ୍ସାହଜନକ ରହିଛି।



ଢେଙ୍କାନାଳ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଆଂଚଳିକ ଅନ୍ତର୍ଭୁକ୍ତ ଯୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ଅଞ୍ଚଳ ସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉତକାନପୁର ଢେଙ୍କାନାଳ ଠାରେ ଉଦ୍‌ଯାପିତ ହୋଇଯାଇଅଛି। ଦୁଇଦିନ ବ୍ୟାପି ଅନୁଷ୍ଠିତ ଏହି ଖେଳକୁଦ ପ୍ରତିଯୋଗିତାରେ ୧୦ଟି ସଂଚର ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀ, ୪୦ଜଣ ଗୁରୁଜୀ ଗୁରୁମା, ୧୪ ଜଣ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ଖେଳକୁଦରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ଼, ଲମ୍ବାଡିଆଁ, ଉଚ୍ଚଡିଆଁ, କବାଡି ଓ ଯୋଗାସନ ଉଭୟ ବାଳକ ଏବଂ ବାଳିକା ବିଭାଗର ଆୟୋଜିତ ହୋଇଥିଲା। କବାଡିରେ ବାଳକ ବିଭାଗର ପରଜଙ୍ଗ ସଂଚ ଏବଂ ବାଳିକା ବିଭାଗର କାମାକ୍ଷାନଗରରୁ ସମ୍ଭାଗ ଖେଳକୁଦ ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେକ୍ସନ୍ ଅଫିସର ଶୈଳବାଳା ମିଶ୍ର, ମୁଖ୍ୟବକ୍ତା ଭାବରେ ସମ୍ଭାଗ କାର୍ଯ୍ୟକର୍ତ୍ତା ବିଭାଗ ପ୍ରଚାରୀ ଅଶୋକ କୁମାର ମୁଦୁଲି, ସମ୍ମାନିତ ଅତିଥି ଭାବେ ସମ୍ଭାଗ ଯୁବ ପ୍ରଭାରୀ ବିପିନ୍ ବିହାରୀ ସାହୁ, ଅଂଚଳ ସଭାପତି ହେମନ୍ତ କୁମାର ପଟ୍ଟନାୟକ, ଅଂଚଳ ମହିଳା ପ୍ରଭାରୀ ଲତାରାଣୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଖେଳର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସମ୍ଭାଗ ଖେଳକୁଦ ପ୍ରଶିକ୍ଷକ ଚିନ୍ତାମଣି ସାହୁ, ଗୌରଚନ୍ଦ୍ର ଜେନା, ଅନାଦି ଚରଣ ପ୍ରଧାନ, ସ୍ମୃତି ରନ ଶତପଥୀ, ଅକାରଣ ବେହେରା ଏବଂ ୧୦ଟି ସଂଚର ସଂଚ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଧାକର ଲେଙ୍କା ସମସ୍ତ ସହଯୋଗ କରିଥିଲେ। ସଭାପତି ହେମନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱର ନାଇଟ୍ ମାରାଥନ୍‌ରେ ଅଂଶ ଗ୍ରହଣ କଲେ ୫୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର କଳିଙ୍ଗଷ୍ଟାଡିଅମ ଠାରେ ୟଙ୍ଗ ଇଣ୍ଡିଆ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୱାଇଆଇ ରନ୍: ଭୁବନେଶ୍ୱର ବାଇ ନାଇଟର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଚଳିତ ମାରାଥନର ମୁଖ୍ୟ ବିଷୟବସ୍ତୁ ଥିଲା 'ରାଇଜ୍ ଏବଭ୍ ଆଡିକ୍ସନ୍ ଆଣ୍ଡ ବ୍ରେକ୍ ଦ ସାଇଲେନ୍ସ'। ୱାଇଆଇ ଭୁବନେଶ୍ୱର ଓ ସିଆଇଆଇ ପକ୍ଷରୁ ଆୟୋଜିତ ଏହି ନାଇଟ ମାରାଥନ୍‌ରେ ୫୦୦୦ରୁ ଅଧିକ ପ୍ରତିଯୋଗୀ ଏକାଠି ହୋଇ ମାନସିକ ସ୍ୱାସ୍ଥ୍ୟ ଓ ନିଶା ଦ୍ରବ୍ୟ ସେବନ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବାରୁ ୱାଇଆଇ ଭୁବନେଶ୍ୱର ଓ ସିଆଇଆଇକୁ ମଧ ଧନ୍ୟବାଦ ଜଣାଇଥିଲେ। ଏହି ବାର୍ତ୍ତା ସମଗ୍ର ରାଜ୍ୟରେ ପହଞ୍ଚିଲେ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଅଭିନେତା ତଥା କଣ୍ଠଶିଳ୍ପୀ ବାବୁଶାନ ମହାନ୍ତି, ନିଶାନିବାରଣ ପାଇଁ କଳାକୁ ମାଧ୍ୟମ ଭାବେ ଗ୍ରହଣ କରିବାକୁ ବାର୍ତ୍ତା ଦେଇଥିଲେ। ନିଶାସେବନ ଉପରେ ଥିବା ନିରବତାକୁ ଦୂରେଇ ଏକତ୍ର ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରତିଭା ସମ୍ପନ୍ନ ଅଭିନେତା, ଆଥଲେଟ୍ ଓ ନିର୍ଦ୍ଦେଶକ ରାହୁଲ ବୋଷ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି, କ୍ରୀଡ଼ା ଓ ଜୀବନରେ ଶୃଙ୍ଖଳା ଓ ମାନସିକ ଶକ୍ତିର ଭୂମିକା ସମ୍ପର୍କରେ ମତ ରଖିଥିଲେ। ୱାଇଆଇ ଭୁବନେଶ୍ୱର ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ସୁଜିତ କୁମାର, ଏହି ପରିବର୍ତ୍ତନ ଆଣିବାରେ ଯୁବ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ, ଏହି ମହତ୍ତ୍ୱପୂର୍ଣ୍ଣକାର୍ଯ୍ୟକ୍ରମରେ ମୁଁ ସମସ୍ତଙ୍କୁ ଯୋଗ ଦେବା ପାଇଁ ଆହ୍ୱାନ କରିବାକୁ ଚାହୁଁଛି। ନିଶାଦ୍ରବ୍ୟ ସେବନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପଦକ୍ଷେପ ଆୟୋଜନ କରିଥିବାରୁ ୱାଇଆଇର ସମସ୍ତ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇ ହକିଇଣ୍ଡିଆର ସଭାପତି ଦିଲୀପତିର୍କୀ କହିଥିଲେ, ନିଶା ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଆହ୍ୱାନର ମୁକାବିଲା ପାଇଁ ଆବଶ୍ୟକ ଦୃଢ଼ତା ଓ ସଂକଳ୍ପକୁ ଏହିକାର୍ଯ୍ୟକ୍ରମ ଉତ୍ସାହ ପ୍ରତିଫଳିତ କରୁଛି। ୱାଇଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ସୋନାଲମୋ ଏହି ନାଇଟ ମାରାଥନର ପ୍ରଭାବଉପରେଗୁରୁତ୍ୱାରୋପ କରି କହିଛନ୍ତି, ଏହାକେବଳ ଏକ ଦୌଡ଼ ନୁହେଁ ବରଂ ଏକ ଆନ୍ଦୋଳନ। ଏହା ମାନସିକ ସ୍ୱାସ୍ଥ୍ୟକୁ ନେଇଥିବା ଧାରଣାକୁ ଦୂରକରିବା ଏବଂ ବିଶେଷ କରି ଯୁବକମାନଙ୍କୁ ନିଶାଠାରୁ ଦୂରକୁ ଯିବାକୁ ଉତ୍ସାହିତ କରିବା ବିଷୟରେ କହିଛନ୍ତି।

## ଗଞ୍ଜାମ କ୍ରିକେଟ ଲିଗ୍ ଲୋଗୋ ଉନ୍ମୋଚିତ




ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଗଞ୍ଜାମ କ୍ରିକେଟ ଲିଗ୍ ଲୋଗୋ ରବିବାର ଜ୍ୟୋତି ରେସିଡେଣ୍ଟର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ୮ ଟି ଦଳ ଅଂଶ ଗ୍ରହଣ କରିବେ। ଆସ୍କା ଉଷ୍ଟେର୍ସ, ସୋରଡ଼ା ସକ୍ଷମଶେର୍ସ, ଋଷିକୁଲ୍ୟା ରେଞ୍ଜର୍ସ, ଗଞ୍ଜାମ ଟାଇଗର, ପାଟପୁର ରୟାଲସ, ଖଲ୍ଲିକୋଟ ବିଜାର୍ଡସ, ବ୍ରହ୍ମପୁର ବୁଲ୍ଲସ, ଛତ୍ରପୁର ୱାରିଅର୍ଶ, ଏହି ଲିଗରେ ଜିଲ୍ଲାର ୧୬ ବର୍ଷର କମ୍ କ୍ରିକେଟ ଖେଳାଳି ଏଥିରେ ଅଂଶଗ୍ରହଣ କରି ପାରିବେ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ଗଞ୍ଜାମ କ୍ରିକେଟ ଲିଗରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଅଧକ୍ଷ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପାଧ୍ୟକ୍ଷ, ଚିତ୍ତରଞ୍ଜନ ଘୋଷ ସମ୍ପାଦକ, ହେମନ୍ତ କୁମାର ମହାରଣା, ବିବେକାନନ୍ଦ ପଟ୍ଟନାୟକ ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ପଟ୍ଟନାୟକ କୋଷାଧକ୍ଷ, ଅଂଶୁମାନ ସେଠି, ତାପସ ଆଚାର୍ଯ୍ୟ ଆଇନ ପରାମର୍ଶ ଦାତା, ଅଶୋକ ସାହୁ, ସୁଭ୍ରଜିତ କୁମାର ଆୟୋଜକ କମିଟି, ଟି. ଶିବାନନ୍ଦ ବର୍ମା, ରଜନୀକାନ୍ତ ରେଡ୍ଡି, ରାଜେଶ କୁମାର ପାତ୍ର ଏକଜିକ୍ୟୁଟିଭି ମେମ୍ବର ରହିଛନ୍ତି। ଅନ୍ୟପଟେ, ବେଷ୍ଟ ବଙ୍ଗାଳ, ଆନ୍ଧ୍ର, ଛତିଶଗଡ଼ ଓ ବାହାର ରାଜ୍ୟର ରଣଜୀ କ୍ରିକେଟ ଖେଳାଳି ଏଥିରେ ଅଂଶ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ଆଗାମୀ ୨୨ ତାରିଖରେ ଏହାର ନିଲାମୀ ଓ ଡିସେମ୍ବର ୬ ତାରିଖରେ ଖଲ୍ଲିକୋଟରେ ଉଦଘାଟନୀ ମ୍ୟାଚ ହେବ। ଖଲ୍ଲିକୋଟ ଆରସିଏମ କଲେଜ ଖେଳପଡିଆ, ଛତ୍ରପୁର, ପାଟପୁର କଲେଜ ଖେଳପଡିଆ, ବ୍ରହ୍ମପୁର ଷ୍ଟାଡିୟମ ଖେଳ ପଡିଆ ଆଦି ୪ଟି ଭେନ୍ୟୁରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଗୋଟିଏ ଗୋଟିଏ ଦଳରେ ଫରେନ ଖେଳାଳି ତଥା ବାହାର ରାଜ୍ୟର ୪ ଜଣ ଖେଳାଳି ଖେଳିବା ନେଇ ଧାର୍ଯ୍ୟ ହୋଇଛି। ଆଇପିଲ ଢାଞ୍ଚାରେ, ଗଞ୍ଜାମ କ୍ରିକେଟ ଲିଗ ହେବା ନେଇ ସମ୍ପାଦକ କହିଛନ୍ତି। ଦୁଇଟି ସେମିଫାଇନାଲ ଓ ଫାଇନାଲ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଖେଳ ପଡିଆରେ ଖେଳ ହେବା ନେଇ ଧାର୍ଯ୍ୟ ହୋଇଛି। ଏହି ଗଞ୍ଜାମ କ୍ରିକେଟ ଲିଗ ହେବାକୁ ନେଇ ଖେଳାଳି ଓ ଖେଳାଳି ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି।

## ଢେଙ୍କାନାଳ କିକ୍‌ବକ୍ସିଂ ଦଳ ସମ୍ବର୍ଦ୍ଧିତ




ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଜାତୀୟ ସ୍ତରର ବିଭିନ୍ନ ପ୍ରତିଯୋଗୀତାରେ ଚମତ୍କାର ପ୍ରଦର୍ଶନ କରିଥିବାରୁ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଢେଙ୍କାନାଳର ୧୨ଜଣ କିକ୍ ବକ୍ସିଂ ପ୍ରତିଯୋଗୀଙ୍କୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡା ନିର୍ଦ୍ଦେଶକ ସିଦ୍ଧାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ପୁରସ୍କୃତ କରିଥିଲେ। ଢେଙ୍କାନାଳର ୧୨ଜଣ ଖେଳାଳି ସ୍ମୃତି ଭୋଇ, ଶ୍ରୀୟଙ୍କା ସାମଲ, ଅରୁନ୍ଧତୀ ସାହୁ, ରୋସ୍ନି ବେଗମ୍, ଜ୍ୟୋତି ବେହେରା, ରୂପା ନାଏକ, ଶୁଭଶ୍ରୀ ରାଉତ, ଯୋଗେଶ୍ୱର ସାହୁ, ଦୂଲାରାମ ହାସଦା, ସୁଶିଲ କୁମାର ରାଉତ, ଚନ୍ଦନ ସାହୁ, ରତିକାନ୍ତ ସାହୁ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ୱାକୋ ଓଡିଶା ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର, ସଭାପତି କାର୍ତ୍ତିକ ଡାକୁଆ, ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନ୍‌ର ସଭାପତି ଶଶିକାନ୍ତ ଗଡ଼ନାୟକ, ଉପସଭାତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କୀର୍ତ୍ତି ରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, ଉପାଧକ୍ଷ ଅରବିନ୍ଦ ବେହେରା ଏବଂ କୋଚ୍ ମିହିର କୁମାର ସାହୁ ଆସୋସିଏସନର ସମସ୍ତ ସଦସ୍ୟ ଏହି ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସର୍ବଭାରତୀୟ ଗେଟ୍‌ବଲ୍ ଚାମ୍ପିଅନ୍‌ସିପ୍

## ପୁରୁଷ ଓ ମହିଳା ବିଭାଗରେ ଓଡ଼ିଶାକୁ ସ୍ୱର୍ଣ୍ଣ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ନବମତମ ସର୍ବ ଭାରତୀୟ ଓପନ ଗେଟ୍ ବଲ୍ ଚାମ୍ପିଆନ୍‌ସିପ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଲୋକସଭା ସାଂଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣି, ସର୍ବୋଚ୍ଚ ନ୍ୟାୟାଳୟର ଓକିଲ ନିର୍ଭୟ କୁମାର ସାମନ୍ତରାୟ, ଓଡିଏମ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ଏସ୍. ମୀନକେତନ, କ୍ରୀଡା ପ୍ରୋତ୍ସାହକ ନବ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ଗେଟ୍ ବଲ ଆସୋସିଏସନ୍‌ର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ସଭାପତି ରଞ୍ଜନ କୁମାର ନନ୍ଦ, ଉପ-ସଭାପତି ବିଶ୍ୱଜିତ୍ ସ୍ୱାଇଁ, ବସନ୍ତ କୁମାର ବଡୁ, ସାଧାରଣ ସଂପାଦକ ମହମ୍ମଦ ଆଜାମ, ଯୁଗ୍ମ ସଚିବ ବାସୁଦେବ ଓଝା, ରାଜେନ୍ଦ୍ର କୁମାର ମହାରଣା ଉପସ୍ଥିତ ରହି ଖେଳାଳିମାନଙ୍କୁ ପରସ୍କାର ପ୍ରଦାନ କରିଥିଲେ। ଏହି ଚାମ୍ପିଅନ୍‌ସିପ୍‌ରେ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଓଡ଼ିଶା ଦଳ, ରୌପ୍ୟ ପଦକ ବିହାର, କାଂସ୍ୟ ପଦକ ଝାଡଖଣ୍ଡ ଏବଂ ମହିଳା ବିଭାଗରେ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ, ରୌପ୍ୟ ପଦକ ଓଡିଏମ୍ ସ୍କୁଲ, ମହାରାଷ୍ଟ୍ର କାଂସ୍ୟ ପଦକ ପାଇଛନ୍ତି।

## ୧ରୁ ଆରମ୍ଭ ହେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ନିମାପଡ଼ା (ଭାସ୍କର ନ୍ୟୁଜ୍) : ନିମାପଡ଼ା ବାରବାଟୀ ପଡ଼ିଆରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ୪ର୍ଥ ଟୁବୁଲି ମେମୋରିଆଲ୍ ଅଲ୍ ଓଡ଼ିଶା ବାରବାଟୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ସାଇ ଲୋଟସ୍ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ କ୍ରିକେଟରେ ସୁନା ଅର୍ଜନ କରିଥିବା ନିମାପଡ଼ା କ୍ରିକେଟର କିମ୍ବଦନ୍ତୀ ପୁରୁଷ ତଥା ସୁନାମଧନ୍ୟ କ୍ରିକେଟ୍ ଖେଳାଳୀ ସ୍ୱର୍ଗତ ଶିବ ଶେଖର ମହାନ୍ତି (ଟୁବୁଲି)ଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ଟୁବୁଲି ମେମୋରିଆଲ୍ ଅଲ୍ ଓଡ଼ିଶା ବାରବାଟୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୪ର୍ଥ ସଂସ୍କରଣ ଡ଼ିସେମ୍ବର ୧ରୁ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାରବାଟୀ ପଡ଼ିଆ ମିନି ଷ୍ଟାଡ଼ିୟମ୍‌ରେ ଆସନ୍ତା ଡ଼ିସେମ୍ବର ୧ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଏସ୍.ପି. ଫାଉଣ୍ଡେସନ୍ ପ୍ରାୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟ୍‌ରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ନକ୍ ଆଉଟ୍ ଭିତ୍ତିକ ୩୦ ଓଭର ବିଶିଷ୍ଟ ସମସ୍ତ ମ୍ୟାଚ୍ ରଙ୍ଗୀନ ଡ୍ରେସ୍ ଏବଂ ଧଳା ବଲରେ ଖେଳଯିବ। ଉଦ୍‌ଘାଟନୀ ମ୍ୟାଚ୍ ଡ଼ିସେମ୍ବର ୧ରେ ଭୁବନେଶ୍ୱରର କିଶୋର ସ୍ପୋର୍ଟିଂ ଏବଂ ନିମାପଡ଼ା କ୍ରିକେଟ୍ ଏକାଡ଼େମୀ ମଧ୍ୟରେ ଖେଳା ଯିବାକୁ ଥିବା ବେଳେ ୨ ତାରିଖରେ ଖୋର୍ଦ୍ଧା କେଡ଼ିସିଏ ବନାମ ନିମପୁର ସ୍ପୋର୍ଟିଂ କଟକ, ୩ରେ ପୁରୀ ମହାବୀର ସ୍ପୋର୍ଟିଂ ବନମା ଜେସିଏ ଭୁବନେଶ୍ୱର, ୪ରେ ଭୁବନେଶ୍ୱର ଏମ୍‌ସିସି ବନାମ କଟକ ଜୁଭେନାଇଲ ମଧ୍ୟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଶେଷ ଆକର୍ଷଣ ହେବାକୁ ଯାଉଛି ଆରମ୍ଭ ହେବାକୁ ଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ପରିବେଶର ବାର୍ତ୍ତା ଦିଆଯିବ। ୪ର୍ଥ ଟୁବୁଲି ମେମୋରିଆଲ୍‌ର ସଦସ୍ୟ ଅୟସକାନ୍ତ ମିଶ୍ର, ମାତୃକା ମିଶ୍ର, ସୌମ୍ୟ ଶେଖର ମହାନ୍ତି, ହିମାଂଶୁ ଶେଖର ମହାନ୍ତି, ପ୍ରିୟରଂଜନ ଦାସ, ଉମାଶେଖର ମହାନ୍ତି ଉପସ୍ଥିତ ଥିଲେ।

### ୟୁନିକ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ୟୁନାଇଟେଡ୍ ସ୍ପୋର୍ଟିଂ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୟୁନିକ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣର ଦ୍ୱିତୀୟ ଦିବସର ଖେଳରେ କଟକ ଇଉନାଇଟେଡ଼ ସ୍ପୋଟିଙ୍ଗ କ୍ଲବ ଭଦ୍ରକ ଏକାଦଶ ବିପକ୍ଷରେ ୪୨ ରନରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ଇଉନାଇଟେଡ଼ ସ୍ପୋଟିଙ୍ଗ ଭୁବନେଶ୍ୱରର ପ୍ରଗତି ସ୍ପୋଟିଙ୍ଗକୁ ଭେଟିବ। ସୋମବାର ମ୍ୟାଚରେ ଇଉନାଟେଡ଼ କ୍ଲବ ଟସ୍ ଜିଣି ପ୍ରଥମେ ପାଳି ଆରମ୍ଭ କରିବାକୁ ସ୍ଥିର କରିଥିଲେ। ଦଳ ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ ୱିକେଟ ହରାଇ ୨୦୪ ରନ କରିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ଅଧିନାୟକ ପଙ୍କଜ ସେନାପତି ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ୭୦ଟି ବଲର ସମ୍ମୁଖୀନ ହୋଇ ସର୍ବାଧିକ ୬୯ ରନ ସଂଗ୍ରହ କରିଥିଲେ। ଭଦ୍ରକ ପକ୍ଷରୁ ଆଲୋକ ବାରିକ ଓ ଆମରଜିତ ଉପାଧ୍ୟାୟ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଭଦ୍ରକ ଏକାଦଶ ଓଭର ପିଛା ୫.୮ ହାରରେ ରନ ସଂଗ୍ରହ କରି ମ୍ୟାଚ ଜିତିବାର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରି ୩୩ ଓଭରରେ ୧୬୨ ରନରେ ସମସ୍ତ ୱିକେଟ ହରାଇଥିଲେ। ଦଳ ପକ୍ଷରୁ ଧୀରଜ ବେହେରା ୬୭ଟି ବଲର ସମ୍ମୁଖୀନ ହୋଇ ୪୯ ରନ କରିବାକୁ ସମର୍ଥ ହୋଇଥିଲେ। ଉଇନାଇଟେଡ଼ ସ୍ପୋଟିଙ୍ଗ ପକ୍ଷରୁ ଶୁଭମ ପ୍ରିୟଦର୍ଶୀ ଓ ସୋହମ ରାଜ ମହାପାତ୍ର ଦୁଇଟି ଲେଖାଏଁ ସଂଗ୍ରହ କରିଥିଲେ। ଆଜିର ଖେଳରେ ପଙ୍କଜ ସେନାପତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ବରିଷ୍ଠ କ୍ରିକେଟ ଖେଳାଳି ଜଗନ୍ନାଥ ଦାସ ଓ ସଞ୍ଜୀବ ପଟ୍ଟନାୟକଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି କ୍ୱାର୍ଟର ଫାଇନାଲ ମ୍ୟାଚରେ ଓସିଏ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦୁର୍ଗା ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସୁନାମଧନ୍ୟ ଭାଷ୍ୟକାର ବୁବୁ ସିହ୍ନକ୍ଷ ଖେଳର ଧାରା ବିବରଣୀ ପ୍ରଦାନକରି କ୍ରୀଡ଼ାପ୍ରେମୀ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ଆୟୋଜକ ଦଳର ଦୀପକ କୁମାର ସେଠୀ, ତାପସ କୁମାର ବେହେରା ଏବଂ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଆଜିର ଖେଳ ବେଶ ଉପଭୋଗ୍ୟ ହୋଇଥିଲା।

## ଜିଲ୍ଲାସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଳିଅଣା ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁରୁଙ୍ଗାଶୋଳ ଖେଳ ପଡିଆ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବର୍ଗର ସଫ୍ଟବଲ କ୍ରୀଡା ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ପିଇଟି ତଥା ସଫ୍ଟବଲ ରେଫ୍ରି କୈଳାଶ ଚନ୍ଦ୍ର ମହାଲିକ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ହରିଶ୍ଚନ୍ଦ୍ର ରାଉତ, ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାଶିବ ନାୟକ, ଶିକ୍ଷକ ଶଶାଙ୍କ ଶେଖର ମହାପାତ୍ର, ଶିକ୍ଷା କର୍ମଚାରୀ ଯଦୁମଣି ଧଳ ପ୍ରମୁଖ ସହଯୋଗ କରିଥିଲେ। ନଭେମ୍ବର ମାସ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ସ୍ଥିତ ଜୁନିୟର ରେଡ଼କ୍ରସ ଭବନ, ବାଲେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ଛାତ୍ର ଯୋଗ ଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି। ବାଳକ ଟିମ ମ୍ୟାନେଜର ଭାବେ କୁଳିଅଣା ବ୍ଲକ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦୁଧିଆଶୋଳର ପିଇଟି ବାବୁଲାଲ ହେମ୍ବ୍ରମଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଜୟନ୍ତ କୁମାର ମହାନ୍ତ, ଦେବଜ୍ୟୋତି ଦେଓ, ପ୍ରେମଜ୍ୟୋତି ଦେଓ, ଇନ୍ଦ୍ରଜିତ ନାଏକ, ଚନ୍ଦନ କୁମାର ଦାସ, ରାଜେଶ ସିଂ, ସନ୍ତୋଷ ସିଂ, ବିଶାଳ ବିନ୍ଧାଣୀ, ଶୁଭମ ହେମ୍ବ୍ରମ, ଜାଗର କୁମାର ସାହୁ, ସୁମନ ନାଏକ, ସାଇଶଙ୍କର ମିଶ୍ର। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏମାନଙ୍କୁ ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ସଫଳତା କାମନା କରାଯାଇଅଛି।

### ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ୧୯ରୁ ଆରମ୍ଭ

## ୬୪ଟି ବିଶ୍ୱବିଦ୍ୟାଳୟର ୯୦୦ ଜଣ ଖେଳାଳି ଭାଗ ନେବେ




ବାରିପଦା (ଭାସ୍କର ନ୍ୟୁଜ୍) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବ ଭାରତର ୬୪ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୯୦୦ ଜଣ ଖେଳାଳୀ ଓ ମ୍ୟାଚ୍ ଅଧିକାରୀ ଏଥିରେ ଭାଗନେବେ। ଓଡ଼ିଶାରୁ ୧୩ଟି, ଛତିଶଗଡ଼ରୁ ୧୦ଟି, ପଶ୍ଚିମବଙ୍ଗରୁ ୯ଟି, ବିହାରରୁ ୧୦ଟି, ଉତ୍ତର ପ୍ରଦେଶରୁ ୬ଟି, ଝାଡ଼ଖଣ୍ଡରୁ ୭ଟି, ମଣିପୁରରୁ ୨ଟି, ଆସାମରୁ ୩ଟି, ତ୍ରିପୁରାରୁ ୨ଟି, ମିଜୋରାମରୁ ଓ ସିକିମରୁ ଗୋଟିଏ ବିଶ୍ୱବିଦ୍ୟାଳୟ ଏଥିରେ ଭାଗନେଉଛନ୍ତି। ଭାଗ ନେଉଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକ ହେଲା: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗ, ମଗଧ ବିଶ୍ୱବିଦ୍ୟାଳୟ ବିହାର, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି, ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ଇମ୍ଫାଲ ମଣିପୁର, ମିଜୋରାମ ବିଶ୍ୱବିଦ୍ୟାଳୟ, ସରଳା ବିରଳା ବିଶ୍ୱବିଦ୍ୟାଳୟ ରାଞ୍ଚି, ମୁଙ୍ଗେର ବିଶ୍ୱବିଦ୍ୟାଳୟ ବିହାର, ସିଆକମ ସ୍କିଲସ୍ ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗ, ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ, ଭି.ବି.ଏସ୍.ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଉତ୍ତର ପ୍ରଦେଶ, କିଟ୍ ବିଶ୍ୱବିଦ୍ୟାଳୟ, ଦୀନଦୟାଲ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ, ସନ୍ତ ଗହିରା ଗୁରୁ ବିଶ୍ୱବିଦ୍ୟାଳୟ ସରଗୁଜା, କଲିକତା ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରାଞ୍ଚୀ ବିଶ୍ୱବିଦ୍ୟାଳୟ, ତେଜପୁର ବିଶ୍ୱବିଦ୍ୟାଳୟ ଆସାମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସୋଆ ବିଶ୍ୱବିଦ୍ୟାଳୟ, ଓ.ପି.ଜିନ୍ଦଲ୍ ବିଶ୍ୱବିଦ୍ୟାଳୟ, ମଣିପୁର ବିଶ୍ୱବିଦ୍ୟାଳୟ, ଶହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ ବସ୍ତର, ଏଲ୍.ଏନ୍.ମିଥିଳା ବିଶ୍ୱବିଦ୍ୟାଳୟ ଦରଭଙ୍ଗା, କଲ୍ୟାଣୀ ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗ, ଏମ୍.ଜି. କାଶୀ ବିଦ୍ୟାପୀଠ ବାରାଣସୀ, ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ଦୁର୍ଗ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ବିଳାସପୁର, ଛତିଶଗଡ଼ ସ୍ୱାମୀ ବିବେକାନନ୍ଦ ଟେକ୍‌ନିକାଲ୍ ବିଶ୍ୱବିଦ୍ୟାଳୟ ଭିଲାଇ, ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ଛତିଶଗଡ଼, ବିନୋଦ ବିହାରୀ ମାହତ କୋୟଲାଞ୍ଚଳ ବିଶ୍ୱବିଦ୍ୟାଳୟ ଧାନବାଦ, ବାବାସାହେବ ଭୀମରାଓ ଆମ୍ବେଦକର ବିହାର ବିଶ୍ୱବିଦ୍ୟାଳୟ ମୁଜାଫରନଗର, ଉତ୍କଳ ବିଶ୍ୱବିଦ୍ୟାଳୟ, ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ, ଜନନାୟକ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ ବାଲିଆ, ଦକ୍ଷିଣ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓୟୁଏଟି ଭୁବନେଶ୍ୱର, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ, ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ପାଟନା, ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ, ପାଟଣା ବିଶ୍ୱବିଦ୍ୟାଳୟ, ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ ବିଳାସପୁର, ବିଶ୍ୱଭାରତୀ ସ୍ପୋର୍ଟ୍ସ ବୋର୍ଡ଼ ବିଶ୍ୱଭାରତୀ, ସିକ୍କିମ ମଣିପାଲ୍ ବିଶ୍ୱବିଦ୍ୟାଳୟ ସିକିମ, ଜୟ ପ୍ରକାଶ ବିଶ୍ୱବିଦ୍ୟାଳୟ ବିହାର, ତ୍ରିପୁରା ବିଶ୍ୱବିଦ୍ୟାଳୟ, ଡ. ଶ୍ୟାମପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ ରାଞ୍ଚି, ଆଡାମାସ ବିଶ୍ୱବିଦ୍ୟାଳୟ, ବିନୋବା ଭାବେ ବିଶ୍ୱବିଦ୍ୟାଳୟ, ରାଧା ଗୋବିନ୍ଦ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡ, ଶହୀଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟ ରାଇଗଡ଼, ମାଟସ୍ ବିଶ୍ୱବିଦ୍ୟାଳୟ ଛତିଶଗଡ଼, ବି.ଏନ୍.ମଣ୍ଡଳ ବିଶ୍ୱବିଦ୍ୟାଳୟ ବିହାର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କଟକ, ଆଇସେକ୍ଟ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡ, ବୀର କୁଅଁର ସିଂହ ବିଶ୍ୱବିଦ୍ୟାଳୟ ଆରା ବିହାର, ସିଦ୍ଧାର୍ଥ ବିଶ୍ୱବିଦ୍ୟାଳୟ ଉତ୍ତରପ୍ରଦେଶ, ଗୌହାଟି ବିଶ୍ୱବିଦ୍ୟାଳୟ, କିସ୍ ବିଶ୍ୱବିଦ୍ୟାଳୟ ଓ ଇକ୍‌ଫାଇ ବିଶ୍ୱବିଦ୍ୟାଳୟ ତ୍ରିପୁରା। ପ୍ରତିଦିନ ମ୍ୟାଚ୍ ଗୁଡ଼ିକ ସକାଳ ୭:୩୦ ରେ ଏବଂ ଅପରାହ୍ନ ୩ଟାରେ ଆରମ୍ଭ ହେବ। ମ୍ୟାଚ୍‌ର ୩୦ ମିନିଟ୍ ପୂର୍ବରୁ ଟିମ୍ ଗୁଡ଼ିକ ରିପୋର୍ଟ୍ କରିବେ। ଏହାର ଉଦ୍‌ଘାଟନୀ ସମାରୋହ ୧୯-୧୧-୨୦୨୪ ସକାଳ ୧୦:୦୦ ଘଣ୍ଟା ସମୟରେ ଏବଂ ଉଦ୍‌ଯାପନୀ ସମାରୋହ ୨୩-୧୧-୨୦୨୪ ପୂର୍ବାହ୍ନ ୧୧:୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଲୋକପାଳ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଏବଂ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରୀଡ଼ା ମହାକୁମ୍ଭର ପ୍ରସ୍ତୁତି ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବାରିପଦା ତଥା ବିଶ୍ୱବିଦ୍ୟାଳୟରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଏଭଳି ଏକ କ୍ରୀଡ଼ା ମହାକୁମ୍ଭର ଆୟୋଜନ କରିବାକୁ ଯାଉଥିବାରୁ ଛାତ୍ରଛାତ୍ରୀଗଣ ଓ କ୍ରୀଡ଼ାପ୍ରେମୀଗଣ ବେଶ୍ ଉତ୍ସାହିତ ଅଛନ୍ତି। ଏହା ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ଦୁଇଥର ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡ଼ି ପ୍ରତିଯୋଗିତା ଆୟୋଜିତ କରିସାରିଛି। ଏହି କ୍ରୀଡ଼ା ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ ଆଗାମୀ କ୍ରୀଡ଼ା ସ୍ୱବ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗଣମାଧ୍ୟମକୁ ଦେଇଛନ୍ତି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ର. ପ୍ରଭଞ୍ଜନ ମଲ୍ଲିକ୍, ଉପ-ନିର୍ଦ୍ଦେଶକ ଡ. ଶିଶିର ବେହେରା ଓ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଛାତ୍ରଛାତ୍ରୀ, ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଖେଳ ଶିକ୍ଷକ, ଖେଳାଳୀଗଣ, ମୟୂରଭଞ୍ଜର ଜନସାଧାରଣ, ଜିଲ୍ଲାର ସମସ୍ତ ଅଧିକାରୀ, ଖେଳପ୍ରେମୀ ଏବଂ ସମସ୍ତ ପ୍ରିଣ୍ଟ ଓ ଇଲୋକ୍ଟ୍ରୋନିକ୍ସ୍ ମିଡ଼ିଆର ପ୍ରତିନିଧିମାନଙ୍କ ସହଯୋଗ କାମନା କରୁଛନ୍ତି।

CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)
CENTRE FOR SKILLING AND TECHNICAL SUPPORT(CSTS)
Department of Chemicals & Petrochemicals, Ministry of Chemicals and Fertilizers (Govt. of India)
PlotNo.S-3/79, Sector-A, Zone-B, Mancheswar Industrial Estate, Bhubaneswar, Odisha
Ph.No. 0674-2588392/2587874, E-mail: mcti@cipet.gov.in/cipetsat@gmail.com
Website: www.cipet.gov.in
सिपेट CIPET | सेल SAIL

ବେରୋଜଗାର ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କ ପାଇଁ ନିଶୁଳ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ
ପୃଷ୍ଠପୋଷକତା: ରାଉରକେଲା ଷ୍ଟିଲ ପ୍ଲାଣ୍ଟ (RSP), Rourkela

SAIL-RSP ପୃଷ୍ଠପୋଷକତାରେ ସିପେଟ୍: ସି.ଏସ୍.ଟି.ଏସ୍. ଭୁବନେଶ୍ୱରରେ ବେରୋଜଗାର ଯୁବକ/ଯୁବତୀମାନଙ୍କୁ NSQF ନିୟମାବଳୀ ଅନ୍ତର୍ଗତ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମର ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ରାଉରକେଲା ଇସ୍ପାତ କରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାସକରୁଥିବା ନିମ୍ନ ଆୟକାରୀ ବର୍ଗର ବେରୋଜଗାର ଯୁବକ/ଯୁବତୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି।

ତାଲିମ ଯୋଗାଇଦେବା ବିଷୟ ଓ ଶିକ୍ଷାଗତ ଯୋଗ୍ୟତା

| କ୍ର.ନଂ. | ପାଠ୍ୟକ୍ରମର ନାମ | ପ୍ରବେଶ କ୍ଷମତା | ଶିକ୍ଷାଗତ ଯୋଗ୍ୟତା | ଅବଧି | ବୟସ ସୀମା |
|---|---|---|---|---|---|
| ୧. | ମେସିନ୍ ଅପରେଟର୍ ପ୍ଲାଷ୍ଟିକ୍ ପ୍ରୋସେସିଙ୍ଗ୍ (ଏମ୍ଓ-ପିପି) | ୩୦ | ଦଶମ ଓ ତଦୂର୍ଦ୍ଧ | ୬ ମାସ | ୧୮-୩୨ ବର୍ଷ |

- ତାଲିମର ଅବଧି : ୬ (ଛଅ) ମାସ
- ଦେୟ ମୁକ୍ତ ଶିକ୍ଷା, ରହିବା ଏବଂ ଖାଇବା : ରହିବା ଏବଂ ଖାଇବା ସହିତ ପାଠ ପଢ଼ିବାର କାର୍ଯ୍ୟକ୍ରମ ପାଇଁ ସମସ୍ତ ଖର୍ଚ୍ଚ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (RSP), Rourkela ବହନ କରିବ।
- ଆବେଦନ କରିବାର ପଦ୍ଧତି: ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉପରେ ଦିଆଯାଇଥିବା ସିପେଟ୍ ଠିକଣାରେ ସ୍ୱ-ଦସ୍ତଖତ ଥିବା ସମସ୍ତ ଆବଶ୍ୟକୀୟ କାଗଜପତ୍ର ଯଥା: ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାରକାର୍ଡ, ଆୟ ପ୍ରମାଣପତ୍ର / ବିପିଏଲ୍ କିମ୍ବା ରାସନ କାର୍ଡ ଏବଂ ପାସପୋର୍ଟ ସାଇଜର ୫ଟି ରଙ୍ଗିନ ଫଟୋ ସହିତ ସିଧାସଳଖ ସାକ୍ଷାତ କରିପାରିବେ।

ବି.ଦ୍ର.: କୌଣସି କାରଣ ନଦର୍ଶାଇ, ଯେକୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି।
ଅଧିକ ବିବରଣୀ ପାଇଁ ଯୋଗାଯୋଗ: 9337143007

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍
Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 31.12.2023 & MSGL, SPL.16, One plus, Guide Prepaid, Super value, ADGL and all other 6 months tenure Gold loans up to 31.03.2024 and MSGB, SME Suvarna & EMI due up to 30.09.2024 ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 27.11.2024 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ। **BALUGAON:** 400700154, 400700185, 400700279, 400700328, 400700348, 400700374, F8227. **CUTTACK ROAD-BHUBANESWAR:** 4078000064, 4078000115, 4078000156, 4078000184, 407800038, 407800061, 4078000626, 4078000634, 407800066, 4078000661, 4078000711, 4078000713, 4078000722, 4078000728, 4078000729, 4078000732, 4078000738, 4078000745, 4078000748, 4078000750, 4078000753, 4078000754, 4078000763, 4078000769, 4078000771, 4078000777, 4078000779, 4078000780, 4078000782, 4078000785, 4078000788, 4078000790, 4078000792, 4078000798, 4078000799, 4078000802, 4078000804, 4078000805, 4078000810, 4078000811, 4078000813, 407800103, 407800108, F6880. **JANPATH-BHUBANESWAR:** 4019000303, 4019000501, 4019000507, 4019000508, 4019000515, 4019000567, 4019000569, 4019000578, 4019000608, 4019000626, 4019000633, 4019000645, 4019000691, 4019000698, 4019000699, 4019000733, 4019000757, 4019000760, 4019000776, 4019000788, 4019000793, 4019000807, 4019000811, 4019000813, 4019000814, 4019000816, 4019000817, 4019000824, 4019000828, 4019000830, 4019000834, 4019000840, 4019000847, 4019000849, 4019000853, 401900088. **JATANI:** 398400293, 398400317, 398400611, 398400652, 398400667, 398400669, 398400687, 398400688, 398400714, 398400773, 398400775, 398400794, 398400810. **JAYADEV VIHAR-ORISSA:** 2055000949, 2055000984, 2055000992, 2055001094, 2055001101, 2055001118, 2055001191, 2055001236, 2055001413, 2055001414, 2055001422, 2055001427, 2055001432, 2055001447, 2055001452, 2055001462, 2055001467, 2055001472, 2055001473, 2055001488, 2055001490, 2055001491, 2055001492, 2055001498, 2055001503, 2055001508, 2055001513, 2055001514, 2055001516, 2055001518, 2055001522, 2055001531, 2055001532, 2055001533, 2055001534, 2055001549, 2055001562, 2055001564, 2055001568, 2055001569, 2055001587, 2055001589, 2055001895, 205500270, 205500294, 205501139, F22796. **KHURDA:** 429000175, 429000176, 429000251, 429000264, 429000284, 429000350, 429000362, 429000365, 429000371, 429000372, 429000392, 429000394, 429000396, 429000409, 429000422, 429000423. **SAILASRIVIHAR-BHUBANESWAR:** 1983001377, 1983001490, 1983001530, 1983001556, 1983001583, 198300161, 1983001610, 1983001630, 1983001641, 1983001730, 1983001757, 1983001763, 1983001766, 1983001780, 1983001846, 1983001852, 1983001874, 1983001937, 1983001945, 1983001982, 1983002013, 1983002029, 1983002054, 1983002063, 1983002064, 1983002069, 1983002071, 1983002072, 1983002079, 1983002084, 1983002095, 1983002096, 1983002099, 1983002100, 1983002101, 1983002111, 1983002113, 1983002114, 1983002117, 1983002120, 1983002127, 1983002130, 1983002133, 1983002134, 1983002141, 1983002145, 1983002149, 1983002156, 1983002159, 1983002165, 1983002175, 1983002180, 1983002185, 1983002193, 1983002194, 1983002199, 1983002200, 1983002202, 1983002208, 1983002210, 1983002212, 1983002218, 1983002231, 1983002235, 1983002239, 1983002240, 1983002241, 1983002244, 1983002245, 1983002252, 1983002277, 1983002278, 1983002283, 1983002285, 1983002290, 1983002292, 1983002301, 1983002302, 1983002304, 1983002305, 1983002308, 1983002315, 1983002318, 1983002322, 198300261, 198300278, 198300388, 198300404, 198300419, 198300434, 198300455, 198300465, 198300466, 198300472, F42967.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 07.12.2024 ସକାଳ ୧୦ **CUTTACK ROAD-BHUBANESWAR:** Muthoot FinCop Ltd., First Floor, DM Palace, Plot No.- 15/5168, Mauza Laxmisagar, Near Syndicate Bank, Cuttack Road, Orissa - 751006. ରେ ଆୟୋଜନ କରାଯିବ। ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ। ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ।
ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ସ୍ମାର୍ଟଫୋନ୍ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଗଲାଣି, ଅଧିକାଂଶ ଲୋକ ଅଛନ୍ତି ଯେଉଁ ମାନେ କି ମୋବାଇଲ ଠାରୁ ଦୂରେଇ ରହି ପ୍ରଂପ୍ଣି ନାହିଁ ।କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ଅଭ୍ୟାସ ଆପଣଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ ଲୋକଙ୍କ ମଧ୍ୟରେ ମୋବାଇଲ ଫୋନ ବ୍ୟବହାର କରିବାର ଅଭ୍ୟାସ ଦ୍ରୁତ ଗତିରେ ବଢିବାରେ ଲାଗିଛି, ଯାହା କି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ ଅଟେ । ୟୁରୋପୀୟ ସୋସାଇଟି ଅଫ କାର୍ଡିଓଲୋଜି କଂଗ୍ରେସ ୨୦୨୩ର ନୂତନ ଅନୁସନ୍ଧାନରୁ ଜଣାପଡିଛି ଯେ, ଯେଉଁ ପିଲାମାନେ ମୋବାଇଲ ସ୍କ୍ରିନରେ ଦୀର୍ଘ ସମୟ ଧରି ଖେଳନ୍ତି କିମ୍ବା ଅନ୍ୟ କୌଣସି କାର୍ଯ୍ୟ କରନ୍ତି, ତେବେ ସେମାନଙ୍କୁ ଯୁବାବସ୍ଥାର ଆରମ୍ଭରୁ ହୃଦଘାତ ହେବାର ଆଶଙ୍କା ବହୁଗୁଣିତ ହୁଏ । ଅନୁସନ୍ଧାନର ଫଳାଫଳରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଯେଉଁ ପିଲାମାନେ ଅଳ୍ପ ବୟସରେ ବାହାରେ ସାଙ୍ଗମାନଙ୍କ ସହିତ ଖେଳିବା ପରିବର୍ତ୍ତେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି, ସେହି ପିଲାମାନଙ୍କୁ ଅଳ୍ପ ବୟସରେ ହୃଦଘାତ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ରହିଛି । ପିଲାମାନଙ୍କଠାରେ ହୃଦଘାତର ଆଶଙ୍କା କମାଇବା ପାଇଁ ପିତାମାତାଙ୍କୁ ପିଲାମାନଙ୍କ ମୋବାଇଲର ସ୍କ୍ରିନ୍ ସମୟ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି । ଯଦି ଆପଣ ମଧ୍ୟ ଚାହୁଁଛନ୍ତି ଯେ, ଆପଣଙ୍କ ପିଲାଙ୍କ ସ୍କ୍ରିନ ସମୟ ହ୍ରାସ ହେଉ, ତେବେ ଏଥିପାଇଁ ଆପଣଙ୍କୁ ଆପଣଙ୍କର ସ୍କ୍ରିନ୍ ସମୟ ମଧ୍ୟ ହ୍ରାସ କରିବାକୁ ପଡିବ ।



# ବିବାହ ବନ୍ଧନରେ ବାନ୍ଧିହେଲେ ଏଲିନା



ବାହା ହେଲେ ଓଲିଉଡର ଲୋକପ୍ରିୟ ନାୟିକା ଏଲିନା। ସେ ଭୁବନେଶ୍ୱରର ଯୁବ ବ୍ୟବସାୟୀ ଅନୁରାଗ ପଣ୍ଡାଙ୍କୁ ବିବାହ କରିଥିବା ଜଣାଯାଇଛି। ଇଣ୍ଡୋନେସିଆ ବାଲିରେ ହିନ୍ଦୁ ରୀତିରେ ପରିବାର ଲୋକଙ୍କ ଉପସ୍ଥିତିରେ ଉଭୟଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏନେଇ ନିଜେ ଏଲିନା ବିବାହ ସମୟର ଫଟୋ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତରଙ୍ଗ ଚାନେଲରେ ପ୍ରସାରିତ ରିଆଲିଟି ସୋ' 'କିଏ ହେବ ମୋ' ହିରୋଇନ୍'ର ବିଜୟିନୀ ହୋଇ ଓଲିଉଡ଼ରେ ଏଣ୍ଟ୍ରି ନେଇଥିଲେ ଏଲିନା ସାମନ୍ତରାୟ। ତରଙ୍ଗ ସିନେ ପ୍ରଡ଼କସନର ପ୍ରଥମ ଓଡ଼ିଆ ଛବି 'ଇସ୍କ ତୁ ହି ତୁ' ଥିଲା ଏଲିନାଙ୍କର ପ୍ରଥମ ଫିଲ୍ମ। ଏଥିରେ ଅରିନ୍ଦମଙ୍କ ବିପକ୍ଷରେ ନାୟିକା ସାଜିଥିଲେ ଏଲିନା। ଏହାପରେ ଏଲିନା କେତେକ ସିନେମାରେ ସେ ଦେଖା ଦେଇଛନ୍ତି। ସେହି ଫିଲ୍ମଗୁଡ଼ିକ ହେଲା ଜଗା ହାତରେ ପଘା, ଲଭ୍ ଷ୍ଟେସନ୍, ଅଭୟ ,ହାପି ଲକି, ଟୋକାଟା ଫସିଗଲା, କାବୁଲା ବାରବୁଲା,ଇଶ୍କ ପୁଣି ଥରେ, 'ଝିଅଟା ବିଗିଡ଼ିଗଲା', ପାର୍ବା, ଦୃଷ୍ଟିକୋଣ, ପ୍ରିୟେ ମୁଁ ତୁମର ସିଏ, ମାଲ୍ୟଗିରି, କେମିତି ଏ ସଂପର୍କ, ମାଲ ମହୁ ଜୀବନ ମାଟି, ଭାଗ୍ୟର ନୋ ଗ୍ୟାରେଣ୍ଟି ଆଦି ।

## ଆପଣ ଖାଦ୍ୟର ସ୍ୱାଦ ଜାଣିପାରୁନାହାଁନ୍ତି କି? ଜାଣନ୍ତୁ ଏହା କେଉଁ ରୋଗର ଲକ୍ଷଣ...



ଖାଇବାକୁ ସମସ୍ତେ ଭଲ ପାଇଥାନ୍ତି । ଏମିତି କେହି ଲୋକନାହାଁନ୍ତି ଯାହାକୁକି ଖାଦ୍ୟ ପସନ୍ଦ ହୋଇନଥାଏ । ଯଦି ଆମେ ଭରପୂର ଖାଦ୍ୟ ନଖାଇବା ତାହେଲେ ଆମ ଶରୀର ଖରାପ ହେବାକୁ ଲାଗିବ। ଯାହା ଫଳରେ ଆମେ ରୋଗାଗ୍ରସ୍ତ ଦେଖାଯିବା । ଖାଦ୍ୟ ଶରୀର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସବୁ ଜାଣନ୍ତି । ହେଲେ ଏମିତି ଏକ ପରିସ୍ଥିତି ଆସେ ଯେଉଁଥିରେ ଆମେ ଖାଦ୍ୟ ଖାଇଥାନ୍ତି ସତ ହେଲେ ଆମକୁ ଟେଷ୍ଟ କିଛି ଲାଗି ନଥାଏ । ସବୁ ଖାଦ୍ୟରେ କିଛି ନା କିଛି ଟେଷ୍ଟ ମଧ୍ୟ ରହୁଛି । କାହିଁକି ଖାଦ୍ୟର ଟେଷ୍ଟ ଜାଣି ହୁଏନାହିଁ ଆସନ୍ତୁ ଜାଣିବା ।

ଶରୀରରେ ଅନେକ ପ୍ରକାରର ରୋଗ ରହିଛି ଯାହା ଦ୍ୱାରା ଖାଦ୍ୟର ଟେଷ୍ଟ କିଛି ଜାଣି ହୋଇନଥାଏ ଏବଂ ଶରୀରକୁ ବହୁତ କଷ୍ଟ ମଧ୍ୟ ଦେଇଥାଏ । ଯଦି ଖାଦ୍ୟ ଟେଷ୍ଟ ଲେସ୍ ଅଛି ତାହାଲେ ସେ ଖାଦ୍ୟ ଖାଇବାରେ କିଛି ମୂଲ୍ୟ ନଥାଏ । ସାଧାରଣତଃ ସାମାନ୍ୟ ଥଣ୍ଡା ହୋଇଥିଲେ ଖାଦ୍ୟର ଟେଷ୍ଟ ଜାଣି ହୋଇନଥାଏ । ତେବେ ଆସନ୍ତୁ ଜାଣିବା ସେହିଭଳି କିଛି ରୋଗ ବିଷୟରେ ।

- ଫ୍ଲୁ : ଯେତେବେଳେ କେହି ଫ୍ଲୁ ରେ ପୀଡିତ ହୋଇଥାନ୍ତି, ଠିକ୍ ସେହି ସମୟରେ ଖାଦ୍ୟର ଟେଷ୍ଟ ଜାଣିହୋଇ ନଥାଏ । ଏହା ଏକ ସାଧାରଣ ଶାରୀରିକ ସମସ୍ୟା, କିନ୍ତୁ କେତେକ କ୍ଷେତ୍ରରେ ଏହା ଏକ ରୋଗର ଲକ୍ଷଣ ପାଲଟିଥାଏ
- ଡାଇବେଟିସ୍ : ଡାଇବେଟିସ୍ ରୋଗୀମାନେ ସାଧାରଣ ଭାବେ ଜିଭ ସ୍ୱାଦରେ ପରିବର୍ତ୍ତନର ସମ୍ମୁଖୀନ ହୁଅନ୍ତି । ସେମାନଙ୍କର ବ୍ଲଡ ଶୁଗାର ସ୍ଥିତି ଜାଣିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।
- ଦାନ୍ତ ସମସ୍ୟା: ଦାନ୍ତ ସମସ୍ୟା ଦ୍ୱାରା ଜିଭ ସ୍ୱାଦ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଜିଙ୍ଗିଭାଇଟସ୍, କ୍ୟାବିଟି କିମ୍ବା ପାଟି ସଫା ନହେବା କାରଣରୁ ଏହିପରି ସମସ୍ୟା ଉପୁଜିବା ହେଉଛି ଏକ ସାଧାରଣ କଥା ।
- ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା : ଅନେକ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା ରହିଛି ଯେପରି- ପାର୍କିନ୍ସନ୍ ରୋଗ, ଆଲଜାଇମର ଇତ୍ୟାଦି । ଏହି ସବୁ କାରଣରୁ ମଧ୍ୟ ସ୍ୱାଦର ସମସ୍ୟା ହୋଇଥାଏ ।
- କାଶ ଏବଂ ଥଣ୍ଡା : ଏହା ତ ସାଧାରଣ କଥା । ଆପଣମାନେ ଜାଣିଥିବେ ଯଦି ଆମକୁ ଥଣ୍ଡା କିମ୍ବା କାଶ ହୁଏ ତେବେ ଆମେ କୌଣସି ପ୍ରକାର ସ୍ୱାଦ ଜାଣି ପାରିନଥାନ୍ତି । ଏହାସହ ଯାହା ଖାଇଲେ ମଧ୍ୟ ପାଟିକୁ ପିତା ଲାଗିଥାଏ ।



# ୪ରେ ପଡ଼ିବ ଶୋଭିତା-ନାଗାଙ୍କ ହାତଗଣ୍ଠି

ଭାଇରାଲ୍ ହେଉଛି ନାଗା- ଶୋଭିତାଙ୍କ ବିବାହ କାର୍ଡ। ଚଳିତବର୍ଷ ଅଗଷ୍ଟ ମାସରେ ବଲିଉଡ୍ ଅଭିନେତ୍ରୀ ଶୋଭିତା ଧୁଲିପାଲା ଓ ଦକ୍ଷିଣ ଭାରତୀୟ ଅଭିନେତା ନାଗା ଚୈତନ୍ୟଙ୍କର ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା । ଇତିମଧ୍ୟରେ ସେମାନେ ଡିସେମ୍ବର ୪ରେ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି କୁହାଯାଉଛି । ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଦମ୍ପତିଙ୍କର ବିବାହ କାର୍ଡରୁ ଏହା ଜଣାପଡ଼ିଛି । ସେହି ବିବାହ କାର୍ଡରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଦେଖିବାକୁ ମିଳୁଛି । ସେଥିରେ ବରବଧୂଙ୍କ ନାମ ସହିତ ଉଭୟ ପରିବାରର ଲୋକଙ୍କ ନାମ, ବିବାହ ତାରିଖ ପ୍ରଭୃତି ଉଲ୍ଲେଖ ରହିଛି । ସେ ଅନୁସାରେ, ହାଇଦ୍ରାବାଦସ୍ଥିତ ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ଏହି ଶୁଭକାର୍ଯ୍ୟ ସମାପନ ହେବ। ବିବାହ କାର୍ଡ ସହିତ ଅତିଥିମାନଙ୍କୁ ଏକ ଉପହାର ବାକ୍ସ ବି ଦିଆଯିବ। ସେଥିରେ ଖାଦ୍ୟ ପ୍ୟାକେଟ୍, ପୋଷାକ, ଫୁଲ ଆଦି ରହିଛି । ସେହି ଉପହାର ବାକ୍ସର ଫଟୋ ମଧ୍ୟ ସାମ୍ନାକୁ ଆସିଛି। ତେବେ ଭାଇରାଲ୍ ହେଉଥିବା କାର୍ଡ ସଂପର୍କରେ ଶୋଭିତା କିମ୍ବା ନାଗା ଚୈତନ୍ୟ କେହି ସ୍ପଷ୍ଟୀକରଣ ରଖିନାହାନ୍ତି । ନାଗା ଚୈତନ୍ୟ ୨୦୧୭ରେ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ । ତେବେ ୨୦୨୧ ଅକ୍ଟୋବର ମାସରେ ସେମାନଙ୍କର ବିବାହ ବିଚ୍ଛେଦ ହୋଇଥିଲା । ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଶୋଭିତାଙ୍କୁ ଶେଷ ଥର ଲାଗି 'ଲଭ୍, ସୀତାରା'ରେ ଦେଖିବାକୁ ମିଳିଥିଲା । ତାହା ଚଳିତବର୍ଷ ସେପ୍ଟେମ୍ବର ୨୭ ତାରିଖରେ ରିଲିଜ୍ ହୋଇଥିଲା ।

# ଫିଲ୍ମ ଫ୍ଲପ୍ ହେଲେ ଆମକୁ ପାରିଶ୍ରମିକ ମିଳେନି: ଅଜୟ

ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ଅଜୟ ଦେବଗନ ସେମାନଙ୍କ ଫିଲ୍ମ 'ସିଂହମ ଏଗେନ' ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ଅଜୟ ଏହି ଫିଲ୍ମରେ ଥରେ 'ସିଂହମ' ଅବତାରରେ ନଜର ଆସିଥିବାବେଳେ ଅକ୍ଷୟ ଏହି ଫିଲ୍ମରେ ଏକ କ୍ୟାମିଓ ଭୂମିକାରେ ଅଭିନୟ କରିଛନ୍ତି । ଏହି ସମୟରେ, ଦୁହେଁ ଆଜିର ସମୟରେ ଚଳଚ୍ଚିତ୍ର ପାଇଁ ଅଭିନେତାମାନଙ୍କୁ ଦିଆଯାଉଥିବା ଫି ବିଷୟରେ ଆଲୋଚନା କରିଥିଲେ । ସେମାନେ ପ୍ରକାଶ କରିଛନ୍ତି ଯେ ବେଳେବେଳେ ଫିଲ୍ମ ଫ୍ଲପ୍ ହେଲେ ତାଙ୍କୁ କୌଣସି ପାରିଶ୍ରମିକ ମିଳେ ନାହିଁ। ଏକ ସାକ୍ଷାତକାରରେ ଅକ୍ଷୟ କୁମାର ଏବଂ ଅଜୟ ଦେବଗନଙ୍କୁ ପଚରାଯାଇଥିଲା ଯେ ଚଳଚ୍ଚିତ୍ରର ବଜେଟ୍ ବଢୁଛି କାରଣ ଆଜିକାଲି ଅଭିନେତାମାନେ ବିପୁଳ ଫି ଆଦାୟ କରୁଛନ୍ତି। ଏହା ଉପରେ ଅଜୟ ଦେବଗନ୍ ଉତ୍ତର ଦେଇଛନ୍ତି- 'ଅଭିନେତାମାନେ ସ୍କ୍ରିପ୍ଟ, ଚଳଚ୍ଚିତ୍ର ଏବଂ ପ୍ରୋଜେକ୍ଟ ଅନୁଯାୟୀ ଫି ନିଅନ୍ତି ।' ଅଭିନେତାଙ୍କ ମହଙ୍ଗା ଫି ପ୍ରଶ୍ନ ଉପରେ ଅକ୍ଷୟ କୁମାର ମଧ୍ୟ ଖୋଲାଖୋଲି ଉତ୍ତର ଦେଇଛନ୍ତି। ଅଭିନେତା କହିଛନ୍ତି- 'ସେ (ଅଜୟ ଦେବଗନ୍) ଯାହା କହିଛନ୍ତି ମୁଁ ତାହା ସହମତ । ଯଦି ଆମେ ଆଜି ଏକ ଚଳଚ୍ଚିତ୍ର ପାଇଁ ସାଇନ କରୁ, ତେବେ ଆମେ କିଛି ଚାର୍ଜ କରୁନାହୁଁ । ଆମେ କେବଳ ସେୟାର ନେଉ । ଯଦି ଏହା ହିଟ ହୁଏ, ତେବେ ଆମେ ଲାଭାଂଶରୁ କିଛି ଅଂଶ ପାଇଥାଉ, କିନ୍ତୁ ଯଦି ତାହା ନହୁଏ, ତେବେ ଆମେ କୌଣସି ଟଙ୍କା ପାଇବୁ ନାହିଁ । ଏହା ପରେ ଅଜୟ ଦେବଗନ୍ କହିଛନ୍ତି ଯେ ବେଳେବେଳେ ସେ ଲାଭାଂଶ ମଧ୍ୟ ପାଇନାହାଁନ୍ତି ଏବଂ ତାଙ୍କୁ କୌଣସି ପାରିଶ୍ରମିକ ବିନା ବି କାମ କରିବାକୁ ପଡେ । ଆପଣଙ୍କୁ କହିରଖୁଛୁ ଯେ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ସିଂହମ ଏଗେନ' ୧ ନଭେମ୍ବରରେ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରୁଛି ଏବଂ ଭାରତରେ ଏପର୍ଯ୍ୟନ୍ତ ୨୦୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଛି ।



Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝରଗଡ ପୌରପାଳିକାରେ କାମ କରୁଥିବା ଜଣେ ମହିଳା ସଫେଇ କର୍ମଚାରୀଙ୍କ ପିଏଫ୍ କଟୁନଥିବା ନେଇ ଅଭିଯୋଗ ହୋଇଛି। ରବିବାର ସକାଳେ ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ ହଠାତ୍ ୱାର୍ଡ ବୁଲି ସଫେଇ କାର୍ଯ୍ୟ ଅନୁଧାନ କରିବା ସହ ସଫେଇ କର୍ମଚାରୀଙ୍କ ସମସ୍ୟା ନେଇ ପଚାରି ବୁଝିଥିଲେ। ନଗରଭବନ ସମ୍ମୁଖରେ ମହିଳା ସଫେଇ କର୍ମଚାରୀ ନିଜ ସମସ୍ୟା ସମ୍ପର୍କରେ ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲଙ୍କୁ ଜଣାଇବା ସହ ତାଙ୍କ ପିଏଫ୍ କଟୁନଥିବା କହିଥିଲେ। ତୁରନ୍ତ ତାଙ୍କର ଆଧାର କାର୍ଡ ତ୍ରୁଟି ସଂଶୋଧନ କରି ପିଏଫ୍ କାଟିବା ପାଇଁ ପଦକ୍ଷେପ ନେବାକୁ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ କହିଥିଲେ। ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ମିଳୁନଥିବା ଏବଂ ବିଭିନ୍ନ ୱାର୍ଡରେ ସଫେଇ ଠିକ୍ ଭାବରେ ହେଉନଥିବାରୁ ଆଇଏଏସ୍ ପ୍ରୋବେସନର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୨ ମହିଳାଙ୍କ ସମେତ ୫ ବର୍ଦ୍ଧିଧାରୀ ନକ୍ସଲଙ୍କ ଶବ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେର ଜିଲ୍ଲା ଉତ୍ତର ଆବୁଜମାଡର ଘଞ୍ଚ ଜଙ୍ଗଲରେ ଯବାନ ଏବଂ ନକ୍ସଲଙ୍କ ମଧ୍ୟରେ ମୁହାଁମୁହିଁ ଗୁଳି ବିନିମୟ ପରେ ସର୍ଚ୍ଚ ଅପରେସନ ବେଳେ ୨ ମହିଳା ମାଓବାଦୀ ସମେତ ୫ ନକ୍ସଲଙ୍କ ମୃତଦେହ ନେଇ ଛୋଟେବେଟିଆ ଥାନାରେ ପହଞ୍ଚିଲେ ଯବାନ। ନକ୍ସଲଙ୍କ ଶବ ନିକଟରୁ ଇନସାସ୍ ରାଇଫଲ, ଏସ୍ଏଲ୍ଆର୍ ରାଇଫଲ୍, ୧୨ ବୋର୍ ରାଇଫଲ୍ ୩ ଏବଂ ବିଜିଏଲ (ବ୍ୟାରେଲ ଗ୍ରେନେଡ ଲଞ୍ଚର) ସମେତ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ଯବାନ। ୧୬ ନଭେମ୍ବର ସକାଳ ୮ ଟାରୁ ଡିଆରଜି, ଏସ୍ଟିଏଫ ଏବଂ ବିଏସ୍ଏଫ୍‌ର ମିଳିତ ସର୍ଚ୍ଚ ଅପରେସନରେ ବାହାରିଥିଲେ। ଉତ୍ତର ଆବୁଜମାଡ ଅଞ୍ଚଳରେ ନକ୍ସଲମାନଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ତୁରନ୍ତ ଏକ ମିଳିତ ପୋଲିସ ପାର୍ଟି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଦୀର୍ଘ ସମୟ ଧରି ଉଭୟପଟୁ ଗୁଳି ବିନିମୟ ଜାରି ରହିଥିଲା। ଏହି ଏନକାଉଣ୍ଟରରେ ୫ ନକ୍ସଲ ନିପାତ ହୋଇଥିବା ବେଳେ ୨ ଯବାନ ଆହତ ହୋଇଥିଲେ। ଏନ୍‌କାଉଣ୍ଟରରେ ଦୁଇ ଯବାନ ଆହତ ହୋଇଥିଲେ ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେ ସ୍ୱାଭାବିକ ଥିବା କୁହାଯାଉଛି। ଉଭୟଙ୍କୁ ଆକାଶ ମାର୍ଗ ଯୋଗେ ରାଜଧାନୀ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।

### କୋଇଲା ଚୋରା ଚାଲାଣ ରୋକିବା ପାଇଁ ଏସ୍‌ପିଙ୍କ ତିହିଡ଼ି ଗସ୍ତ

## ବିପୁଳ ପରିମାଣର କୋଇଲା ଜବତ



ତିହିଡ଼ି (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ହେବ ଚୋରା କୋଇଲା ଚାଲାଣ କରାଯାଉଛି। ଏନେଇ ପୁଲିସ ବହୁ ମକଦ୍ଦମା କରି ଚୋରା କୋଇଲା ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରୁଛି। ଏହା ପରେ ମଧ୍ୟ ଚୋରା କୋଇଲା ଚାଲାଣ ବନ୍ଦ ହୋଇ ପାରୁନାହିଁ। ଯାହାଫଳରେ ରବିବାର ବିଳମ୍ବିତ ରାତିରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୁରୁଣାବଜାର ଥାନା ଆଇଆଇସି ନିରଜ ସାମଲ ପ୍ରମୁଖ ତିହିଡ଼ିରେ ପହଞ୍ଚି ଚୋରା କୋଇଲା ଚାଲାଣ ହେବା ଉପରେ ଖୋଜ ଖବର ନେଇଥିଲେ। ପରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ଓ ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁଙ୍କୁ ଡକାଇ ମଙ୍ଗଳପୁର ନିକଟରେ ଚୋରା ଚାଲାଣ ହେବାକୁ ଥିବା ଶହଶହ ବସ୍ତା ମହଜୁଦ ଥିବା ଡିପିସିଏ କୋଇଲାକୁ ଜବତ କରିଥିଲେ। ଏହି ଚଢ଼ାଉରେ ତିହିଡ଼ି ଥାନା ଏଏସ୍ଆଇ କମଳାକାନ୍ତ ଶତପଥୀ, ପାର୍ଥ ବେହେରା, ଲକ୍ଷ୍ମଣ ମାରାଣ୍ଡି, ପୀରହାଟ ଥାନା ଏସ୍ଆଇ ସୁପ୍ରକାଶ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ

## ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳିତ



ବାରିପଦା (ଭାସ୍କର ନ୍ୟୁଜ୍): ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ବାରିପଦାସ୍ଥିତ ସହିଦ ସ୍ମୃତି ଭବନ ଠାରେ ସୋମବାର ଜିଲ୍ଲା ରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡେପୁଟି ରେଜିଷ୍ଟ୍ରାର୍, ସମବାୟ ସମିତି କୃଷ୍ଣଚନ୍ଦ୍ର ଦାସ ଜିଲ୍ଲାରେ ସମବାୟ ସମିତିମାନଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟ ସମସ୍ତ ବିଷୟରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ, ବିକଶିତ ଓଡିଶା ଗଠନରେ ସମବାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଂର ବ୍ୟବସ୍ଥା, ବୟାନ, ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ରେଶମ, ତାଳଗୁଡ କ୍ଷେତ୍ରରେ ଉତ୍ପାଦନକାରୀମାନଙ୍କୁ ସମବାୟ ମାଧ୍ୟମରେ ସଙ୍ଗଠିତ କରାଯାଇ ବିପଣନ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଛି। ସରକାରଙ୍କ ମୁଖ୍ୟ ସହାୟକ ଯୋଜନା ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରି ଉକ୍ତ ମୂଲ୍ୟକୁ ଚାଷୀମାନଙ୍କ ବ୍ୟାଙ୍କ ଜମା ଖାତାରେ ସିଧାସଳଖ ପୈଠ କରାଯିବ ଏବଂ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତି ମାନଙ୍କର ସକ୍ରିୟ ଅଂଶଗ୍ରହଣ ଏହି ଯୋଜନାକୁ ସଫଳ କରିବା ବୋଲି ସମବାୟ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତି କହିଥିଲେ। ସୂଚନାଥାଉକି, ମୟୂରଭଞ୍ଜରେ ବର୍ତ୍ତମାନ ସୁଦ୍ଧା ୨୬ଟି ବ୍ଲକ୍‌ରେ ୨୦୦ଟି ଲ୍ୟାମ୍ପସ ଓ ଉପଖଣ୍ଡ ମାନଙ୍କରେ ନିୟନ୍ତ୍ରିତ ବଜାର କମିଟି ମଣ୍ଡିଗୁଡିକରେ ସମସ୍ତ ସମବାୟ ସମିତି ସରକାରଙ୍କ ପ୍ରାବନ୍ଧିତ ବ୍ୟବସ୍ଥାରେ ଅଂଶଗ୍ରହଣ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମବାୟ ସପ୍ତାହ ପାଳନ ଅବସରରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ବିଭିନ୍ନ ସମବାୟ ସମିତିର ମୁଖ୍ୟ ମାନଙ୍କ ସହିତ ଆଗାମୀ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ମତାମତ ଗ୍ରହଣ କରାଯାଇ ଆଗକୁ କିଭଳି ଉନ୍ନତ ମାନର କାର୍ଯ୍ୟ ଜିଲ୍ଲାରେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

## କନିଷ୍ଠ ଯନ୍ତ୍ରୀଙ୍କ ଅଜାଣତରେ ହେଉଛି ମିଟର ପରିବର୍ତ୍ତନ



ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଗ୍ରାମରେ କିଛି ଘରୋଇ କମ୍ପାନୀ ତରଫରୁ କମର୍ସିଆଲ ଗ୍ରାହକଙ୍କ ମିଟର ଜବରଦସ୍ତ ପରିବର୍ତ୍ତନ କରାଯାଉଛି। ଯାହାଦ୍ୱାରା ଗ୍ରାହକ ପୂର୍ବରୁ ମିଟର ପାଇଁ ବୈଧ ରାଶି ଜମା କରିଥିଲେ ମଧ୍ୟ ନୂଆ ମିଟର ପରିବର୍ତ୍ତନ ପାଇଁ ମାସିକ ୬୦ ଟଙ୍କା ଭଡ଼ା ଦେବାକୁ ପଡୁଛି। ନିୟମ ଅନୁସାରେ ଗ୍ରାହକଙ୍କୁ ମିଟର ପରିବର୍ତ୍ତନ ପୂର୍ବରୁ ଟିପିଏସ୍‌ଡିଏଲ ତରଫରୁ ସୂଚନା ଦେବା କଥା କିନ୍ତୁ ଲିଲ୍ଲା ନାମକ ଏକ ଘରୋଇ କମ୍ପାନୀ ଲୋକଙ୍କୁ ଧମକାଇ ମିଟର ବଦଳାଉଛି। ଏପରିକି ଗ୍ରାହକ ଦୋକାନରେ ନଥିବା ସମୟରେ ମିଟର ପରିବର୍ତ୍ତନ କରାଯାଉଛି। ଏ ବାବଦରେ ଆମେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଏବଂ ସ୍ଥାନୀୟ ଲାଇନମ୍ୟାନ୍‌ଙ୍କୁ ପଚାରିଥିଲୁ, କିନ୍ତୁ ସେମାନେ କହିଥିଲେ ସେମାନଙ୍କ ଅଜାଣତରେ ଏହି ସବୁ କାମ ହେଉଛି। ଯଦି ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ, ଲାଇନମ୍ୟାନ୍ ଏହି ବିଷୟରେ ଜାଣୁନାହାନ୍ତି ତେବେ ଏହି କମ୍ପାନୀକୁ ଏଲ୍‌ସି ଦେଉଛି କିଏ, ଆଉ ମିଟର ପରିବର୍ତ୍ତନ ହେଉଛି କେମିତି ? ଟାଟା କମ୍ପାନୀ ବିନା ସୁରକ୍ଷାରେ ଏହି କାମ କେମିତି କରୁଛି ସାଧାରଣରେ ପ୍ରଶ୍ନ ଉଠୁଛି।

## ପଶୁ ସମ୍ପଦ ମନ୍ତ୍ରୀଙ୍କୁ ଦାବି ଜଣାଇଲେ ଏଆଇଟି କର୍ମଚାରୀ ସଂଘ

ଉମରକୋଟ (ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପଶୁ ସମ୍ପଦ ଚିକିତ୍ସାଳୟ ଅଧୀନରେ ଥିବା ଗ୍ରାମ ପଞ୍ଚାୟତରେ ରହି କୃତ୍ରିମ ପ୍ରଜନନ, ଟୀକାକାରଣ, ବନ୍ଧ୍ୟାକରଣ, ପ୍ରାଥମିକ ଚିକିତ୍ସା ଭ୍ରାମ୍ୟମାଣ ଚିକିତ୍ସା, ପଶୁ ଗଣନା, ପଶୁମାନଙ୍କୁ ବୀମାଭୁକ୍ତ କରିବା ଏବଂ ଘାସ ଚାଷ ଆଦି ସେବା ଦୀର୍ଘ ୧୪ ବର୍ଷ ଧରି ବିନା ଦରମାରେ ଯୋଗାଇ ଦେଇଆସୁଛନ୍ତି ପଶୁ ସମ୍ପଦ ବିଭାଗ ଅଧୀନରେ ପଞ୍ଚାୟତ ସ୍ତରରେ କାମ କରିଆସୁଥିବା ଏଆଇଟି କର୍ମଚାରୀମାନେ। ୨୦୧୮ ମସିହାରୁ ଅଦ୍ୟାବଧି କେନ୍ଦ୍ର ସରକାରଙ୍କ (ଏନ୍ଏଆଇପି) ଯୋଜନା ମାଧ୍ୟମରେ ଶଙ୍କର ଜାତୀୟ ଗାଈ ଏବଂ ଅଧିକ ଦୁଗ୍ଧ ଦେଶୀ ପ୍ରଜାତିର ଗାଈ ବାହାର କରି ଗ୍ରାମାଞ୍ଚଳର ଗରିବ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିଛନ୍ତି। ଯାହାଦ୍ୱାରା କି ଚାଷୀଙ୍କ ଉନ୍ନତି ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ଅପପୁଷ୍ଟି ମଧ୍ୟ ଦୂର ହୋଇପାରିଛି। ଏତେସବୁ କାମ କରି ମଧ୍ୟ ସେମାନେ ସରକାରଙ୍କ ପାଖରେ ଉପେକ୍ଷିତ ହୋଇ ପଡିରହିବା ସହ ସାମାନ୍ୟ କିଛି ପ୍ରୋତ୍ସାହନ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଂଘର ଆବାହକ ସୌଭାଗ୍ୟ ରଞ୍ଜନ ଜେନା, ଉପଦେଷ୍ଟା ରବୀନ୍ଦ୍ରନାଥ ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଶତ୍ରୁଘ୍ନ ପ୍ରଧାନ, ଅଭିଲିପ୍ସା ଜୟସିଂ, ଅରକ୍ଷିତ ନାଗ, ବିଶ୍ୱନାଥ ମହାରଣା, ବିବେକାନନ୍ଦ



ସେମାନେ ସାମିଲ ହୋଇ ଚାଷୀ ମାନଙ୍କ ଘର ଘର ବୁଲି ମାଗଣାରେ କୃତ୍ରିମ ପ୍ରଜନନ ସେବା ଯୋଗେଇ ଦେଉଛନ୍ତି। ଯଦ୍ୱାରା କି ଓଡ଼ିଶା ସରକାରଙ୍କ ୭୦ ପ୍ରତିଶତ କୃତ୍ରିମ ପ୍ରଜନନ କାର୍ଯ୍ୟ ସଫଳ ହେଇପାରୁଛି। ଆହୁରି ମଧ୍ୟ ବିଗତ କୋଭିଡ଼୍ ମହାମାରୀ ସମୟରେ ନିଜର ଜୀବନକୁ ବାଜି ଲଗେଇ ଏଆଇଟି କର୍ମଚାରୀ ଗ୍ରାମାଞ୍ଚଳରେ ଚାଷୀଙ୍କୁ ମାଗଣାରେ ପ୍ରାଣୀ ଚିକିତ୍ସା ଯୋଗାଇ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ପାରମ୍ପରିକ ଚାଷ ପଦ୍ଧତିକୁ ଗୁରୁତ୍ୱ ଦେଉଥିବାରୁ ପ୍ରାଣୀ ସମ୍ପଦ ବଂଶବୃଦ୍ଧି ନିମନ୍ତେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେମାନେ କୃତ୍ରିମ ପ୍ରଜନନ ମାଧ୍ୟମରେ ଗରିବ ଚାଷୀମାନଙ୍କ ଦେଶୀ ପ୍ରଜାତିର ଗାଈମାନଙ୍କ ଠାରୁ ଉତ୍ତମ ମାନର ନାୟକ, ମହେନ୍ଦ୍ର ମହାନ୍ତି, କୁଳମଣି ମଲ୍ଲିକ ପ୍ରମୁଖ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସାକ୍ଷାତ କରି ସ୍ଥାୟୀ ନିଯୁକ୍ତି ଦେବା ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ନବରଙ୍ଗପୁର ଜିଲ୍ଲା ଏଆଇଟି ସଭାପତି ଲକ୍ଷ୍ମୀକାନ୍ତ ଯୋଶୀ, ସମ୍ପାଦକ ମଧୁସୂଦନ ଟିକାଦାର, କୋଷାଧ୍ୟକ୍ଷ କିଶୋର ନାୟକ, ହେମେଶ୍ୱର ଗୌଡ଼, ପର୍ଶୁରାମ ଗଣ୍ଡା, ଭାବିରାମ ହରିଜନ, ନବୀନ ମାଝୀ, ପ୍ରଫୁଲ କୁମାର ହରିଜନ, ପ୍ରଭୁ ଅମାନତ୍ୟ, ପୁରନ ଦିଶାରୀ, ଚିତ୍ର ପନକା, ଚନ୍ଦ୍ର ବିଷୋୟୀ, ଦେବବ୍ରତ ଢ଼ାଲି, ରାଜୀବ କୁମାର ବିଷୋୟୀ, ଯଶବନ୍ତ ନାୟକ, ବସନ୍ତ ନାଗ, ଜଗନ୍ନାଥ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

### ମଦଦୋକାନ କର୍ମଚାରୀ ଓ ପୋଲିସର ମଧୁଚନ୍ଦ୍ରିକା

## ବଳିପଡ଼ିଲେ ନିରୀହ ଜନସାଧାରଣ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ମଦଦୋକାନ କର୍ମଚାରୀ ଓ ପୋଲିସର ମଧୁଚନ୍ଦ୍ରିକା ଯୋଗୁଁ ସାଧାରଣ ନିରୀହ ଜନତା ବଳି ପଡିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିନ ବାବର ବଜାରରେ ଥିବା ମଦଦୋକାନକୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକଙ୍କ ନିକଟରେ ଗତ ୨୧.୦୮.୨୦୨୪ରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ମଦ ଦୋକାନର କର୍ମଚାରୀ ଓ ପରିଚାଳକ ଅଭିନନ୍ଦନ ରାଉତ ପ୍ରମୁଖ ଅଭିଯୋଗ ଦରଖାସ୍ତରେ ସ୍ୱାକ୍ଷର କରିଥିବା ଜନୈକ ବିଜୁ ପ୍ରଧାନଙ୍କୁ ବାବର ବଜାରରେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡା, ତରୁଆଲ ପ୍ରଭୃତି ମାରଣାସ୍ତ୍ର ଧରି ଗତ ୮.୧୧.୨୦୨୪ ରିଖରେ ତାକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ବିଜୁ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ବି ଥାନା ଅଧିକାରୀ କିଛି କରିପାରିବେନି ବୋଲି ବିଜୁକୁ କହିଥିଲେ। ଏହାପରେ ସେହିଦିନ ଅପରାହ୍ନରେ ବିଜୁ ବାବର ବଜାରକୁ ଆସି ସେମାନଙ୍କୁ ଖୋଜିଥିଲେ ବି ସେଠାରେ ବିଜୁକୁ ଗାଳିଗୁଲଜ କରିଥିବା ମଦଦୋକାନ କର୍ମଚାରୀଙ୍କୁ ନପାଇ ବିଜୁ ସଟର୍ ପଡିଥିବା ସେହି ମଦଦୋକାନରେ ଅନ୍ୟ ଏକ ତାଲା ପକାଇଦେଇ ସେଠାରୁ ଚାଲିଯାଇଥିଲା। ଏ ସମ୍ପର୍କରେ ଖବରପାଇ ସେହି ମଦ ଦୋକାନର କର୍ମଚାରୀ ତନ୍ତିଆପାଳ ଥାନାକୁ ଜଣାଇବା ପରେ ଥାନା ଅଧିକାରୀ ଶ୍ରୀ ଜେନା ଆସି ସେହିଦିନ ଅପରାହ୍ନ ପ୍ରାୟ ସାଢେ ୫ଟାରେ ବିଜୁ ପକାଇଥିବା ତାଲାକୁ କାଟିଦେଇଥିଲେ। ଏହାପରେ ପୂର୍ବପରି ମଦ ଦୋକାନ ଖୋଲିଥିଲା। କିନ୍ତୁ ସେହିଦିନ ବିଳମ୍ବିତ ରାତିରେ ତନ୍ତିଆପାଳ ସାମୁଦ୍ରିକ ଥାନାର ଅଧିକାରୀ ଓ କର୍ମଚାରୀମାନେ ଏହି ମଦ ଦୋକାନର କର୍ମଚାରୀମାନଙ୍କୁ ସାଙ୍ଗରେ ନେଇ ବାବର ଅଞ୍ଚଳର କେତେକ ଲୋକଙ୍କ ଘରେ ରାତି ପ୍ରାୟ ୩ଟାରୁ ୪ଟା ମଧ୍ୟରେ ଚଢାଉକରି ସେମାନଙ୍କୁ ଗାଳିଗୁଲଜ କରିଥିଲା। ଏଥିସହିତ ଜଣଙ୍କୁ ରାତି ଅଧରେ ଘରୁ ଟେକିନେଇ ପୋଲିସ ପରଦିନ ତାକୁ କୋର୍ଟ ଚାଲାଣ କରିଥିଲା। ଏମାନେ କେହି ସମ୍ପୃକ୍ତ ମଦ ଦୋକାନରେ ତାଲା ପକାଇବା ଘଟଣାରେ ସମ୍ପୃକ୍ତ ନଥିବା ଅଭିଯୋଗ ହୋଇଛି। ସେହି ମଦ ଦୋକାନର ସେଲ୍ସମ୍ୟାନ୍ ସପନ ପ୍ରଧାନଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଏକ ମିଥ୍ୟା ଅଭିଯୋଗକୁ ଭିତ୍ତିକରି ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ୧୫୭/୨୦୨୪ରେ ଭାରତୀୟ ଦଣ୍ଡବିଧି ଆଇନର ୩୦୯(୬) ଡକାୟତି ଦଫାରେ ଏକ ମାମଲା ରୁଜୁ କରିଦେଲା। ପରଦିନ ପତି ଓରଫ୍ ଗଣେଶ ମିଶ୍ରଙ୍କୁ ପୋଲିସ ଗିରଫ କରିନେଲା ପୋଲିସ ଯାହାଙ୍କର କି ଏହି ଘଟଣାରେ କୌଣସି ସମ୍ପୃକ୍ତି ନଥିବା ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ମଦ ଦୋକାନରେ ଥିବା ସିସିଟିଭିର ଫୁଟେଜ୍ କିମ୍ବା ନିକଟରେ ଅନ୍ୟ ଦୋକାନ ଗୁଡିକରେ ଥିବା ସିସିଟିଭି ଫୁଟେଜ୍‌କୁ ପ୍ରମାଣ ଭାବେ ନନେଇ କିଭଳି ଅନ୍ୟାୟୋଚିତ ଏବଂ ବେଆଇନ ଭାବରେ ନିରୀହ ଜନତାଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସର ତଦନ୍ତ ସଠିକ୍ ବାଟରେ ହୋଇନଥିବା ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା କଥା ହେଲା ଏଭଳି କିଛି ଘଟଣା ସେଠାରେ ଘଟିନଥିବା ବେଳେ କ'ଣ ପାଇଁ ପୋଲିସ ମିଛରେ କେଶ ରୁଜୁ କଲା ଓ ତାକୁ ନେଇ ବାବର ବ୍ୟବସାୟୀ ସଙ୍ଘ ନାମରେ କେତେକ ଅସାଧୁ ବ୍ୟକ୍ତି, ଚୋରା ବେପାରୀ ଓ ଅସାମାଜିକ ବ୍ୟକ୍ତିବିଶେଷ ବେଆଇନ ଭାବେ ରାସ୍ତାରୋକ କଲେ। ରାସ୍ତାରୋକ ଫଳରେ ଯେଉଁ ସମସ୍ୟା ସୃଷ୍ଟି ହେଲା ସେଥିପାଇଁ ତନ୍ତିଆପାଳ ଥାନା ପୋଲିସ ପୂର୍ବରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକରି ବରଂ ସେମାନଙ୍କୁ ସହଯୋଗ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କୁ ତୁରନ୍ତ ଦଣ୍ଡବିଧାନ କରାଯିବାକୁ ସେହି ଅଞ୍ଚଳର ବାସୁଦେବ ମଣ୍ଡଳ, ସୁଲୋଚନା ନାୟକ, କରୁଣାକର ନାୟକ, ପ୍ରସନ୍ନ ସେଠୀ, ପଞ୍ଚାନନ ଖୁଣ୍ଟିଆ, ହେମନ୍ତ ନାୟକ ପ୍ରମୁଖ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, କେନ୍ଦ୍ରାଞ୍ଚଳ ଆଇଜି, ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ ସିଦ୍ଧାନ୍ତ ମହାପାତ୍ର



କୁକୁଡାଖଣ୍ଡି (ଭାସ୍କର ନ୍ୟୁଜ୍): ଦିଗପହଣ୍ଡି ବିଧାୟକ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ଅଭିଯୋଗ କାର୍ଯ୍ୟକ୍ରମ କରୁଛନ୍ତି। ଦିଗପହଣ୍ଡି ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ମାଳ ମାଳ ଅଭିଯୋଗ ହେଉଥିବା ଦେଖିବାକୁ ମିଳୁଛି। ତେବେ ରବିବାର ଦିନ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ପଞ୍ଚାୟତରେ ବିଧାୟକଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ ଦିନ ୧୧ ଘଣ୍ଟାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ନେତାଜୀ ନଗର ଠାରେ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ସ୍ଥାନୀୟ ଯୁବ ଗୋଷ୍ଠୀ ଓ ଗ୍ରାମବାସୀ ଫୁଲତୋଡ଼ା ସହ ଉପଢ଼ୌକନ ଦେଇ ସ୍ୱାଗତ କରିବା ସହ ସଭା ମଞ୍ଚକୁ ପାଛୋଟି ନେଇଥିଲେ। ଦୀର୍ଘ ବର୍ଷ ପରେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ଲୋକଙ୍କ ଅସୁବିଧା ସମ୍ପୂର୍ଣ୍ଣ ହୋଇପାରୁନାହିଁ କି ମୌଳିକ ସମସ୍ୟା ମଧ୍ୟ ସମାଧାନ ହୋଇପାରିନାହିଁ ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଧାୟକ। ବିଧାନସଭା ନିର୍ବାଚନରେ ବିଜୟୀ ପରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମୌଳିକ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଶୁଣିଲେ ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର। ବିଧାୟକ ଶ୍ରୀ ମହାପାତ୍ର ନିର୍ବାଚନ ସମୟରେ ଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣାଣି କରିବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହାକୁ ପାଳନ କରିଥିବା କହିଛନ୍ତି। ଜଗଦଳପୁର ପଞ୍ଚାୟତରେ ଗ୍ରାମବାସୀଙ୍କ ପକ୍ଷରୁ ୪୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ କରାଯାଇଥିବା ଜଣାପଡିଛି। ଅଭିଯୋଗ କରିବା ସହ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ସେହିପରି ଆବାସ ଯୋଜନା ଓ ଗ୍ରାମ କଣ୍ଟକ ପକ୍କା ଗରିବଙ୍କ ଠାରେ ପହଞ୍ଚାଇବାକୁ ସ୍ଥିର କରିଥିଲେ। ଗ୍ରାମର ରାସ୍ତା ଗୁଡ଼ିକ ମରାମତି ସହ ରାସ୍ତାର ଦୁଇ ପାର୍ଶ୍ୱରେ ଆଲୋକିକରଣ କରିବା, ଗ୍ରାମ ଯୁବକ ମାନଙ୍କ ପାଇଁ ଗୋଟିଏ ଖେଳ ପଡିଆ ଦିଆଯାଉ ବୋଲି ଜନସାଧାରଣ ନିଜ ନିଜ ଅଭିଯୋଗ ଏକ ଦରଖାସ୍ତ ଲେଖି ବିଧାୟକଙ୍କୁ ଦେବା ସହ ରହିଥିବା ବିଭିନ୍ନ ସମସ୍ୟା ଗୁଡିକ ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ଶ୍ରୀ ମହାପାତ୍ର ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହି ଅଭିଯୋଗ ମଧ୍ୟରେ ରତନପୁର ଠାରୁ ଜଗଦଳପୁର ମେଡିକାଲ ପର୍ଯ୍ୟନ୍ତ ନୂତନ ପିଡବ୍ଲ୍ୟୁଡି ରୋଡ ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଏହି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ନେଇ କିଛି ଗ୍ରାମବାସୀ ବିଧାୟକଙ୍କ ନିକଟରେ ଅଭିଯୋଗ କରିବା ସହ ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର ସହମତ ହୋଇ ସଭା କାର୍ଯ୍ୟକ୍ରମ ସରିବା ପରେ ଘଟଣାସ୍ଥଳକୁ ଯାଇ ତଦାରଖ କରିବା ପାଇଁ ସହମତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ସଭା କାର୍ଯ୍ୟକ୍ରମ ସରିବା ପାଇଁ କିଛି ସମୟ ପୂର୍ବରୁ ନଳିନୀ ନାମକ ଜଣେ ବ୍ୟକ୍ତି ବିଧାୟକଙ୍କୁ କିଛି ଇସାରା ଦେଇଥିଲେ। ଯାହା ଫଳରେ ବିଧାୟକ ମହାଶୟ ରାସ୍ତା ନିର୍ମାଣ କାର୍ଯ୍ୟସ୍ଥଳକୁ ନଯାଇ ଗ୍ରାମବାସୀଙ୍କୁ ଭୂଆଁ ବୁଲାଇ ଅତି ତରବର ଭାବେ ସଭା ମଞ୍ଚ ଛାଡ଼ି ଚାଲିଯାଇଥିଲେ। ବିଧାୟକଙ୍କ ଏଭଳି ଦୋମୁହାଁ ନୀତିକୁ ଜଗଦଳପୁର ଗ୍ରାମବାସୀ ଘୋର ନିନ୍ଦା କରିବା ସହ ନଳିନୀ କିଏ ବୋଲି ପ୍ରଶ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମଣ୍ଡଳ ସଭାପତି ଚଣ୍ଡୀ ଚରଣ ସାହୁ, ବୁଲା ପାତ୍ର, ଯୁବନେତା ସୁଦାମ ପାତ୍ର, ଯୁବନେତା କୁରା ସେଠୀ, ସତ୍ୟ ପାତ୍ର, ନାୟବ ସରପଞ୍ଚ ମନୋଜ ପାତ୍ର, ପଞ୍ଚାନନ ସାହୁ, ବିଶ୍ୱନାଥ ପାତ୍ର, ପାର୍ମେସୁ ପାତ୍ର, ସୁନୀଲ ପାତ୍ର, ବିନୋଦ ପାତ୍ର, ବରିଷ୍ଠ ନେତା ରାଧାମୋହନ ପାତ୍ର, ରାଜକିଶୋର ପାଢ଼ୀ, ଲାବଣ୍ୟ ପାତ୍ର, ସ୍ଥାନୀୟ ସରପଞ୍ଚ କ୍ରାନ୍ତି କୁମାରୀ ଦେବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

### ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ

## ୨ ଯୁବକ ଗିରଫ, ୨ ନାବାଳିକା ଉଦ୍ଧାର

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଅପହୃତା ନାବାଳିକାମାନଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାର ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ତିହିଡ଼ି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ନାବାଳିକାମାନଙ୍କୁ ଉଦ୍ଧାର କରିବା ଦିଗରେ ଦୃଢ଼ ପଦକ୍ଷେପ ନେଉଛନ୍ତି। ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ବାରୋ ପଞ୍ଚାୟତ ଅଧୀନ ବାରୋ ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀର ନାବାଳିକା ତିହିଡ଼ିସ୍ଥିତ କାଳୀପଡ଼ିଆ ନିକଟରେ ପରିବାର ସହିତ ରହୁଥିଲେ। ପାଟଣାସାହି ଗ୍ରାମର ଶଶିକାନ୍ତ ମହାଳିକ (୨୩) ନାମକ ଜଣେ ଯୁବକ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୁଲିସ ୪୯୩/୨୪ରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଥିଲା। ରବିବାର ପୁଲିସ ଅପହରଣକାରୀ ଯୁବକ ଶଶିକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ବାଲେଶ୍ୱର ରେଳଷ୍ଟେସନରୁ ଅଭିଯୁକ୍ତ ଶଶିକାନ୍ତକୁ ଗିରଫ କରିଥିବା ବେଳେ ନାବାଳିକାକୁ ଉଦ୍ଧାର କରିଥିଲେ। ଅପହରଣ ଘଟଣାରେ ବ୍ୟବହୃତ ଏକ କାର୍ ନଂ ଓଡି ୨୨ଡବ୍ଲ୍ୟୁ ୯୮୩୩କୁ ପୁଲିସ ଜବତ କରିଛି। ଅଭିଯୋଗରୁ ପ୍ରକାଶ ଯେ, ନାବାଳିକା ଜଣକ ଆଦର୍ଶ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ଅଭିଯୁକ୍ତ ଅଟୋ ଚାଳକ ଯୁବକ ଶଶିକାନ୍ତ ନାବାଳିକାକୁ ପ୍ରତିଦିନ ଅଟୋରେ ସ୍କୁଲକୁ ନେବା ଆଣିବା କରୁଥିଲେ। ଏହି ସମୟରେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ସମ୍ପର୍କ ସ୍ଥାପନ କରି ଗତ ୩୧ ତାରିଖରେ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଯୁବକ ନାବାଳିକାକୁ କଲିକତାରୁ ବାଲେଶ୍ୱରକୁ ଆସି ସେଠାରେ କାର୍ ରଖି ଅନ୍ୟ ରାଜ୍ୟକୁ ପଳାଇ ଯିବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ତିହିଡ଼ି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ କୌଶଳକ୍ରମେ ବାଲେଶ୍ୱର ରେଳ ଷ୍ଟେସନରୁ ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ସେହିପରି ବାରୋ ଗ୍ରାମର ଜଣେ ନାବାଳିକାକୁ ଗତ ଏପ୍ରିଲ ମାସରେ ସେହି ଗ୍ରାମର ପ୍ରୀତମ ବାରିକ (୩୧) ନାମକ ଜଣେ ଯୁବକ ଅପହରଣ କରି ନେଇଯାଇଥିବା ଅଭିଯୋଗ ହୋଇଥିଲା। ପୁଲିସ ଏହି ଘଟଣାରେ ୧୮୧/୨୪ରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଚଳାଇଥିଲେ। ରବିବାର ପୁଲିସ ଗୁଜୁରାଟରୁ ନାବାଳିକାକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ପ୍ରୀତମକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

## ବିଭାଗୀୟ ତାଳମେଳ ଅଭାବରୁ ଅଣଦେଖା ହେଉଛି ଖଡିକାଝୋଡ଼ି ପର୍ଯ୍ୟଟନସ୍ଥଳୀ

- ପୁନରୁଦ୍ଧାର ନାମରେ କୁମ୍ଭୀର କାନ୍ଦଣା କାନ୍ଦୁଛି ଦୁଇ ବିଭାଗ
- ଟେଣ୍ଡର ପ୍ରକ୍ରିୟା ପୂର୍ବରୁ ବନ ବିଭାଗରୁ କାହିଁକି ଅନୁମତି ଆଣିଲେନି ବ୍ଲକ୍ ପ୍ରଶାସନ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମାଲକାନଗିରି ଜିଲ୍ଲା। ବଣ, ପାହାଡ଼, ଝରଣା ଏବଂ ପ୍ରାକୃତିକ ପରିବେଶ ପାଇଁ ସଦାସର୍ବଦା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଏହି ମାଲକାନଗିରି ଜିଲ୍ଲାର ଅନ୍ୟତମ ମନୋରମ ସ୍ଥାନ ହେଉଛି ସ୍ଥାନୀୟ ଖଡ଼ିକାଝୁଡ଼ି। ଏଠାରେ କଳ କଳ ଶବ୍ଦ କରି ବହି ଯାଉଛି ସୁଦୀର୍ଘ ଝରଣା ଆଉ ତା ସାଙ୍ଗକୁ ରାସ୍ତାର ଦୁଇ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ। ଜଙ୍ଗଲ ମଧ୍ୟରୁ ଶୁଭେ ପକ୍ଷୀମାନଙ୍କ ଚିଁ ଚାଁ ରାବ ସହିତ ମାଙ୍କଡ ମାନଙ୍କ ଖିଙ୍କାରି ହେବା ସଦାସର୍ବଦା ଜିଲ୍ଲାବାସୀଙ୍କୁ ତଥା ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ଏହି ଖଡିକାଝୁଡି ପର୍ଯ୍ୟଟନ ସ୍ଥଳୀ। ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଏଠାରେ ବଣଭୋଜି କରିବା ପାଇଁ ଆସିଥାନ୍ତି। ହେଲେ ବିଗତ ଦୁଇ ବର୍ଷ ହେବ ଏହି ଖଡିକାଝୁଡି ପର୍ଯ୍ୟଟନ ସ୍ଥଳୀଟି ସମ୍ପୂର୍ଣ୍ଣ ଭାବେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଅନୁମେୟ ହେଉଛି। ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେବା ସହ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଆଗକୁ ଆସୁଛି ନୂଆବର୍ଷ, ଶହ ଶହ ଲୋକ ଏଠାରେ ଭୋଜିଭାତ କରିବା ସହ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ପ୍ରକୃତିର କୋଳରେ କଟେଇ ଥାନ୍ତି। ମାଲକାନଗିରି ଜିଲ୍ଲାରେ ଅବସର ବିନୋଦନ ପାଇଁ କୌଣସି ସାଧନ ନାହିଁ କି ଅଧିକାଂଶ ଲୋକଙ୍କ ପାଖରେ ସେତିକି ସମ୍ବଳ ନାହିଁ ଯେ କୌଣସି ଏକ ଦୂର ସ୍ଥାନକୁ ଯାଇ ବୁଲି ଆସିବେ। ଏଥିପାଇଁ ଖଡିକାଝୁଡି ଭଳି ଛୋଟ ଛୋଟ ପ୍ରାକୃତିକ ସ୍ଥାନ ସ୍ଥାନୀୟ ଲୋକଙ୍କ ପାଇଁ ଅତି ପ୍ରିୟ। ଜିଲ୍ଲାରେ ଏପରି ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ଏବଂ ଜଳପ୍ରପାତ ରହିଛି, ଯାହା ଏବେ ବି ଲୁକ୍କାୟିତ ଅବସ୍ଥାରେ ରହିଛି। ତନ୍ମଧ୍ୟରୁ କୋରୁକୋଣ୍ଡା ବ୍ଲକ ବାଲିମେଳା ଛକ ନିକଟସ୍ଥ ଖଡ଼ିକାଝୁଡି ଅଧିକ ଲୋକପ୍ରିୟ। ଖଡିକାଝୁଡି ମାଲକାନଗିରି ଜିଲ୍ଲା ବାଲିମେଳା ଛକରୁ ନାକାମାମୁଡ଼ିକୁ ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତା କଡ଼ରେ ରହିଛି ସତ, କିନ୍ତୁ ଏଯାଏଁ ପ୍ରଶାସନର ନଜରକୁ ଆସିନାହିଁ। ବିଗତ ଦିନରେ ସେଠାରେ ବନ ବିଭାଗ ପକ୍ଷରୁ ବଣଭୋଜି ପାଇଁ କେତୋଟି ପିଣ୍ଡି ଆଉ ପାଣିର ବ୍ୟବସ୍ଥା କରାଯାଇଥିଲା। ତାହା ସେସବୁ ଏବେ ଭାଙ୍ଗିରୁଜି ଯାଇଥିବା ବେଳେ ଉଭୟ ପାର୍ଶ୍ୱରେ ଥିବା ଭୋଜିସ୍ଥଳ ଅବହେଳିତ ହୋଇପଡିଛି। ତେବେ ବର୍ତ୍ତମାନ ଶୀତ ଋତୁ ଆସିଗଲାଣି, ଆଉ ଦିନ କେଇଟା ପରେ ଏଠାରେ ଭିଡ଼ ଜମିବା ଆରମ୍ଭ ହୋଇଯିବ। ମାଲକାନଗିରି ସଦର ଏବଂ ବାଲିମେଳାଠାରୁ ଆରମ୍ଭ କରି ଜିଲ୍ଲାର କୋଣ ଅନୁକୋଣରୁ ଏଠାକୁ ଛାଡଖାଇରେ ବଣଭୋଜି କରିବା ନିମନ୍ତେ ଲୋକେ ଆସିଥିଲେ କିନ୍ତୁ ରୋଷେଇ କରିବା ଏବଂ ବସି ଖାଇବାର କୌଣସି ସୁବିଧା ନଥିବାରୁ ଲୋକମାନେ ପଥର ଉପରେ ହିଁ ବସି ଖାଇଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଲୋକମାନେ ଫେରିଥିବା ଜଣାପଡିଛି। ଏଠାରେ ଏକ ଛୋଟ ଜଳପ୍ରପାତଟି ରାସ୍ତା ଠାରୁ କିଛି ଦୂରରେ ରହିଛି କିନ୍ତୁ କେବଳ ବଡ଼ ବଡ଼ ପଥର ଭରି ହୋଇରହିଛି। ଯାହାଫଳରେ ଲୋକେ ଜଳପ୍ରପାତ ନିକଟକୁ ଯାଇପାରୁ ନଥିବା କହିଛନ୍ତି। ବନ ବିଭାଗ ଗତ ୬ ବର୍ଷ ତଳେ କିଛି ସିମେଣ୍ଟ ପିଣ୍ଡି କରିଥିଲା ଯାହାର ରକ୍ଷଣା ବେକ୍ଷଣ ଅଭାବରୁ ତାହା ବି ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ତେବେ ଗତ କିଛି ବର୍ଷ ପୂର୍ବରୁ ଏହା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବନ ବିଭାଗ ଆଉ ତା'ର ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦେଇନାହିଁ। ଯାହାଫଳରେ ଏଠାକୁ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ ବିଭାଗର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ଏଠାରେ ଖର୍ଚ୍ଚ କରାଯାଉନାହିଁ। ବ୍ଲକ ତରଫରୁ ୨୦୨୨ ମେ' ୬ ତାରିଖରେ ଖଡ଼ିକାଝୋଡ଼ିରେ ଏକ ଗୃହର ନିର୍ମାଣ ନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ନମିଳିବାରୁ ଗୃହଟି ଅନ୍ୟତ୍ର କରାଯାଇଥିବା କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମହାନ୍ତି କହିଛନ୍ତି। ବନ ବିଭାଗ ଅନୁମତି ଦେଲେ ଆମେ ଚଳିତ ବର୍ଷ ମଧ୍ୟ ପ୍ରସ୍ତୁତ ଅଛୁ ଖଡିକାଝୁଡିରେ ଏକ ଗୃହର ନିର୍ମାଣ କରିପାରିବୁ। ସେହିପରି ବାଲିମେଳା ବନାଞ୍ଚଳ ଅଧିକାରୀ ଲିସ୍‌ମିତା କହଁରଙ୍କୁ ପଚାରିବାରୁ ମୋ ଆସିବା ପୂର୍ବରୁ ଯାହାସବୁ କାର୍ଯ୍ୟ ହୋଇଥିଲା। ସେସବୁ ଗୁଡ଼ିକୁ ଆମେ ଏବେ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରୁଛୁ। ଖଡିକାଝୁଡିକୁ ମଧ୍ୟ ପୁନରୁଦ୍ଧାର କରାଯିବ ବୋଲି କହିଥିଲେ।



ଚିକିଟିଗାଁଆ (ଭାସ୍କର ନ୍ୟୁଜ): ଚିକିଟିଗଡ଼ ମୌଜାରେ ଥିବା ରୟତି ଜାଗାରେ ସହାୟକ ପୋଲ୍ ହଟାଇବା ସକାଶେ ସ୍ଥାନୀୟ ଆଇନଜୀବୀ ମାନସ ରଞ୍ଜନ ପାଢ଼ୀ ଲିଖିତ ଅଭିଯୋଗ କରିଥିଲେ। ଅନେକ ଦିନ ହେଲା ସେ ଉକ୍ତ ବିଭାଗର ଅଧିକାରୀଙ୍କ ଆଦେଶ ଅପେକ୍ଷାରେ ରହି ନିଜର ଘର କାମ କରିପାରୁନଥିବା ମଧ୍ୟ ଦେଖିବାକୁ ମିଳୁଛି। ଏବେ ଉକ୍ତ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି ଯେ ନେତାଙ୍କୁ ବାହାରିଲା ବେଳେ ବିଦ୍ୟୁତ୍ ବିଭାଗ ତରଫରୁ ସହାୟକ ପୋଲ୍ ବାହାର କରିବାକୁ ୧ ଲକ୍ଷ ୯୨ ହଜାର କିଛି ଦେୟ ପୈଠ କରିବାକୁ କହୁଛନ୍ତି। ଏହାକୁ ନେଇ ଉକ୍ତ ଆଇନଜୀବୀ କହିଛନ୍ତି ଯେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ନକରି କାର୍ଯ୍ୟାଳୟରେ ବସି ତରବରିଆ ଭାବେ ଭୁଲ ଚିତ୍ରାଙ୍କନ ପ୍ରକାରେ ଦେୟ ପୈଠ କରିବାକୁ ଲିଖିତ ଭାବରେ ପ୍ରଦାନ କରିବା ଉଚିତ ନୁହେଁ। ଗୋଟିଏ ପୋଲରୁ ଅନ୍ୟ ପୋଲର ଦୂରତା କେତେ ରହିବା ଆବଶ୍ୟକ, ଯେଉଁ କାରଣରୁ ମୋର ବ୍ୟକ୍ତିଗତ ଜାଗାରେ ପୋଲ୍ ପୋତା ଯାଇ ସହାୟକ ପୋଲ୍ ପୋତାଯାଇଛି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ନିୟମ ଅନୁଯାୟୀ ଏଗାର କେଜି ତାର ଟାଣିବାକୁ ସିମେଣ୍ଟ ପୋଲ୍ କିଭଳି ପୋତା ଯାଇଛି ଯାହା କି ଭାଙ୍ଗିବା ପରେ ସହାୟକ ପୋଲ୍ ପୋତାଗଲା ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କମ୍ ଦୂରତା ଯାଇଥିଲେ ମଧ୍ୟ ସୁରକ୍ଷା ତାର ଲାଗିନଥିବା ଯୋଗୁଁ ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ବିଦ୍ୟୁତ ବିଭାଗର ଦୃଷ୍ଟି ପଡୁନାହିଁ। ଏଭଳି କ୍ଷେତ୍ରରେ ଯଦି ଆଇନଜୀବୀ ଏଭଳି ଅବସ୍ଥା ଭୋଗ କରୁଛନ୍ତି ତେବେ ଅନ୍ୟ ସାଧାରଣ ନାଗରିକ କ'ଣ କରିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ସମସ୍ୟା ଯଦି ନସୁଧୁରେ ତେବେ ଆଗାମୀ ଦିନରେ ମୁଁ ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେବି ବୋଲି ମାନସ ରଞ୍ଜନ ପାଢ଼ୀ ପ୍ରକାଶ କରିଛନ୍ତି।



## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆୟୁର୍ବେଦ ଚିକିତ୍ସା [illegible]

ପୁରୀ (ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆୟୁର୍ବେଦ ଚିକିତ୍ସା ଶିକ୍ଷା ନିମନ୍ତେ ଆରମ୍ଭ କରିଛି ଜିଜ୍ଞାସା ଗୁରୁକୁଳ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ସଫଳ କରିବା ପାଇଁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଡାକ୍ତରୀ ଛାତ୍ର ତଥା ଓଡ଼ିଶା ରାଜ୍ୟ ଜିଜ୍ଞାସାର ସହ ସଂଯୋଜକ ଗିରିଧାରୀ ବିଶ୍ୱାଳଙ୍କୁ ମିଳିଛି ଗୁରୁ ଦାୟିତ୍ୱ। ତାଙ୍କୁ ଓଡ଼ିଶା ସମେତ ୯ଟି ରାଜ୍ୟ ଯଥା- ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା, ନାଗାଲାଣ୍ଡ, ସିକିମ, ଅରୁଣାଚଳପ୍ରଦେଶ ଓ ମଣିପୁର ରାଜ୍ୟର ପ୍ରାଚୀନ ଗୁରୁ ଖୋଜିବାର ଦାୟିତ୍ୱ ମିଳିଛି। ଏହି ବ୍ୟବସ୍ଥା ଦ୍ୱାରା ଆୟୁର୍ବେଦରେ ସ୍ନାତକ କରିବା ପରେ ଯେଉଁ ବିଦ୍ୟାର୍ଥୀ ମାନେ ଆୟୁର୍ବେଦ ଶିଖିବା ପାଇଁ ଇଚ୍ଛୁକ ସେମାନେ ଭାରତର ବିଭିନ୍ନ ଅଞ୍ଚଳରେ ଥିବା ଗୁରୁଙ୍କ ପାଖକୁ ଯାଇ ସେଠାରେ ରହି ଚିକିତ୍ସା ପଦ୍ଧତି ଶିଖି ପାରିବେ। ଏହାକୁ ଲକ୍ଷ୍ୟ କରି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ କିଛି ବର୍ଷ ପୂର୍ବେ ଏହା ଆରମ୍ଭ କରିଥିଲେ।

### ଉତ୍କଳର ବୋଇତ ବନ୍ଦାଣ ପରମ୍ପରା ମହାନ

## ସୁମଧୁର ସଙ୍ଗୀତରେ ମତୁଆଲା କଲେ ଜ୍ୟୋତିର୍ମୟୀ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ୪ଦିନ ଧରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ମିଳିତ ଆୟୋଜନରେ ତାଳଦା ଦେବୀ ନଦୀ ଘାଟ ନିକଟରେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୨୦୨୪ ଉଦ୍‌ଯାପିତ ହୋଇଛି। ଉତ୍ସବଟି ଶୁକ୍ରବାର ପ୍ରତ୍ୟୁଷରୁ ଉଦ୍‌ଘାଟିତ ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଭାପତି ବିଜୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଅଭିଭାଷଣ କହିଥିଲେ ଉତ୍କଳର ବୋଇତ ବନ୍ଦାଣ ପରମ୍ପରା ମହାନ, ଏହି ସ୍ମୃତିକୁ ଆଗାମୀ ପିଢ଼ି ଉଜ୍ଜୀବିତ ରଖିବା ଆବଶ୍ୟକ। ଏହି ଉତ୍ସବ ଭାଇଚାରା ଭାବ ଆଦାନ ପ୍ରଦାନ ସହ ଏକ ସୂତ୍ରରେ ବାନ୍ଧି ରଖିବା ପ୍ରୟାସକୁ ଗୁରୁତ୍ୱରୋପ ହୋଇଛି। ଉତ୍ସବ ସାଙ୍ଗକୁ ମନଲୋଭା ସାମଗ୍ରୀ ଏକାସଙ୍ଗେ ଗୋଟିଏ ସ୍ଥାନରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ସାଙ୍ଗକୁ ଖାଦ୍ୟ ମେଳାର ଆୟୋଜନ ଅଞ୍ଚଳବାସୀଙ୍କୁ ଶୀତୁଆ ସନ୍ଧ୍ୟାରେ ବେଶ ଖୋରାକ ଯୋଗାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କଟକର ମେଲୋଡି ବିଟ୍‌ସର କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ ସହ ଅନ୍ୟ କଣ୍ଠଶିଳ୍ପୀଙ୍କ ଗୀତ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଚାଲିଥିବା ବୋଇତ ବନ୍ଦାଣ ଉତ୍ସବ ଶାନ୍ତିଶୃଙ୍ଖଳା ସହ ଉଦ୍‌ଯାପିତ ହୋଇଥିବା ବେଳେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ କମିଟିର ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଉପଦେଷ୍ଟା ପ୍ରତାପ ପରିଡା, ସାଧାରଣ ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧ୍ୟକ୍ଷ ଦିବାକର ସାହୁ ପ୍ରମୁଖ କହିଛନ୍ତି। ଏହି ଉତ୍ସବରେ କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଅଞ୍ଚଳର ରାଜା ମହାନ୍ତି, ବିଜନ ପରିଡା, ସରପଞ୍ଚ ଦୀପକ ପରିଡା, ସରପଞ୍ଚ ରାଜକିଶୋର ବେହେରା, ମାନସ ବିଶ୍ୱାଳଙ୍କ ସହ ତାଳଦା ଓ ତରାସାହି ଗ୍ରାମପଞ୍ଚାୟତର ଲୋକଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ-୨୦୨୪ ସମ୍ପନ୍ନ ହୋଇଛି।

### ପ୍ରତି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

## ରାଜ୍ୟର କୃଷକଙ୍କ ପାଇଁ ଆଲୋକବର୍ତ୍ତିକା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୩ ମସିହାରେ ରାଜ୍ୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଓଡିଶାର ପ୍ରାଣିପାଳକ ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ଏକ ବହୁ ଚର୍ଚ୍ଚିତ ଘଟଣା ହୋଇପାରିଛି। ମାଛ ଓ ପ୍ରାଣୀଙ୍କ ଜୀବନ୍ତ ପ୍ରଦର୍ଶନ ସହିତ ଷ୍ଟଲ୍ ପ୍ରଦର୍ଶନୀ କୃଷକମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରି ବର୍ତ୍ତମାନ ମତ୍ସ୍ୟଚାଷ ଏବଂ ପ୍ରାଣିପାଳନରେ ବୈଜ୍ଞାନିକ ପ୍ରଣାଳୀର ଉପଯୋଗ ପାଇଁ ପ୍ଲାଟଫର୍ମ ଭାବରେ ପରିଗଣିତ ହେଉଛି। ପ୍ରାଣିପାଳନ ଏବଂ ମତ୍ସ୍ୟଚାଷରୁ ଉନ୍ନତ ଲାଭ ପାଇଁ ଟେକ୍ନୋଲୋଜି ବ୍ୟବହାର କରିବାରେ କୃଷକ-ବୈଜ୍ଞାନିକ ମତ-ବିନିମୟ କାର୍ଯ୍ୟକ୍ରମ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ କୃଷକମାନେ ପ୍ରଶ୍ନ ପଚାରିବା ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ପାଇବାକୁ ଉତ୍ସାହିତ ହେଉଛନ୍ତି। ଚଳିତ ବର୍ଷ ନଭେମ୍ବର ଏବଂ ଡିସେମ୍ବର ମାସରେ ପ୍ରତ୍ୟେକ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜନ କରାଯାଉଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ କୃଷକମାନେ ଯୋଗଦେବେ। ପ୍ରାଣିପାଳକ, ଗୋପାଳକ, ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀମାନେ ସେମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଏବଂ ମତ୍ସ୍ୟ ଓ ପ୍ରାଣିପାଳନକୁ ଉଦ୍ୟୋଗ ଭାବରେ ଗ୍ରହଣ କରିବା ପାଇଁ ଆତ୍ମବିଶ୍ୱାସ ଲାଭ କରିବେ। ଏହି ବର୍ଷ, ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୮ ନଭେମ୍ବରରୁ ୨୩ ଡିସେମ୍ବର ମଧ୍ୟରେ ଏକ ବ୍ୟାପକ ସମୟ ମଧ୍ୟରେ ଆୟୋଜିତ ହେଉଛି। ରାଜ୍ୟସ୍ତରରୁ ଏହି ମେଳାଗୁଡ଼ିକର ପରିକଳ୍ପନା ଏବଂ ତଦାରଖ କରାଯାଉଛି। ଅନୁଗୁଳ ଓ ଗଜପତି ଜିଲ୍ଲାରେ ମେଳାର ଆୟୋଜନ ଶେଷ ହୋଇଛି ଏବଂ ଆଗାମୀ ୧୯ ଓ ୨୦ ନଭେମ୍ବରରେ ମୟୂରଭଞ୍ଜ, ରାୟଗଡା ଓ ବୌଦ୍ଧରେ ଏହା ଆୟୋଜିତ ହେବ। ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼, ପୁରୀ, ବରଗଡ, ଜଗତସିଂହପୁର, ଝାରସୁଗୁଡା, ଭଦ୍ରକ, ନବରଙ୍ଗପୁର ଏବଂ କନ୍ଧମାଳ ଭଳି ଜିଲ୍ଲାରେ ଏହି ମେଳା ଚଳିତ ମାସରେ ଆୟୋଜନ କରାଯାଇଥିବାବେଳେ ଡିସେମ୍ବର ମାସରେ ଅନ୍ୟ ଜିଲ୍ଲାଗୁଡ଼ିକରେ ମେଳା ଅନୁଷ୍ଠିତ ହେବ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ଏହି ମେଳା ରାଜ୍ୟରେ ଦୁଗ୍ଧ, ମାଛ, ମାଂସ ଓ ଅଣ୍ଡା ଉତ୍ପାଦନକୁ ନୂତନ ସ୍ତରକୁ ଆଣିବା ପାଇଁ ଏକ ପ୍ଲାଟଫର୍ମ। କୃଷକମାନେ ଏହି ମେଳାରୁ ଉନ୍ନତ କୌଶଳ ଶିକ୍ଷା ଲାଭ କରିବେ ଏବଂ ଅଧିକ ଉତ୍ପାଦନ ପାଇଁ ଏହାକୁ କ୍ଷେତ୍ରରେ ବ୍ୟବହାର କରିବେ। ଉତ୍ତମ ଲାଭ ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାକୁ ସେ କୃଷକମାନଙ୍କୁ ଅନୁରୋଧ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ଏହି ମେଳା ଆୟୋଜନ କରାଯାଇଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରି ଲକ୍ଷରୁ ଅଧିକ କୃଷକ ଏହି ମେଳାଗୁଡ଼ିକରେ ସମବେତ ହେବାର ଆଶା କରାଯାଉଛି।

## କିଛିଦିନ ହେବ ଟ୍ରକ୍ ପରିବହନ ସେବା ବନ୍ଦ ରହିଛି

ପୁରୀ (ଭାସ୍କର ନ୍ୟୁଜ): ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ହେବ ଟ୍ରକ ପରିବହନ ସେବା ବନ୍ଦ ରହିଛି। ଟ୍ରକ ମାଲିକମାନେ ଧର୍ମଘଟ କରିଛନ୍ତି। ଏଥିପାଇଁ ସିଧାସଳଖ ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ଦାୟୀ କରିଛି ସଂଘ। ସଂଘ ଗୁରୁତର ଅଭିଯୋଗ ଆଣିଛି ଯେ ଟ୍ରକ ମାଲିକଙ୍କ ଠାରୁ ରୟାଲଟି ଆଦାୟ ନହୋଇ ରାଜସ୍ୱ ସିଧାସଳଖ କିଛି ଅଧିକାରୀଙ୍କ ପାଖକୁ ଯାଉଛି। ଟ୍ରକ ମାଲିକମାନେ ରୟାଲଟି ଦେବା ପାଇଁ ପ୍ରସ୍ତୁତ ଥିବାବେଳେ ସେମାନଙ୍କ ଠାରୁ ରାଜ୍ୟ ସରକାର ରୟାଲଟି ନନେଇ ଟ୍ରାଞ୍ଜିଟ୍ ପାସ୍ ଦେଉନାହାନ୍ତି। ମେଜର ମାଇନ୍ସ ଏହି ନିୟମ ନଥିବାବେଳେ ମାଇନର ମାଇନ୍ସ ପାଇଁ ଏଭଳି ବ୍ୟବସ୍ଥା କ'ଣ ପାଇଁ ବୋଲି ପ୍ରଶ୍ନ କରିଛି ଟ୍ରକ ମାଲିକ ସଂଘ। ରୟାଲଟି ନନେଇ ଟ୍ରାଞ୍ଜିଟ୍ ପାସ୍ ଦେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଅନୁସାରେ ବାଟରେ ଗାଡି ଅଟକାଇ ୪ ଲକ୍ଷ ଫାଇନ ମଗାଯାଇଛି। ଏହାର ମୂଳଚାଲ କରି ପୋଲିସ ଓ ଖଣି ଅଧିକାରୀମାନେ ବଟି ଆଦାୟ କରୁଥିବାର ସାଙ୍ଘାତିକ ଅଭିଯୋଗ କରିଛନ୍ତି ଟ୍ରକ ମାଲିକ ସଂଘ। ଶ୍ରୀକ୍ଷେତ୍ର ଟ୍ରକ ମାଲିକ ସଂଘ ସହ ମିଳିତ ଟ୍ରକ ମାଲିକ ସଂଘ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ଟ୍ରକ ଧର୍ମଘଟ କରଯାଇଛି। ଫଳରେ ଟ୍ରକ ପରିବହନ ସେବା ଠପ୍ ହୋଇଯିବା ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ଓ ରାଜ୍ୟ ସରକାରଙ୍କ ବଡ଼ ବଡ଼ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ଏଯାଏଁ ଆଲୋଚନା ପାଇଁ ଡାକିନାହାନ୍ତି କି ସମାଧାନର ବାଟ ବାହାର କରିନାହାନ୍ତି। ରାଜ୍ୟ ସରକାର ଆଲୋଚନା ପାଇଁ ଡାକି ସମାଧାନର ବାଟ ବାହାର ନକରିବା ଯାଏଁ ଟ୍ରକ ଧର୍ମଘଟ ଜାରି ରହିବ ବୋଲି ଭୁବନେଶ୍ୱରରେ ଆୟୋଜିତ ମିଳିତ ଟ୍ରକ୍ ମାଲିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

### ଚାନ୍ଦାରେ ଚାଲିଛି ଜଗତସିଂହପୁର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

## ଉପସ୍ଥିତ ବୈଜ୍ଞାନିକଙ୍କୁ ଉପେକ୍ଷା ନେଇ ପ୍ରଶ୍ନ ଉଠାଇଲେ ବିଧାୟକ




ଜଗତସିଂହପୁର (ଭାସ୍କର ନ୍ୟୁଜ): ଆଜିର ଛାତ୍ର କାଲିର ଭବିଷ୍ୟତ। ଭବିଷ୍ୟତ ଉତ୍ତରପିଢ଼ି ମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତନ ବୃଦ୍ଧି କରିବା ନିମନ୍ତେ ପ୍ରତିବର୍ଷ ପରି ଚଳିତ ବର୍ଷ ଜଗତସିଂହପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ବ୍ଲକସ୍ତରୀୟ ବିଜ୍ଞାନମେଳା ପାଟେଣୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ବ୍ଲକର ୧୮୦ଟି ବିଦ୍ୟାଳୟ ମଧ୍ୟରୁ ୧୪୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନମେଳାରେ ବିଭିନ୍ନ ପ୍ରକଳ୍ପ ପଦର୍ଶନ କରିଥିଲେ। ସରକାରଙ୍କ ପକ୍ଷରୁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ନିମନ୍ତେ ୨୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା ଯାହା ସମୁଦ୍ରକୁ ଶଙ୍ଖେ ପରି। ଉଦ୍‌ଘାଟନୀ ସଭା ମଞ୍ଚ, ବିଭିନ୍ନ ଷ୍ଟଲ୍ ନିର୍ମାଣ, ଖାଦ୍ୟପେୟ ଆଦିକୁ ଦୃଷ୍ଟିରେ ରଖି ବିଜ୍ଞାନ ଶିକ୍ଷକମାନଙ୍କ ଠାରୁ ଆର୍ଥିକ ଅନୁଦାନ ଗ୍ରହଣ କରାଯାଇଥିଲା। କେବଳ ସେତିକି ନୁହେଁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ବିଶିଷ୍ଟ ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଉଦ୍‌ଘାଟନୀ ମଞ୍ଚ ପରିଚାଳନା କରୁଥିଲେ। ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନେକ ଅନାମଧେୟ ଅତିଥି ମଞ୍ଚାସୀନ ହୋଇଥିଲେ। କିନ୍ତୁ ବିଜ୍ଞାନମେଳାରେ ବୈଜ୍ଞାନିକ ଉପସ୍ଥିତ ଥିଲେ ମଧ୍ୟ ତାଙ୍କୁ ଉପେକ୍ଷା କରାଯାଇଥିଲା। ବିଧାୟକ ଏହା ଅନୁଭବ କରି କ୍ଷୋଭ ପ୍ରକାଶ କରିଥିଲେ ଏବଂ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବୈଜ୍ଞାନିକଙ୍କୁ ବିଜ୍ଞାନ ମେଳା ଉଦ୍‌ଘାଟନ ମଞ୍ଚରେ ଦୁଇପଦ ଅଭିଭାଷଣ ଦେବାର ସୁଯୋଗ ମିଳିଥିଲା। ଏହି ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ଏଥିନେଇ ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

### ଜଳେଶ୍ୱର ନିର୍ବାଚନ ମାମଲା

## ମୂଳ ଆବେଦନକୁ ଖାରଜ ପାଇଁ ହାଇକୋର୍ଟରେ ଆବେଦନ

କଟକ(ଭାସ୍କର ନ୍ୟୁଜ୍): ଜଳେଶ୍ୱର ନିର୍ବାଚନ ଅନିୟମିତତା ମାମଲାରେ ସୋମବାର ବିଧାୟକ ଅଶ୍ୱିନୀ କୁମାର ପାତ୍ର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ଏଥି ସହିତ ବିଜେପିର ପରାଜିତ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଦାୟର କରିଥିବା ନିର୍ବାଚନୀ ମାମଲାକୁ ଶୁଣାଣି ନ କରି ଖାରଜ କରାଯାଉ ବୋଲି ଶ୍ରୀ ପାତ୍ର ହାଇକୋର୍ଟରେ ଅନ୍ୟ ଏକ ମାମଲା ରୁଜୁ କରିଛନ୍ତି। ଶ୍ରୀ ପାତ୍ର ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ ଜନ ପ୍ରତିନିଧି ଆଇନ ଅନୁଯାୟୀ ବ୍ରଜମୋହନଙ୍କ ଆବେଦନ ଗ୍ରହଣୀୟ ନୁହେଁ। ଏଣୁ ଏପରିସ୍ଥିତିରେ ଏହି ମାମଲାକୁ ପ୍ରାଥମିକ ପର୍ଯ୍ୟାୟରୁ ଖାରଜ କରାଯାଉ। ହାଇକୋର୍ଟ ଶ୍ରୀ ପାତ୍ରଙ୍କ ଆବେଦନର ଶୁଣାଣି କରି ବ୍ରଜମୋହନ ପ୍ରଧାନଙ୍କୁ ଲିଖିତ ଆପତି ଥିଲେ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଥାଉକି ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପିର ପରାଜିତ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ବିଜୟୀ ବିଜୁ ଜନତା ଦଳ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ବିରୋଧରେ ଏକ ନିର୍ବାଚନୀ ମାମଲା ରୁଜୁ କରିଛନ୍ତି। ଆବେଦନକାରୀ ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ ବିଜୁ ଜନତା ଦଳର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ଅଧିକାରୀଙ୍କୁ ଦେଇଥିବା ସତ୍ୟପାଠରେ ଅସତ୍ୟ ତଥ୍ୟ ପ୍ରଦାନ କରିଛନ୍ତି। ସୂଚନାଥାଉକି ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ବିଜେପିର ବ୍ରଜମୋହନ ପ୍ରଧାନ ୮୨୭୮୬ ଭୋଟ ପାଇଥିଲା ବେଳେ ବିଜୁ ଜନତା ଦଳର ବିଧାୟକ ଅଶ୍ୱିନୀ କୁମାର ପାତ୍ର ୮୩୧୦୫ ଭୋଟ ପାଇ ବିଜୟୀ ହୋଇଥିଲେ।

### ଆମ୍ବ ଟାକୁଆ ଜାଉ ଖାଇବା ଘଟଣା

## ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି, ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟଣାରେ ଆଜି ଆଉ ଜଣଙ୍କ ମୃତ୍ୟୁ ହୋଇଛି, ଏହି ଘଟଣାରେ ସମୁଦାୟ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିବା ପରେ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ଘେରିଛି। ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନାର ବଂଟନ ବ୍ୟବସ୍ଥା ରାଜ୍ୟରେ ବିଫଳ ହୋଇଥିବାରୁ, ଏଭଳି ଅଭାବନୀୟ ଘଟଣା ଘଟିଲା। ଏହି ଘଟଣା ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ଉଲ୍ଲେଖଯୋଗ୍ୟ, କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଜଣ ମହିଳା ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ୨ ଜଣଙ୍କ ମଧ୍ୟରୁ ଜଣେ ଆଜି ମୃତ୍ୟୁ ବରଣ କରିଛନ୍ତି। ଆଜି ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଥିବା ବେଳେ, ଏହି ଘଟଣା ରାଜ୍ୟ ପାଇଁ ଆଉ ଥରେ ଲଜ୍ଜାକୁ ଉଜ୍ଜୀବିତ କରିଛି। ଏହି ଘଟଣା ଯୋଗୁ ରାଜ୍ୟରେ ନୂଆ ସରକାର ଆସିବା ପରେ, ରାଜ୍ୟରେ ଖାଦ୍ୟ ଅଭାବ ଯୋଗୁ ମୃତ୍ୟୁ ବରଣ କରିବାକୁ ପଡୁଛି ଭଳି, ଏକ ଯନ୍ତ୍ରଣା ଦାୟକ ସତ୍ୟ ସାମ୍ନାକୁ ଆସିଛି। ସରକାର ସଚେତନ ହେବା ପରିବର୍ତ୍ତେ ଏହି ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରୁଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା ମନ୍ତବ୍ୟ ଯେ ଆମ୍ବ ଟାକୁଆ ଆଦିବାସୀ ମାନଙ୍କ ପାରମ୍ପରିକ ଖାଦ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ମାଗିବା ସହିତ ନିଜ ପଦବୀରୁ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଥିଲେ।

## ବିଜେପି କୃଷକ ମୋର୍ଚ୍ଚାର ପୁରୀରେ ଗୁରୁତ୍ୱପୂର୍ଣ୍ଣ ବୈଠକ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ବିଜେପି କୃଷକ ମୋର୍ଚ୍ଚା ତରଫରୁ ପୁରୀ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଅଭିଯାନକୁ ସଫଳ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପୁରୀ ସହରସ୍ଥ ସଞ୍ଜିବନୀ ନର୍ସିଂ ହୋମ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆୟାଜିତ ସଭାରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆସନ୍ତା ନଭେମ୍ବର ୨୦ ତାରିଖ ଠାରୁ ଓଡ଼ିଶାରେ ଖରିଫ୍ ଧାନ କିଣା କାରବାର ଶୁଭାରମ୍ଭ ହେବ। ଏହି ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହ ହେବା ସହିତ ମିଲ୍ ମାଲିକ ମାନଙ୍କ ଦାଦାଗିରିକୁ ବନ୍ଦ କରାଯିବ। ତତ୍‌ସହିତ ଧାନକିଣା କାରବାରରେ ଯଦି କୌଣସି ଅଧିକାରୀ, କର୍ମଚାରୀ ଅସାଧୁ ଉପାୟ ଅବଲମ୍ବନ କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ଓଡ଼ିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହିତ ଚାଷୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ମୋହନ ଚରଣ ମାଝି ସରକାର ୪ ମାସ କାର୍ଯ୍ୟକାଳ ଅବଧି ମଧ୍ୟରେ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ୬ ଲକ୍ଷ ଚାଷୀମାନଙ୍କୁ ପିଏମ କିସାନରେ ସାମିଲ କରିବା, ସିଏମ୍ କିସାନ ଯୋଜନା ପ୍ରାରମ୍ଭ କରି ୪୬ ଲକ୍ଷ ଚାଷୀଙ୍କୁ ସାମିଲ୍ କରିବା, ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା, ଚାଷୀ ପରିବାର ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ ନିମିତ୍ତ, ୩୧୪ ବ୍ଲକରେ ପନିପରିବା ମଣ୍ଡି କରିବା ନିଷ୍ପତ୍ତି ଐତିହାସିକ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ତାଙ୍କର ଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଅଶୋକ କୁମାର ରଥ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ତରାଇ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବିଜୟ କୁମାର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ବରାଳ, ଅକ୍ଷୟ କୁମାର ମହାନ୍ତି, ଅର୍ଜୁନ କୁମାର ବରାଳ, ବ୍ରଜବନ୍ଧୁ ବରାଳ, ଲମ୍ବୋଧର ବିଶ୍ୱାଳ, କେଶବ ଚନ୍ଦ୍ର ସାହୁ, କେଳୁଚରଣ ପ୍ରଧାନ, କିଶୋର୍ କୁମାର ଜେନା, ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଗଦାଧର ବରାଳ, ବିନାୟକ ବସ୍ତିଆ, ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ବିଜେଡି ନେତା ଏନ୍. ଭାସ୍କର ରାଓଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

କଟକ(ଭାସ୍କର ନ୍ୟୁଜ୍): ରାୟଗଡାର ବରିଷ୍ଠ ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍ଗୀଙ୍କ ନିଖୋଜ ଓ ହତ୍ୟା ଘଟଣାରେ ଅଭିଯୁକ୍ତ ଥିବା ବିଜେଡି ନେତା ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ଏନ୍. ଭାସ୍କର ରାଓଙ୍କୁ ଆଜି ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ତାଙ୍କୁ ଏହି ମାମଲାରେ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ହାଇକୋର୍ଟ ଶ୍ରୀ ଭାସ୍କର ରାଓଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିବାବେଳେ ଆସନ୍ତା ଡିସେମ୍ବର ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଥାଉକି ଗତ ୨୦୧୩ ମସିହା ଡ଼ିସେମ୍ବର ୧୫ ତାରିଖରେ ରାୟଗଡାର ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍ଗୀ ହଠାତ୍ ଓ ହତ୍ୟା ଅଭିଯୋଗ ଘଟଣାରେ ଏନ୍.ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ନାଁରେ ଅଭିଯୋଗ ହୋଇଥିଲା। ଘଟଣା ସଙ୍ଗୀନ୍ ହେବାରୁ ରାଜ୍ୟ ସରକାର ଏହାର କ୍ରାଇମ୍‌ବ୍ରାଂଚ୍‌ସ୍ତରୀୟ ତଦନ୍ତାଦେଶ ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ ଚାଲୁଥିବାବେଳେ ରାୟଗଡା ଏସ୍‌ଡିଜେଏମ୍ କୋର୍ଟ ଉପରୋକ୍ତ ଘଟଣାରେ ଏନ.ଭାସ୍କର ରାଓ, ଓ୍ୱାଇ. ଭେଙ୍କଟ ରାଓ(କଣ୍ଡାବାବୁ), ଏନ ଆଦିନାରାୟାନା, କେ.କ୍ରିଷ୍ଣା ରାଓ, ଇପିଲି ସନ୍ନ୍ୟାସୀ ରାଜୁ, ପେଦେନା ଦିଲୀପ କୁମାର ପ୍ରମୁଖଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇ ସେମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏହା ପରେ ଏନ୍. ଭାସ୍କର ରାଓ ଏସ୍‌ଡିଜେଏମ୍‌ଙ୍କ ଏହି ଗିରଫ ପରୱାନା ଆଦେଶ ବିରୋଧରେ ହାଇକୋର୍ଟରେ ଅନ୍ତରୀଣ ଜାମିନ ଆବେଦନ କରିଥିଲେ।

## ସାଟିଉଟି ଗ୍ରାମରେ ଭାଗବତ ପରାୟଣ ସପ୍ତାହ ପାଳିତ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଇନ୍ଦିରା ସାଟିଉଟି ଗ୍ରାମର ଥିବା ଶ୍ରୀଶ୍ରୀ ନିତାଇ ଗୌର ଭାଗବତ ଟୁଙ୍ଗୀ କମିଟି ପକ୍ଷରୁ ଭାଗବତ ପରାୟଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଭାଗବତ ସପ୍ତାହ ଗତ ୯ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ପାଠ କରାଯାଇଥିଲା। ଗ୍ରାମର ସମସ୍ତ ଗ୍ରାମବାସୀ ଭାଗବତ ଶୁଣିବା ପାଇଁ ଉପସ୍ଥିତ ଥିଲେ। ଭାଗବତ ସପ୍ତାହ ପାଳନରେ ଗ୍ରାମର ଝିଅ ବୋହୂମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ନାରୀ ସେ ନାରାୟଣୀ' କାର୍ଯ୍ୟକ୍ରମ ମାଧ୍ୟମରେ ମୁରୁଜ, ଲକ୍ଷ୍ମୀପୁରାଣ ପାଠ, ଶଙ୍ଖଧ୍ୱନି, ହୁଳହୁଳି, କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବ ଆଇନଜୀବୀ ନୀଳମାଧବ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁପ୍ରଭା ପାଣି, ମୁଖ୍ୟବକ୍ତା ଭାବେ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ, ସମ୍ମାନିତ ଅତିଥି ଭାବେ କବି ମୁକୁନ୍ଦଦେବ ନାୟକ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତା ମଧ୍ୟମରେ ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି କହିଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଗ୍ରାମର ଜୟରାମ ମହାକୁଡ଼, ଗୟାଧର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆୟୋଜକ ରଞ୍ଜୁଲତା ଗାହାଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ପରିଡ଼ା ଓ ରୋନିତା ପରିଆରୀ ନୃତ୍ୟ ପରିବେଷଣ କରିଥିଲେ।

## ଦୁର୍ନୀତିଖୋର୍ ସେକ୍ସନ୍ ଅଫିସରଙ୍କ ପାଇଁ ବଦନାମ ହେଉଛି ଉଚ୍ଚଶିକ୍ଷା ବିଭାଗ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରାଭିଭାବକମାନେ ଉଚ୍ଚଶିକ୍ଷା ବିଭାଗର ଦୁର୍ନୀତିଖୋର ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କ କଳା କାରନାମା, ବେଆଇନ କାର୍ଯ୍ୟ ଓ ଦୁର୍ନୀତିଖୋର୍ ମନୋବୃତ୍ତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୁର୍ନୀତିଖୋର୍ ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗ ବଦନାମ ହେଉଥିବା ବେଳେ ତାଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ସେକ୍ସନ ଅଫିସର ସନ୍ତୋଷ ସେଠୀ ସେହି ବିଭାଗରେ ଦୀର୍ଘ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ କରିବା ବେଳେ ବିଭିନ୍ନ ଦୁର୍ନୀତି, ବେଆଇନ ଓ ହେରାଫେରି ତଥା ମନୋମୁଖୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ସେକ୍ସନ ଅଫିସର ଶ୍ରୀ ସେଠୀ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବା ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଉତ୍କୋଚ ନେଇ ବହୁ ବେଆଇନ ଏବଂ ଆଇନ ବହିର୍ଭୂତ କାର୍ଯ୍ୟ କରୁଛନ୍ତି। ଫଳରେ ସେହିସବୁ ମହାବିଦ୍ୟାଳୟ ଗୁଡିକରେ ଚରମ ବିଶୃଙ୍ଖଳା ସୃଷ୍ଟି ହେବା ସହିତ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଏବଂ ମହାବିଦ୍ୟାଳୟ ପାଣ୍ଠି ହରିଲୁଟ୍ ହେବାରେ ଲାଗିଛି। ସେକ୍ସନ ଅଫିସର ଶ୍ରୀ ସେଠୀ କଲେଜର ଦୁର୍ନୀତିଖୋର୍ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଉତ୍କୋଚ ଆକାରରେ ଗ୍ରହଣ କରି ସେହି ଅର୍ଥରୁ ସିଂହ ଭାଗ ଅର୍ଥ ନିଜେ ନେଉଥିବା ବେଳେ ଅବଶିଷ୍ଟ ଅର୍ଥକୁ ଅନ୍ୟାନ୍ୟ ଉଚ୍ଚପଦସ୍ତ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ କରି ବହୁ ବେଆଇନ ଓ ଆଇନ ବହିର୍ଭୂତ କାର୍ଯ୍ୟ କରୁଛନ୍ତି। ଯାହାର ଫଳ ବିଭିନ୍ନ କଲେଜର ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ଭୋଗ କରୁଛନ୍ତି। ସେମାନଙ୍କ ଅଭିଭାବକମାନେ ଲହୁ ଓ ଲୁହ ବୁହାଇ ଉପାର୍ଜନ କରୁଥିବା ଅର୍ଥକୁ ପିଲାଙ୍କ ପାଠପଢା ନିମନ୍ତେ କଲେଜରେ ଦାଖଲ କରୁଥିବା ବେଳେ ସେହି ଅର୍ଥକୁ ଏଭଳି ଭାବେ ହରିଲୁଟ୍ କରାଯାଉଛି। ବିଭିନ୍ନ ମହାବିଦ୍ୟାଳୟରେ ଥିବା ଦୁର୍ନୀତିଗ୍ରସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ସେହି ଗୋଟିଏ ସ୍ଥାନରେ ଦୀର୍ଘ ୧୫/୨୦ବର୍ଷ ଧରି ରହିବା ଫଳରେ ସେମାନେ ଶିକ୍ଷାଦାନରେ ଗୁରୁତର ଅବହେଳା କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଓ କଲେଜ ପାଣ୍ଠିକୁ ଚଳୁ କରିଦେଉଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗର ଏହି କରିତ୍‌କର୍ମା ସେକ୍ସନ ଅଫିସର ଶ୍ରୀ ସେଠୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେକ୍ସନ ଅଫିସର ଶ୍ରୀ ସେଠୀ ବିଭିନ୍ନ କଲେଜର ଦୁର୍ନୀତିଗ୍ରସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ଠାରୁ ମୋଟା ଅଙ୍କରେ ଉତ୍କୋଚ ନେଇ ସେହି ଅର୍ଥରୁ ମାତ୍ର କିଛି ଅର୍ଥ କେତେକ ବଡବଡିଆ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେଇ ସେହିମାନଙ୍କ ଛତ୍ରଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଏଭଳି ବେଆଇନ, ମନୋମୁଖୀ, ହେରାଫେରି, ଦୁର୍ନୀତି ଓ ଅରାଜକତା ଉଚ୍ଚଶିକ୍ଷା ବିଭାଗରେ ଚଳାଇ ଆସୁଥିଲେ ମଧ୍ୟ ସେହି ଅଧିକାରୀମାନଙ୍କ ସୁରକ୍ଷା କବଚ ତଳେ ଥିବାରୁ ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କ ବିରୋଧରେ ଅଦ୍ୟାବଧି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ତୁରନ୍ତ କେନ୍ଦ୍ରାପଡା ଜିଲ୍ଲାର ଲକ୍ଷ ଲକ୍ଷ ଗରିବ ଛାତ୍ରଛାତ୍ରୀମାନଙ୍କ ସମୁହ ସ୍ୱାର୍ଥ ଓ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ସେକ୍ସନ ଅଫିସର ଶ୍ରୀ ସେଠୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଶ୍ରୀ ସେଠୀଙ୍କୁ ଉଚ୍ଚଶିକ୍ଷା ବିଭାଗରୁ ଅନ୍ୟତ୍ର ବଦଳି କରାଯିବାକୁ ପ୍ରତାପ ମହାନ୍ତି, ଶୁଭ୍ରକାନ୍ତ ରାଉତ, ରମାକାନ୍ତ ଘଡେଇ, ସୁମନ୍ତ ପାଣି, ରବୀନ୍ଦ୍ର ସାହୁ ଓ ସନ୍ଦୀପ ଶର୍ମା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏହି ଅଭିଯୋଗର ନକଲ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ପ୍ରମୁଖଙ୍କୁ ପଠାଯାଇଥିବା ଅଭିଯୋଗକାରୀ କହିଛନ୍ତି।

## ପୁରୀ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ଚରମ ଅବହେଳା

ପୁରୀ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ଚରମ ଅବହେକା ଓ ତ୍ରୁଟି ନେଇ ସଙ୍ଗୀନ ଅଭିଯୋଗ ଆଣିଛି ଆମ୍ ଆଦମୀ ପାର୍ଟି। ସ୍ଥାନୀୟ ଭକ୍ତ ସାଲବେଗ ସମାଧି ପୀଠରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଅଭିଯୋଗ ଆଣିଛି ଯେ ନିକଟରେ ମାଟ୍ରିକ ପରୀକ୍ଷା ତାରିଖ ଘୋଷଣା ହୋଇଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ପାଇଁ ୪୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ପୁରୀ ଜିଲ୍ଲାର ବିଭିନ୍ନ ସ୍କୁଲରେ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ବାବଦରେ ୪୫୦ ଟଙ୍କାରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ଏହାର ସଠିକ୍ ଉତ୍ତର ମଧ୍ୟ ଦିଆଯାଉନାହିଁ। ଜେରକ୍ସ ଓ ବୋର୍ଡ଼ କାର୍ଯ୍ୟାଳୟ ଯିବା ଆସିବା ପାଇଁ ଏହି ଅଧିକ ଅର୍ଥ ଛାତ୍ରଛାତ୍ରୀଙ୍କ ଠାରୁ ନିଆଯାଉଛି। ପ୍ରତି ସ୍କୁଲରେ ଏକ କଣ୍ଟିଜେନ୍‌ସି ଫଣ୍ଡ ରହିଥିଲେ ମଧ୍ୟ ଫର୍ମ ପୂରଣ ବାବଦ ଅଧିକ ଅର୍ଥ ଛାତ୍ରଛାତ୍ରୀଙ୍କ ଠାରୁ ନିଆଯିବାକୁ ଦୃଢ଼ ନିନ୍ଦା ଓ ବିରୋଧ କରିଛି ଆମ ଆଦମୀ ପାର୍ଟି। କେବଳ ଏତିକି ନୁହେଁ ପୁରୀ ପୌରପାଳିକା ଅନ୍ତର୍ଗତ ୧୭ଟି ସ୍କୁଲରେ ବର୍ଷର ବିଭିନ୍ନ ସମୟରେ ଆରକ୍ଷୀ ବାହିନୀ ରହିବା ବାବଦରେ ନେଉଛନ୍ତି। ଫଳରେ ବର୍ଷକୁ ମାତ୍ର ୧୫୦ ଦିନ କ୍ଲାସ୍ ହୋଇପାରୁଛି। ନା' ଶିକ୍ଷା ବିଭାଗ, ନା' ସ୍କୁଲ ପରିଚାଳନା କମିଟି, ନା' ଅଭିଭାବକ ସଂଘ ଏ ନେଇ ପ୍ରତିବାଦ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ରହିବା ସହ ସେମାନଙ୍କ ପାଠ ପଢା ପ୍ରଭାବିତ ହେଉଛି। ଶିକ୍ଷକ, ଶିକ୍ଷୟିତ୍ରୀମାନେ ମାସିକ ଦରମା ନେଉଥିଲେ ହେଁ ଏହି ସମସ୍ତ ସରକରୀ ସ୍କୁଲରେ ଅଧିକାଂଶ ସମୟ ପାଠ ପଢା ବନ୍ଦ ରହୁଛି। ଏହାର ନିନ୍ଦା କରିବା ସହ ଶିକ୍ଷା ବିଭାଗର ଚରମ ଅବହେଳାକୁ ଦାୟୀ କରିଛି ଆମ ଆଦମୀ ପାର୍ଟି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବାରିପଦା(ଭାସ୍କର ନ୍ୟୁଜ): ଏକ ସର୍ଭେ ଅନୁସାରେ ବିଭିନ୍ନ ଡିଗ୍ରୀ ସାର୍ଟିଫିକେଟ ଧାରୀ ମଧ୍ୟରୁ ମାତ୍ର ଶତକଡା ୩୦% ଙ୍କ ପାଖରେ ପ୍ରକୃତ ଯୋଗ୍ୟତା ଥାଏ । ସେଇ ବ୍ୟକ୍ତିମାନଙ୍କ ପଛରେ ଧନ, ମାନସମ୍ମାନ, ସଂବୃଦ୍ଧି ଛାଇ ପରି ଗୋଡ଼ାଇ ଥାଏ । ବାକି ବ୍ୟକ୍ତିମାନେ ବେକାର ହୋଇ ସରକାରଙ୍କୁ ଚାକିରୀ ଭିକ୍ଷା ମାଗି ଥାନ୍ତି ନଚେତ ନିନ୍ଦା କରିଥାନ୍ତି । ଏବେ ପିଲାମାନେ କଳେବଳେ ଅଧିକ ମାର୍କ ରଖିବା ସହିତ କେବଳ ଡିଗ୍ରୀ ହାସଲ କରିବା ପଛରେ ଧାଇଁଛନ୍ତି ବୋଲି ଚିନ୍ମୟ ମିଶନ ନୋଏଡା ଉତ୍ତର ପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୂପାନନ୍ଦ ସରସ୍ୱତୀ ସ୍ଥାନୀୟ ମହାରାଜା ପୁର ସ୍ଥିତି ମୟୂରଭଞ୍ଜ ଏକାଉଣ୍ଟେନ୍ସି ଓ ମେନେଜମେଣ୍ଟ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଉଦବୋଦନ ଦେଇଥିଲେ । ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଉଦଳା ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଚିନ୍ମୟ ମିଶନ ବାରିପଦାର ସମ୍ପାଦକ ଅଜିତ ବେହେରା, ଚିନ୍ମୟ ଯୁବ କେନ୍ଦ୍ରର ସଭାପତି ସବ୍ୟସାଚୀ ପଲେଇ, ସମ୍ପାଦକ ବିଷ୍ଣୁପଦ ବେରା ପ୍ରମୁଖ ଉପସ୍ଥିତ ଥିଲେ । ଉପାଧ୍ୟକ୍ଷ ସଂଘମିତ୍ରା ରାଉତ, ଏନ ଏସ ଏସ ସଂଯୋଜକ ମଦନ ମହାନ ସାହୁ, ଦେବବ୍ରତ ବିଶ୍ୱାଳ, ସୁଜାତା ପାଲ, ସତ୍ୟ ନାରାୟଣ ଦାସ, ପ୍ରତିଭା ଦାସ ରୁପମଞ୍ଜରୀ ବେହେରା, ସସ୍ମିତା ସି, ଅଙ୍କିତା ସିଂ କବିତା ସାହୁ, ଲକ୍ଷ୍ମୀ ଚାପେୟାର, ମିନାକ୍ଷୀ ସାହୁ, ଅଭିଜିତ ପଟ୍ଟନାୟକ, ଅଭିଜିତ ପଟ୍ଟନାୟକ, ମୀରା ସେନାପତି, ପ୍ରିତମ ମହାନ୍ତ ସହଯୋଗ କରିଥିଲେ ।

## ଯୁକ୍ତ ୩ ବିଜ୍ଞାନ ଶିକ୍ଷାଦାନ ନିମନ୍ତେ ତେଜିବ ଛାତ୍ର ଆନ୍ଦୋଳନ




ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଅଧିନସ୍ତ ରଘୁନାଥପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ରେଢୁଆରେ +୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ତରଫରୁ ଗତ ତା ୧୧/୧୧/୨୪ ରିଖ ଠାରୁ ଆରମ୍ଭ ହୋଇଥିବା ସତ୍ୟାଗ୍ରହ ସୋମବାର ଅଷ୍ଟମ ଦିନରେ ପହଞ୍ଚି ଥିଲେ ମଧ ଜିଲ୍ଲା ପ୍ରଶାସନ ତରଫରୁ କୌଣସି ଆଖି ଦୃଷିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରଥମ ଦିନ କେବଳ ରଘୁନାଥପୁର ତହସିଲଦାର ସୌଜନ୍ୟ ମୂଳକ ସାକ୍ଷାତକାର କରି ଚାଲିଯାଇଥିଲେ। ଜିଲ୍ଲାପାଳ ଜଗତସିଂହପୁରଙ୍କ ସହିତ ଆଲୋଚନା ବୈଠକର ଆୟୋଜନ କରିବେ ବୋଲି ତହସିଲଦାର ପ୍ରତି ଶ୍ରୁତି ଦେଇଥିଲେ ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ପ୍ରକାଶ ଥାଉ କି ଗତ ଦୁଇବର୍ଷ ତଳୁ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବି ହୋଇଆସୁଥିବା ବେଳେ ଚଳିତ ବର୍ଷ ଉପ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ, କଲେଜକୁ ଆସି ଯାଞ୍ଚ କରି ଯାଇଥିଲେ। ହେଲେ ଏ ପର୍ଯ୍ୟନ୍ତ ହାଇ ପାୱାର କମିଟି ବସି ପାରିଲା ନାହିଁ କି ନିଷ୍ପତ୍ତି ନିଆଯାଇ ପାରିଲା ନାହିଁ। ଅଞ୍ଚଳର ବିକାଶ ପ୍ରକ୍ରିୟାରେ ଶିକ୍ଷା ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ବହନ କରିଥିବା ବେଳେ ବିଗତ ସରକାର ରେଢୁଆ କଲେଜକୁ କାହିଁକି ଅଣଦେଖା କଲେ ଯାହା ଅତ୍ୟନ୍ତ କ୍ଷୋଭର ବିଷୟ। ତେଣୁ ଅଞ୍ଚଳବାସୀ ବର୍ତ୍ତମାନର ସରକାରଙ୍କ ଉପରେ ଅନେକ ଆସ୍ଥା ରଖିଛନ୍ତି ଯେ ନିଶ୍ଚିତ ଭାବରେ ବିଜେପି ସରକାର ଆମ୍ଭ ଅଞ୍ଚଳର ଭବିଷ୍ୟତ ଉଜ୍ଜ୍ୱଳ କରିବାରେ +୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା କରାଇବେ। ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, ଜଗତସିଂହପୁର ବ୍ଲକ ପ୍ରଭୃତିରୁ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ବିଜ୍ଞାନ ଶିକ୍ଷା ପାଇବା ଦିଗରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବୃନ୍ଦାବନ ଚନ୍ଦ୍ର ମହା ବିଦ୍ୟାଳୟରେ +୩ ବିଜ୍ଞାନ ଶ୍ରେଣୀ ଖୋଲିବା ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ୍ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରଛାତ୍ରୀ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଆଜି ଅଷ୍ଟମ ଦିନରେ ପହଞ୍ଚିଥିବା ସତ୍ୟାଗ୍ରହରେ ସ୍ନେହାନ୍ସୁ ଜେନା, ଦେବିପ୍ରସାଦ ମହାରଣା, ସୁଭାସିସ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ବିକ୍ରମ କେଶରୀ ମହାନ୍ତି, ଲିଟୁ ମଲ୍ଲିକ, ଅନିମା ପ୍ରିୟା ଦର୍ଶିନି ନାୟକ, ପ୍ରଭାତୀ ଚୌଧୁରୀ, ଶ୍ରଦ୍ଧା ସୁମନ ମହାନ୍ତି,ରିମା ବେହେରା, ପଦ୍ମଜା ଭୋଳ, ଋତୁପର୍ଣ୍ଣା ବେହେରା, ସ୍ମୃତି ସୌନ୍ଦର୍ଯ୍ୟ ସ୍ୱାଇଁ, ସ୍ୱସ୍ତି ସୌନ୍ଦର୍ଯ୍ୟ ସ୍ୱାଇଁ, ରାନୀପ୍ରଭା ନାୟକ, ଅଭିନନ୍ଦନ ମହାନ୍ତି, ଅମ୍ବିକା ପ୍ରସାଦ ମହାରଣା, ସ୍ମୃତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡି ମହିଳା ମୃତ

କଣାସ(ଭାସ୍କର ନ୍ୟୁଜ): କଣାସ ଥାନା ଅନ୍ତର୍ଗତ ଦୋକନ୍ଦା ଗ୍ରାମପଞ୍ଚାୟତର ଧୂଆଁଳ ଗ୍ରାମର ପ୍ରଶ୍ନନ ସାହୁଙ୍କ ପତ୍ନୀ ସୁନିତା ସାହୁ ୪୦ବର୍ଷ ସୋମବାର ନିଜ ଗ୍ରାମ ପୋଖରୀରେ ମୃତ୍ୟୁବରଣ ହୋଇଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ସୁନିତା ଆଜି ପ୍ରଭାତରୁ ଘର ନିକଟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଫେରିବା ଡେରି ହେବାରୁ ପରିବାର ଲୋକ ଯାଇ ଦେଖନ୍ତିତ ସୁନିତାଙ୍କ ଚପଲ ପୋଖରୀର ପାହାଚ ଉପରେ ଥୁଆ ହୋଇଛି । ପୋଖରୀରେ ଖୋଜା ଖୋଜି କରି ସୁନିତାଙ୍କ ନିସ୍ତେଜ ଶରୀର ପାଇବାପରେ ଚିକିତ୍ସା ପାଇଁ କଣାସ ଡାକ୍ତରଖାନାକୁ ନେଇ ଯାଇଥିଲେ । ଡାକ୍ତର ସୁନିତାଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ସୁନିତାଙ୍କ ମୃତ୍ୟୁ ଖବର କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ପାଖରେ ପହଞ୍ଚିବାପରେ ସେ ସଂଗେ ସଂଗେ ଏସ୍.ଆଇ. ସନ୍ତୋଷ କୁମାର ଉଦେୟସିଂହଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଶ୍ରୀ ଉଦେୟସିଂହ ସୁନିତାଙ୍କ ଶବ ଯବତ କରି କଣାସ ଥାନା କେସ୍ ନଂ-୧୦/୨୦୨୪ରେ ଏକ ମକଦମା ଅପମୃତ୍ୟୁ ହୋଇଥିବା ଦାୟର କରିଥିଲେ। ଶବକୁ ବ୍ୟବଚ୍ଛେଦ ପାଇଁ ପୋଲିସ୍ ପକ୍ଷରୁ ପଠାଇ ଦିଆଯାଇଛି ।

## ଓଟିଏମ୍ ଶ୍ରମିକ ପରିବାରଙ୍କ ଥଇଥାନ ଓ ନିଯୁକ୍ତ ଦାବି



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଓଡ଼ିଶା ଟେକ୍ସଟାଇଲ ମିଲ୍ ଜମିରେ ଗଢ଼ି ଉଠିଥିବା ଓଟିଏମ୍ କଲୋନୀ, ଦୁର୍ଗାବଜାର, ଜୟନ୍ତୀନଗର, ବ୍ୟାଘ୍ରବାହିନୀ ନଗର, ମଠସାହି, ତ୍ରିନାଥ ନଗର, ଗେପାଳନଗର ଓ ବ୍ୟବସାୟୀଙ୍କ ଥଇଥାନ ସହିତ କମ୍ପାନୀ ବନ୍ଦ ପରେ କ୍ଷତିଗ୍ରସ୍ତ ସମସ୍ତ ଶ୍ରମିକ-କର୍ମଚାରୀଙ୍କ ପରିବାରରୁ ଯୋଗ୍ୟତାଭିତିକ ନିଯୁକ୍ତି ଦାବି କରିଛି ଶ୍ରମିକ ପରିବାର ଯୁବକ ସଂଘ । ସଂଘର ସଭାପତି କୈଳାସ ଚନ୍ଦ୍ର ସାହାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଓଡ଼ିଶାର ଅସ୍ମିତା ଓଟିଏମ୍ ବଦଳରେ ଘରୋଇ ନୁହେଁ ବରଂ ଏକ କୃଷିଭିତ୍ତିକ ସରକାରୀ କାରଖାନା ପ୍ରତିଷ୍ଠା କରାଗଲେ ଚୌଦ୍ୱାରର ସ୍ଥାୟୀ ଅର୍ଥନୈତିକ ବିକାଶ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଥିଲା । କାରଖାନା ଉପରେ ନିର୍ଭର କରି ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଜୀବନ ଜୀବିକା ନିର୍ବାହ କରୁଥିବା ବସ୍ତିବାସିନ୍ଦା ଓ ବ୍ୟବସାୟୀଙ୍କ ଥଇଥାନ ପାଇଁ ରାଜ୍ୟ ସରକାର ତୁରନ୍ତ ବିଧିବଦ୍ଧ ପଦକ୍ଷେପ ନିଅନ୍ତୁ ଏବଂ ଏହି ଜମି ଉପରେ ଯେଉଁ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ଯୋଜନା ରହିଛି ସେଥିରେ ଏମାନଙ୍କୁ ନିଯୁକ୍ତି ଦିଆଯିବା ସହିତ ସ୍ଥାୟୀତ୍ୱ ପ୍ରଦାନ କରିବାକୁ ସଂଗଠନ ତରଫରୁ ଦାବି କରାଯାଇଛି । ଏହି ବୈଠକରେ ସୁରେନ୍ଦ୍ର ନାଥ ପରିଡ଼ା, କୃତ୍ତିବାସ ନାୟକ, କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ପ୍ରେମସାଗର ମଣ୍ଡଳ, ରତ୍ନାକର ପଟ୍ଟନାୟକ, ଭୋବନୀ ସାହୁ, ଦିଲ୍ଲୀପ କୁମାର ଦାସ, କାଂଚନ ପ୍ରଧାନ, ପୂଜତାନ ସାହୁ, ପ୍ରଶନ୍ନାମଣି ସାହୁ, ବ୍ରଜବନ୍ଧୁ ଜେନା, ମାଗୁଣି ଚନ୍ନଦ୍ର ବାରିକ, ପବିତ୍ର କୁମାର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଦାସ, ବିଶ୍ୱନାଥ ସ୍ୱାଇଁ, ଭବାନୀ ଶଙ୍କର ମହାନ୍ତି, ଭାଗିରଥୀ ଭୋଇ, ବିଶ୍ୱଜିତ୍ ଗଜେନ୍ଦ୍ର ମହପାତ୍ର, ସୁରେଶ ଚନ୍ଦ୍ର ବେହେରା, ରବିନ୍ଦ୍ର କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପରିଡ଼ା, ନିରଞ୍ଜନ ମହାନ୍ତି, ଜଗନ୍ନାଥ ଜେନା ଓ ରମାକାନ୍ତ ପରିଡ଼ା ପ୍ରମୁଖଙ୍କ ସମେତ ଶତାଧିକ ଶ୍ରମିକ ପରିବାର ଉପସ୍ଥିତ ଥିଲେ ।

## ୪ ଗୋରୁ ଆହତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପଞ୍ଚାୟତ ଖିରିଗଡିଆ ଗ୍ରାମର ରବିନ୍ଦ୍ର ଖଟୁଆଙ୍କ ଘର ଗତ ରବିବାର ରାତ୍ରରେ ଜଳିଯାଇଥିବା ଜଣାଯାଇଛି। ରାତ୍ର ୯ଟା ବେଳେ ଘରେ ଅଗ୍ନି ସଂଯୋଗ ହୋଇଥିଲା। ସୂଚନା ପାଇ ଭଣ୍ଡାରିପୋଖରୀ ଦମକଳ କେନ୍ଦ୍ର କର୍ମଚାରୀମାନେ ଆସି ଅଗ୍ନିକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୨ ବଖରା ଘର, ସମସ୍ତ ଆସବାବପତ୍ର ସମେତ ୪ ଗୋରୁ ଅଗ୍ନି ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ଦୋକାନ ସହ ଅଟୋରିକ୍ସା



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ନୂଆଗାଁ ଗ୍ରାମରେ ଠାକୁର ପ୍ରଧାନ, ଧିରେନ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ ୩ଭାଇ ଗ୍ରାମ ନିକଟ ଦୟାନଦୀ ନଦୀ ବ୍ରିଜି ତଳେ ଦୁଇଟି କ୍ୟାବିନ୍‌ରେ କରିଥିବା ସମସ୍ତ ସାମଗ୍ରୀ ଦୋକାନ ଓ ଦୋକାନ ଆଗରେ ରହିଥିବା ଅଟୋରିକ୍ସାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ତିନିଭାଇ ଗଡିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ନିଆଁ ଲାଗିବା ପରେ ଗ୍ରାମବାସୀମାନେ ଓ କଣାସରୁ ଦମକଳ ବାହିନୀ ଯାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ବେଳକୁ ଦୋକାନର ସମସ୍ତ ଆସବାସପତ୍ର ଓ ଅଟୋରିକ୍ସା ପୋଡି ଯାଇଥିଲା । ପୋଡିଯାଇଥିବା ସମ୍ପତିର ମୂଲ୍ୟ ୮ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ଖବର ପାଇ ଗଡିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ପହଞ୍ଚି ୩ଭାଇଙ୍କୁ ସାନ୍ତ୍ୱନା ଦେଇଛନ୍ତି ।

## ତାମିଲନାଡୁରେ ଓଡିଆ ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର(ଭାସ୍କର ନ୍ୟୁଜ): ତାରାସିଂ ଥାନା ଅଧିନ ତୋଲଡି ଗ୍ରାମ ହରିଜନ ସାହିର ଜୈନିକ ଗରିବ ଶ୍ରମିକ ଟିକି ନାଇକ (୪୦)ର ରବିବାର ଦିନ ତାମୁଲ ନାଡୁରେ ଏକ ଘରୋଇ କୋଠା କାମ କରୁଥିବା ଛାତ ଉପରୁ ପଡି ଚିକିତ୍ସା ଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ମୃତ ଟିକି ନାଇକଙ୍କ ପରିବାରର ସୁତ୍ରରୁ ପ୍ରକାଶ। ଖବର ନେବାରେ ତାରାସିଂ ପଞ୍ଚାୟତର ତୋଲଡି ଗ୍ରାମ ହରିଜନ ସାହିର ଓଡିଆ ଯୁବକ ଟିକି ନାଇକ ପେଟ ପାଟଣା ନିମନ୍ତେ ମୁଲ ଲାଗିବା ପାଇଁ ବାହାର ରାଜ୍ୟ ତାମୁଲନାଡୁ ରାଜ୍ୟକୁ ମଝିରେ ମଝିରେ ଚାଲିଯାଉଥିଲେ। କିନ୍ତୁ ପୁଣି ମଝିରେ ଘରକୁ ଆସି ଗତ ଦଶହରା ପୂଜା ପୂର୍ବରୁ ପୁଣି ପେଟ ପାଟଣା ନିମନ୍ତେ ତାମଲନାଡୁ ଯାଇଥିବା ରବିବାର ଦିନ ତାମିଲ ନାଡୁର କୁହିମତ ଅଞ୍ଚଳରେ ଜୈନିକ ଏକ ଘରୋଇ କୋଠାକାମରେ କାମ ନିୟୋଜିତ ରହି ସେଟ୍ରିଙ୍ଗ କାମ କରୁଥିବା ବେଳେ ଅସାବଧାନତା ହେତୁ ଉପରୁ ତଳକୁ ପଡିଯିବା ଫଳରେ ଛାତିକୁ ଭିଷଣ ଆଘାତ ଲାଗିବା ହେତୁ ତୁରନ୍ତ ସେଠାରେ କାମ କରୁଥିବା ସାଙ୍ଗ ମାନେ ଅଞ୍ଚଳରେ ଥିବା ଏକ ପେରି ନାମକ ଏକ ହସପିଟାଲକୁ ନେଇଥିଲେ ସେଠାର ଚିକିତ୍ସା ଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପରିବାର ଲୋକ ଠାରୁ ପ୍ରକିଶ। କିନ୍ତୁ ମୃତ ଟିକି ନାଇକଙ୍କ ପରିବାର ଅତି ଗରିବ ଶ୍ରେଣି ହେତୁ ତାଙ୍କ ଫରିବାରକୁ ସରକାରୀ ରାଶି ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି କରାଯାଇଛି।

## ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ଗଣବିକ୍ଷୋଭ




କେନ୍ଦୁଝର(ଭାସ୍କର ନ୍ୟୁଜ): ବ୍ରିଟିଶ ବିରୋଧି ଆନେ୍ଦାଳନରେ ଚାଷୀ ଅଭ୍ୟୁତଥାନର ମହାନ ଜନନେତା ଲାଲା ଲାଜପତରାୟଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭ ପୂର୍ବରୁ କେନ୍ଦୁଝରସ୍ଥ କରଞ୍ଜିଆ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଚାଷୀ, ମହିଳା, ଯୁବକମାନେ ଦରଦାମ ବୃଦ୍ଧି ବନ୍ଦ କରିବା, ବେକାରଙ୍କୁ କାମ ଯୋଗାଇ ଦେବା, ଏମ୍ଏସପିକୁ ଆଇନର ଗ୍ୟାରେଣ୍ଟି ଦେବା, ଚାଷ ଜମି ଅଧିଗ୍ରହଣ ବନ୍ଦ କରିବା ଆଦି ସ୍ଲୋଗାନମାନ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ସ୍ଥଳରେ କମ୍ରେଡ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇକେକେଏମ୍ଏସ୍‌ର ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ଦାସ ଯୋଗଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ ଆକାଶଛୁଆଁ ଦର ବୃଦ୍ଧି, ଚାଷୀମାନଙ୍କର ଧାନ କିଣା ସମସ୍ୟା, ଚାଷ ଜମିକୁ ବଳପୂର୍ବକ ଅଧିଗ୍ରହଣ ଭଳି କେତେକ ବିଷୟ ଉପରେ ଆଲୋକପାତ କରିବା ସହ ଜିଲ୍ଲାରେ ଶକ୍ତିଶାଳୀ ଚାଷୀ ଆନେ୍ଦାଳନ ଗଢି ତୋଳିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର ପ୍ରମୁଖ ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଜିଲ୍ଲାରେ ପ୍ରତ୍ୟେକ ଅଫିସ ଦପ୍ତରରେ ଦୁର୍ନୀତି କିଭଳି ହେଉଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ ବ୍ୟାପକ ଚାଷୀ ଆନେ୍ଦାଳନ ଗଢି ତୋଳିବାକୁ ସେମାନେ ମଧ ଆହ୍ୱାନ କରିଥିଲେ । ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ରାଷ୍ଟ୍ରୀୟ ବ୍ୟବସାୟ ବାଣିଜ୍ୟ ପ୍ରଚଳନ କରିବା, ଚାଷ ଜମିରେ କାରଖାନା ନିର୍ମାଣ ବନ୍ଦ କରିବା, ପତିତ ଜମିରେ ଖଣିଭିତ୍ତିକ କଳକାରଖାନା ସରକାରୀ ଉଦ୍ୟୋଗରେ ନିର୍ମାଣ କରିବା,ଏମ୍ଏସ୍ପି କୁ ଆଇନର ଗ୍ୟାରେଣ୍ଟି ଦେବା, ସ୍ୱାମୀନାଥନ କମିଶନ ରିପୋର୍ଟ ଅନୁଯାୟୀ ସି-ଟୁ+୫୦% ଏମ୍ଏସ୍ପି ମୂଲ୍ୟ ନିର୍ଦ୍ଧାରଣ କରିବା, ବିଦ୍ୟୁତ ବିଲ୍ ୨୦୨୩ ପ୍ରତ୍ୟାହାର କରିବା, ସ୍ମାର୍ଟ ମିଟର ବସାଇବା ସଂପୂର୍ଣ୍ଣ ବନ୍ଦ କରିବା, ରାସନ କାର୍ଡଧାରୀଙ୍କୁ ଜଣ ପିଛା ମାସକୁ ୧୫ କିଲୋ ରାସନ ପ୍ରଦାନ କରିବା, ୫୫ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୧୦ ହଜାର ଟଙ୍କା ପେନସନ ଦେବାକୁ ଏହି ବିକ୍ଷୋଭରେ ଦାବି କରାଯାଇଥିଲା । କମ୍ରେଡ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ସମ୍ବର୍ଦ୍ଧିତ



କଣାସ(ଭାସ୍କର ନ୍ୟୁଜ): ନିରବଛିନ୍ନ ଭାବେ ସାହିତ୍ୟ ସାଧନା ଜାରି ରଖିଥିବା ସାହିତକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ କବି କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନଙ୍କୁ ଗତକାଲି କଣାସ ଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମିଳିତ ପୂର୍ବତନ ଜିଲ୍ଲାପାଳ ଡଃ ନିରଂଜନ ସାହୁ, ସହଦେବ ଜୟସିଂହ, ଡାକ୍ତର ସୁରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଫଳକ, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଶ୍ରୀଚନ୍ଦନ ୨୧ଖଣ୍ଡ ପୁସ୍ତକ ପ୍ରକାଶ କରିଛନ୍ତି ।

## ବିଜେପିର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଁଳୋ ପଞ୍ଚାୟତ ପରମହଂସପୁର ଛକ ନିକଟ ବିଜେପି କାର୍ଯ୍ୟାଳୟରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ପରାମର୍ଶ କ୍ରମେ ଦଳର ଯୁବ ନେତା ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ରାଉତ ଓ ତାଙ୍କ ସହଧର୍ମିଣୀ ତଥା ବ୍ଲକ ଉପାଧ୍ୟକ୍ଷା ଯଶଶ୍ୱିନୀ ରାଉତ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନରେ ୧ ନମ୍ବର ଜୋନସ୍ତରୀୟ ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳ ସୁଦୃଢ଼ ସଂଗଠନ, ପଞ୍ଚାୟତର ୱାର୍ଡ ସ୍ତରରୁ ନୂତନ ସଭ୍ୟ ସଂଗ୍ରହ, ସାମୂହିକ କାର୍ଯ୍ୟରେ ନ୍ୟସ୍ତ ରହିବା, ପ୍ରତ୍ୟେକ ଦିଗ ଉପରେ ଦଳୀୟ କାର୍ଯ୍ୟ ପାଇଁ ରଣନୀତି ପ୍ରସ୍ତୁତ କରିବା ପ୍ରଭୃତି ବୈଠକରେ ମୁଖ୍ୟ ପ୍ରସଙ୍ଗ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଜୋନର ଏକ ଶହରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବାବେଳେ ଯୁବନେତା ତଥା ସରପଞ୍ଚ ଅଜିତ୍ କୁମାର ସାହୁ, ମଣ୍ଡଳ ସଭାପତି ଦୟାନିଧି ସାହୁ, ଯୁବ ସଂଗଠକ ଅନିଲ କୁମାର ଭୂତିଆ, ସୁବ୍ରତ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶରତ ଚନ୍ଦ୍ର ସାହୁ, ସରପଞ୍ଚ ଅଶୋକ ବାର୍ମ୍ମା, ପୂର୍ବତନ ମଣ୍ଡଳ ସଭାପତି ରବି ନାରାୟଣ ଜେନା, ଯୁବ ମୋର୍ଚ୍ଚା ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ସମେତ ସ୍ଥାନୀୟ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର



ବୋଲଗଡ(ଭାସ୍କର ନ୍ୟୁଜ): ସୋମବାର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ସ୍ଥିତ କାଳୀଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ଡ଼ିଗ୍ରୀ ମହାବିଦ୍ୟାଳୟ ଆନୁକୁଲ୍ୟରେ ବିଜେଡି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ବେଗୁନିଆ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ଓ ସାଂସଦ ପାର୍ଥ କ୍ୟାପଟେନ୍ ମନ୍ମଥ ରାଉତରାୟ ଏହି ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ । କଲେଜର ପ୍ରତିଷ୍ଠାତା କାଳୀଚରଣ ଜୟସିଂହ, ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ରଶ୍ମିତା ରାଉତରାୟ, ପ୍ରମୋଦ ରାଉତରାୟ, ସମାଜସେବୀ ବଇଁଶିଧର ସାହୁ, ସଚିକାନ୍ତ ଷଡ଼ଙ୍ଗୀ, ପ୍ରଭାତୀ ରାଉତରାୟ, ଜୟକୃଷ୍ଣ ଫତେସିଂହ, ସୁରେଶ ସାମନ୍ତରାୟ, ଶ୍ରୀକାନ୍ତ ତ୍ରିପାଠୀ, ଉମାକାନ୍ତ ବିଶ୍ୱାଳ, ଶିବାଜୀ ମଙ୍ଗରାଜ, ଅନିଲ ପରିଡା, କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ସହ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ, ସୁକାନ୍ତ କୁମାର ବେହେରା, ସିଟି ସ୍କୁଲର କର୍ମଚାରୀ ସୁଶାନ୍ତ କୁମାର ସୁବୁଦ୍ଧି, ଯୁବ ଛାତ୍ରନେତା ବିଭୁତି ଭୂଷଣ ବରାଳ ଓ ଚନ୍ଦ୍ରକାନ୍ତ ବରାଡ଼ଙ୍କ ସମେତ ବହୁ ସକ୍ରିୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । କଲେଜର ଛାତ୍ରଛାତ୍ରୀ, ଆଞ୍ଚଳିକ ପ୍ରତିନିଧି, କଲେଜ ପ୍ରଶାସନର ଉଦ୍ୟମ ଓ ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ସମାଜସେବୀ ଶୁଭକାନ୍ତ ମହାପାତ୍ର ଓ ସାଗର ବରାଳ ସଂଯୋଜନା କରିଥିଲେ । ବିଧାୟକ ଶ୍ରୀ ସାହୁ କହିଛନ୍ତି ଏହା ହେଉଛି ମୋର ତୃତୀୟ ରକ୍ତଦାନ ଶିବିର । ଆଜିସୁଦ୍ଧା ୧୭୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ଆଗାମୀ ଦିନରେ ସମସ୍ତ ୪୦ଗୋଟି ପଞ୍ଚାୟତ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିବିର କରାଯାଇ ରକ୍ତାଭାବ ଦୂର କରାଯିବା ସହ ସୁସ୍ଥ, ସ୍ୱଚ୍ଛ ଓ ସବୁଜ ବେଗୁନିଆ ବୋଲଗଡ଼ ଗଠନ ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଆୟୋଜକ ସଂସ୍ଥା ଓ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନାଚକ୍ର

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଓଡିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡା ବ୍ଲକ ଆନୁକୂଲ୍ୟରେ ଗରାପୁରସ୍ଥିତ ଶିକ୍ଷକ ଭବନରେ ଏକ ସମ୍ବର୍ଦ୍ଧନା ବୈଠକ, ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ସମ୍ପର୍କିତ ଏକ ଆଲୋଚନାଚକ୍ର ବ୍ଲକ ସଭାପତି ଦାଶରଥି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନୂତନ କନିଷ୍ଠ ଶିକ୍ଷକ ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଓ ଜିଲ୍ଲା ପାରି ବଦଳି ହୋଇ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମୁଖ୍ୟ ଅତିଥି କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ସମ୍ମାନିତ ଅତିଥି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ହିରଣ୍ୟ ବାରିକ, ଅବସର ପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ, ନିମ୍ନ ମାଧମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସମ୍ପାଦକ ଶୈଳବାଳା ସାମଲ, ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସମ୍ପାଦକ ଦେବେନ୍ଦ୍ର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିବାପାଇଁ ମଣ୍ଡଳ ଶିକ୍ଷାଧିକାରୀ ଓ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନବ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ନିମନ୍ତିତ ସଂଘର ନେତୃତ୍ୱ ଏକତା ବଳରେ ବିଭିନ୍ନ ଦାବିଗୁଡିକ ସରକାରଙ୍କ ଠାରୁ ହାସଲ କରିବାର ବାର୍ତ୍ତା ଅଭିଭାଷଣରେ ପ୍ରକାଶ କରିଥିଲେ। ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡା ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ମାନଙ୍କର ଅନେକ ସମସ୍ୟା ଉତ୍‌ଥାପନ କରିଥିଲେ। କେନ୍ଦ୍ରୀୟ ହାରର ବେତନ ପ୍ରଦାନ, ଶିକ୍ଷକ ମାନଙ୍କର ବୀମା, ପଦୋନ୍ନତିରେ ଲୁଚକାଳି ଖେଳ, ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଅଭାବ, ସ୍ନାତକ ଶିକ୍ଷକ ପୂରଣ, ଯଥେଷ୍ଟ ପରିମାଣର ଶିକ୍ଷକ ନିଯୁକ୍ତି, ମଧ୍ୟାହ୍ନ ଭୋଜନକୁ ମହିଳା ମଣ୍ଡଳକୁ ହସ୍ତାନ୍ତର, ପୁରୁଣା ପେନସନ ପ୍ରଚଳନ, ପରିବାର ପେନସନର ସରଳୀକରଣ, ନିଜ ଜିଲ୍ଲାରେ ନିଯୁକ୍ତିର ସୁଯୋଗ, ଠିକା ନିଯୁକ୍ତି ପ୍ରଥା ବନ୍ଦ ଆଦି ଅନେକ ସମସ୍ୟା ସମ୍ପର୍କରେ କହିଥିଲେ। ସଂଗଠିତ ଶକ୍ତି ଆଗରେ ସରକାର ହାର ମାନେ ଓ ଦାବିଗୁଡିକ ପୂରଣ ହୁଏ। ଏଣୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂଘ ସହିତ ଶୃଙ୍ଖଳିତ ଭାବରେ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ଉତ୍ସବରେ କାର୍ଯ୍ୟକାରୀ ସଭାପତି କାକୁଲୀ ମଲ୍ଲିକ, ଉପ ସଭାପତି ମନୋରଞ୍ଜନ ମହାପାତ୍ର, ଦୀପକ ବେହେରା, ଅସଗର ଅଲ୍ଲୀ, ମହମ୍ମଦ ଫାୟାଜୁଦ୍ଦିନ, ଶିବନାରାୟଣ ମହାନ୍ତି, ରଶ୍ମିତା ରାଉତ, କୌଶଲ୍ୟା ନାୟକ, ପୁଷ୍ପିତା ମୁଦୁଲି, କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ପ୍ରଜ୍ଞା ପ୍ରଗଲ୍ଭା ଚଇନି, ନିରୁପମା ପରିଡା, ଜିତେନ୍ଦ୍ର ତ୍ରିପାଠୀ, ବୈଲୋଚନ ସାମଲ, ପଦ୍ମଲୋଚନ ଭୂୟାଁ, ଗୟାସୁଦ୍ଦିନ, ପ୍ରଦୀପ ଶତପଥୀ, ଗଙ୍ଗାଧର ମହାପାତ୍ର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାକୁଲୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ମେଳା



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରାଙ୍କ ପୌରହିତ୍ୟରେ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧର କୁମାର ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରି ବିଜ୍ଞାନ ମେଳାକୁ ଉଦ୍ ଘାଟନ କରି ବିଜ୍ଞାନ ଆଜିର ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି କହିଥିଲେ। ମହୁରା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାପାତ୍ର ଓ ବଳଦେବଜୀଉ ମଞ୍ଜୁରୀ ସରକାରୀ ଉଚ୍ଚବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ ଥିଲେ। ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ସଭାପତିତ୍ୱ କରି ବିଜ୍ଞାନ ଆମକୁ ସତ୍ୟ ଓ ପରୀକ୍ଷଣ ବାବଦରେ ଶିକ୍ଷାଦାନ କରିଥାଏ ବୋଲି କହି ଥିଲେ। ଏଥିରେ ପଚାଶଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଖଗେଶ୍ୱର ମହାପାତ୍ର ଓ ଗୌରୀ ଶଙ୍କର ମିଶ୍ର ବିଚାରକ ଭାବେ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଛଅଗୋଟି ପ୍ରକଳ୍ପକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରୂପାଲି ଅପରାଜିତା ପଟ୍ଟନାୟକ ଅତିଥି ପରିଚୟ, ବିଜ୍ଞାନ ଶିକ୍ଷୟିତ୍ରୀ ତପୋଜା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଚନ୍ଦ୍ରଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତପୋଜା ସାହୁ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ମହାମାୟା ମହାପାତ୍ର, ବର୍ଷା ରାଣୀ ପଲକ, ନରେନ୍ଦ୍ର ନାୟକ, ଗଙ୍ଗାଧର ଦଳାଇ, ସୁଜାତା ଦାଶ ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ପ୍ରସ୍ତୁତିରେ ସାହାଯ୍ୟ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଜ୍ଞାନ ମେଳାର ଆୟୋଜନ ଓ ସଫଳତାରେ ସାହାଯ୍ୟ କରିଥିଲେ।

## ଅଗ୍ରଣୀ କେନ୍ଦ୍ର ହେବାକୁ ଯାଉଛି ଓଡିଶା ପ୍ଲାଷ୍ଟିକ୍ ଏବଂ ପ୍ୟାକେଜିଂ ଶିଳ୍ପ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଶିଳ୍ପ ରାଜ୍ୟ ମଧ୍ୟରୁ ଓଡିଶା ପ୍ରଚୁର ଉତ୍ସ, ରଣନୀତିକ ସ୍ଥାନ, ସରକାରୀ ସହାୟତା ଏବଂ ଘରୋଇ ଚାହିଦା ବୃଦ୍ଧି ଦ୍ୱାରା ପରିଚାଳିତ ହେଉଥିବା ଯୋଗୁଁ ପ୍ଲାଷ୍ଟିକ୍ ଏବଂ ପ୍ୟାକେଜିଂ ଶିଳ୍ପ ପାଇଁ ଏକ ଅଗ୍ରଣୀ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ଆଗାମୀ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪ ଓ ଓଡ଼ିଶା ପ୍ଲାଷ୍ଟ-୨୦୨୪ ଏକ୍ସପୋ ବିଷୟରେ ଆଲୋଚନା କରି ଓସମେ ଅଧ୍ୟକ୍ଷ ଗୌରୀଶଙ୍କର ଦାଶ କହିଛନ୍ତି, ପ୍ଲାଷ୍ଟିକ୍ ଓ ପ୍ୟାକେଜିଂ କ୍ଷେତ୍ରରେ ଓଡ଼ିଶାର ସମ୍ଭାବନା ବ୍ୟବସାୟ, ନିବେଶକ ଓ ନିଯୁକ୍ତି ସୃଷ୍ଟିକାରୀଙ୍କ ପାଇଁ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିବ। ଏସବୁ ସୁବିଧାର ଉପଯୋଗ କରି ଆହ୍ୱାନର ମୁକାବିଲା କରି ଆଗାମୀ ଦିନରେ ମୁଦ୍ରଣ ଓ ପ୍ଲାଷ୍ଟିକ ଶିଳ୍ପରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଏହି ଶିଳ୍ପଗୁଡ଼ିକର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ଓସମେଓ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪' ଓ 'ଓଡ଼ିଶା ପ୍ଲାଷ୍ଟ-୨୦୨୪'ହେବାକୁ ଯାଉଛି। ଏହି ଏକ୍ସପୋ ଉପରେ ବର୍ଣ୍ଣନା କରି ଓସମେର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି ଯେ ୪ ଦିନ ଧରି ଚାଲିବାକୁ ଥିବା ଏହି ତୃତୀୟ ଏକ୍ସପୋରେ ମୁଖ୍ୟତଃ ପ୍ଲାଷ୍ଟିକ, ପ୍ରିଣ୍ଟିଂ, ପ୍ୟାକେଜିଂ, କନଭର୍ଟିଂ ଏବଂ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରି ଉପରେ ଗୁରୁତ୍ୱ ଦିଆଯିବ । ଫ୍ୟୁଚରେକ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଶୀ କହିଛନ୍ତି ଯେ, ଏହି ଇଭେଣ୍ଟରେ ବିଭିନ୍ନ କ୍ଷେତ୍ରଗୁଡ଼ିକରେ ଅତ୍ୟାଧୁନିକ ଉଦ୍ଭାବନ, ଉନ୍ନତ ଜ୍ଞାନକୌଶଳ ଏବଂ ଉଦୀୟମାନ ଧାରା ପ୍ରଦର୍ଶିତ ହେବ, ଯାହା ନେଟୱାର୍କିଂ, ଶିକ୍ଷଣ ଏବଂ ଶିଳ୍ପ ନେତୃବୃନ୍ଦଙ୍କ ସହ ସହଯୋଗ ପାଇଁ ଏକ ଅତୁଳନୀୟ ପ୍ଲାଟଫର୍ମ ପ୍ରଦାନ କରିବ । ନିର୍ମାତା, ଯୋଗାଣକାରୀ, ଶିଳ୍ପନେତା ଏବଂ ଉତ୍ସାହୀମାନଙ୍କ ପାଇଁ ଗୋଟେ ସ୍ଥାନରେ ଏକାଠି ହୋଇ ଆଲୋଚନା ଏବଂ ବିଭିନ୍ନ ସମସ୍ୟାର ସମାଧାନ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଏହା ଏକ ଅନନ୍ୟ ସୁଯୋଗ । ପ୍ଲାଷ୍ଟିକ, ପ୍ରିଣ୍ଟିଂ ଏବଂ ପ୍ୟାକେଜିଂ ଶିଳ୍ପରେ ପ୍ରଗତି ଏବଂ ସ୍ଥାୟୀତାକୁ ତ୍ୱରାନ୍ୱିତ କରିବା ପାଇଁ ଆମ ସହିତ ଯୋଗ ଦିଅନ୍ତୁ ।ଏହି ପ୍ରଦର୍ଶନୀରେ ବିଭିନ୍ନ ପ୍ଲାଷ୍ଟିକ୍ ପ୍ରୋସେସିଂ ମେସିନରୀ, ପ୍ରିଣ୍ଟିଂ, ପ୍ୟାକେଜିଂ ମେସିନରୀ, କଞ୍ଚାମାଲ, ମୋଲ୍ଡସ୍ ଆଣ୍ଡ ଡାଇ, ଏବଂ ପ୍ରସ୍ତୁତ ଉତ୍ପାଦ ଅନ୍ତର୍ଭୁକ୍ତ ଏବଂ ସମ୍ଭାବ୍ୟ ଗ୍ରାହକ ଏବଂ ଅଂଶୀଦାରମାନଙ୍କ ସହ ଯୋଡ଼ି ହେବା ପାଇଁ ବ୍ୟବସାୟଗୁଡିକ ପାଇଁ ଏହା ଏକ ଉତ୍ତମ ସୁଯୋଗ ଅଟେ । ଓଡ଼ିଶାରେ ଉତ୍ପାଦିତ ଓ ସଂସ୍ଥାପନ ହେଉଥିବା ବିଭିନ୍ନ ପ୍ରକାର ମେସିନ୍ ଓ ଆନୁଷଙ୍ଗିକ ଉତ୍ପାଦପାଇଁ ମାନକ ପ୍ରସ୍ତୁତକରିବାରେ ଓଡ଼ିଶା ପ୍ଲାଷ୍ଟ ଓ ଓଡ଼ିଶା ପ୍ରୋପ୍ୟାକ୍ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏହି ପ୍ରଦର୍ଶନୀ ପୂର୍ବ ଭାରତର ଅନ୍ୟତମ ବୃହତ୍ତମ ଏବଂ ଓଡ଼ିଶାରେ ଏକ୍ସକ୍ଲୁସିଭପ୍ରଦର୍ଶନୀ । ରାଜ୍ୟ ଏମଏସଏମଇ ଗୁଡିକ ପାଇଁ ବି୨ବି, ବି୨ସି ଏବଂ ବି୨ଜି ପାଇଁ ଏହା ଏକ ଉତ୍ତମ ପ୍ଲାଟଫର୍ମ ଯାହା ପ୍ରଦର୍ଶକ ଏବଂ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ନେଟୱାର୍କିଂ ସୁଯୋଗ ସୃଷ୍ଟି ଉପରେ ଧ୍ୟାନ ଦେବ । ଏଥିରେ ସମଗ୍ର ଭାରତ ତଥା ଓଡ଼ିଶାରୁ ପ୍ୟାକେଜିଂ/ ପ୍ଲାଷ୍ଟିକ୍ ଶିଳ୍ପ ଏବଂ କଞ୍ଚାମାଲ ଉତ୍ପାଦନକାରୀଙ୍କ ବଜାର ନେତୃବୃନ୍ଦ ଅଂଶଗ୍ରହଣ କରିବେ ବୋଲି ଫ୍ୟୁଚରେକ୍ସର ପ୍ରକଳ୍ପ ମୁଖ୍ୟ ମୁବାସିର ଇଲାହି କହିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ମାଣିକମରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ଞାନେନ୍ଦ୍ର ବର୍ମ୍ମା (୭୮ )ଙ୍କ ଦେହାନ୍ତ ହୋଇଥବା ଜଣାପଡିଛି । ଏହି ପଞ୍ଚାୟତରେ ୧୯୮୨ ମସିହାରୁ ୧୯୯୭ ମସିହା ପର୍ଯ୍ୟନ୍ତ ଲଗାତାର ଭାବେ ସରପଞ୍ଚ ପଦବୀରେ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ ଜ୍ଞାନେନ୍ଦ୍ର । ଦେହ ଅସୁସ୍ଥତା କାରଣରୁ ଘରେ ଶଯ୍ୟାଶାୟୀ ହୋଇ ପଡ଼ିରହିଥିଲେ । ଫଳରେ ରବିବାର ରାତି ପ୍ରାୟ ୧୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ସମୟରେ ପରିବାର ଓ ଆତ୍ମୀୟସଜନ୍ୟ ଉପସ୍ଥିତ ଥିବାବେଳେ ଏପରି ଦୁଃଖଦ ଖବର ପାଇ ସୋମବାର ସକାଳ ସମୟରେ ସ୍ୱର୍ଗତ ବର୍ମ୍ମାଙ୍କ ଶେଷ ଦର୍ଶନ କରିବା ପାଇଁ ପାଖ ଅଞ୍ଚଳରୁ ଲୋକଙ୍କ ସୁଅ ଲାଗିଥିଲା । କାରଣ ସେ ଥିଲେ ଅତି ଭଦ୍ର, ନମ୍ର, ମେଳାପୀ, ପରୋପକାରୀ ବ୍ୟକ୍ତି । ପରେ ଗାଁ ଶ୍ମଶାନରେ ତାଙ୍କର ମରଶରୀର ଅନ୍ତିମ ସଂସ୍କାର କରାଯାଇଥିଲା ।

## ସଦର ତହସିଲ ଅଞ୍ଚଳରେ ଜମିମାଫିଆ ସକ୍ରିୟ: ଜାଲ୍ କାଗଜପତ୍ରରେ କିଣାବିକା

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ତହସିଲରେ ଜମି ମାଫିଆମାନେ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମି ମୌଖିକ ଭାବେ ବିକ୍ରୀ କରି ମାଲେମାଲ୍ ହେଉଥିବା ବେଳେ ସାଧାରଣ ଲୋକ ଠକାମିର ଶୀକାର ହେଉଛନ୍ତି। ବିଶେଷ କରି ସଦର ଏବଂ ମଣ୍ଡୁଆ ରାଜସ୍ୱ ସର୍କଲରେ କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ନିଜ କବଜାରେ ରଖି ବେଆଇନ ଭାବେ ଜାଲ କାଗଜପତ୍ର ଦେଇ ଲୋକଙ୍କୁ ଠକି ବିକ୍ରି କରୁଛନ୍ତି। ଜବରଦଖଲ କେସ ରେକର୍ଡ କରି ଖଜଣା ପାଉତି ବାବଦକୁ ନକଲି କାଗଜପତ୍ର ଦେଇ ଲୋକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ସଦର ତସହିଲ ମଣ୍ଡୁଆ ମୌଜାର ବସନ୍ତପୁର ମୌଜାରେ। ଜଣେ ବ୍ୟକ୍ତିଙ୍କ ନାମରେ ଖାତା ନମ୍ବର ୫୧ ପ୍ଲଟ ନମ୍ବର ୧ ରେ ଏ୦.୦୫ ଘର ଉଦ୍ଦେଶ୍ୟରେ ଜବରଦଖଲ ଥିବା ଦର୍ଶାଇ ଅବୈଧ ଦଖଲ କେଶ ନମ୍ବର ୪-୩୧୪/ ୨୦୨୩ ର ଜାଲ କାଗଜପତ୍ର ହୋଇଛି। ଏଥିପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ଖଜଣା ବାବଦ ୩ଟଙ୍କା ଏବଂ ଜୋରିମାନା ବାବଦ ୯୯୭ ଟଙ୍କାକୁ ମିଶାଇ ମୋଟ ୧୦୦୦ଟଙ୍କାର ସଦର ତହସିଲଦାରଙ୍କ ଦସ୍ତଖତ ଥିବା ରସିଦ ଗତ ୨୩/୦୯/୨୦୨୪ରେ ପ୍ରଦାନ କରିଛନ୍ତି। ଏହି ଘଟଣାର ଯାଂଚ ହେଲେ ଏପରି ଭାବେ କେତେ ଜଣ ଲୋକଙ୍କୁ ଜାଲ କାଗଜପତ୍ର ଦେଇ ଜମି ମାଫିଆ ଠକିଛନ୍ତି ତାହା ଜଣାପଡିବ। ଏ ନେଇ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯିବ। ସଦର ତହସିଲ ମଣ୍ଡୁଆ ରାଜସ୍ୱ ସର୍କଲ ଅନ୍ତର୍ଗତ ଘୁଟୁରୁ ହୁଡିକୁ କେତେକ ଲୋକ ମୌଖିକ ଭାବେ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଛି। ସଦର ତହସିଲ ଖାତା ନମ୍ବର ୧୧୪ ପ୍ଲଟ ନମ୍ବର ୧୯୧ ରେ ପ୍ରାୟ ୪ ଏକର ୮୮ ଡିସିମିଲ ଜମି ରହିଛି। ବିଭିନ୍ନ କିସମର ଜଙ୍ଗଲରେ ପରିପୂର୍ଣ୍ଣ ଏହି ଜମିକୁ ତାଡି ପଥର ଚାଲାଣ କରିବା ପରେ ଏବେ କିଛି ସ୍ଥାନୀୟ ଲୋକ ଡିସିମିଲ ପିଛା ୨ଲକ୍ଷ ଟଙ୍କାରେ ମୌଖିକ ଭାବେ ପ୍ଲଟିଂ କରି ବିକ୍ରି କରୁଛନ୍ତି। ଏଭଳି ଏକ ଘଟଣାକୁ ନେଇ ଗତ କିଛି ମାସ ତଳେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ କରାଯାଇ ନିର୍ମାଣ କାମ ବନ୍ଦ କରିଥିଲେ ହେଁ ତାହାକୁ ବିଭାଗ ଉଚ୍ଛେଦ ନ କରି ଫାଇଲ କୁ ଚାପି ରଖିଥିବାରୁ ଏଭଳି ଜବରଦଖଲ ବଢିବାରେ ଲାଗିଛି । ଜଙ୍ଗଲର ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଗୋଚର ଜମିରେ ଥିବା ମୂଲ୍ୟବାନ ଗଛ କାଟି ବେଧଡକ ଭାବେ ମାଫିଆ ଭାବେ ଜମିକୁ ବିକ୍ରୀ କରୁଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଘୁଟୁରୁ ହୁଡି ରେ ଥିବା ଏକର ଏକର ଗୋଚର ଜମିରେ ଗଛ କଟାଯାଇ ମୌଖିକରେ ବିକ୍ରି ଚାଲିଛି। କେନ୍ଦୁଝର ସହର ରେ ଜମି ଦର ଅଧିକ ରହୁଥିବାରୁ ଏହାର ସୁଯୋଗ ନେଇ ସ୍ଥାନୀୟ କିଛି ଜମି ମାଫିଆ ଭବିଷ୍ୟତରେ ପଟ୍ଟା ହେବ ବୋଲି ପ୍ରଲୋଭିତ କରି ମୂଲ୍ୟବାନ ସରକାରୀ ଜମିକୁ ମୌଖିକ ଭାବେ ଡିସିମିଲ ପ୍ରତି ୧ ଲକ୍ଷ ଟଙ୍କା ଦରରେ ବିକ୍ରୀ କରୁଛନ୍ତି। ଏହାର ତଦନ୍ତ କରି ଜମି ମାଫିଆଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମି ଦିନର ସରକାରୀ ଜମି ପରିମାଣ କମିଯିବ।



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତ କାକୁଡିହା ଗ୍ରାମରେ ନୂତନ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ଦାତାରାମ ମହାନ୍ତ ହୋଇଥିବା ବେଳେ ତାଙ୍କର ତଥା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଧୁମଧାମରେ ହରିନାମ ସଂକୀର୍ତ୍ତନ ମଧ୍ୟରେ ହେବ ବୋଲି ସୂଚନା ମିଳିଛି । ତେବେ ସୋମବାର ପ୍ରଥମ ଦିବସରେ ଜମ୍ବିରା ନଦୀର ଶିଳଦା ଘାଟରୁ ଘଟ ଉତ୍ତୋଳନ ହୋଇଥିବା ବେଳେ ଦୁଇଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇ ମନ୍ଦିର ନିକଟକୁ ଆସି ଘଟ ସ୍ଥାପନ କରିଥିଲେ । ଏହାପରେ ଦିନ ତମାମ ଯଜ୍ଞ କରାଯାଇଥିଲା ଏବଂ ତିନିଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ସେହିପରି ସଂକୀର୍ତ୍ତନ ମଣ୍ଡଳୀ ଓ ଭଜନ ସମାରୋହ ହେବା ଦ୍ୱାରା କାକୁଡିହା ସହିତ ଆଖପାଖ ଗ୍ରାମରେ ଭକ୍ତିଭାବମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି । ତେବେ ଆଜି ଦିନ ତମାମ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ।

# ଶୋକସଭାରୁ ଆରମ୍ଭ ହେଲା ଉତ୍ତର ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ବାରଙ୍ଗ(ଭାସ୍କର ନ୍ୟୁଜ): ଆମ ସମାଜରେ ଉତ୍ସବର ସର୍ବଦା ଆବଶ୍ୟକତା ରହିଛି। ଉତ୍ସବ ଉତ୍ସାହ ଯୋଗାଇବା ସହ ନିଜ ସାମର୍ଥ୍ୟଙ୍କୁ ଆବିଷ୍କାର କରିଥାଏ ଓ ଏକାଠି ହେବାର ସୁଯୋଗ ସୃଷ୍ଟି କରେ ବୋଲି କହିଛନ୍ତି ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭୁବନେଶ୍ୱର ଉତ୍ତର ମହୋତ୍ସବ କମିଟି ପକ୍ଷରୁ ଚନ୍ଦ୍ରଶେଖପୁର ଆରଟିଓ ପ୍ରଶିକ୍ଷଣ କାର୍ଯ୍ୟାଳୟ ସମ୍ମୁଖ କ୍ଲବ ଟାଉନ୍ ପଡିଆରେ ଆୟୋଜିତ ପ୍ରଥମ କରି ଭୁବନେଶ୍ୱର ଉତ୍ତର ମହୋତ୍ସବ ସୋମବାର ଥିଲା ଚତୁର୍ଥ ଦିବସ।ଏହି ସମାରୋହରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଲେ ଗଣତନ୍ତ୍ର ରେ ଏକାଠି ହେବା ଗୁରୁତ୍ୱପୂର୍ଣ୍ଣ। ମହୋତ୍ସବର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଲୋକମାନଙ୍କୁ ଓଡିଆ ଅସ୍ମିତା ମାହାର୍ଘ୍ୟ ସମ୍ମେଳନ ଜରିଆରେ ଲୋକଙ୍କୁ ଏକାଠି କରି ନାଗରିକ ସମାଜରେ ପ୍ରକୃତ ଦାୟିତ୍ୱ ନିର୍ବାହ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଭୁବନେଶ୍ୱର ସାଂସଦ ଡ. ପ୍ରସନ୍ନ କୁମାର ପାଟସାହାଣୀ, ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ପ୍ରମୁଖ ଯୋଗଦେଇ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ନୂଆ ଧାରା ସୃଷ୍ଟି କରିବ ବୋଲି କହିଥିଲେ। ସଭା ପ୍ରାରମ୍ଭରୁ ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଦେହାନ୍ତରେ କମିଟି ତରଫରୁ ଅତିଥି ଓ ଦର୍ଶକମାନେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହୋତ୍ସବ କମିଟି ସଭାପତି କୁନାଲ ରାଉତ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ଧନ୍ୟ ଦେଇଥିଲେ। ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକଙ୍କୁ ବାନ୍ଧି ରଖି ପାରିଛି।ବିଶେଷକରି ମହୋତ୍ସବରେ ବଲିଉଡର ତାରକା ଗୀତିକାର ଇରା ମହାନ୍ତିଙ୍କ ଯାଦୁଗରୀ ସ୍ୱର ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକଙ୍କୁ ରାତି ୧୦ଟା ପର୍ଯ୍ୟନ୍ତ ବେଶ୍ ବାନ୍ଧି ରଖିଥିଲା। ରାଜଧାନୀର ବିଭିନ୍ନ କୋଣ ଅଣକୋଣରୁ ସନ୍ଧ୍ୟା ହେଲେ ସାଢେ ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମହୋତ୍ସବକୁ ବୁଲିବାକୁ ଆସିବା ସହ ମୀନା ବଜାରରେ ଭଳିକି ଭଳି ଘର କରଣା ସାମଗ୍ରୀ କ୍ରୟ କରିବା ଦେଖିବାକୁ ମିଳିଛି।ଅପରପକ୍ଷରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବାସୀ ରାତି ୧୦ଟା ପର୍ଯ୍ୟନ୍ତ ମିନା ବଜାର ବୁଲିବା ସହ ଭଳିକି ଭଳି ଦୋଳିରେ ଖେଳିବା ସାଙ୍ଗକୁ ଖାଦ୍ୟ ପେୟର ବେଶ୍ ମଜ୍ଜା ଉଠାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ କ୍ଷେତରେ ଉଲ୍ଲେଖନୀୟ ଅବଦାନ କରିଥିବା ବରିଷ୍ଠ ଆଇନଜିବୀ ମଧୁମାଧବ ଜେନା, କର୍ପୋରେଟର ଯଶୋଧାରା ପ୍ରଧାନ, ଯୁବନେତା ନିର୍ମଳ ଚନ୍ଦ୍ର ପଣ୍ଡା, ଅଭିଶେକ ଆଚାର୍ଯ୍ୟ ସମେତ ବିଜେପି ମଣ୍ଡଳ ସଭାପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆକ୍ସନ୍ ମୋଡ଼ରେ ମାଲକାନଗିରି ବିଧାୟକ

# ପଦ୍ମଗିରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟକୁ ଅଚାନକ ଗସ୍ତ



ମାଲକାନଗିରି(ଭାସ୍କର ନ୍ୟୁଜ): ସୋମବାର ମାଲକାନଗିରି ବିଧାୟକ ପଦ୍ମଗିରି ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ବିଦ୍ୟାଳୟକୁ ଅଚାନକ ଗସ୍ତ କରିଛନ୍ତି । ଗସ୍ତ ସମୟରେ ସାଙ୍ଗରେ ଥିଲେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଓ ବିଧାୟକ ପ୍ରତିନିଧି ସତ୍ୟ ସରଣ ପାଲ । ଦିନ ୨ଟାରେ ସ୍କୁଲ ପରିସର ମଧ୍ୟରେ ପହଁଚିଲା ବେଳକୁ ପ୍ରଥମେ ପ୍ରତିଟି ଶ୍ରେଣୀ ଗୃହ ବୁଲିବା ସହ ଶ୍ରେଣୀ ଉପସ୍ଥାନ ଦେଖିଥିଲେ । ଉପସ୍ଥାନ ଓ ଛାତ୍ରଛାତ୍ରୀଙ୍କ ମେଳ ଖାଉନଥିବା ବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ନିଜେ ବିଧାୟକ ପାଠ ପଢ଼ାଇଥିଲେ । ଉପସ୍ଥାନ ଓ ଛାତ୍ରଛାତ୍ରୀଙ୍କ କାହିଁକି ମେଳନାହିଁ

**◆ ଅବ୍ୟବସ୍ଥା ଦେଖି ଖପ୍ପା**
**◆ ସ୍ଥିତି ନ ସୁଧାରିଲେ ବଡ କାର୍ଯ୍ୟାନୁଷ୍ଠାନ**

ବୋଲି ସ୍ଥାନୀୟ ପ୍ରଧାମ ଶିକ୍ଷକ ଲକ୍ଷ୍ମଣ ପଟଶାଣୀଙ୍କୁ ତାଗିତ କରିଥିଲେ ବିଧାୟକ । ପରେ ବିଦ୍ୟାଳୟରେ ଥିବା ଛାତ୍ରାବାସ ବୁଲି ଦେଖିଥିଲେ ବିଧାୟକ । ଛାତ୍ରାବାସର କୌଣସି ଶୌଚାଳୟ ସଫା ହେଉନାହିଁ ଓ ଅପ୍ରୀତିକର ପରିବେଶରେ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେବ ଆଉ ଯଥାଶୀଘ୍ର ପରିସ୍ଥିତି ରେ ସୁଧାର ଆଣିବାକୁ କହିଥିଲେ ବିଧାୟକ ନରସିଂହ । ପରେ ଛାତ୍ରଛାତ୍ରୀଙ୍କ ପାଇଁ ଭୋଜନ ବିଷୟରେ ତର୍ଜମା କରିଛନ୍ତି ବିଧାୟକ । ଛାତ୍ରଛାତ୍ରୀଙ୍କ ଭୋଜନ ପାଇଁ ଆସୁଥିବା ସାମଗ୍ରୀ ଚାଉଳ, ପନିପରିବା ଓ ସମସ୍ତ ସାମଗ୍ରୀର ମାନ ଦେଖିଥିଲେ ବିଧାୟକ । ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଚାଉଳରେ ବ୍ୟାପକ ପରିମାଣର ଅନିୟମିତତା ହୋଇଥିବା ପ୍ରମାଣ ପାଇଥିଲେ ଏବଂ ଗୋଦାମରେ ସଂଗୃହିତ ଚାଉଳ ଓ ରେକର୍ଡ ତାଳମେଳ ଖାଉ ନଥିବାରୁ ଖପ୍ପା ହୋଇଛନ୍ତି ବିଧାୟକ । ବିଦ୍ୟାଳୟର ପରିବେଶ ସୁଧାରିବା ପାଇଁ ଅଧିକାରୀଙ୍କୁ ନିର୍ଦେଶ ଦେବା ସହ ଭାଙ୍ଗିଯାଇଥିବା ସୁରକ୍ଷା ପାଚେରୀ ଓ ଅନ୍ୟନ କୋଠରୀର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ କହିଛନ୍ତି । ଏହାସହ ଅତିରିକ୍ତ ଜିଲ୍ଲାପାଳ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପଟଶାଣୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ପୁରୀରେ ଟ୍ରକ୍ ପରିବହନ ସେବା ବନ୍ଦ

ପୁରୀ(ଭାସ୍କର ନ୍ୟୁଜ) : ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ହେବ ଟ୍ରକ ପରିବହନ ସେବା ବନ୍ଦ ରହିଛି। ଟ୍ରକ ମାଲିକ ମାନେ ଧର୍ମଘଟ କରିଛନ୍ତି। ଏଥିପାଇଁ ସିଧାସଳଖ ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ଦାୟୀ କରିଛି ସଂଘ।ସଂଘ ଗୁରୁତର ଅଭିଯୋଗ ଆଣିଛି ଯେ ଟ୍ରକ ମାଲିକଙ୍କ ଠାରୁ ରୟାଲଟି ଆଦାୟ ନ ହୋଇ ରାଜସ୍ୱ ସିଧାସଳଖ କିଛି ଅଧିକାରୀଙ୍କ ପାଖକୁ ଯାଉଛି। ଟ୍ରକ ମାଲିକ ମାନେ ରୟାଲଟି ଦେବା ପାଇଁ ପ୍ରସ୍ତୁତ ଥିବାବେଳେ ସେମାନଙ୍କ ଠାରୁ ରାଜ୍ୟ ସରକାର ରୟାଲଟି ନ ନେଇ ଟ୍ରାନଜିଟ ପାସ ଦେଉ ନାହାନ୍ତି। ମେଜର ମାଇନ୍ସ ଏହି ନିୟମ ନଥିବା ବେଳେ ମାଇନର ମାଇନ୍ସ ପାଇଁ ଏଭଳି ବ୍ୟବସ୍ଥା କଣ ପାଇଁ ବୋଲି ପ୍ରଶ୍ନ କରିଛି ଟ୍ରକ ମାଲିକ ସଂଘ। ରୟାଲଟି ନ ନେଇ ଟ୍ରାନଜିଟ ପାସ ଦେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଅନୁସାରେ ବାଟରେ ଗାଡି ଅଟକାଇ ୪ ଲକ୍ଷ ଫାଇନ ମଗାଯାଉଛି। ଏହାର ମୂଳଚାଳ କରି ପୋଲିସ ଓ ଖଣି ଅଧିକାରୀ ମାନେ ବଟି ଆଦାୟ କରୁଥିବାର ସାଙ୍ଘାତିକ ଅଭିଯୋଗ କରିଛନ୍ତି ଟ୍ରକ ମାଲିକ ସଂଘ। ଶ୍ରୀକ୍ଷେତ୍ର ଟ୍ରକ ମାଲିକ ସଂଘ ସହ ମିଳିତ ଟ୍ରକ ମାଲିକ ସଂଘ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟ ବ୍ୟାପୀ ଟ୍ରକ ଧର୍ମଘଟ କରଯାଇଛି। ଫଳରେ ଟ୍ରକ ପରିବହନ ସେବା ଠପ ହୋଇଯିବା ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ଓ ରାଜ୍ୟ ସରକାରଙ୍କ ବଡ଼ ବଡ଼ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ଏ ଯାଏଁ ଆଲୋଚନା ପାଇଁ ଡାକି ନାହାନ୍ତି କି ସମାଧାନର ବାଟ ବାହାର କରି ନାହାନ୍ତି। ରାଜ୍ୟ ସରକାର ଆଲୋଚନା ପାଇଁ ଡାକି ସମାଧାନର ବାଟ ବାହାର ନକରିବା ଯାଏଁ ଟ୍ରକ ଧର୍ମଘଟ ଜାରୀ ରହିବ ବୋଲି ଭୁବନେଶ୍ୱରରେ ଆୟୋଜିତ ମିଳିତ ଟ୍ରକ ମାଲିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

## ସଂଘବଦ୍ଧ ଆକ୍ରମଣରେ ଯୁବକ ପଙ୍ଗୁ

# ୫ ଦୋଷୀଙ୍କୁ ୫ବର୍ଷ ଲେଖାଏଁ ଜେଲ୍ ଦଣ୍ଡ

ଧର୍ମଗଡ(ଭାସ୍କର ନ୍ୟୁଜ): ୨୦୨୧ ମସିହାରେ ଧର୍ମଗଡ଼ ଥାନା ଅନ୍ତର୍ଗତ ସନ୍ଧି କୁଲିହାରୀ ଗ୍ରାମର ୧୯ ବର୍ଷୀୟ ଯୁବକ ବୌଦ୍ଧ ବାଗ ମୋଟରସାଇକେଲ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ରାସ୍ତା କଡରେ ଠିଆ ହୋଇଥିବା ସେହି ଗ୍ରାମର ଉମେଶ ନାଗଙ୍କ ହାତରେ ମୋଟର ସାଇକେଲ ହ୍ୟାଣ୍ଡେଲ ଧକ୍କା ହେବାରୁ ସେ ଉତ୍ୟକ୍ତ ହୋଇ ବୌଦ୍ଧ ବାଗଙ୍କୁ ଗାଳି ଗୁଲଜ କରିବା ସହ ମାରପିଟ କରିଥିଲେ । ଅନତି ଦୂରରେ ଠିଆ ହୋଇଥିବା ତାଙ୍କ ଭାଇ ଜିତେନ୍ଦ୍ର ଓ ପରିବାରର ଅନ୍ୟ ତିନିଜଣ ମହିଳା ସଦସ୍ୟା ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ପୀଡିତକୁ ମୋଟର ସାଇକେଲରୁ ଟାଣି ଆଣି ତଳେ ପକାଇ ଲାତ ଗୋଇଠା ମାରିବା ଦ୍ୱାରା ସେ ଅଚେତ ହୋଇ ପଡିଥିଲା । ସମ୍ପର୍କୀୟମାନେ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ ହେଁ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପୀଡିତର ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ଶରୀରର ନିମ୍ନ ଭାଗ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ଡାକ୍ତର ସ୍ପଷ୍ଟ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ବେସରକାରୀ ଡାକ୍ତରଖାନାରେ ତାର ବିଭିନ୍ନ ଅସ୍ତ୍ରୋପଚାର କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନଥିଲା । ଘଟଣା ପରଠାରୁ ପୀଡିତ ବୌଦ୍ଧ ବାଗ ଅସହାୟ ଅବସ୍ଥାରେ ଅଚଳ ଭାବେ ଏକ ଖଟିଆରେ ପଡି ରହିବା ସହ ପରିବାର ସଦସ୍ୟ ତାର ଯାବତୀୟ ନିତ୍ୟକର୍ମ ଉକ୍ତ ଖଟ ଉପରେ ସମ୍ପାଦନ କରୁଛନ୍ତି । ଏନେଇ ପୀଡିତର ବାପା ଧର୍ମଗଡ଼ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ । ଧର୍ମଗଡ଼ ପୋଲିସ ଏହାର ତଦନ୍ତ କରି ଥାନା କେଶ ନମ୍ବର ୪୬/୨୦୨୧ ବଳରେ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୪୧/୨୯୪/୩୨୫/୩୦୭ ଓ ୩୪ ଲାଗୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ଓ ଅନ୍ୟତିନି ମହିଳା ଅଭିଯୁକ୍ତ ଜାମିନ ପାଇଁ ଓଡିଶା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଧର୍ମଗଡ଼ ସହାୟକ ଦୌରା ଜଜ୍ଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ଓ ବିଚାର ନିମନ୍ତେ ଚାଲିଥିଲା । ପୀଡିତ ସମ୍ପୂର୍ଣ୍ଣ ଅଚଳାବସ୍ଥାରେ ଶଯ୍ୟାରେ ମୃତବତ୍ ପଡି ରହୁଥିବା ଯୋଗୁ ସାକ୍ଷ୍ୟ ପ୍ରଦାନ ପାଇଁ ଅଦାଳତ ଆସିବାକୁ ଅକ୍ଷମ ହୋଇ ଥିଲେକ୍ଷ ପ୍ରଥମଥର ପାଇଁ ମାନ୍ୟବର ଅଦାଳତ ପୀଡିତର ବାସଗୃହରୁ ଭିଡିଓ କନଫରେନ୍ସ ମାଧ୍ୟମରେ ପୀଡ଼ିତର ବୟାନ ରେକର୍ଡ କରିଥିଲେ। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସାକ୍ଷୀ ମାନଙ୍କ ବୟାନ ଓ ମାମଲାର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଧର୍ମଗଡ଼ ସହାୟକ ଦୌରା ଜଜ୍ ଇପ୍ସି ମହାନ୍ତି ଆଜି ମାମଲାର ଚୂଡାନ୍ତ ଶୁଣାଣି କରି ଅଭିଯୁକ୍ତ ଉମେଶ ନାଗ, ଜିତେନ୍ଦ୍ର ନାଗ ଓ ତିନିଜଣ ମହିଳା ଅଭିଯୁକ୍ତଙ୍କୁ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୨୫ ବଳରେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡ ସହ କୋଡିଏ ହଜାର ଟଙ୍କା ଜୋରିମାନା ପାଇଁ ରାୟ ପ୍ରଦାନ କରିଛନ୍ତି । ପୀଡିତଙ୍କ ଚିକିତ୍ସା ପାଇଁ ପରିବାର ସର୍ବସ୍ୱାନ୍ତ ହୋଇ ସାରିଥିବା ବେଳେ ଘଟଣାରେ ପୀଡିତ ଜୀବନ ବ୍ୟାପି ପଙ୍ଗୁ ହୋଇଯାଇଥିବା ଓ ଆରୋଗ୍ୟର କୌଣସି ଆଶା ନଥିବା ତଥ୍ୟକୁ ବିଚାରକୁ ନେଇ ମାନ୍ୟବର ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜରିଆରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁପାରିସ କରିଛନ୍ତିକ୍ଷ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ମାମଲା ପରିଚାଳନା କରିଥିଲେ।

## ମାଓବାଦୀର ଆତ୍ମସମର୍ପଣ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଜଣେ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛି। ସୂଚନା ଅନୁଯାୟୀ ସୁକମା ଏସପିଙ୍କ କାର୍ଯ୍ୟାଳୟରେ ମାଓ ସଙ୍ଗଠନର ତୁଲେଡ୍ ଆରପିସି କମିଟି ସଦସ୍ୟ ଆଜି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀ ମାଓବାଦୀର ନାମ ପାଣ୍ଡୁ ମାଡକାମ ହୋଇଥିବା ବେଳେ ସେ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ମାଓ ସଂଗଠନ ନିଜର ନୀତି ଆଦର୍ଶ ହରାଉଥିବା ବେଳେ ସାଧାରଣ ଜନତାଙ୍କୁ ନିଜର ଟାର୍ଗେଟ କରୁଥିବାରୁ ସେ ସାଧାରଣ ଜୀବନ ଜାପାନ କରିବା ପାଇଏନ ନିଷ୍ପତି ନେଇ ଆତ୍ମସମର୍ପଣ କରିଥିବା ଜଣା ପଡିଛି। ତାଙ୍କର ଆତ୍ମସମର୍ପଣ ବେଳେ ସୁକୁମ ଏସ୍ପିଙ୍କ ସହ ସିଆରପିଏଫର ଇନ୍ସପେକ୍ଟର ସୁଜିତ କୁମାର ମଧ୍ୟ ଉପସ୍ଥିତ ଥିଲେ। ନକ୍ସଲବାଦ ବିଲୋପ ଏବଂ ପୁନର୍ବାସ ନୀତି ଅଧୀନରେ ତାଙ୍କୁ ସମସ୍ତ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୮୧ ଗୋଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୧୬୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଓ ୨୦ ଗୋଟି ଗ୍ରାମ୍ୟ ସମ୍ପର୍କରେ ଆବେଦନ ମିଳିଥିଲା। ଅଭିଯୋଗଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଅସ୍ତରଙ୍ଗ ବିଡ଼ିଓ, ତହସିଲଦାର, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

## ଅଭିଯୋଗର ୪ ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର କଲା ପୋଲିସ

ବାରିପଦା(ଭାସ୍କର ନ୍ୟୁଜ): ଜନୈକା ନାବାଳିକା ଅପହରଣ କରାଯାଇଥିବା ନେଇ ନାବାଳିକାଙ୍କ ପରିବାର ଲୋକେ ମୋରଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତିକରି ମୋରଡା ଥାନାରେ ୩୪୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ମୋରଡ଼ା ଥାନା ପୋଲିସ ।ମୋରଡା ପୋଲିସ ଉକ୍ତ ଘଟଣାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲା । ମାତ୍ର ଅଭିଯୋଗର ଚାରି ଘଣ୍ଟା ମଧ୍ୟରେ ଅପହରଣ ହୋଇଥିବା ନାବାଳିକାକୁ ପଶ୍ଚିମବଙ୍ଗର ଦାନ୍ତୁଣ ଥାନା ଅଞ୍ଚଳରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା ମୋରଡା ପୋଲିସ । ସୂଚନାଯୋଗ୍ୟ ଯେ ଏହି ଥାନା ଅଞ୍ଚଳର ଜନୈକା ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଜନୈକ ଯୁବକ ଅପହରଣ କରିଥିବାର ନାବାଳିକାଙ୍କ ପରିବାର ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଉଦ୍ଧାର ନାବାଳିକାଙ୍କୁ ତାଙ୍କ ମାଆଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ତେବେ ପୋଲିସର ତୁରନ୍ତ ପଦକ୍ଷେପ ଯୋଗୁଁ ଅପହୃତା ନାବାଳିକାକୁ ଅପହରଣକାରୀଙ୍କ କବଳରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବାରୁ ମୋରଡା ଥାନା ପୋଲିସକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

### କଟକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

## ଅଭିଯୋଗର ତ୍ୱରିତ ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ



କଟକ (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷଠାରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ କମିଶନରେଟ ପୋଲିସ ପ୍ରତୀକ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଜିର ଜନଅଭିଯୋଗ ଶୁଣାଣିରେ ସମୁଦାୟ ୪୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬ଗୋଟି ସାମୁହିକ ଅଭିଯୋଗ ରହିଛି। ଅଭିଯୋଗ ଶୁଣାଣି ଶିବିରରେ ୧୧ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଶିବିରରେ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ନିମନ୍ତେ ୩ଟି ଅଭିଯୋଗ ଗ୍ରହଣ କରାଯାଇଛି। ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ।

## ଗର୍ତ୍ତ ସୃଷ୍ଟି ବିଭାଗରେ ପରିଣତ ପୂର୍ତ୍ତ ବିଭାଗ



ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଅଧିକାଂଶ ପୂର୍ତ୍ତ ବିଭାଗ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଆସିକାରୁ ଭଞ୍ଜନଗର ଯିବା ରାସ୍ତାରେ ଭୂତ ବି ଯିବାକୁ ଭୟ କରିବା ଭଳି ପରିସ୍ଥିତି ହୋଇଛି। ଆସିକା ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି ଓ କେ-ଟୁ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଥିବା ମିଥ୍ୟା ବିଲ କରିଥିବା ଆଲୋଚନା ହେଉଛି। ଏନେଇ କନିଷ୍ଠ ଯନ୍ତ୍ରୀଙ୍କୁ କେ-ଟୁ, କଥା ପଚାରିଲେ ବାବୁଙ୍କ ଫୋନ ୱାନ ସାଇଡ ହୋଇଯାଉଛି। ଆସିକା, କବିସୂର୍ଯ୍ୟନଗର ଓ ଭଞ୍ଜନଗରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଆସିକା ମିନି ଷ୍ଟାଡିୟମ, ଇଣ୍ଡୋର ଷ୍ଟାଡିୟମ, ଉପଖଣ୍ଡ ଚିକିତ୍ସାଳୟରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ବିଭିନ୍ନ ଗଣମାଧ୍ୟମ ରେ ପୂର୍ବରୁ ପ୍ରକାଶ ହେବାର ନଜିର ରହିଛି। ଦୁର୍ନୀତି ସମ୍ପର୍କରେ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଆସି ତଦନ୍ତ କରି ଗଲେବି କୌଣସି ଘଟଣାର ପର୍ଦ୍ଦାଫାଶ ହେଉନାହିଁ। ସରକାରଙ୍କ ଦରମା ନେଇ ଅଧିକାଂଶ ବାବୁ ମାନେ କାର୍ଯ୍ୟାଳୟ କୁ ନଆସି ସାଇଟ କୁ ଯାଇଥିବା ଦର୍ଶାଯାଉଛି। ଯଦି ବାବୁମାନେ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି ତାହାହେଲେ କେଉଁଠି ସ୍ୱଳ୍ପ ସମୟ ମଧ୍ୟରେ ପିଚୁ ଉଠିଯିବା ସହ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି କେମିତି ହେଉଛି। ଗଞ୍ଜାମ ଜିଲ୍ଲାକୁ ବାବୁମାନେ ଥରେ ଆସିଲେ ଏଠାକାର ପାଣି ପବନ ସହ ଖାପ ଖୁଆଇ କିଛିବର୍ଷ ମଧ୍ୟରେ ଜଣେ ଜଣେ କୁବେର ପାଲଟି ଭିଜିଲାନ୍ସ ହାତରେ ଧରାପଡ଼ିବା ନଜିର ରହିଛି। ଲୋକେ କହିଲେଣି ପୂର୍ତ୍ତ ବିଭାଗ ନାଁ ଗର୍ତ୍ତ ସୃଷ୍ଟି କରିବା ବିଭାଗ ବୋଲି। ରାଜ୍ୟର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ହେଉଥିଲେ ବି ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଯୋଗୁଁ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି।

# କବିତା ସଂକଳନ 'ଏବଂ ଆଉଥରେ' ଉନ୍ମୋଚିତ



କେନ୍ଦୁଝର(ଭାସ୍କର ନ୍ୟୁଜ): ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟରେ ସଂସଦରେ ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଦ୍ୟ ଶିଶିର ସାହିତ୍ୟ ଆସରରେ କବୟିତ୍ରୀ ଇନ୍ଦୁମତି ପାତ୍ରଙ୍କ ତୃତୀୟ କବିତା ସଂକଳନ ଏବଂ ଆଉଥରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପ୍ରାରମ୍ଭରେ ସଂପାଦକ କବି ଡକ୍ଟର୍ ଚିତ୍ତ ରଞ୍ଜନ ମିଶ୍ର ଓଡ଼ିଆ କବିତାରେ ଶିଶିରର ପ୍ରଭାବ ଅପ୍ରତିହତ ବୋଲି ମତ ଦେଇଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁଧା ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅମୃତ ଆସ୍ପୃହା ହିଁ ଉତ୍ତର ଆଧୁନିକ କବିତାର ପ୍ରାଣ ବୋଲି ମତପୋଷଣ କରିଥିଲେ। ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ଅଭିଭାଷଣରେ କବିତାକୁ ମଣିଷପଣର ଜାଗ୍ରତ ପ୍ରହରୀ ବୋଲି ମତପ୍ରକାଶ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଶୁଭସ୍ମିତା ଦାଶ ଉନ୍ମୋଚିତ କବିତା ସଂକଳନର ପୁଂଖାନୁପୁଙ୍ଖ ଆଲୋଚନା କରିଥଲେ। କବୟିତ୍ରୀ ମନ୍ଦାକିନୀ କରଙ୍କ ସଂଯୋଜନାରେ ଗୀତା ଦାଶ, ମମତା ରାଣୀ ଦାସ, ମିନତୀ ମିଶ୍ର, ଡାକ୍ତର ଭାରତୀ ବେହେରା, ଶୋଭନା ଜେନା, ରିତାଞ୍ଜଳି ସାହୁ, ବୀଣାପାଣି ଜେନା, ପିନାକୀ ମିଶ୍ର, ସୁଜିତ୍ କୁମାର ମିଶ୍ର,ପ୍ରାଧ୍ୟାପକ ଜଗନ୍ନାଥ ଜେନା, ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ସନ୍ତୋଷିନୀ ଦାଶ(ଗିରି), ରାଜେଶ୍ୱରୀ ମିଶ୍ର, ବିରଞ୍ଚି ନାରାୟଣ ସାମନ୍ତରାୟ, ଭରତ ପାତ୍ର, ବେଣୁଧର ସାହୁ, ଅଧିକାରୀ ବାରିକ୍, ସୁଭଦ୍ରା ମହାନ୍ତ, ଶରତ କୁମାର ରାଉତ, ଧ୍ରୁବାନନ୍ଦ ରାଉତ, ଜିତେନ୍ଦ୍ର ପରିଡ଼ା, ଡକ୍ଟର୍ ବିପିନ୍ ବିହାରୀ ମହାପାତ୍ର, ରଙ୍ଗାଧର ବେହେରା, ପ୍ରତାପ କର୍ମକାର ପ୍ରମୁଖ ଅର୍ଦ୍ଧଶତାଧିକ କବି କବିତା ଆବୃତ୍ତି କରିଥିଲେ। ସାଂସ୍କୃତିକ ସଂପାଦିକା ସନ୍ତୋଷିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




ଜଗତସିଂହପୁର(ଭାସ୍କର ନ୍ୟୁଜ): କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ଖସଡ଼ା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଟାରୀ କଲିକତାର ପ୍ରଧାନ ବୈଜ୍ଞାନିକ ଡ଼ କଲ୍ୟାଣ ସୁନ୍ଦର ଦାସ ଓ ଆଂଚଳିକ କୃଷି ଗବେଷଣା କେନ୍ଦ୍ରର ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଆଭାସୀ ମାଧ୍ୟମରେ ଯୋଗଦାନ କରିଥିଲେ। ଏଥିରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡଃ.ଶ୍ୟାମ ସୁନ୍ଦର ଦାସ ମହାପାତ୍ର, ଜିଲ୍ଲା କୃଷି ବିଭାଗର ଉପମୁଖ୍ୟ ନିର୍ଦ୍ଦେଶକ ସମଲେଇ ପରିଡ଼ା, ଉଦ୍ୟାନ ବିଭାଗ ଜଗତସିଂହପୁରର ଉପନିର୍ଦ୍ଦେଶକ ଅନୀଲ ସେଠୀ, ପଶୁଚିକିତ୍ସକ ତିର୍ତ୍ତୋଲ ଡ଼ ନମସ୍ୟା ପ୍ରିୟଦର୍ଶିନୀ, ମତ୍ସ୍ୟ ଅଧିକାରୀ ତିର୍ତ୍ତୋଲ ଗୋବିନ୍ଦ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ ପ୍ରମୁଖ ଓ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର କଟକ ଓ କେନ୍ଦ୍ରାପଡ଼ା ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ । ଏହି ଜିଲ୍ଲାର ଚାରି ଜଣ ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ମତାମତ ରଖିଥିଲେ। ଏହି ଅବସରରେ ତ୍ରୟ ମାସିକ ସମାଚାର ପତ୍ରିକା, କୃଷିଶ୍ରୀ ସହିତ ଅନ୍ୟାନ୍ୟ ୫ ଗୋଟି ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା । ବୈଠକରେ ବନ୍ୟା ସହଣୀ ଧାନ କିସମ, ଲୁଣା ଧାନ କିସମ, ଲବଣତ୍ୱ ମୃତ୍ତିକା ପରିଚାଳନା, ନଡ଼ିଆ ଚୋପା ଛଡା ଯନ୍ତ୍ର, ଗୁଣ୍ଡୁରି ଚଢ଼େଇ ଚାଷ, ପ୍ରାକୃତିକ କୃଷି, ଛତୁର ବିକ୍ରିବଟା, ନଡ଼ିଆ ଓ ଗୁଆର ରୋଗ ପୋକ ପରିଚଳନା, ମାଣ୍ଡିଆ ଚାଷର ସମ୍ପ୍ରସାରଣ ଆଦି ବିଷୟରେ ଆଲୋଚନା ହୋଇଥିଲ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ବୈଠକ ରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ବାରମାଣିଆସ୍ଥିତ କଦମ୍ବମୂଳ କାର୍ତ୍ତିକେଶ୍ୱର ପୂଜା କମିଟିର ୪୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଓ୍ୱାର୍ଡ ସଭ୍ୟ ଅଭୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ମୁଖ୍ୟ ବକ୍ତାଭାବେ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଫାଲଗୁନି ପ୍ରସାଦ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗଦାନ କରି ଓଡିଆ ସାହିତ୍ୟ ସଂସ୍କୃତି ଐତିହ୍ୟ ଓ ପରମ୍ପରା ଉପରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମହିଳା ଓ ଛାତ୍ରଛାତ୍ରୀ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ସଫଳ କରାଇବାରେ କ୍ଲବର ସମସ୍ତ କାର୍ଯ୍ୟକର୍ତା ଓ ସଭ୍ୟସଭ୍ୟାମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଡ୍ରେନ୍‌ରୁ ମଇଁଷି ଉଦ୍ଧାର କଲା ଅଗ୍ନିଶ୍ରମ ବାହିନୀ



ବାରଙ୍ଗ (ଭାସ୍କର ନ୍ୟୁଜ୍) : ବାରଙ୍ଗ ବ୍ଲକ ଅନ୍ତର୍ଗତ ସିଆଇଏସଏଫ ନିକଟ ବାଙ୍କୀ ମୁଖ୍ୟ ରାସ୍ତା କଡ ଡ୍ରେନରୁ ବାରଙ୍ଗ ଅଗ୍ନିଶ୍ରମ ବାହିନୀ ଏକ ମଇଁଷିକୁ ଉଦ୍ଧାର କରିଛି। ରବିବାର ରାତି ସାଢେ ୧୦ଟାରେ ରାସ୍ତା କଡ଼ରେ ଥିବା ଡ୍ରେନ୍‌କୁ ଏକ ମଇଁଷି ଖସିପଡିଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ବାହୀନି ପହଞ୍ଚି ମଇଁଷିକୁ ସୁରକ୍ଷିତ ଉଦ୍ଧାର କରିଛି। ଡ୍ରେନ୍ ଉପରେ ସ୍ଲାବ ନଥିବାରୁ ରାତିରେ ମଇଁଷିଟି ଉକ୍ତ ଗର୍ତ୍ତ ମଧ୍ୟକୁ ଖସି ପଡିଥିଲା। ଏଠାରେ ସୂଚନା ରାସ୍ତା ଡ୍ରେନର ବହୁ ସ୍ଥାନରେ ସ୍ଲାବ ଉଭାନ୍ ହୋଇଗଲାଣି। କିଛି କିଛି ସ୍ଥାନରେ ଭାଙ୍ଗିରୁଜି ଯାଇଥିବା ସ୍ଲାବ ନାମକୁ ମାତ୍ର ରହିଛି। ଡ୍ରେନରେ ଥିବା ଭଙ୍ଗା ସ୍ଲାବ ବିପଦର ସୃଷ୍ଟି କରୁଥିବାବେଳେ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜଗଦ୍ଧାତ୍ରୀମେଳାର ଷଷ୍ଠ ସନ୍ଧ୍ୟା
## ସୋଲୋ ସିନିୟର ଓ ଡୁଏଟ ଡ୍ୟାନ୍ସରେ ଦୁଲୁକିଲା ମଞ୍ଚ



ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଷଷ୍ଠ ସନ୍ଧ୍ୟାରେ ସିନିୟର ସୋଲୋ ଓ ଡୁଏଟ ଡ୍ୟାନ୍ସ ପ୍ରତିଯୋଗୀତା ମଞ୍ଚକୁ ଦୁଲୁକୁବା ସହ ଦର୍ଶକଙ୍କୁ ନଚେଇଲା ଓ ବିଚାରକ ଭାବେ ଜାତୀୟ ସ୍ତରୀୟ ନୃତ୍ୟ ନିର୍ଦ୍ଦେଶକ ଅନିଲ ସାଗର, ରିଚା ବାରିକ ଓ ମେଘା ସାହା ଯୋଗଦେବା ସହ ନିଜର ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି ପ୍ରତିଯୋଗିତାରେ ୮୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ବୋଲି ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ସୋମନାଥ ସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସ୍ନେହାଶ୍ରୀ ସାଲୋନୀ ସିଂହ, ଆଞ୍ଚଳ ପଣ୍ଡା ଓ ଅଭିଲିପ୍ସା ଦାସ ମଞ୍ଚ ପରିଚାଳନା କରିଥିଲେ। ଆସନ୍ତାକାଲି ଟେପ ଦି ଫିଟ ଡ୍ୟାନ୍ସ ଏକାଡେମୀ, ଶାନ୍ତି ଡ୍ୟାନ୍ସ ଗ୍ରୁପ ଓ ମାରିସାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି।

## ସମାଜସେବୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ସୋମବାର ସକାଳେ ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ଓଥକା ଗ୍ରାମର ବିଶିଷ୍ଟ ସମାଜସେବୀ କୁଞ୍ଜ ବିହାରୀ ମହାପାତ୍ରଙ୍କର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ଶ୍ରୀ ମହାପାତ୍ର ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ଘରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ୍ନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରଶାନ୍ତ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା,ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଆଇନଜୀବୀ ଅଶୋକ କୁମାର ମହାପାତ୍ର, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ସମ୍ପାଦକ ପ୍ରମୋଦ କୁମାର ନାୟକ, ପୂର୍ବତନ ସରପଂଚ କ୍ଷୀରୋଦ କୁମାର ପଣ୍ଡା,ରବିନ୍ଦ୍ର ନାଥ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ରଘୁନାଥ ପଣ୍ଡା,ଉମାକାନ୍ତ ବିଶ୍ୱାଳ,ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିଛନ୍ତି।

## ଧିମା ନେଟ୍‌ଓ୍ୱର୍କ ଯୋଗୁଁ ଯୋଗାଯୋଗ ବ୍ୟାଘାତ

ପାରାଦୀପ (ଭାସ୍କର ନ୍ୟୁଜ୍) : ଅଧୁନା ସମାଜରେ ଯୋଗାଯୋଗ କ୍ଷେତ୍ରରେ ମୋବାଇଲ ବ୍ୟବହାର ଏକ ଅତ୍ୟାବଶକୀୟ ଏବଂ ଅପରିହାର୍ଯ୍ୟ ହୋଇପଡିଛି। ଲୋକମାନେ ମୋବାଇଲ ଉପରେ ପୁରା ନିର୍ଭରଶୀଳ ହୋଇପଡିଥିବା ବେଳେ କିଛି ଦିନ ହେବ ବିଭିନ୍ନ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥା ମାନଙ୍କର ଧୀମା ନେଟଓ୍ୱର୍କ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ପାରାଦୀପ ରେ ସାଧାରଣରେ ଯୋଗାଯୋଗ ଦୁର୍ବିସହ ହୋଇପଡିଛି। ବନ୍ଦର ଓ ଶିଳ୍ପ ଭିତ୍ତିକ ପାରାଦୀପ ସହରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଓ ବିଭାଗ ରହିଥିବା ବେଳେ ଧୀମା ନେଟଓ୍ୱର୍କ ଯୋଗୁଁ ସେମାନଙ୍କର କାର୍ଯ୍ୟରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ତେବେ ସାଧାରଣରେ ବହୁଳ ସଂଖ୍ୟାରେ ଜିଓ ଓ ଏଆରଟେଲ କମ୍ପାନୀର ନେଟଓ୍ୱର୍କ ସେବା ବ୍ୟବହାର କରୁଥିବା ବେଳେ ଦୀର୍ଘ ମାସ ହେବ ଏମାନଙ୍କ ଧୀମା ନେଟଓ୍ୱର୍କ ଯୋଗୁଁ ସାଧାରଣରେ ଯୋଗାଯୋଗରେ ବିଭ୍ରାଟ ସୃଷ୍ଟି ହେଉଛି। ସେହିପରି ବର୍ତମାନ ପାରାଦୀପ ବେଳାଭୂମି ବିଜୁ ମୈଦାନରେ ସପ୍ତାହ ବ୍ୟାପି ଚାଲିଥିବା କଳିଙ୍ଗ ବାଲିଯାତ୍ରାରେ ଦୁର୍ବଳ ନେଟଓ୍ୱର୍କ ଯୋଗୁଁ ବାଲିଯାତ୍ରା କୁ ଆସୁଥିବା ଲୋକମାନେ ସେଠାରେ ନିଜର ସମ୍ପର୍କୀୟ ମାନଙ୍କୁ ମୋବାଇଲରେ ଯୋଗାଯୋଗ କରିବା ମୁସ୍କିଲ ହୋଇପଡିଛି। ଏତଦବ୍ୟତୀତ ବାଲିଯାତ୍ରା ମହୋତ୍ସବର ଦୈନିକ ଖବର ସଂଗ୍ରହ ଓ ପ୍ରେରଣ ଏକ ପ୍ରକାର ଠପ ହୋଇଯାଇଛି। ସୂଚନାଥାଉକି ପ୍ରତିବର୍ଷ ବାଲିଯାତ୍ରା ସମୟରେ ଏହିପରି ନେଟଓ୍ୱର୍କ ସେବାରେ ବିଭ୍ରାଟ ହେଉଥିବା ଏବଂ ସେଠାରୁ ଖବର ପ୍ରେରଣ ରେ ବ୍ୟାଘାତ ସୃଷ୍ଟି କୁ ଦୃଷ୍ଟିରେ ରଖି ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏବାବଦରେ ଜିଓ, ବିଏସଏନଏଲ ଓ ଏଆରଟେଲ କମ୍ପାନୀର ଅଧିକାରୀ ମାନଙ୍କୁ ଏ ସମସ୍ୟା ସମାଧାନ କରିବାକୁ ମଧ୍ୟ ପ୍ରତିଶୃତି ଦେଇଥିଲେ। ଏତେ କଥା ଘଟିଲା ପରେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଏସବୁ କମ୍ପାନୀ ମାନେ ଗ୍ରାହକ ମାନଙ୍କ ଠାରୁ ନେଟଓ୍ୱର୍କ ସେବା ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ଦିନ ପାଇଁ ଅଗ୍ରିମ ଅର୍ଥ ନେଉଥିବା ବେଳେ ନେଟଓ୍ୱର୍କ ବିଭ୍ରାଟ ଯୋଗୁଁ ଗ୍ରାହକ ମାନେ ସମ୍ପୂର୍ଣ୍ଣ ସମୟର ସେବା ନପାଇ ପାରି ଆର୍ଥିକ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୁଏ। ତେବେ ଏକ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ ଏବାବଦରେ କ୍ଷତି ଭରଣା ପାଇଁ କିଛି ସମାଜସେବୀ ଆଇନ ର ଆଶ୍ରୟ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି।

## ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ମିଶନ ଶକ୍ତି' ମହିଳାଙ୍କ ଉତ୍ପାଦର ଚାହିଦା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଚାଲିଛି ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪। ଏହି ମେଳାରେ ଓଡ଼ିଶାର ମିଶନ ଶକ୍ତି ମହିଳାମାନଙ୍କ ହାତ ତିଆରି ବିଭିନ୍ନ ଉତ୍ପାଦର ବିଶେଷ ଚାହିଦା ରହିଛି। କନ୍ଧମାଳ ହଳଦୀ ସହିତ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିଣିବା ପାଇଁ 'ଓଡ଼ିଶା ମଣ୍ଡପ'ରେ ଲୋକଙ୍କର ଭିଡ଼ ଜମୁଛି। ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ସୋମବାର ଦିନ ସଂସଦୀୟ କମିଟିର (ବାଣିଜ୍ୟ) ପ୍ରତିନିଧିମାନେ 'ଓଡ଼ିଶା ମଣ୍ଡପ' ପରିଦର୍ଶନ କରିଥିଲେ। ଓଡ଼ିଶାର କାରୁକାର୍ଯ୍ୟ, କଳା କାରିଗରିକୁ ଦେଖି ସେମାନେ ପ୍ରଶଂସା କରିଥିଲେ। 'ଓଡ଼ିଶା ମଣ୍ଡପ'ରେ ଏଥର ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ ସ୍ଥାନ ପାଇଛି। ତା'ଭିତରେ ମିଶନ ଶକ୍ତି ବିଭାଗ ପକ୍ଷରୁ ୫ଟି ଷ୍ଟଲ ରହିଛି। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର (ଏସଏଚଜି) ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଆକର୍ଷଣ ସାଜିଛି। ଯାଜପୁର ଜିଲ୍ଲାର ଜୟ ମା' ମଙ୍ଗଳା ଏସଏଚଜି, କେନ୍ଦ୍ରାପଡ଼ା ଜିଲ୍ଲାର ସତ୍ୟସାଇ ଉତ୍ପାଦକ ଗୋଷ୍ଠୀ, ବାଲେଶ୍ୱରର ମା' ସୁଭଦ୍ରା ଏସଏଚଜି, କନ୍ଧମାଳର ଶ୍ରୀୟା ଏସଏଚଜି ଏବଂ ଖୋର୍ଦ୍ଧାର ରାଧାରାଣୀ ଏସଏଚଜି ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଓଡ଼ିଶା ମଣ୍ଡପରେ ପ୍ରଦର୍ଶନ ଓ ବିକ୍ରି କରାଯାଉଛି। ପ୍ରଥମ ଥର ପାଇଁ ଆମେ ଦିଲ୍ଲୀରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାକୁ ଆସିଛୁ। ଆମ ଷ୍ଟଲରେ ଜଉ କଣ୍ଢେଇ ଓ ଲାଖ ଚୁଡ଼ି ଭଲ ବିକ୍ରି ହେଉଛି। ଲୋକମାନେ ଆସି ଏହାକୁ ଆଗ୍ରହର ସହିତ କିଣିବା ସହ ଏସବୁ କେମିତି ତିଆରି ହେଉଛି ତାହା ପଚାରି ବୁଝୁଛନ୍ତି ବୋଲି କହିଛନ୍ତି ଏସଏଚଜି ସଦସ୍ୟା ଫୁଲମଣି ସୋରେନ୍। ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ନେଇ ଆମେ ଦିଲ୍ଲୀ ଆସିଛୁ। ମାଣ୍ଡିଆ ଛତୁଆ, କୁରୁମା, ବିସ୍କୁଟ ଆଦି କିଣିବାକୁ ଲୋକେ ପସନ୍ଦ କରୁଛନ୍ତି। ଆମେ ଭଲ ଦି' ପଇସା ବ୍ୟବସାୟ ମଧ୍ୟ କରିପାରୁଛୁ ବୋଲି କହିଛନ୍ତି ଏସଏଚଜି ସଦସ୍ୟା ପୂର୍ଣ୍ଣିମା ବେହେରା। 'ଓଡ଼ିଶା ମଣ୍ଡପ'ରେ ଥିବା ମିଶନ ଶକ୍ତି ଷ୍ଟଲରେ କନ୍ଧମାଳ ହଳଦୀ ସହିତ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ନୁଡୁଲ୍ସ, ମିକ୍ସଚର, କୁରୁମା, ନିମିକି, ସେଉ ଏବଂ ଲଡୁ ଆଦି ରହିଛି। ସେହିପରି ଟସରରୁ ତିଆରି ଆକର୍ଷଣୀୟ ଶାଢ଼ି ଓ ଆଧୁନିକ ପୋଷାକ, ଜଉ କଣ୍ଢେଇ ଓ ଲାଖ ଚୁଡ଼ି, କାଇଁଚ ଓ ସବାଇ ଘାସରୁ ପ୍ରସ୍ତୁତ ଘର ସାଜସଜ୍ଜା ଜିନିଷ ଏବଂ ବିଭିନ୍ନ ମସଲା ଆଦି ଦର୍ଶକଙ୍କୁ ଆକୃଷ୍ଟ କରୁଛି। ମିଶନ ଶକ୍ତି ବିଭାଗ ପକ୍ଷରୁ ଖୋଲାଯାଇଥିବା ୫ଟି ଷ୍ଟଲରେ ୧୦ରୁ ଅଧିକ ଏସଏଚଜି ମହିଳା ଅଂଶଗ୍ରହଣ କରିଛନ୍ତି। ଦିଲ୍ଲୀ ବଜାରରେ ସେମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ଓ ପ୍ରଦର୍ଶନ କରିବାର ସୁଯୋଗ ପାଇଥିବାରୁ ସେମାନେ ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବାଣିଜ୍ୟ ମେଳା ବୁଲି ଆସୁଥିବା ଲୋକମାନେ ଓଡ଼ିଶା ମଣ୍ଡପରେ ମିଶନ ଶକ୍ତି ଷ୍ଟଲରୁ ମା'ମାନଙ୍କ ହାତ ତିଆରି ଜିନିଷ କିଣିବାକୁ ଆଗ୍ରହ ଦେଖାଉଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଏକ ଅନନ୍ୟ ପଦକ୍ଷେପକୁ ସେମାନେ ପ୍ରସଂଶା କରୁଛନ୍ତି।

## ଷ୍ଟାର୍ଟଅପ୍ ଓଡ଼ିଶାର କର୍ମଶାଳା

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ 'ନବସୃଜନ, ଉଦ୍ୟୋଗୀକରଣ ଓ ଷ୍ଟାର୍ଟଅପ୍' ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ଔଦ୍ୟୋଗିକ ଦକ୍ଷତା ପ୍ରଦାନ କରିବା ତଥା ସେମାନଙ୍କର ସୃଜନଶୀଳତାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଝାନ୍ସି ଲକ୍ଷ୍ମୀଜୀ, ସୋନି ସାମଲ ଓ ସିଦ୍ଧାନ୍ତ ଶତପଥୀ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ କହିଛନ୍ତି, ଡିଜିଟାଲ କ୍ଷେତ୍ରରେ ଦିନକୁ ଦିନ ନୂଆ ଉଦ୍ଭାବନ ଗଣମାଧ୍ୟମ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରୁଛି। ଖବର ପରିବେଷଣ ପାଇଁ ଏବେ ଅନେକ ଗଣମାଧ୍ୟମ ସଂସ୍ଥା ଡିଜିଟାଲ ଟେକ୍ନୋଲୋଜିକୁ ଆପଣାଉଛନ୍ତି। ଏହାସହ ଔଦ୍ୟୋଗିକ ସାମ୍ବାଦିକତାରେ ଅନେକ ସମ୍ଭାବନା ରହିଛି। ଏଣୁ ଏହିପରି ଏକ କର୍ମଶାଳା ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ୮ଟି ଗ୍ରୁପ୍‌ରେ ବିଭାଜନ କରାଯାଇଥିଲା। ପରେ ପ୍ରତ୍ୟେକ ଗ୍ରୁପ୍‌ରୁ ଶିକ୍ଷାର୍ଥୀମାନେ ସେମାନଙ୍କର ସୃଜନଶୀଳତା ବିଚାରକ ମଣ୍ଡଳୀ ସାମ୍ନାରେ ରଖିଥିଲେ। ସଂସ୍ଥାନର ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା କର୍ମଶାଳା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଆକାଡେମିକ୍ କମ୍ ଟିଚିଂ ଆସୋସିଏଟ୍ ସନତ ପାଢ଼ୀ।




## ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକ ଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ପୌରାଣିକ ଗୀତିନାଟ ଗୟାତୀର୍ଥ ମଂଚସ୍ଥ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ଓଷ୍ଟାର ସମ୍ପାଦକ ରଜନୀକାନ୍ତ ନନ୍ଦ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଶ୍ରୀନିବାସ ମହାପାତ୍ର,ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ଚରଣ ନାୟକ, ସମାଜସେବୀ ବସନ୍ତ କୁମାର ସାହୁ, ସିଆରସିସି ଅଲେଖ ଚନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ଆରତୀ ସାହୁ, ମାମାଲି ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସେଭାନେତ୍ରୀ ସକୁନ୍ତଳା ମଲିକ, ସରପଂଚଙ୍କ ପ୍ରତିନିଧି ଅନନ୍ତ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଛାତ୍ର ଛାତ୍ରୀମାନେ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବା ସହ ଦୃଢ ଅଧ୍ୟବସାୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶନାରେ ପୌରାଣିକ ଗୀତିନାଟ୍ୟ ଗୟାତୀର୍ଥ ମଂଚସ୍ଥ କରାଯାଇଥିଲା। ଏଥିରେ ବିଭିନ୍ନ ଭୂମିକାରେ ଚାମେଲି,ପଦ୍ମଜା, ମାମାଲି, କୁଇନ, କାଜଲ, ଚନ୍ଦନ, ଆୟୁଷ, ଜୟଦେବ, ଆଦ୍ୟାଶା, ରାନୀ, ଶୁଭଶ୍ରୀ, ଶ୍ରେୟାଶ୍ରୀ, ବୁବୁନ, ସୌମ୍ୟାଶ୍ରୀ ପ୍ରମୁଖ ଉଚ୍ଚ କୋଟୀର ଅଭିନୟ କରିଥିଲେ। ଏହି ଅବସରରେ ସ୍ଥାନୀୟ ମହିମା ଅଲେଖ ଆଶ୍ରମର ବ୍ରହ୍ମ ଅବଦୂତ କିଶୋର ଚନ୍ଦ୍ର ବାବା ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ପୋଷାକ,ଖାତା କଲମ ଓ ଚକ୍‌ଲେଟ ପ୍ରଦାନ କରିଥିଲେ।

## ୨୯ରୁ ବିଳାସୁଣୀ ମହୋତ୍ସବ



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍ ବିଳାସୁଣୀରେ ଆସନ୍ତା ୨୯ରୁ ୩ ଦିନ ଧରି ବିଳାସୁଣୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମଦନ ମୋହନ ଜେନାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିଳାସୁଣୀ ସ୍ଥିତ ଭେଦା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରୀ ଜେନା ପ୍ରକାଶ କରିଥିଲେ ଯେ ବିଳାସୁଣୀ ସ୍ଥିତ ସାମାଜିକ ଉନ୍ନୟନ ପରିଷଦ ଓ ଭେଦାର ମିଳିତ ସହଯୋଗରେ ସମାଜସେବୀ ବଦ୍ରୀ ନାରାୟଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଳାସୁଣୀ ଏଭରଗ୍ରୀନ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଦ୍ୱାରା ଏକଦିବସୀୟ ଓ ଅନ୍ୟ ଦୁଇ ଦିନ ଧରି ମହାଦେବ ମହାପାତ୍ର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଥିବା ବେଳେ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଧର୍ମ ସଭାର ଆୟୋଜନ ସହ ଭଜନ ସମାରୋହ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଳାସୁଣୀ ସମ୍ମାନରେ ସମ୍ମାନୀତ କରାଯିବା ପାଇଁ ସ୍ଥିର ହୋଇଛି। ଏଠାରେ ସୂଚନଯୋଗ୍ୟ ଏହି ମହୋତ୍ସବର ବିଳାସୁଣୀ ମହୋତ୍ସବ ସ୍ୱରଣିକା ଉନ୍ମୋଚିତ ହେବା ସହ ଚଳିତ ବର୍ଷ ତୃତୀୟ ବାର୍ଷିକ ବିଳାସୁଣୀ ମହୋତ୍ସବ ଅନୁଷ୍ଠିତ ହେବ। ଏଠାରେ ସୂଚନାଯୋଗ୍ୟ ବିଳାସୁଣୀ ସାମାଜିକ ଉନ୍ନୟନ ପରିଷଦ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭେଦା ଶିକ୍ଷା, ସ୍ୱାସ୍ଥ୍ୟ କ୍ରୀଡା ଓ ସାଂସ୍କୃତିକ କ୍ଷେତ୍ରରେ କାମ କରୁଥିବା ବେଳେ ନିଆଳି, କଣ୍ଟାପଡା ବ୍ଲକ୍‌ର ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଶିକ୍ଷା ଯୋଗାଇଦେବା ସହ ମେଧାବୃତ୍ତି ସମ୍ମାନ ପ୍ରଦାନ କରୁଅଛି। ସେହିପରି ବିଳାସୁଣୀ ଅଞ୍ଚଳରେ ମାଗଣାରେ ଆମ୍ବୁଲାନ୍ସ ସେବା ପ୍ରଦାନ ସହ ଦୂରା ରୋଗରେ ପୀଡିତ ଅସହାୟ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛି। ସେହିପରି କ୍ରୀଡା କ୍ଷେତ୍ରରେ ଖେଳ ପଡିଆର ଉନ୍ନତି ସହ, ଖେଳ ଉପକରଣ, ଗ୍ରାମାଞ୍ଚଳର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ସହ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ମାନଙ୍କୁ ଆର୍ଥିକ ସହାୟତା, ଅସହାୟ ବୃଦ୍ଧ, ବୃଦ୍ଧା ମାନଙ୍କୁ ଭତ୍ତା ପ୍ରଦାନ କରିବା, ଅବହେଳିତ ଧର୍ମାନୁଷ୍ଠାନର ପୁନରୁଦ୍ଧାର, ନୃତ୍ୟଗୀତର ପ୍ରସାର ପାଇଁ କାର୍ଯ୍ୟ କରିବା ସହ, ପରିବେଶର ସୁରକ୍ଷା ପାଇଁ ବ୍ୟକ୍ତି ବିଶେଷଙ୍କୁ ଅଧିକ ପ୍ରୋତ୍ସାହନ କରିବା ଭେଦାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ମହାନ୍ତି, ଲଲାଟେନ୍ଦୁ ସାହୁ, ଅକ୍ଷୟ ବିଶ୍ୱାଳ, କୈଳାସ ଦାସ, ପ୍ରୀଦପ୍ତ ନନ୍ଦ, ନିରଞ୍ଜନ ଭୋଇ, ସ୍ୱାଧୀନ ମହାନ୍ତି, ଚକ୍ରଧର ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତିନାଟ୍ୟ 'ସମର ତରଙ୍ଗ' ମଞ୍ଚସ୍ଥ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ପ୍ରତିକୃତ ନାଟ୍ୟସଂସ୍ଥା ପକ୍ଷରୁ ଗତକାଲି ସଂଧ୍ୟାରେ କଟକର ଐତିହାସିକ ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଂଚରେ ଢେଙ୍କାନାଳ ଗୌରବ ବହନ କରୁଥିବା ପ୍ରଥମ ସମରକାବ୍ୟ 'ସମର ତରଙ୍ଗ'ର ରୂପାନ୍ତରଣ ହୋଇଥିବା ଗୀତିନାଟ୍ୟ 'ସମର ତରଙ୍ଗ' ବହୁ ସଫଳତାର ସହିତ ମଂଚସ୍ଥ ହୋଇଯାଇଛି। ପ୍ରକାଶଥାଉକି, ଏକଦା ଓଡିଶା ଅକ୍ତିଆର କରୁଥିବା ମରହଟ୍ଟାମାନଙ୍କର ଲୋଲୁପ ଦୃଷ୍ଟି ଢେଙ୍କାନାଳ ଉପରେ ପଡିଥିଲା। ଏକ କରଜ ରାଜ୍ୟ ଭାବରେ ଢେଙ୍କାନାଳ ରାଜ୍ୟ ମରହଟ୍ଟାମାନଙ୍କୁ 'ପେସ୍‌କସ୍' ବା କର ଦେବା ପାଇଁ ପ୍ରଜାମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ମାତ୍ର ଢେଙ୍କାନାଳ ତତ୍କାଳୀନ ରାଜା ତ୍ରିଲୋଚନ ସିଂ ମହୀନ୍ଦ୍ରବାହୁର କର ଦେବା ପାଇଁ ମନା କରିଦେବାରୁ ମରହଟ୍ଟାମାନେ ଢେଙ୍କାନାଳ ରାଜ୍ୟକୁ ନିଜ ଅକ୍ତିଆରକୁ ନେବା ପାଇଁ ବାରମ୍ବାର ଆକ୍ରମଣ କରି ଯୁଦ୍ଧ କରିଥିଲେ। କିନ୍ତୁ ରାଜାଙ୍କ ସାହସିକତା ଏବଂ ସୈନ୍ୟମାନଙ୍କର ଦୃଢ ଜବାବ ଫଳରେ ମରହାଟ୍ଟା ସେନା ପରାସ୍ତ ହୋଇଥିଲେ। ଫଳରେ ଖାଲି ଢେଙ୍କାନାଳ ନୁହେଁ ବରଂ ଓଡିଶା ଛାଡିବାକୁ ବାଧ୍ୟ ହୋଇଥିଲେ। ତାହାକୁ କବି ବ୍ରଜନାଥ ପଡଜେନା ନିଜ ରଚିତ ସମର କାବ୍ୟରେ ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି। ଏହି କାବ୍ୟକୁ ନାଟ୍ୟକାର ଅବନୀ କୁମାର ମିଶ୍ର ଗୀତିନାଟ୍ୟରେ ରୂପାନ୍ତରିତ କରିଥିବାବେଳେ ନିର୍ଦ୍ଦେଶକ ଶତୃଘ୍ନ ମାଟି, ନିର୍ଦ୍ଦେଶନା ଏବଂ ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ଦିଲ୍ଲେଶ୍ୱର ମହାରଣାଙ୍କ ଦିଗ୍‌ଦର୍ଶନରେ କଳାପରିଷଦ ଢେଙ୍କାନାଳର କଳାକାରମାନେ ସଫଳତାର ସହିତ ନିଖୁଣ ଅଭିନୟ କରିଥିଲେ। ଶିବାୟ ଡ୍ୟାନ୍ସ ଏଣ୍ଡ ମ୍ୟୁଜିକ୍ ଅନୁଷ୍ଠାନର ନୃତ୍ୟାଙ୍ଗନା ମାନେ ଗୁରୁ ଶିବ୍ ରନଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଅଭିନୟ ପ୍ରଦର୍ଶନ କରିଥିବାବେଳେ ପ୍ରଭାତ ମହାନ୍ତି ସଙ୍ଗୀତରେ ସଜେଇଥିଲେ। କଟକ ଜିଲ୍ଲା ପ୍ରଶାସନ ତରଫରୁ ମଂଚରେ କଳାପରିଷଦ ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

## କୋଣାର୍କ ଉତ୍ସବ ପାଇଁ ସମନ୍ୱୟ ବୈଠକ




କୋଣାର୍କ (ଭାସ୍କର ନ୍ୟୁଜ୍) : ପର୍ଯ୍ୟଟନ ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଓଟିଡିସି ପକ୍ଷରୁ ଡ଼ିସେମ୍ବର ୧ରୁ ୫ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ୩୫ତମ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାରେ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ସୋମବାର ଅପରାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ,ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା,ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରଓ୍ୱାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ସନ୍ଧ୍ୟା ୬ଟାରୁ ୮ଟା୩୦ ପର୍ଯ୍ୟନ୍ତ ଓଡିଶୀ, କୁଚିପୁଡ଼ି, କଥକ, ମୋହିନୀଆଟ୍ଟମ ,ମଣିପୁରୀ, ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନ ହେବ। ଚନ୍ଦ୍ରଭାଗା ବେଳାଭୂମିରେ ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ ବାଲୁକା ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶନ ହେବ। ସେହିଭଳି ହେଲିପ୍ୟାଡ୍‌ରେ ୩ଟି ଅପେରା ପାର୍ଟି,ମୀନବଜାରରେ ୫ଶହ ଷ୍ଟଲ ପଡ଼ିବ। ଉତ୍ସବ ସମୟରେ ସୁରକ୍ଷା, ପାର୍କିଂ,ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ,ଆଲୋକ ବ୍ୟବସ୍ଥା, ରାସ୍ତା ମରାମତି,ଏଏସଆଇ ଆଦି ବିଭିନ୍ନ ବିଭାଗକୁ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲ। ସୂର୍ଯ୍ୟମନ୍ଦିର ଓ ନବଗ୍ରହ ରାସ୍ତା ଜବରଦଖଲକାରୀ ଓ ଇକୋ ରିଟ୍ରିଟ ନିକଟରେ ଉଚ୍ଛେଦ କରିବା ପାଇଁ ଜିଲ୍ଲାପାଳ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ କୋଣାର୍କ ଉତ୍ସବ ସହିତ ଜଡିତ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ବିୟୋଗରେ ଶୋକ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ୬୭ ବର୍ଷରେ ଆଜି ଏକ ଘରୋଇ ହସ୍ପିଟାଲ୍‌ରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ଦେ ବିଜେପିର ଜଣେ ତୁଙ୍ଗ ଓ ଦକ୍ଷ ନେତା ଥିଲେ ଏବଂ ରାଜ୍ୟ ଉପସଭାପତି ଥିଲେ। ସେ କଟକରେ ଏକ ଲୋକପ୍ରିୟ ନେତା ଭାବେ ବେଶ୍ ଜଣାଶୁଣା ଥିଲେ। ସ୍ୱର୍ଗତ ଦେ ୧୯୯୫ରୁ ଲଗାତାର ଭାବେ ତିନିଥର କଟକ ନଗର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ନଗର ଉନ୍ନୟନ ମନ୍ତ୍ରୀ ଓ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ। ସେ ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଓ ଓଡିଶା ଫୁଟ୍‌ବଲ୍ ଆସୋସିଏସନ୍‌ର ସଭାପତି ଥିଲେ। କଟକର ବିଭିନ୍ନ ପୂଜା କମିଟି, ସଂଗଠନ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଥିଲେ କି, ୧୯୭୮ ମସିହାରୁ ସ୍ୱର୍ଗତ ଦେଙ୍କ ସେ ପରିଚିତ ଏବଂ ତାଙ୍କ ସହ କଟକର ବିଭିନ୍ନ ସଂଗଠନ ଓ ଆନ୍ଦୋଳନରେ ସାମିଲ୍ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ତଥା ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଢେଙ୍କାନାଳ ନଗରପାଳିକା ଜୟନ୍ତୀ ପାତ୍ର, ବିଜେପି ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଳିକ, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର କୁମାର ବିଶ୍ୱାଳ, ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଶିବପ୍ରସାଦ ସାହୁ, ଜିଲ୍ଲା ସାଧାରଣ ସଂପାଦକ ସୁନିଲ୍ ଶର୍ମା, ରାସ ବିହାରୀ ବେହେରା, ରତୀକାଂ ସାହୁ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ମହାଦୀପ ଯଶୋବଂ ମହିମା, ମହିଳାମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଶାଂ ପ୍ରଧାନ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସହଦେବ ପୃଷ୍ଟି, ଅନୁସୂଚିତ ଜାତି ଜିଲ୍ଲା ସଭାପତି ଲକ୍ଷ୍ମୀଧର ଦଳେଇ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଦୀପକ ଗୋଚ୍ଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରନ ଭୂୟାଁ, ଅନ ପାଣି ପ୍ରମୁଖ ସ୍ୱର୍ଗତ ଦେଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଥିଲେ। ତତ୍‌ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନ ଜ୍ଞାପନ କରିଥିଲେ। ସ୍ୱର୍ଗତ ଦେଙ୍କ ବିୟୋଗ ଭାରତୀୟ ଜନତା ପାର୍ଟିର ଏକ ଅପୂରଣୀୟ କ୍ଷତି ଘଟିବା ସହ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ମତବ୍ୟକ୍ତ କରିଥିଲେ।

## ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଋଷି ଝରଣ





### ରହସ୍ୟମୟ ତପସ୍ୱୀ ଗୁମ୍ଫା

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଡିସେମ୍ବର ପହିଲାରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ରହସ୍ୟ ସ୍ଥଳ ଏବଂ ପିକ୍‌ନିକ୍ ସ୍ଥଳମାନଙ୍କରେ ଜନଗହଳି ଦେଖିବାକୁ ମିଳେ । ପ୍ରାକୃତିକ ସୌନ୍ଦର୍ଯ୍ୟର ଅନୁଭୂତି ସାଉଁଟିବାକୁ ଲୋକଙ୍କ ମନରେ ଆବେଗ ଭରି ରୁହେ । ସେଥିମଧ୍ୟରୁ ଋଷି ଝରଣ ଅନ୍ୟତମ । ଘଞ୍ଚ ଜଙ୍ଗଲ ସହ ଭିତରେ ପୂରି ରହିଛି ପ୍ରାକୃତିକ ଦୃଶ୍ୟମାନ । ସେଥିରେ ପୁଣି ରହସ୍ୟ ଘେରାରେ ତପସ୍ୱୀ ଗୁମ୍ଫା । ଋଷି ଝରଣ ଆଜି ଯାଏ ପର୍ଯ୍ୟଟନର ମାନ୍ୟତା ପାଇଁ ନଥିଲେ ବି ବେଶ୍ ମନୋରମ ସ୍ଥାନ । ଓଡ଼ିଶା ସୀମାନ୍ତ ଛତିଶଗଡ଼ ଅଧିନ ସାହାଜ ଖୋଲ ଜଙ୍ଗଲ ଭିତରେ ଅବସ୍ଥିତ । ଇତି ପୂର୍ବରୁ ଏହା ଓଡିଶା ଅଧୀନରେ ରହିଥିଲା । ଓଡ଼ିଶା ସୀମାନ୍ତ ପାଇକପଡା ଠାରୁ ମାତ୍ର ୪-୫କିଲୋମିଟର । ହେଲେ ସୀମା ନିର୍ଦ୍ଧାରଣ ପରେ ଋଷି ଝରଣ ଛତିଶଗଡ଼ ହାତକୁ ଚାଲିଗଲା । ଋଷି ଝରଣ ଯିବାକୁ ହେଲେ କେବଳ ପାଦ ଚଲା ରାସ୍ତା । ଏବେ ଏବେ ପାହାଡ଼ କାଟି ରାସ୍ତା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି । ବର୍ତ୍ତମାନ ଦରକଡ଼ିଆ ରାସ୍ତା ଦେଇ ପର୍ଯ୍ୟଟକମାନେ ଯାଇଥାନ୍ତି । ସାହାଜଖୋଲ ଠାରୁ ଦକ୍ଷିଣ ଦିଗରେ ଏକ କଞ୍ଚା ରାସ୍ତା ଦେଇ ପ୍ରାୟ ୨କିମି ଗଲା ପରେ ପଡେ ଋଷି ଝରଣ । ଲୋକଙ୍କ କହିବା କଥା ବହୁ ପୂର୍ବେ ଜଣେ ଋଷି ଏଠାରେ ତପସ୍ୟା କରିଥିଲେ । ତାର ପ୍ରମାଣ ଆଜି ବି ଋଷିଙ୍କ ଲୀନ ଶରୀର ଚିହ୍ନ ରହିଛି । ଯେଉଁ ଗୁମ୍ଫାରେ ରହି ତପସ୍ୟା କରିଥିଲେ ସେଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିବା ବେଳେ ଶରୀରର କଙ୍କାଳ ଏବେ ବି ଦେଖାଯାଏ । ଅନେକ ଲୋକଙ୍କ କହିବା ମତରେ ଋଷି ତପସ୍ୟା କରୁଥିବା ସମୟରେ ପ୍ରବଳ ଶୀତ ପ୍ରକୋପରେ ମୃତ୍ୟୁ ହୋଇଥିବା କୁହାଯାଏ । ତେବେ ଏହି ଋଷିଙ୍କ ତପସ୍ୟାକୁ ଭଗ୍ନ କରିବାକୁ ସ୍ୱର୍ଗରୁ କେତେକ ଉର୍ବଶୀ ଆସିଥିଲେ । ଋଷି ଦିବ୍ୟ ଶକ୍ତିରୁ ଜାଣି ଉର୍ବଶୀମାନଙ୍କୁ ଅଭିଶାପ ଦେଇଥିଲେ । ସେହି ଅଭିଶାପର ପରିଣତି ସେ ଉର୍ବଶୀମାନେ ଋଷିଙ୍କ ତପସ୍ୟା ସ୍ଥାନରୁ ମାତ୍ର ୫ମିଟର ଦୂରରେ କୁଣ୍ଡ ହୋଇପଡି ରହିଥିବା ଅନେକ ଲୋକ ପ୍ରକାଶ କରନ୍ତି । ଅନ୍ୟପଟେ କେତେକ ଲୋକ କୁଣ୍ଡ ପାଣି ଛାୟାରେ ଶିବ ଲିଙ୍ଗକୁ ଋଷି ଦେଖୁଥିଲେ ଓ ଆରାଧନା ବା ତପସ୍ୟା କରିଥିବା ବି ମତ ପ୍ରକାଶ ପାଏ । ଯାହାକି ଋଷିଙ୍କ ତପସ୍ୟା ସ୍ଥାନରୁ କିଛି ଦୂରରେ ଥିବା ଶିବ ଲିଙ୍ଗକୁ ଦେଖି ଅନୁମାନ କରାଯାଏ । ଲୋକଙ୍କ ବିଭିନ୍ନ ମତ ପ୍ରକାଶ ପାଉଥିଲେ ହିଁ ଋଷି ଜଣକ ଶିବଙ୍କ ପରମ ପ୍ରାପ୍ତ ଉଦ୍ଦେଶ୍ୟରେ ତପସ୍ୟା କରିଥିବା ସ୍ପଷ୍ଟ ପାଦିତ ହୁଏ । ଉର୍ବଶୀ କୁଣ୍ଡ ଉପରେ ରହିଛି ଏକ ଝରଣା । ନିରନ୍ତର ଏହି ଝରଣାରୁ ପାଣି ଝରିଥାଏ । ସବୁଠି ବଡ଼ କଥା ଏବେ ବି ସେହି ଋଷିଙ୍କ ଓଁ କାର ଶବ୍ଦ ମଧ୍ୟମ ରାତ୍ରରେ ଶୁଣାଯିବା ସ୍ଥାନୀୟ ଲୋକ ଦୃଢ଼ଭକ୍ତି ପ୍ରକାଶ କରିଛନ୍ତି । ତେବେ ଏହି ସ୍ଥାନ ପୌରାଣିକ ତଥ୍ୟ ଆଧାରିତ ହୋଇଥିବା ନେଇ ଅନେକ ଲୋକ ଯୁକ୍ତି ବାଢିଛନ୍ତି । ଏଭଳି ଏକ ରହସ୍ୟ ପୂର୍ଣ୍ଣ ସ୍ଥାନ ଲୁପ୍ତ ଅବସ୍ଥାରେ ପଡି ରହିଥିବା ବେଳେ ସରକାରୀ ସ୍ତରରେ ଅଣଦେଖା କରୁଥିବା ଅସ୍ୱୀକାର କରି ହେବ ନାହିଁ । ଛତିଶଗଡ଼ ସରକାର ଏହାର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଲେ ଲୋକଲୋଚନକୁ ଆସିପାରିବ ଓ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିବେ ଏଥିରେ ଦ୍ୱି ମତ ନାହିଁ ।

## କଳାହାଣ୍ଡି ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ୍‌ର ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ହୋଟେଲ ମିଟ୍ ଟାଉନ୍‌ରେ ରବିବାର କଳାହାଣ୍ଡି ହୋଟେଲ, ରେଷ୍ଟୁରାଣ୍ଟ ଆସୋସିଏସନ୍‌ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅଗ୍ନି ନିରାପତ୍ତା, ସଦସ୍ୟତା ପଞ୍ଜିକରଣ, ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡିକର ଉନ୍ନତିକରଣ, ଏସ୍‌ଟିପି ପ୍ଲାଣ୍ଟ ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ସେହିପରି ଏହାର ସମାଧାନ ଦିଗ ଉପରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ପରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ କଳାହାଣ୍ଡି ହୋଟେଲ, ରେଷ୍ଟୁରାଣ୍ଟ ଆସୋସିଏସନ୍‌ର ନୂତନ ସଭାପତି ଭାବେ ଅଂଶୁମାନ ଦାସ, ଉପସଭାପତି ଭାବେ ହିମାଂଶୁ ବରାଡ଼, ସାଧାରଣ ସମ୍ପାଦକ ମହେଶ କୁମାର ଅଗ୍ରୱାଲ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ସୁବିର ଠାକୁର ପ୍ରମୁଖ ମନୋନୀତ ହୋଇଥିଲେ । ସେହିପରି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ, ସୁଧୀର କୁମାର ପଟ୍ଟଯୋଶୀ, ତୁଷାର ରଞ୍ଜନ ପଟ୍ଟଯୋଶୀ, ପ୍ରମୋଦ କୁମାର ଖମାରୀ, ସତ୍ୟରଞ୍ଜନ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ । ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ମଧ୍ୟ ଯୋଗ ଦେଇଥିଲେ ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସମ୍ମାନ ପାଇଲେ ସିଦ୍ଧେଶ୍ୱରୀ




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ବୟସ ମାତ୍ର ୪ ବର୍ଷ କିନ୍ତୁ ବିଚକ୍ଷଣ ସ୍ମରଣ ଶକ୍ତି ପାଇଁ ଆଜି ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଛନ୍ତି । ଏହି କମ୍ ବୟସରେ ଦେଶ ବିଦେଶର ସାଧାରଣ ଜ୍ଞାନ ମନେ ରଖିବା ସହିତ ଜିଲ୍ଲାଗୁଡିକର ନାମ, ରାଜ୍ୟ ରାଜଧାନୀ, ମନ୍ତ୍ର ଶ୍ଳୋକ, ଜାତୀୟ ସଙ୍ଗୀତ ନିର୍ଭୁଲ ଭାବରେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ସ୍ଥାନିତ କରିଥିବା କୁନି ପ୍ରତିଭା ହେଉଛନ୍ତି ସିଦ୍ଧେଶ୍ୱରୀ ଗୌଡ଼, ତାଙ୍କ ବାପା ମିଳନ କୁମାର ଗୌଡ଼ । ମା' ଟିକିଲତା ଗୌଡ଼ ଆଜି ଝିଅ ପାଇଁ ଗର୍ବରେ ଛାତି ଫୁଲି ଉଠୁଛି । ବାପା ଗୋଲାମୁଣ୍ଡା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଅଛନ୍ତି ଏବଂ ଝିଅ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଲାମୁଣ୍ଡାରେ ଶିଶୁବୋଧ ଶ୍ରେଣୀରେ ପାଠ ପଢ଼ନ୍ତି । ଏହି ବୟସରେ ପ୍ରତ୍ୟେକ ଶିଶୁ ଖେଳିବା ବୁଲିବା କରନ୍ତି କିନ୍ତୁ ମା'ଙ୍କ ପ୍ରଚେଷ୍ଟାରେ ଏହି ସବୁ ଲକ୍ଷ୍ୟ ସାଧନ ହୋଇପାରିଛି କହିଛନ୍ତି ପରିବାର ଲୋକେ । ତାଙ୍କ ଘର ଗଞ୍ଜାମ ଜିଲ୍ଲା ସୋରଡା ବ୍ଲକ ଅନ୍ତର୍ଗତ ଲାଠିପଡା ଗ୍ରାମରେ । ସିଦ୍ଧେଶ୍ୱରୀ ଜଣେ ଭାରତୀୟ ପ୍ରଶାସନିକ ସେବା (ଓଏଏସ୍) ଏବଂ ବକ୍ସର ହେବାର ଲକ୍ଷ୍ୟ ରଖିଛନ୍ତି ପରିବାର । ଏହି ଅବସରରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ପାଇପ୍ ଫାଟି ଡ୍ରେନ୍‌ରେ ମିଶୁଛି ପାନୀୟ ଜଳ



କୋକସରା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ସଦର ମହକୁମା କୋକସରା ଗ୍ରାମ ପଞ୍ଚାୟତ କୋକସରାରେ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ ଅନେକ ସ୍ଥାନରେ ଫାଟି ଯାଇଛି । ଡ୍ରେନ୍‌ର ପାଣି ପାଇପରେ ମିଶିବା ସହ ଏହି ଦୂଷିତ ପାଣି ଘର ଘରକୁ ଯୋଗାଣ ହେଉଛି । ବିଭିନ୍ନ ସମୟରେ ସ୍ଥାନୀୟ ପଞ୍ଚାୟତରେ ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନାହାଁନ୍ତି । ଏହି ଦୂଷିତ ପାଣିକୁ ପଞ୍ଚାୟତର ଲୋକେ ପାନୀୟ ଜଳ ସହ ନିତ୍ୟ ବ୍ୟବହାର କରୁଥିବା ବେଳେ ଦୂଷିତ ପାନୀୟ ଜଳ ସେବନ କରି ବିଭିନ୍ନ ରୋଗରେ ପୀଡିତ ହେଉଥିବା ଅଭିଯୋଗ ହେଉଛି । କୋକସରା ପଞ୍ଚାୟତ ବ୍ଲକର ସଦର ମହକୁମାର ପଞ୍ଚାୟତ ହୋଇଥିବା ବେଳେ ସଦର ପଞ୍ଚାୟତରେ ପାନୀୟ ଜଳ ଯୋଗାଣରେ ଏଭଳି ଦୟନୀୟ ଅବସ୍ଥା ଦେଖିବାକୁ ମିଳୁଛି । ଏନେଇ କୋକସରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭବିଷ୍ୟତ ପଟେଲଙ୍କ ପ୍ରତିକ୍ରିୟା ନେବାରୁ ସପ୍ତାହ ମଧ୍ୟରେ ପାଇପ ଲାଇନ ମରାମତି ହେବ ବୋଲି କହିଥିଲେ । ବ୍ଲକ ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କ ପ୍ରତିକ୍ରିୟା ନେବାରୁ ସମ୍ପୃକ୍ତ ଠିକାଦାରଙ୍କୁ କହି ନୂଆ ପାଇପ ଲାଇନ ସଂଯୋଗ କରିବାକୁ କହିଛି ବୋଲି କହିଛନ୍ତି ।

## ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ



ନର୍ଲା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩୨ତମ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ତଥା ଗୋସିଙ୍ଗ ଦୈତ୍ୟ ଦରବାରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ରାଜଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ରାଜଅତିଥି ଭାବେ ବିଶିଷ୍ଟ ସଂସ୍କୃତି ସଂଗଠକ ଜୟନ୍ତ ବେହେରା ମଞ୍ଚାସୀନ ଥିଲେ । ଯୁବ ସାହିତ୍ୟିକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସକିତ ରତେଙ୍କୁ ଦେବଗିରି ସମ୍ମାନ, ରଜତ ବଂଶଲଙ୍କୁ ଦେବଗିରି ଯୁବ ସମ୍ମାନ, ସୁଧୀର ମେହେରଙ୍କୁ ଦେବଗିରି ସାହିତ୍ୟ ସମ୍ମାନ, ଭୀମସେନ ସାହୁଙ୍କୁ ଦେବଗିରି ନାଟ୍ୟ ସମ୍ମାନ, ସନ୍ତୋଷ ସିଂହଦେଓଙ୍କୁ ଦେବଗିରି ସାମ୍ବାଦିକତା ସମ୍ମାନ, ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ଦେବଗିରି ଗୁରୁ ସମ୍ମାନ, ଧାନାନନ୍ଦ ପଣ୍ଡାଙ୍କୁ ଦେବଗିରି ଲୋକନୃତ୍ୟ ସମ୍ମାନ, ମଧୁସୂଦନ ପ୍ରଧାନଙ୍କୁ ଦେବଗିରି ଶିକ୍ଷା ସମ୍ମାନ, ଦୁଷ୍ମନ୍ତ ମହଲାଙ୍କୁ ଦେବଗିରି ଦେଶସେବା ସମ୍ମାନ, ବାଳକୃଷ୍ଣ ନାଏକଙ୍କୁ ଦେବଗିରି ବାର୍ତ୍ତା ସମ୍ମାନ, ତପନ ଗଉଡ଼ଙ୍କୁ ଦେବଗିରି ପ୍ରତିଭା ସମ୍ମାନ, ହରେକୃଷ୍ଣ ସାହୁଙ୍କୁ ଦେବଗିରି ସେବା ସମ୍ମାନ ଏବଂ ସାଉଲ ମଙ୍ଗରାଜଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିପରି ସ୍ୱାବଲମ୍ବନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାନ୍ଧ୍ୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିବାବେଳେ କବି ଅନୀଲ କୁମାର ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ ଘୁମୁରା, ବନାବାଡ଼ି ଖେଳ ସମେତ ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲ୍ଲାର ଅନେକ କଳାକାର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନୃତ୍ୟ ଆସରର ସଂଯୋଜନା କରିଥିଲେ ପଶ୍ଚିମ ଓଡ଼ିଶାର ବିଖ୍ୟାତ ମଞ୍ଚ ପରିଚାଳକ ସୁଧୀର ନାଏକ ।

## ଡିସେମ୍ବର ୨୧ରୁ ବୁଢା ଡଙ୍ଗର ଲକୋ ମହୋତ୍ସବ

କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡିର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଜାତୀୟ ବୁଢା ଡଙ୍ଗର ଲକୋ ମହୋତ୍ସବ ଆସନ୍ତା ଡିସେମ୍ବର ୨୧ ଓ ୨୨ରେ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏଥିପାଇଁ ବିଏସ୍‌ଏ ସଭାଗୃହରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏହି ଉତ୍ସବକୁ ଏକ ନୂତନ ଢଙ୍ଗରେ ପରିଣତ ରୂପ ଦିଆଯିବାର ନିଷ୍ପତ୍ତି ହୋଇଛି । ଏହି ଉତ୍ସବ ପାଇଁ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ବହୁ ବ୍ଲକ ଏନ୍‌ଏସିର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ ଓ ଉତ୍ସବରେ ଅଞ୍ଚଳର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱତନ୍ତ୍ର ଭାବରେ ସାମିଲ ନେଇ ନିଷ୍ପତ୍ତି ନିଆଯାଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟପାଳ, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ସମାଜସେବୀଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରି ଅଣାଯିବା ସ୍ଥିରୀକୃତ ହୋଇଛି । ପ୍ରତିବର୍ଷ ଭଳି ପୂଜ୍ୟ ପୂଜାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାଇଁ ସମ୍ମାନିତ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏଥର ବି ଦୁଇ ଦିନରେ ରାଜ୍ୟ ଓ ରାଜ୍ୟ ବାହାରୁ ସାଂସ୍କୃତିକ ଦଳ ଡକାଯିବା ସହ ଓଲିଉଡ ଓ ବଲିଉଡର କଳାକାରଙ୍କୁ ଡକାଯିବାର ନିଷ୍ପତ୍ତି ନେଇଛନ୍ତି । ସେହିପରି ପ୍ରତିବର୍ଷ ଭଳି ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ, ଚିତ୍ରକଳା ପ୍ରଦର୍ଶନ ହେବା ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ନିଷ୍ପତ୍ତି ନେଇଥିବା ପ୍ରେସ ବିବୃତ୍ତିରେ କହିଛି । ଏଥିପାଇଁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର ସଭ୍ୟଙ୍କୁ ନେଇ ସବ୍‌କମିଟି ଗଠନ ହୋଇଛି । ପ୍ରଥମ କରି ଏସ୍‌ଏଚ୍‌ଜି ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ ଅମୀୟ ନନ୍ଦ, ପ୍ରମୋଦ ଦାସ, ଅଜୟ ଜେନା, ବିକ୍ରମ ବାରିକ, ଡା ହରେକୃଷ୍ଣ ଧଳ, ଜ୍ଞାନେନ୍ଦ୍ର ଭୋଇ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଦୋରା, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ତପନ ଦାସ, ଲଳିତ ରଞ୍ଜନ ସାହା, କୁଞ୍ଜ ବିହାରୀ ସାହୁ, ସୁଶ୍ରୀ ରୁବି ଚୌଧୁରୀ, ଧନେଶ୍ୱର ମିଶ୍ର ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ।

## ଭିଜିଲାନ୍ସ ଜାଲରେ ଡାକ୍ତର

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଭବାନୀପାଟଣାରେ ଆଜି ଘଟିଛି ଏକ ଲଜ୍ଜାଜନକ ଘଟଣା ।



ଦ୍ୱିତୀୟ ଈଶ୍ୱର ବୋଲି ଭାବୁଥିବା ଡାକ୍ତର ଜଣଙ୍କ ଜଣେ ଗର୍ଭବତୀ ମା'ର ସୁରକ୍ଷିତ ପ୍ରସବ ପାଇଁ ମହିଳାଙ୍କ ସ୍ୱାମୀଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଲା ବେଳେ କଳାହାଣ୍ଡି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ସେ ଡାକ୍ତର ଜଣକ ହେଲେ ଭବାନୀପାଟଣା ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଶୋକ ଦାସ୍ ବୋଲି ଜଣାପଡ଼ିଛି । ଏଭଳି ଏକ ଲଜ୍ଜାକର ଘଟଣାକୁ ନେଇ ମେଡ଼ିକାଲ କଲେଜରେ ସାଧାରଣ ଲୋକଙ୍କର ଡାକ୍ତରମାନଙ୍କ ପ୍ରତି ଏକ ଘୃଣା ଭାବ ଦେଖାଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏବେ ଡାକ୍ତରଖାନାରେ ଡାକ୍ତରଙ୍କ ଚେମ୍ବର ଓ ତାଙ୍କ କ୍ୱାଟରରେ ଭିଜିଲାନ୍ସ ଚଢ଼ାଉ କରୁଛନ୍ତି ।

## ବୃତ୍ତିଗତ ମରାମର୍ଶ କାର୍ଯ୍ୟକ୍ରମ

ଜୁନାଗଡ଼, (ଭାସ୍କର ନ୍ୟୁଜ): ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃତ୍ତିଗତ ପରାମର୍ଶ କାର୍ଯ୍ୟକ୍ରମ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଜେଲ୍ ଅଧୀକ୍ଷକ ପ୍ରେମାନନ୍ଦ ବାଗ, ରାଜନୀତି ବିଜ୍ଞାନର ସହକାରୀ ପ୍ରଫେସର୍ ଡକ୍ଟର୍ ପବିତ୍ର ବାଗ, ଅବସରପ୍ରାପ୍ତ ଟ୍ରେଜେରୀ ଅଫିସର୍ ମହେଶ୍ୱର ମାଝୀ, ଅତିରିକ୍ତ କମିଶନ (ବନ୍ଦୋବସ୍ତ ବିଭାଗ) ଅଗସ୍ତି ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଫିସର ଗୋରା ମହାନନ୍ଦ,



କୃଷି ବିଭାଗର ଅବସରପ୍ରାପ୍ତ ସଂପ୍ରସାରଣ ଅଧିକାରୀ ରାମ ନାଏକ, କୃଷି ବିଭାଗର ଅବସରପ୍ରାପ୍ତ ସଂପ୍ରସାରଣ ଅଧିକାରୀ ବସନ୍ତ ନାଏକ, ହୃଷିକେଶ ମେହେର, ପ୍ରଧାନଶିକ୍ଷକ, କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ତେ ମଞ୍ଚାସୀନ ହୋଇଥିଲେ । ସମସ୍ତ ମଞ୍ଚାସୀନ ଅତିଥିମାନେ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପାଠ ପଢ଼ିଲେ ଆମେ ସଫଳତାର ଶିଖରକୁ ପହଞ୍ଚି ପାରିବା, ସେ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ତଥା ଏନ୍‌ସିସି ଅଫିସର୍ ସନ୍ତୋଷ କୁମାର ମେହେର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ରାଶିଫଳ

**ମଙ୍ଗଳବାର, ୧୯ ନଭେମ୍ବର ୨୦୨୪**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖନ୍ତୁ । ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି । କମ୍ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି । ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ ।



**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ । ପିତା କିମ୍ବା ପୈତୃକ ସମ୍ପତ୍ତିରେ ଲାଭ ହେବ । ସରକାରଙ୍କଠାରୁ ଆର୍ଥିକ ଲାଭ ହେବ । ସନ୍ତାନଙ୍କ କାମରେ ଖର୍ଚ୍ଚ ହୋଇପାରେ ।



**ମିଥୁନ:** ନୂଆ ଯୋଜନାକୁ ଆଣିବା ପାଇଁ ଶୁଭ ଦିନ ଅଟେ । ଚାକିରି ପେଶା ଲୋକଙ୍କୁ ଉଚ୍ଚ ପଦାଧିକାରୀଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ । ମିତ୍ରଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ । ଭାଗ୍ୟ ବୃଦ୍ଧି ହେବ ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଳାନିର ଭାବ ସୃଷ୍ଟି କରିବ । ସ୍ୱାସ୍ଥ୍ୟରେ ବିଶେଷ ରୂପରେ ଆଖିରେ ଅସୁବିଧା ହେବ । ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ । କାମରେ ସନ୍ତୋଷର ଭାବନା ଆସିବ ।



**ସିଂହ:** ମଉଜ-ମସ୍ତି ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ । ବରିଷ୍ଠ ନାଗରୀକଙ୍କ ସହଯୋଗ ପ୍ରାପ୍ତ କରିବେ । ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ । ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ ।



**କନ୍ୟା:** ଆଜି ଆପଣଙ୍କ ଅହଂକାର କାରଣରୁ ଝଗଡ଼ା ହେବାର ଆଶଙ୍କା ଅଛି । ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ । ସ୍ୱଭାବରେ ଉତ୍ତେଜନା ଯୋଗୁଁ କାମ ବିଗିଡ଼ିବାର ଆଶଙ୍କା ଅଛି । ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ । ଆୟ ବୃଦ୍ଧିର ଯୋଗ ଅଛି । ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ । ପ୍ରମୋସନ ମିଳିବାରର ସଂକେତ ଅଛି । ପାରିବାରିକ ସଦସ୍ୟ ତଥା ମିତ୍ରମାନଙ୍କ ସହିତ ଖୁସି ରହିବେ ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ସମାଜରେ ମାନ-ସମ୍ମାନ ମିଳିବ । ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକଙ୍କ କୃପା ଆପଣ ଉପରେ ରହିବ । ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ ।



**ଧନୁ:** ଶରୀରରେ ଆଳସ୍ୟ ଏବଂ ଅଣନିଶ୍ୱାସୀ ହୋଇପାରେ । କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ୍ ହୋଇଯିବ । ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ । ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରୀମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ । ଅଚାନକ ଧନ ଖର୍ଚ୍ଚ ହୋଇପାରେ । ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି । ବ୍ୟାପାରରେ ଭାଗିଦାରୀଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ । ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ ।



**କୁମ୍ଭ:** ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ । ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ । ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି । ଭାଗିଦାରୀଙ୍କ ସହିତ ଆପଣଙ୍କ ସମ୍ବନ୍ଧ ଭଲ ରହିବ । ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ । ଘରେ ସୁଖ-ଶାନ୍ତିର ବାତାବରଣ ରହିବ । ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ । ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରିପାରିବେ । ସହକର୍ମୀମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ ।



ପ୍ରସ୍ତୁତିରେ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯